# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୮/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 28/2024 Page 16 ₹ 7.00

୫୦ଶ ଭାଗ ୩୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 305 ମୂଲ୍ୟ ₹୭/-




## ଦେବାଶିଷଙ୍କୁ ପ୍ରଥମ ଏଆଇଟିଏ ଟାଇଟଲ

ଓଡ଼ିଶାର ପ୍ରତିଭାବାନ ଟେନିସ୍ ଖେଳାଳି ଦେବାଶିଷ ସାହୁ ୧୮ ବର୍ଷରୁ କମ୍ ବାଳକ ବର୍ଗରେ ପ୍ରଥମ ଏଆଇଟିଏ ଟାଇଟଲ ହାସଲ କରିଛନ୍ତି।

୧୬

୧୧

## ପୁଣି ମଞ୍ଜୁଲିକା ଭାବେ ଜଲୱା ଦେଖାଇବେ ବିଦ୍ୟା

'ଭୁଲ୍ ଭୁଲୈୟା ୩' ଫିଲ୍ମରେ ପ୍ରସିଦ୍ଧ ମଞ୍ଜୁଲିକା ଚରିତ୍ରରେ ଅଭିନେତ୍ରୀ ବିଦ୍ୟା ବାଲାନଙ୍କ ଜଲୱା ପୁଣି ଦେଖିବାକୁ ମିଳିବ ବୋଲି ତାଙ୍କ ପ୍ରଶଂସକ ଆଶା ରଖିଛନ୍ତି।











# ସୋସିଆଲ ମିଡିଆ ପୋଷ୍ଟରୁ ତୁମୁଳକାଣ୍ଡ



ଉତ୍ତ୍ୟକ୍ତ ଲୋକଙ୍କ ଦ୍ୱାରା ଭଦ୍ରକ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା।



ପଥରମାଡ଼ରେ ଆହତ ଟାଉନଥାନା ଏସ୍‌ଆଇ ରୋଜେନ୍ ମୁର୍ମୁ।



ଜଣେ ଗଣ୍ଡଗୋଳକାରୀଙ୍କୁ ପୋଲିସ ଉଠାଇ ନେଉଛି।

**ଭଦ୍ରକ,୨୭।୯(ସନାତନ ରାଉତ)**

ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ନେଇ ଶୁକ୍ରବାର ଅପରାହ୍ନରେ ଭଦ୍ରକ ସହରର ସନ୍ଥିଆଠାରେ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ପଥରମାଡ଼ କରିଛନ୍ତି। ଏଥିରେ ୨ ପୋଲିସ ଅଧିକାରୀ ଆହତ ହୋଇଥିବା ବେଳେ ଘଟଣାସ୍ଥଳକୁ ଯାଇଥିବା ତହସିଲଦାରଙ୍କ ଗାଡ଼ିକୁ ଭାଙ୍ଗି ଦେଇଛନ୍ତି ଉତ୍ତ୍ୟକ୍ତ ଲୋକେ। ସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଲାଠିଚାର୍ଜ କରିଛି। ଉତ୍ତେଜନା ପରେ ସନ୍ଧ୍ୟାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ଜିଲା ପ୍ରଶାସନ ପକ୍ଷରୁ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି କରାଯିବା ସହ ଘଟଣାସ୍ଥଳରେ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଛି।

## ଭଦ୍ରକର ସନ୍ଥିଆରେ ୧୬୩ ଧାରା ଜାରି

- ପଥର ମାଡ଼ରେ ୨ ପୋଲିସ ଅଧିକାରୀ ଆହତ
- ତହସିଲଦାରଙ୍କ ଗାଡ଼ି ଭାଙ୍ଗିଲେ

ଘଟଣାରୁ ପ୍ରକାଶ ଯେ, ଇନ୍‌ଷ୍ଟାଗ୍ରାମ୍‌ରେ ଜଣେ ଯୁବକ ଗୁରୁବାର ସନ୍ଧ୍ୟାରେ ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇ ଏକ ପୋଷ୍ଟ କରିଥିଲେ। ଏହାକୁ ବିରୋଧ କରି ସଂଖ୍ୟାଲଘୁ ସମ୍ପ୍ରଦାୟର କେତେକ ବ୍ୟକ୍ତି ପୁରୁଣାବଜାର ଥାନାରେ ଅଭିଯୋଗ କରିବା ସହ ଉକ୍ତ ଯୁବକଙ୍କୁ ଗିରଫ ପାଇଁ ଦାବି ☞ପୃଷ୍ଠା-୪

## ଧାମନଗର ଥାନା ଘେରାଉ

**ଧାମନଗର,୨୭।୯(ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆଦିଆ)**

ସାମାଜିକ ଗଣମାଧ୍ୟମରେ ପ୍ରଫେଟ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟକୁ ନେଇ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ପ୍ରତିବାଦ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଦୋବଲ ଓ ଧାମନଗର ଅଞ୍ଚଳର ଶତାଧିକ ଲୋକ ଧାମନଗର ଥାନା ଘେରାଉ କରିବା ସହ ତୁରନ୍ତ ଉକ୍ତ ଯୁବକଙ୍କୁ ଗିରଫ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଥମେ ଦୋବଲ ଅଞ୍ଚଳରୁ ପ୍ରାୟ ୨୦୦ ଲୋକ ଆସି ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଯାଇଥିଲେ। ପରେ କିଛି ସମୟ ମଧ୍ୟରେ ଧାମନଗର ଏନ୍‌ଏସି ଅଞ୍ଚଳର ବହୁ ଲୋକ ଧାମନଗର ବଜାରର ବିଜୁ ପଟ୍ଟନାୟକ ଛକ, ହାଟଛକ ସମେତ ୩ଟି ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ ଥାନା ଘେରାଉ ବେଳେ ଶନିବାର ଯାଏ ପୋଲିସ ସମୟ ମାଗିବାରୁ ସେମାନେ ତୁରନ୍ତ ଉକ୍ତ ଯୁବକଙ୍କୁ ଗିରଫ କରାଯାଉ ବୋଲି ଦାବି କରି ହୋହଲ୍ଲା କରିଥିଲେ। ଥାନା ଅଧିକାରୀ ନାୟକ ଓ ତହସିଲଦାର ଦୀପକ ଦାସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଧାମନଗରରେ ୧୬୩ ଧାରା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି କରାଯାଇଛି।

### ଆଜିର ସମ୍ପାଦକୀୟ

ବନ୍ୟା ପ୍ରଭାବ

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକାଧିପତ୍ୟ ଶାସନ ବ୍ୟବସ୍ଥା' ଦେଶରୁ ନିଯୁକ୍ତି ଛଡ଼ାଇ ନେଇଛି। ନିଯୁକ୍ତି ସୃଷ୍ଟି ପାଇଁ ଜିଏସ୍‌ଟିର ସରଳୀକରଣ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ବ୍ୟାଙ୍କ ବ୍ୟବସ୍ଥା ଉପଲବ୍ଧ ହେବା ଆବଶ୍ୟକ।

-ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

# ଥାନାରୁ ଗେଟ୍ ଆଉଟ କହିଥିଲେ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୯(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଅନୁଷ୍ଠିତ ଜିଲାପାଳ ସମ୍ମିଳନୀରେ ଉଦ୍‌ବୋଧନ ଦେବା ବେଳେ ନିଜେ ଅଙ୍ଗେ ଲିଭା କଥାକୁ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବ ସରକାର ଅମଳରେ ବିଧାୟକ ଭାବେ ଲୋକମାନଙ୍କର ଏକ ଅଭିଯୋଗ ନେଇ ଥାନାକୁ ଯାଇଥିଲା ବେଳେ ଆଇଆଇସି ତାଙ୍କୁ କିଭଳି ଗେଟ୍ ଆଉଟ୍ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ, ଗତ ୩ ମାସ ତଳେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା କେନ୍ଦୁଝରର ବିଧାୟକ ଥିବା ବେଳେ ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପୀନାଥପୁର ଓ ରାଇସୁଆ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଜଳ ସମସ୍ୟା ନେଇ ୨ ସରପଞ୍ଚଙ୍କ ନେତୃତ୍ୱରେ ଅଞ୍ଚଳବାସୀ ସଦର ଥାନା ନିକଟସ୍ଥ ୨୦ ନମ୍ବର ଜାତୀୟ ରାଜପଥ ଉପରେ ଗରା ବାଲଟି ରଖି ରାସ୍ତା ଅବରୋଧ କରିଥିଲେ। ସମସ୍ୟାର ସମାଧାନ ପାଇଁ ସେ ସେଠାକୁ ଯାଇଥିଲେ । ସେଠାରେ ଲୋକଙ୍କ ସହ ଆଲୋଚନା କରି ରାସ୍ତା ଅବରୋଧ ହଟାଇବା ସହ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ସଦର ଥାନା ଅଧିକାରୀ ତ୍ରିନାଥ ସେଠୀ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଥାନାରେ ବସି ଆଲୋଚନା ☞ପୃଷ୍ଠା-୧୧

# ଅରୁଣ ଷଡ଼ଙ୍ଗୀ ଓପିଏସ୍‌ସି ଅଧ୍ୟକ୍ଷ



**ଭୁବନେଶ୍ୱର,୨୭।୯(ଅନିଲ ଦାସ)**

୧୯୯୦ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ବରିଷ୍ଠ ଆଇପିଏସ୍ ଅଫିସର ଅରୁଣ କୁମାର ଷଡ଼ଙ୍ଗୀଙ୍କୁ ରାଜ୍ୟ ସରକାର ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତାଙ୍କୁ ୬ ବର୍ଷ ପାଇଁ ଏହି ପଦବୀରେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଓପିଏସ୍‌ସି ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ଦିନଠାରୁ ୬ ବର୍ଷ କିମ୍ବା ୬୨ ବର୍ଷ ବୟସ ହେବା ପର୍ଯ୍ୟନ୍ତ ଯେଉଁଟା ଆଗ ଆସିବ ସେ ପର୍ଯ୍ୟନ୍ତ ଅରୁଣଙ୍କ କାର୍ଯ୍ୟକାଳ ରହିବ। ଅରୁଣ ଷଡ଼ଙ୍ଗୀ ଏବେ ସ୍ପେଶାଲ ଡିଜିପି (ଟ୍ରେନିଂ) ଏବଂ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଅଛନ୍ତି । ଏହା ପୂର୍ବରୁ ସେ ଇନଚାର୍ଜ ପୋଲିସ ଡିଜି ଭାବେ କାର୍ଯ୍ୟ କରିଛନ୍ତି।

# ୨ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

## ଅନୁଗୋଳ ଗମ୍ଭାରିମଳିହା ଟ୍ରିପଲ୍ ମର୍ଡର ମାମଲା

**ଆଠମଲ୍ଲିକ,୨୭।୯(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା କିଶୋରନଗର ଥାନା ଗମ୍ଭାରିମଳିହା ଗ୍ରାମରେ ୨୦୧୭ ଅକ୍ଟୋବର ୧୦ରେ ଘଟିଥିବା ଟ୍ରିପଲ ମର୍ଡର ମାମଲାରେ ୨ ଅଭିଯୁକ୍ତ ନନ୍ଦକିଶୋର ସେଠୀ ଏବଂ ପ୍ରକାଶ ବେହେରାଙ୍କୁ ଆଠମଲ୍ଲିକ ଅତିରିକ୍ତ ଜିଲା ଦୌରାଜଜ୍ ଦୋଷୀ ସାବ୍ୟସ୍ତ କରିବା ସହ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ପାରିପାର୍ଶ୍ୱିକ ପ୍ରମାଣ ଓ ୪୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ଏହି ଦଣ୍ଡାଦେଶ ପ୍ରଦାନ କରିବା ସହ ମୃତକଙ୍କ ଝିଅ ଓ ମା'ଙ୍କୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ଯୋଗାଇଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, କିଶୋରନଗର ଥାନା ଗମ୍ଭାରିମଳିହା ଗ୍ରାମର ଡିଜେ ସାଉଣ୍ଡ ବ୍ୟବସାୟୀ ବରଞ୍ଚି ନାୟକ, ସ୍ତ୍ରୀ ତରଣୀ ନାୟକ ଓ ୮ ବର୍ଷର ପୁଅ ଏକଲବ୍ୟ ନାୟକ (ନବ)ଙ୍କ ତଣ୍ଟିକାଟି ହତ୍ୟା କରାଯାଇଥିଲା। ☞ପୃଷ୍ଠା-୪

# ଅନାହାରରେ ଆଖି ବୁଜିଲେ ମହିଳା

- ୨୪ ଘଣ୍ଟା ପଡ଼ିରହିଲା ମୃତଦେହ
- ପ୍ରଶାସନର ଦାୟିତ୍ୱହୀନତାକୁ ଦାୟୀ କଲେ ଗ୍ରାମବାସୀ

**ନିଶ୍ଚିନ୍ତକୋଇଲି, ୨୭।୯ (ଅଶୋକ କୁମାର ମହାପାତ୍ର)**



## ଅନାହାରରେ ବିତୁଛି ମା', ଝିଅଙ୍କ ଜୀବନ

- ଆରତିଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

୧୬ ସେପ୍ଟେମ୍ବର ୨୦୨୪ରେ ଧରିତ୍ରୀରେ ପ୍ରକାଶ ପାଇଥିବା ଖବର।

ଅନାହାରରେ ଜଣେ ବିଧବା ମହିଳା ଆଖିବୁଜିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତ ମୁକୁନ୍ଦପୁର ଗାଁରେ ଶୁକ୍ରବାର ଘଟିଛି ଏହି ଅକାଳ ମୃତ୍ୟୁ। ମୃତକ ହେଲେ ଜଗତ୍‌ସିଂହପୁର ଜିଲାର ସ୍ୱର୍ଗତ ଅଶୋକ କୁମାର ନାୟକଙ୍କ ସ୍ତ୍ରୀ ଆରତୀ ନାୟକ(୪୨)। ଆରତୀ ଓ ତାଙ୍କ ଝିଅ ଅନାହାର ଓ ରୋଗରେ ଶଢୁଥିବା ନେଇ ଏକ ଖବର ଗତ ୧୬ ତାରିଖରେ ଅର୍ଥାତ୍ ୧୧ ଦିନ ତଳେ ଧରିତ୍ରୀରେ ପ୍ରକାଶ ପାଇଥିଲା। ତଥାପି ପ୍ରଶାସନ ଚେତିପାରିଲା ନାହିଁ। ଦାରିଦ୍ର୍ୟ, ଅପପୁଷ୍ଟି ଏବଂ ଅନାହାର ଆଦି ଦୁର୍ଦ୍ଦଶା ଯେଭଳି ଗରିବ ଓ ଅସହାୟମାନେ ନ ଭୋଗିବେ ସେନେଇ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ☞ପୃଷ୍ଠା-୧୧




**ମହାକାଳ ମନ୍ଦିର ପାଚେରି ଭୁଶୁଡ଼ି ୨ ମୃତ**

ପ୍ରବଳ ବର୍ଷା ଯୋଗୁ ଶୁକ୍ରବାର ସନ୍ଧ୍ୟାରେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଥିବା ପ୍ରସିଦ୍ଧ ମହାକାଳ ମନ୍ଦିରର ପାଚେରି ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଭଗ୍ନାବଶେଷ ତଳେ ଅନେକେ ପୋତିହୋଇଥିବା ଆଶଙ୍କା କରାଯାଉଛି। ୪ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭଗ୍ନାବଶେଷ ତଳେ କେତେଜଣ ରହିଯାଇଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ସଂକ୍ଷେପରେ

### ଶିଗେରୁ ଇଶିବା ଜାପାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ



ଟୋକିଓ, ୨୭।୯

ଜାପାନର ଶାସକ ଦଳ ଲିବରାଲ ଡେମୋକ୍ରାଟିକ ପାର୍ଟି ଶୁକ୍ରବାର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଶିଗେରୁ ଇଶିବା(୬୭)ଙ୍କୁ ନେତା ନିର୍ବାଚିତ କରିଛି। ଇଶିବା ଆସନ୍ତା ସପ୍ତାହରୁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଇଶିବାଙ୍କୁ ୨୧୫ ଖଣ୍ଡ ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତାକାଇଚିଙ୍କୁ ୧୯୪ ଭୋଟ ମିଳିଛି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଫୁମିୟୋ କିଶିଦା ଦୁର୍ନୀତି ମାମଲାରେ ଛନ୍ଦିହୋଇ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ପଦରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଥିଲେ।

### ସିଦ୍ଧାରାମାୟାଙ୍କ ବିରୋଧରେ ଲୋକାୟୁକ୍ତଙ୍କ ମାମଲା

ବେଙ୍ଗାଲୁରୁ,୨୭।୯

ମହୀଶୂର ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ୟୁଡିଏ) ଦ୍ୱାରା ବେଆଇନ ଭାବେ ଜମି ଆବଣ୍ଟନ ଦୁର୍ନୀତି ସହ ସମ୍ପୃକ୍ତି ଅଭିଯୋଗରେ କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ଲୋକାୟୁକ୍ତ ଶୁକ୍ରବାର ମାମଲା ରୁଜୁ କରିଛନ୍ତି। ଏତଲାରେ ସିଦ୍ଧାରାମାୟାଙ୍କୁ ପ୍ରଥମ ଅଭିଯୁକ୍ତ କରାଯାଇଥିବାବେଳେ ତାଙ୍କ ସ୍ତ୍ରୀ ପାର୍ବତୀ, ଶାଳକ ମଲ୍ଲିକାର୍ଜୁନ ସ୍ୱାମୀ ଏବଂ ଜମି ମାଲିକ ଦେବରାଜଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି। ଏମ୍‌ୟୁଡିଏ ପାର୍ବତୀଙ୍କ ମାଲିକାନାରେ ଥିବା ଏକ ଜମିକୁ ଅଧିଗ୍ରହଣ କରି ଏହା ପରିବର୍ତ୍ତେ ଉଚ୍ଚ ମୂଲ୍ୟର କେତେକ ପ୍ଲଟ୍ ଦେଇଥିଲା।

### ଇଣ୍ଡୋନେସିଆରେ ଭୂସ୍ଖଳନ: ୧୫ ମୃତ

ପଡ଼ାଙ୍ଗ,୨୭।୯

ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ବେଆଇନ ଭାବେ ଖଣିରୁ ସୁନା ଉତ୍ତୋଳନ ବେଳେ ଭୂସ୍ଖଳନ ହେବାରୁ ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ନିଖୋଜ ହୋଇଯାଇଛନ୍ତି। ପଶ୍ଚିମ ସୁମାତ୍ରା ପ୍ରଦେଶର ସୋଲୋକ ଜିଲାରେ ଗ୍ରାମବାସୀ ଗୁରୁବାର ଖଣି ଖୋଳି ସୁନା କଣିକା ସଂଗ୍ରହ କରୁଥିବାବେଳେ ପାଖ ପାହାଡ଼ରୁ ମାଟି ଅତଡ଼ା ଖସିଥିଲା। ୩ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ମାଟିତଳେ ଅନ୍ୟୂନ ୨୫ ଜଣ ପୋତିହୋଇ ରହିଥିବା ଆଶଙ୍କା କରାଯାଉଛି।

### ଓସ୍କାର ବିଜୟିନୀ ଅଭିନେତ୍ରୀ ମାଗି ସ୍ମିଥ୍‌ଙ୍କ ପରଲୋକ

ଲଣ୍ଡନ,୨୭।୯

ଓସ୍କାର ବିଜୟିନୀ ଅଭିନେତ୍ରୀ ମାଗି ସ୍ମିଥ୍‌ଙ୍କର ଶୁକ୍ରବାର ସକାଳେ ଲଣ୍ଡନର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ହାରି ପୋଟର ଫିଲ୍ମ ସିରିଜ୍‌ରେ ସେ ପ୍ରଫେସର ମାକ୍‌ଗୋନାଗାଲ ଭୂମିକାରେ ଅଭିନୟ କରିଥିଲେ। 'ଦି ପ୍ରାଇମ୍ ଅଫ୍ ମିସ୍ ଜିନ୍ ବ୍ରୋଡି' ଚଳଚ୍ଚିତ୍ର ପାଇଁ ୧୯୬୯ରେ ସେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଓସ୍କାର ପୁରସ୍କାର ପାଇଥିଲେ।



# ହେଜ୍‌ବୋଲ୍ଲା ମୁଖ୍ୟାଳୟରେ ବୋମାମାଡ଼

## ସ୍ଥଳଯୁଦ୍ଧ ପାଇଁ ଇସ୍ରାଏଲ୍‌ର ପ୍ରସ୍ତୁତି

ବେରୁଟ୍,୨୭।୯

ଲେବାନନ୍ ରାଜଧାନୀ ବେରୁଟ୍‌ରେ ଥିବା ହେଜ୍‌ବୋଲ୍ଲା ମୁଖ୍ୟାଳୟକୁ ଟାର୍ଗେଟ କରି ଇସ୍ରାଏଲୀ ସେନା ଶୁକ୍ରବାର ଏକାଧିକ ବୋମାମାଡ଼ କରିଛି। ସବୁଠୁ ଶକ୍ତିଶାଳୀ ବଙ୍କର ବୁଷ୍ଟର ବୋମାମାଡ଼ରେ ୬ଟି ବିଲ୍ଡିଂ ଧ୍ୱଂସ ହେବା ସହ ଅନ୍ୟୂନ ୨ ନିହତ ଏବଂ ୭୬ ଜଣ ଆହତ ହୋଇଛନ୍ତି। ବୋମା ଏତେ ଶକ୍ତିଶାଳୀ ଥିଲା ଯେ, ବେରୁଟ୍‌ର ୩୦ କିଲୋମିଟର ପର୍ଯ୍ୟନ୍ତ ଘରଗୁଡ଼ିକ ଦୋହଲିଯାଇଥିଲା। ଜାତିସଂଘରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଭାଷଣ ଦେଇସାରିବା ପରେ ପରେ ଏହି ଆକ୍ରମଣ କରାଯାଇଥିଲା। ନେତାନ୍ୟାହୁ ତାଙ୍କ ଆମେରିକା ଗସ୍ତ କାଟ୍‌ଛାଣ୍ଟ କରି ସ୍ୱଦେଶ ଫେରିଆସିଛନ୍ତି। ହେଜ୍‌ବୋଲ୍ଲା ନେତା ହାସନ ନସ୍‌ରଲ୍ଲାଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲେ ମଧ୍ୟ ସେ ଜୀବିତ ଥିବା ସଂଗଠନ ପକ୍ଷରୁ କୁହାଯାଇଛି। ହେଜବୋଲ୍ଲା ବିରୋଧରେ ଇସ୍ରାଏଲ୍‌ର ଆକ୍ରମଣ ଜାରି ରହିବ ବୋଲି ନେତାନ୍ୟାହୁ ଜାତିସଂଘ ସାଧାରଣ ସଭା ଅଧିବେଶନରେ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟ ପରେ ଯୁଦ୍ଧବିରତି ଆଶା ଫିକା ପଡ଼ିଯାଇଛି।

ଇରାନ ସମର୍ଥିତ ଲେବାନନ୍‌ର ଆତଙ୍କବାଦୀ ସଂଗଠନ ହେଜ୍‌ବୋଲ୍ଲାକୁ ଟାର୍ଗେଟ କରି ସପ୍ତାହେ ହେଲା ଇସ୍ରାଏଲ୍ ସେନା ଆକାଶମାର୍ଗରୁ ଆକ୍ରମଣ ଚଳାଇଥିବାବେଳେ ଇତିମଧ୍ୟରେ ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ୩୦ ହଜାରରୁ ଅଧିକ ଲୋକ ଦେଶ ଛାଡ଼ି ପଳାଇଗଲେଣି। କେବଳ ଶୁକ୍ରବାର ସକାଳୁ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ୨୫ ଜଣଙ୍କ ଜୀବନ ଯାଇଛି। ସ୍ଥଳଯୁଦ୍ଧ ପାଇଁ ଏବେ ଇସ୍ରାଏଲ୍ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ସେଥିପାଇଁ ଲେବାନନ୍ ଜନସାଧାରଣଙ୍କୁ ପଳାୟନ କରିବା ପାଇଁ ଇସ୍ରାଏଲ୍ ପରାମର୍ଶ ଦେବା ସହ ସୀମାରେ ବହୁସଂଖ୍ୟାରେ ଯୁଦ୍ଧଟ୍ୟାଙ୍କ ଠୁଳ କରିଛି।

ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ ସୈନ୍ୟମାନଙ୍କୁ ଉଦ୍‌ବୋଧ ଦେଇ କହିଛନ୍ତି, ଆମେ ବାୟୁ ଏବଂ ଜଳଭାଗରୁ ହେଜ୍‌ବୋଲ୍ଲା ଉପରେ ଆକ୍ରମଣ ଜାରି ରଖିଛୁ। ଆମକୁ ସ୍ଥଳଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ।

ସେପ୍ଟେମ୍ବର ୧୭ ଏବଂ ୧୮ରେ ଲେବାନନ୍‌ରେ ପେଜର ଓ ୱାକିଟକି ବିସ୍ଫୋରଣରେ ୩୪ ଜଣଙ୍କ ମୃତ୍ୟୁ ଘଟିବା ସହ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏହା ପରଠାରୁ ଇସ୍ରାଏଲ୍ ଏବଂ ହେଜ୍‌ବୋଲ୍ଲା ମଧ୍ୟରେ ଆକ୍ରମଣ ଜୋର୍‌ଦାର ହୋଇଛି। ଗତ ୭୨ ଘଣ୍ଟା ମଧ୍ୟରେ ଲେବାନନ୍‌ରୁ ୩୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସିରିଆ ପଳାଇଯାଇଥିବା ଏକ ଜାତିସଂଘ ସଂସ୍ଥା ପକ୍ଷରୁ କୁହାଯାଇଛି। ହେଜ୍‌ବୋଲ୍ଲା ସୀମା ଆରପଟୁ ରକେଟ ଆକ୍ରମଣ ବନ୍ଦ ନ କରିବା ଯାଏ ଇସ୍ରାଏଲ୍ ପୂରା ଦମ୍‌ରେ ଆକ୍ରମଣ ଜାରି ରଖିବା ପାଇଁ ପ୍ରତିବଦ୍ଧ ଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି।



ଇସ୍ରାଏଲୀ ସେନାର ଶକ୍ତିଶାଳୀ ବୋମା ବିସ୍ଫୋରଣରେ ହେଜ୍‌ବୋଲ୍ଲାର ମୁଖ୍ୟାଳୟ ଓ ଏହା ପାଖରେ ଥିବା ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

## ତିରୁପତି ଗସ୍ତ ବାତିଲକୁ ନେଇ ଚନ୍ଦ୍ରବାବୁ-ଜଗନ ମୁହାଁମୁହିଁ

ଅମରାବତୀ,୨୭।୯(ପି.ଟି.)

ୱାଇଏସ୍‌ଆର୍‌ସିପି ମୁଖ୍ୟ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କୁ ନିଜ ଧର୍ମ ଘୋଷଣା କରିବାକୁ କୁହାଯିବାରୁ ସେ ତାଙ୍କର ତିରୁପତି ଭେଙ୍କଟେଶ୍ୱର ମନ୍ଦିର ଗସ୍ତ କାର୍ଯ୍ୟକ୍ରମକୁ ଶୁକ୍ରବାର ବାତିଲ କରିଥିଲେ। ସେ ଟିଡିପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ମନ୍ଦିର ଦର୍ଶନରେ ରାଜନୈତିକ ଦଳ ପ୍ରତିବନ୍ଧକ ସୃଷ୍ଟି କରିବା ସେ କେବେ ଦେଖି ନ ଥିବା କହିଥିଲେ। ଅନ୍ୟପକ୍ଷରେ ବିରୋଧୀ ନେତାଙ୍କ ମନ୍ଦିର ଦର୍ଶନରେ ସରକାର ପ୍ରତିବନ୍ଧକ ସୃଷ୍ଟି କରିବା ଅଭିଯୋଗକୁ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଖଣ୍ଡନ କରିଛନ୍ତି। ମନ୍ଦିର ଗସ୍ତ ବନ୍ଦ ପାଇଁ ସରକାର ଯଦି ନୋଟିସ୍ ପଠାଇଥିଲେ, ତେବେ ଜଗନ ତାହା ଗଣମାଧ୍ୟମକୁ ଦେଖାନ୍ତୁ ବୋଲି ଚନ୍ଦ୍ରବାବୁ କହିଛନ୍ତି।



ୱାଇ.ଏସ୍. ଜଗନମୋହନ ରେଡ୍ଡୀ

ଧର୍ମ ଘୋଷଣା ଦାବି ଜୋର୍ ଧରିବାରୁ ଜଗନ ଶୁକ୍ରବାର ତିରୁପତି ମନ୍ଦିର ଗସ୍ତ ବାତିଲ କରିଥିଲେ। ଚନ୍ଦ୍ରବାବୁ ନିଜ ସରକାରର ୧୦୦ ଦିନ ଶାସନର ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ତିରୁପତି ଲଡୁ ପ୍ରସଙ୍ଗ ସୃଷ୍ଟି କରିଛନ୍ତି। ଲଡୁ ପ୍ରସାଦମ୍ ସମ୍ପର୍କରେ ସେ ତାହା ମିଛ କହିଥିବା ଜଗନ ଅଭିଯୋଗ କରିଛନ୍ତି।

## ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତାକୁ ବ୍ରିଟେନ୍‌ର ସମର୍ଥନ

ନୂଆଦିଲ୍ଲୀ,୨୭।୯

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତକୁ ସ୍ଥାୟୀ ସଦସ୍ୟ ଭାବେ ସାମିଲ କରିବା ନିମନ୍ତେ ସମର୍ଥନ ବଢ଼ିବାରେ ଲାଗିଛି। ପୂର୍ବରୁ ଆମେରିକା ଏବଂ ଫ୍ରାନ୍ସ ଭାରତର ସ୍ଥାୟୀ ସଦସ୍ୟତାକୁ ସମର୍ଥନ ଜଣାଇଥିବାବେଳେ ଶୁକ୍ରବାର ଜାତିସଂଘ ସାଧାରଣ ସଭାର ୭୯ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ସେମାନଙ୍କ ସହ ସ୍ୱର ମିଳାଇଛନ୍ତି। ସୁରକ୍ଷା ପରିଷଦରେ ଭାରତ, ବ୍ରାଜିଲ, ଜାପାନ ଏବଂ ଜର୍ମାନୀଙ୍କୁ ସ୍ଥାୟୀ ସଦସ୍ୟ ଭାବେ ସାମିଲ କରାଯିବା ଆବଶ୍ୟକ। ଏଥିସହିତ ନିର୍ବାଚିତ ସଦସ୍ୟମାନଙ୍କ ପାଇଁ ଅଧିକ ଆସନ ରଖିବା ସପକ୍ଷରେ ଷ୍ଟାର୍ମର ଯୁକ୍ତି ରଖିଛନ୍ତି। ୟୁଏନ୍‌ଏସ୍‌ସିରେ ଅଧିକ ପ୍ରତିନିଧିତ୍ୱ ରହିଲେ, ରାଜନୈତିକ ଅଚଳାବସ୍ଥା ଯୋଗୁ ଦେଖାଦେଇଥିବା ପ୍ରତିବନ୍ଧକକୁ ଅତିକ୍ରମ କରି ବୈଶ୍ୱିକ ଚ୍ୟାଲେଞ୍ଜଗୁଡ଼ିକର ପ୍ରଭାବୀ ସମାଧାନ ହୋଇପାରିବ ବୋଲି ଷ୍ଟାର୍ମର କହିଛନ୍ତି।

ୟୁଏନ୍‌ଏସ୍‌ସିରେ ୫ ସ୍ଥାୟୀ ସଦସ୍ୟ ଆମେରିକା, ଚାଇନା, ଫ୍ରାନ୍ସ, ରୁଷିଆ ଏବଂ ବ୍ରିଟେନ୍ ହାତରେ ଭିଟୋ କ୍ଷମତା ରହିଛି। ଜାତିସଂଘ ସୁରକ୍ଷା ପରିଷଦର ସାମର୍ଥ୍ୟ ଏବଂ ପ୍ରତିନିଧିତ୍ୱ ବୃଦ୍ଧି ଲାଗି ଏହାର ସମ୍ପ୍ରସାରଣ ଜରୁରୀ ବୋଲି କିଛିଦିନ ପୂର୍ବରୁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ କହିଥିଲେ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ବେଳେ ବୈଶ୍ୱିକ ସ୍ତରରେ ଭାରତର ଉଲ୍ଲେଖନୀୟ ଭୂମିକାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସ୍ୱୀକୃତି ଦେବା ସହ ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତା ସପକ୍ଷରେ ମତବ୍ୟକ୍ତ କରିଥିଲେ।

## ଆମେରିକାରେ ବାତ୍ୟା: ୨୪ ମୃତ

ଆଟଲାଣ୍ଟା, ୨୭।୯

ଦକ୍ଷିଣ ପୂର୍ବ ଆମେରିକାରେ ବାତ୍ୟା ହେଲେନ୍ ପ୍ରଭାବରେ ଶୁକ୍ରବାର ସୁଦ୍ଧା ୨୪ ଜଣଙ୍କର ମୃତ୍ୟୁ ଘଟିଛି। ଆମେରିକାର ନ୍ୟାଶ୍‌ନାଲ ହରିକେନ୍ ସେଣ୍ଟର(ଏନ୍‌ଏଚ୍‌ସି) ଅନୁଯାୟୀ, ଶୁକ୍ରବାର ହେଲେନ୍ ବାତ୍ୟାର ବେଗ ସାମାନ୍ୟ କମି ଘଣ୍ଟା ପ୍ରତି ୧୨୦ କି.ମି.ରେ ପହଞ୍ଚିଥିଲା। ହେଲେନ୍‌ର ସର୍ବାଧିକ ପ୍ରଭାବ ଫ୍ଲୋରିଡା, ଜର୍ଜିଆ, ଦକ୍ଷିଣ ଓ ଉତ୍ତର କାରୋଲିନା ରାଜ୍ୟରେ ରହିଥିବା ନେଇ ଏନ୍‌ଏଚ୍‌ସି କହିଛି। ବାତ୍ୟା ପ୍ରଭାବରେ କେବେଳ ଜର୍ଜିଆରୁ ଅତି କମ୍‌ରେ ୧୧ ଜଣଙ୍କର ମୃତ୍ୟୁ ଘଟିଥିବା ଗଭର୍ଣ୍ଣର ବ୍ରିୟାନ କେମ୍ପ ସୂଚନା ଦେଇଛନ୍ତି। ସେହିପରି ହେଲେନ୍‌ରେ କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡ଼ିକରେ ଏବେ ମଧ୍ୟ ଶତାଧିକ ଫସି ରହିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଫ୍ଲୋରିଡାରୁ ୭, ଉତ୍ତର କାରୋଲିନାରୁ ୪ ଦକ୍ଷିଣ କାରୋଲିନାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଆମେରିକୀୟ ସଂଘୀୟ ଜରୁରିକାଳୀନ ପରିଚାଳନା ଏଜେନ୍ସି ପକ୍ଷରୁ ଉଦ୍ଧାର କାର୍ଯ୍ୟ ପାଇଁ ୪ ରାଜ୍ୟରେ ୧୫୦୦ରୁ ଅଧିକ କର୍ମୀ ନିୟୋଜିତ ଅଛନ୍ତି।



## ପାର୍ବଣରେ ଗଡ଼ିବ ୬ ହଜାର ସ୍ୱତନ୍ତ୍ର ଟ୍ରେନ୍

ନୂଆଦିଲ୍ଲୀ, ୨୭।୯

ପାର୍ବଣ ଋତୁ ପାଖେଇ ଆସୁଥିବାରୁ ରେଲୱେ ଦେଶବ୍ୟାପୀ ୬ ହଜାର ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ପ୍ରାୟ ୧ କୋଟି ଯାତ୍ରୀ ଉପକୃତ ହେବେ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଦଶହରା, ଦୀପାବଳି ଏବଂ ଛଟ୍ ପର୍ବକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି। ପାର୍ବଣରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ୧୦୮ ଟ୍ରେନ୍‌ରେ ଅତିରିକ୍ତ ସାଧାରଣ କୋଚ୍ ଯୋଡ଼ିବା ପାଇଁ ନିଷ୍ପତ୍ତି ହୋଇଛି। ଗତବର୍ଷ ପାର୍ବଣ ସମୟରେ ରେଳ ବିଭାଗ ପକ୍ଷରୁ ୪,୪୨୯ ସ୍ୱତନ୍ତ୍ର ଟ୍ରେନ୍ ଚଳାଯାଇଥିବା ବୈଷ୍ଣବ କହିଛନ୍ତି।

## ସନ୍ଦୀପ୍ ଘୋଷଙ୍କୁ ମୃତ୍ୟୁଦଣ୍ଡ ମିଳିପାରେ: ସିବିଆଇ କୋର୍ଟ

କୋଲକାତା,୨୭।୯

କୋଲକାତାର ଆର୍.ଜି. କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷ ଏବଂ ତଲା ଥାନା ଭାରପ୍ରାପ୍ତ ଅଧିକାରୀ ଅଭିଜିତ ମଣ୍ଡଳଙ୍କ ବିରୋଧରେ ଆସିଥିବା ଅଭିଯୋଗ ଅତ୍ୟନ୍ତ ଗମ୍ଭୀର। ତାହା ପ୍ରମାଣିତ ହେଲେ ଉଭୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ମିଳିପାରେ ବୋଲି ସିବିଆଇ କୋର୍ଟ ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାର ଶୁଣାଣି ବେଳେ କହିଛନ୍ତି। ମାଜିଷ୍ଟ୍ରେଟ ଶିବାଶିଷ ଦେ' ଲିଖିତ ନିର୍ଦ୍ଦେଶନାମାରେ କହିଛନ୍ତି, ସିବିଆଇ ପୂରା ଦମ୍‌ରେ ମାମଲାର ତଦନ୍ତ ଚଳାଇଛି। ଜଣେ ବ୍ୟକ୍ତି ଅପରାଧ ସ୍ଥଳରେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ନ ଥାଇ ମଧ୍ୟ ଅପରାଧ କରିପାରିବେ ବୋଲି ମାଜିଷ୍ଟ୍ରେଟ ଟିପ୍ପଣୀ ଦେଇଛନ୍ତି। ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ସିବିଆଇ ଯୁକ୍ତି ଦର୍ଶାଇଥିଲା। ଅପରାଧର ପ୍ରମାଣ ନଷ୍ଟ କରିବାକୁ ବଡ଼ ଧରଣର ତଦନ୍ତ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପ୍ରକ୍ରିୟାରେ ମଧ୍ୟ ଅନେକ ଅନିୟମିତତା ହୋଇଥିବା ସିବିଆଇ ଜାଣିବାକୁ ପାଇଛି।

## ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ବଳି

ହାଥରସ୍, ୨୭।୯

ଉତ୍ତରପ୍ରଦେଶ ହାଥରସ୍ ଜିଲା ଡି.ଏଲ୍ ପବ୍ଲିକ୍ ସ୍କୁଲରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ବିଦ୍ୟାଳୟର ସମୃଦ୍ଧି ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ବଳି ଦିଆଯାଇଛି। ହାଥରସ ପୋଲିସ ଅଧୀକ୍ଷକ(ଏସ୍‌ପି) ନିପୁଣ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଡି.ଏଲ୍ ପବ୍ଲିକ୍ ସ୍କୁଲର ମାଲିକ ଯଶୋଧନ ସିଂ ତନ୍ତ୍ରମନ୍ତ୍ରରେ ବିଶ୍ୱାସ କରନ୍ତି। ସେ ନିଜ ପୁଅ ତଥା ସ୍କୁଲ ନିର୍ଦ୍ଦେଶକ ଦୀନେଶ ବଘେଲଙ୍କୁ ବିଦ୍ୟାଳୟର ସମୃଦ୍ଧି ପାଇଁ ଜଣେ ଛାତ୍ରଙ୍କୁ ବଳି ପକାଇବାକୁ ପ୍ରସ୍ତାବ ଦେଇଥିଲେ। ଫଳରେ ଗତ ୬ରେ ସ୍କୁଲ କର୍ତ୍ତୃପକ୍ଷ ଜଣେ ଛାତ୍ରଙ୍କୁ ବଳି ଦେବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଅସଫଳ ହୋଇଥିଲେ। ଏହାପରେ ଗତ ୨୨ରେ ସ୍କୁଲର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟ ପରିସର ମଧ୍ୟରେ ଗଳାକାଟି ବଳି ଚଢ଼ାଯାଇଥିବା ପୋଲିସ କହିଛି। ବିଦ୍ୟାଳୟ ପରିସର ମଧ୍ୟରେ ଥିବା ନଳକୂପ ନିକଟରୁ ତନ୍ତ୍ରମନ୍ତ୍ର ସହ ଜଡ଼ିତ ବସ୍ତୁକୁ ପୋଲିସ ଜବତ ହୋଇଛି। ତେବେ ଉକ୍ତ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଜାଣିପାରି ତାଙ୍କ ଅଭିଭାବକ ପୋଲିସକୁ ଖବର ଦେଇଥିଲେ। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୧୦୩(୧) ଅନୁଯାୟୀ, ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଶୁକ୍ରବାର ପୋଲିସ ବଳି ସହ ଜଡ଼ିତ ୫ ଅଭିଯୁକ୍ତ ସ୍କୁଲ ମାଲିକ ଯଶୋଧନ ସିଂ, ତାଙ୍କ ପୁଅ ତଥା ସ୍କୁଲ ନିର୍ଦ୍ଦେଶକ ଦୀନେଶ ବଘେଲ, ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ସିଂହ ଏବଂ ୨ ଅନ୍ୟ ଶିକ୍ଷକ ରାମ ପ୍ରକାଶ ସୋଲାଙ୍କି ଏବଂ ବୀରପାଲ ସିଂଙ୍କୁ ଗିରଫ କରିଛି।

## କେରଳରେ ଦ୍ୱିତୀୟ ଏମ୍‌ପକ୍ସ ମାମଲା

ଥିରୁଭାନନ୍ତପୁରମ, ୨୭।୯

ଭାରତରେ ମଙ୍କି ପକ୍ସ(ଏମ୍‌ପକ୍ସ) ସଂକ୍ରମଣକୁ ନେଇ ବିପଦ ବଢ଼ିବାରେ ଲାଗିଛି। ଶୁକ୍ରବାର କେରଳରେ ଏମ୍‌ପକ୍ସର ଦ୍ୱିତୀୟ ମାମଲା ରିପୋର୍ଟ ହୋଇଛି। ରାଜ୍ୟର ଏର୍ନାକୁଲମ ଅଞ୍ଚଳରେ ଜଣେ ୨୯ ବର୍ଷୀୟ ବ୍ୟକ୍ତି ଏମ୍‌ପକ୍ସ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତାଙ୍କୁ କୋଚିର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗତ କିଛିଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର ଟେଷ୍ଟିଂ କରାଯିବ ବୋଲି ସେ କହିଛନ୍ତି। ୧୦ ଦିନ ମଧ୍ୟରେ ଏହା କେରଳର ଦ୍ୱିତୀୟ ଏମ୍‌ପକ୍ସ ମାମଲା। ଗତ ୧୮ରେ ସଂଯୁକ୍ତ ଆରବ ଏମିରେଟରୁ କେରଳର ମଲ୍ଲପୁରମ୍‌କୁ ଫେରିଥିବା ଜଣେ ୩୮ ବର୍ଷୀୟ ବ୍ୟକ୍ତିଙ୍କଠାରେ ଏମ୍‌ପକ୍ସ ଚିହ୍ନଟ ହୋଇଥିଲା।

## ଶାନ୍ତି ଅପେକ୍ଷା ନୋବେଲ ପୁରସ୍କାର ପାଇଁ ନେତା ଆଗ୍ରହୀ

### ଜାତିସଂଘରେ ଜେଲେନ୍‌ସ୍କିଙ୍କ ଅଭିଯୋଗ

କିଭ୍,୨୭।୯

କେତେଜଣ ନେତା ୟୁକ୍ରେନ୍‌ରେ ବାସ୍ତବରେ ଶାନ୍ତି ଫେରିବା ଚାହୁଁନାହାନ୍ତି। ସେମାନେ ନୋବେଲ ଶାନ୍ତି ପୁରସ୍କାର ପାଇବା ଲକ୍ଷ୍ୟରେ ଶାନ୍ତି ସ୍ଥାପନ ପାଇଁ ମଧ୍ୟସ୍ଥତା ନିମନ୍ତେ ଉଦ୍ୟମ କରୁଛନ୍ତି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅଭିଯୋଗ ଆଣିଛନ୍ତି। କେତେଜଣ ନେତା ବାସ୍ତବ ଶାନ୍ତି ପରିବର୍ତ୍ତେ ବ୍ୟର୍ଥ ଅସ୍ତ୍ରବିରତି ନିମନ୍ତେ ସେମାନଙ୍କ ରାଜନୈତିକ ଜୀବନୀ ପାଇଁ ହୁଏତ ନୋବେଲ ପୁରସ୍କାର ଚାହୁଁଥିଲେ। ଏହା ବଦଳରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଆପଣମାନଙ୍କୁ କେବଳ ଯନ୍ତ୍ରଣା ଏବଂ ବିପର୍ଯ୍ୟୟ ଦେବେ ବୋଲି ନ୍ୟୁୟର୍କଠାରେ ଗୁରୁବାର ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଜେଲେନ୍‌ସ୍କି କହିଛନ୍ତି। ଯଦିଓ ୟୁକ୍ରେନ୍ ରାଷ୍ଟ୍ରପତି ତାଙ୍କ ଅଭିଯୋଗରେ କୌଣସି ନେତାଙ୍କ ନାଁ ନେଇ ନାହାନ୍ତି, ତେବେ ଏହା ବିଶ୍ୱର ବହୁ ନେତାଙ୍କୁ ସୂଚିତ କରୁଛି। ସେମାନଙ୍କ ମଧ୍ୟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ପୁନର୍ବାର ରାଷ୍ଟ୍ରପତି ହେବା ପାଇଁ ନିର୍ବାଚନ ଲଢୁଥିବା ଡୋନାଲ୍ଡ ଟ୍ରମ୍ପ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲ୍‌ଭା ପ୍ରମୁଖ ଅଛନ୍ତି, ଯେଉଁମାନେ ୟୁକ୍ରେନ୍ ଏବଂ ରୁଷିଆକୁ ଯୁଦ୍ଧ ବନ୍ଦ ନିମନ୍ତେ ଆହ୍ୱାନ ଦେଇଆସୁଛନ୍ତି। ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚିତ ହେଲେ ଯୁଦ୍ଧ ବନ୍ଦ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ଏବଂ କୂଟନୈତିକ ଚ୍ୟାନେଲ ଜରିଆରେ ଯୁଦ୍ଧ ବନ୍ଦ କରିବା ପାଇଁ ଭାରତ ବାରମ୍ବାର କହିଆସୁଛି। ନିକଟରେ ନ୍ୟୁୟର୍କରେ ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ଭେଟି ଶାନ୍ତି ପ୍ରକ୍ରିୟାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଭୋଲୋଡିମିର ଜେଲେନ୍‌ସ୍କି

## ଫୁର୍‌ସତ୍

### ଜଳାତଙ୍କକୁ ନିୟନ୍ତ୍ରଣରେ ରଖିବାକୁ ଆହ୍ୱାନ

**'ୱାର୍ଲ୍ଡ ରାବିଜ୍ ଡେ'**

'ୱାର୍ଲ୍ଡ ରାବିଜ୍ ଡେ' ବା ବିଶ୍ୱ ଜଳାତଙ୍କ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ପାଳନ କରାଯାଇଥାଏ। ଏହି ଦିନ ଜଳାତଙ୍କର ପ୍ରତିଷେଧକ ଟିକା ଉଦ୍ଭାବନ କରିଥିବା ଲୁଇ ପାଶ୍ଚରଙ୍କ ପରଲୋକ ଘଟିଥିଲା। ତାଙ୍କୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ତେବେ ଚଳିତ ବର୍ଷ ପାଇଁ ବିଶ୍ୱ ଜଳାତଙ୍କ ଦିବସର ସ୍ଲୋଗାନ ରହିଛି 'ଜଳାତଙ୍କକୁ ନିୟନ୍ତ୍ରଣରେ ରଖିବା'। ଡାକ୍ତରମାନେ ଏହି ରୋଗକୁ 'ହାଇଡ୍ରୋଫୋବିଆ' ବା 'ରାବିଜ୍' ବୋଲି କହିଥାନ୍ତି। ଏହା ପ୍ରାଣୀଜନିତ ଏକ ଭୂତାଣୁ ରୋଗ। ରୋଗ ହେଲେ ମୃତ୍ୟୁ ପ୍ରାୟ ନିଶ୍ଚିତ। ପୃଥିବୀର କେତେକ ରାଷ୍ଟ୍ର ଜଳାତଙ୍କରୁ ମୁକ୍ତ। କିନ୍ତୁ ଏକ ଆକଳନରୁ ଜଣାପଡିଛି, ଆମ ଦେଶରେ ପ୍ରତି ଅଧଘଣ୍ଟାରେ କେହି ନା କେହି ଜଳାତଙ୍କରେ ମୃତ୍ୟୁମୁଖରେ ପଡ଼ିଥାଆନ୍ତି।



ମୁଖ୍ୟତଃ ପାଗଳା କୁକୁର, ବିରାଡ଼ି, ବିଲୁଆ ଓ ଗଧିଆଙ୍କ ଲାଳରେ ଏହି ଭୂତାଣୁ ରହିଥାଏ। କିନ୍ତୁ ଏହି ଜନ୍ତୁମାନେ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ନ ଥିଲେ ସେମାନଙ୍କ ଲାଳରେ ରୋଗର ଭୂତାଣୁ ନ ଥାଏ। ରୋଗ କରାଇବାରେ ପାଗଳା କୁକୁର ମୁଖ୍ୟତଃ ଦାୟୀ ହୋଇଥିବାରୁ ଏହି ରୋଗକୁ ସାଧାରଣ ଲୋକେ 'କୁକୁର କାମୁଡ଼ା ରୋଗ' ଓ ରୋଗର ପ୍ରତିଷେଧକ ଟିକାକୁ 'କୁକୁର କାମୁଡ଼ା ଟିକା' ବୋଲି କହିଥାନ୍ତି।

#### ରୋଗକୁ କିପରି ଜାଣିବେ

କୁକୁର କାମୁଡ଼ା ଯୋଗୁ ବ୍ୟକ୍ତି ଭୂତାଣୁ ସଂକ୍ରମିତ ହୋଇଥିଲେ, କେତେକ ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇଥାଏ। ଯେପରିକି ମୁଣ୍ଡବିନ୍ଧା, ଦେହ ଘୋଳାବିନ୍ଧା, ତଣ୍ଟିରେ ଘାଆ ଏବଂ ଦେହରେ ସାମାନ୍ୟ ଜ୍ୱର। ଏହି ଲକ୍ଷଣମାନ ମାତ୍ର ୩-୪ ଦିନ ପାଇଁ ରହେ। ଅନେକ ରୋଗୀଙ୍କ କ୍ଷେତ୍ରରେ କାମୁଡ଼ା ସ୍ଥାନରେ ଅନୁଭୂତ ହୁଏ ଯନ୍ତ୍ରଣା ଓ ଛୁଞ୍ଚି ଫୋଡ଼ି ହେବା ଭଳି ଲକ୍ଷଣ ଦେଖାଦେଇଥାଏ। ଏହି ରୋଗ ହେଲେ ପାଟିରୁ ଲାଳ ଗଡ଼େ। ଆଖିରୁ ଲୁହ ଝରେ। ରୋଗୀଠାରେ କ୍ରୋଧ, ବିରକ୍ତି, ମାନସିକ ଅବସାଦ ଏବଂ ମୃତ୍ୟୁ ଭୟ ପ୍ରକାଶ ପାଇଥାଏ। ରୋଗୀ ଜଳକୁ ଦେଖିଲେ ଆତଙ୍କିତ ହୋଇପଡ଼େ। ସେଥିପାଇଁ ଏହି ରୋଗକୁ ଜଳ(ହାଇଡ୍ରୋ-) ପ୍ରତି ଆତଙ୍କ (ଫୋବିଆ) ବା 'ହାଇଡ୍ରୋଫୋବିଆ' ବୋଲି କୁହନ୍ତି। ରୋଗ ମାତ୍ର ୨-୩ ଦିନ କିମ୍ବା ୫-୬ ଦିନ ରହି ରୋଗୀ ମୃତ୍ୟୁବରଣ କରିଥାନ୍ତି।

### ଚାଉଳ କେ.ଜି.୧୦ ହଜାର ଟଙ୍କା

ଟୋକିଓ

ଭାରତୀୟମାନଙ୍କର ଦୈନନ୍ଦିନ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଚାଉଳକୁ ଧରାଯାଇଥାଏ। ବଜାରରେ ବିଭିନ୍ନ ମୂଲ୍ୟର ଚାଉଳ ଉପଲବ୍ଧ ରହିଥାଏ। ସେଠାରୁ ସାଧାରଣତଃ ଲୋକମାନେ ସେମାନଙ୍କର ବଜେଟ ଏବଂ ଆବଶ୍ୟକତା ଅନୁଯାୟୀ ଚାଉଳ କିଣିଥାନ୍ତି। ଭାରତରେ ସାଧାରଣତଃ ଭଲ ଏବଂ ପ୍ରିମିୟମ୍ ଗୁଣାତ୍ମକ ଚାଉଳର ମୂଲ୍ୟ କିଲୋଗ୍ରାମ ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ରହିଥାଏ। ତେବେ ଜାପାନରେ ଉତ୍ପାଦିତ ହେଉଥିବା ଏକ ଚାଉଳ ଭାରତୀୟ ଚାଉଳଠାରୁ ୧୦୦ ଗୁଣା ଅଧିକ ମୂଲ୍ୟରେ ବିକ୍ରି ହୋଇଥାଏ। ଏକ ରିପୋର୍ଟ ଅନୁଯାୟୀ, କିନ୍‌ମେମାଇ ପ୍ରିମିୟମ୍ ନାମକ ଏକ ଜାପାନୀ ଚାଉଳ ହେଉଛି ବିଶ୍ୱର ସବୁଠାରୁ ଦାମୀ ଚାଉଳ। ଅତ୍ୟଧିକ ମୂଲ୍ୟ ଯୋଗୁ ଏହି ଚାଉଳ ପୂର୍ବରୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ମଧ୍ୟ ସ୍ଥାନିତ ହୋଇସାରିଛି। କିନ୍‌ମେମାଇ ପ୍ରିମିୟମ୍ ରାଇସ୍ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ପାରମ୍ପରିକ ଚାଉଳ ଅପେକ୍ଷା ଏଥିରେ ୧.୮ ଗୁଣା ଅଧିକ ଫାଇବର ଏବଂ ୭ ଗୁଣା ଅଧିକ ଭିଟାମିନ୍ ବି୧ ରହିଥାଏ। ଏହି ଚାଉଳ ସାମାନ୍ୟ ମିଠା ଏବଂ ସୁଗନ୍ଧିତ ମଧ୍ୟ। ରିପୋର୍ଟ ଅନୁଯାୟୀ, ୨୦୧୬ରେ ଏହି ଚାଉଳର ମୂଲ୍ୟ ୯,୧୨୩ ଟଙ୍କା ପ୍ରତି କେ.ଜି. ରହିଥିଲା। ସେତେବେଳେ ଏହାକୁ ବିଶ୍ୱର ସର୍ବୋତ୍ତମ ଚାଉଳ ଭାବରେ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଏହାର ମୂଲ୍ୟ କେ.ଜି. ପ୍ରତି ୧୦ ହଜାର ଟଙ୍କାରୁ ଅଧିକ ରହିଛି।






ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ଶନ୍ ସେଣ୍ଟରଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୨ ଦିନିଆ ଜିଲାପାଳ ସମ୍ମିଳନୀରେ ଉପସ୍ଥିତ ଜିଲାପାଳ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ (ବାମ)। ସମ୍ମିଳନୀରେ ମଞ୍ଚାସୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର।

# ଅନିୟମିତତା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅ

## ଜିଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ବାର୍ତ୍ତା

ଭୁବନେଶ୍ୱର,୨୭।୯(ଅନିଲ ଦାସ)

କୌଣସି ପରିସ୍ଥିତିରେ, କୌଣସି ସ୍ତରରେ ସରକାର ଦୁର୍ନୀତିକୁ ବରଦାସ୍ତ କରିବେ ନାହିଁ। ଦୁର୍ନୀତିକୁ ନେଇ କୌଣସି ପ୍ରକାର ସାଲିସ କରିବାର ପ୍ରଶ୍ନ ଉଠୁନାହିଁ। ତେଣୁ ଅନିୟମିତତା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାପାଳ ସମ୍ମିଳନୀରେ ଏଭଳି କଡ଼ା ବାର୍ତ୍ତା ଦେଇଛନ୍ତି।

ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ ସେଣ୍ଟରରେ ଅନୁଷ୍ଠିତ ୨ ଦିନିଆ ଜିଲାପାଳ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲାପାଳଙ୍କ ହାତରେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହେବ। ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଜିଲାପାଳ ହେଉଛନ୍ତି ସେତୁ। ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ଠିକ୍ ସମୟରେ ପହଞ୍ଚୁଛି କି ନାହିଁ ଜିଲାପାଳମାନେ ଏହାର ନିୟମିତ ସମୀକ୍ଷା କରିବେ। ଜନ ପ୍ରତିନିଧିଙ୍କୁ ସମ୍ମାନ ଦେବା ସହ ଦୁର୍ନୀତି ବିରୋଧରେ ଶୂନ ସହନଶୀଳତା ନୀତି ଉପରେ ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ନିଜ ଅନୁଭୂତି ଓ ଅଭିଜ୍ଞତାରୁ ପ୍ରଶାସନିକ ସ୍ତରରେ ପୂର୍ବରୁ ହେଉଥିବା ଅନେକ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ଜିଲାପାଳମାନଙ୍କୁ ସଚେତନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ସବୁ ଯୋଜନା ଠିକ୍ ସମୟରେ ଆରମ୍ଭ ହେବା ଓ ଠିକ୍ ସମୟରେ ଶେଷ ହେବା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଅନେକ ସମୟରେ ଏଥିରେ ଅହେତୁକ ବିଳମ୍ବ ହେଉଛି। ଏହାଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହିତ ଦୁର୍ନୀତି ହେଉଛି। ଏହାସହ ପ୍ରକଳ୍ପ ଖର୍ଚ୍ଚ ମଧ୍ୟ ବଢୁଛି। ସବୁ ଯୋଜନା ଠିକ୍ ସମୟରେ କାର୍ଯ୍ୟକାରୀ ପାଇଁ ଜିଲାପାଳମାନେ ଦୈନିକ ନିଜ ଜିଲାରେ ଆର୍ଥିକ ତଥା ଫିଜିକାଲ ପ୍ରୋଗ୍ରେସ୍ ଉପରେ ଦୃଷ୍ଟି ଦେବେ। ଏଥିସହ ପ୍ରତ୍ୟେକ ଯୋଜନାର ବ୍ଲକୱାରି ତ୍ରୈମାସିକ ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗତ ସରକାର ସମୟରେ ଅନେକ ଅନିୟମିତତା ହୋଇଛି। ସେସବୁକୁ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକକଲ୍ୟାଣ ପାଇଁ ସରକାର ଉତ୍ତମ ଯୋଜନା ଓ ନୀତି ନିର୍ଦ୍ଧାରଣ କରୁଛନ୍ତି। ତାହାକୁ ଅନ୍ତିମ ହିତାଧିକାରୀ ପାଖରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଜିଲାପାଳ ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଗ୍ରହଣ କରିଥାନ୍ତି। ରାଜଧାନୀ କିମ୍ବା କିଛି ସହରାଞ୍ଚଳକୁ ଛାଡ଼ିଦେଲେ ବାକି ସବୁଠାରେ ସରକାର କହିଲେ ଲୋକେ ଜିଲାପାଳଙ୍କୁ ହିଁ ବୁଝନ୍ତି। ସେମାନଙ୍କର ଦୈନନ୍ଦିନ ଜୀବନରେ ବିଭିନ୍ନ

■ ଦୁର୍ନୀତିକୁ ବରଦାସ୍ତ କରିବେନି ସରକାର

■ ପ୍ରତି ୩ ମାସରେ ବ୍ଲକସ୍ତରୀୟ ସମୀକ୍ଷା କରିବେ ଜିଲାପାଳ

ସମସ୍ୟା ସମାଧାନ ଜିଲା ସ୍ତରରେ ହୋଇଥାଏ। ଯୋଜନାର ସଫଳ ରୂପାୟନ ହେଲେ, ଏହାର ସୁଫଳ ଲୋକମାନଙ୍କ ପାଖରେ ପହଞ୍ଚିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗ୍ରାମାଞ୍ଚଳରୁ ଆରମ୍ଭ କରି ଜିଲା ସ୍ତର ପର୍ଯ୍ୟନ୍ତ ଅନେକ ଭିତ୍ତିଭୂମି ପ୍ରକଳ୍ପ ବିଭିନ୍ନ ସ୍ତରରେ ଅଛି। ନିଜ ନିଜ ଜିଲାରେ କାର୍ଯ୍ୟକାରୀ ହେଉଥିବା ଏହି ସବୁ ପ୍ରକଳ୍ପକୁ ମ୍ୟାପିଂ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଏପରି ଅନେକ କାର୍ଯ୍ୟକ୍ରମ ଓ ଯୋଜନା ସରକାର କାର୍ଯ୍ୟକାରୀ କରୁଛନ୍ତି, ଯାହାର ବିହିତ ରୂପାୟନ କେବଳ ସମନ୍ୱୟ ମୋଡ୍‌ରେ ହିଁ ହୋଇପାରିବ। ଜିଲାପାଳମାନେ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନା ଓ ପ୍ରକଳ୍ପ ତ୍ୱରିତ୍ ରୂପାୟନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ବିଶେଷ ଭାବେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଥାନାକୁ ଜିଲାପାଳମାନେ ନିୟମିତ ଭାବେ ପରିଦର୍ଶନ କଲେ ପ୍ରକୃତ ସ୍ଥିତି ବିଷୟରେ ଅବଗତ ହୋଇପାରିବେ। ଏହି ପରିଦର୍ଶନ ସମୟରେ କିଛି ଅନିୟମିତତା କିମ୍ବା ଅବହେଳା ଦେଖାଗଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାର ଓ ଚୋରା ମଦ କାରବାର ରୋକିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ଏସବୁ ପ୍ରତି ସରକାରଙ୍କ ଶୂନ୍ୟ ସହନଶୀଳତା ରହିଛି ବୋଲି ସେ କହିଛନ୍ତି।

ବୁକ୍ ସର୍କୁଲାର ୪୭ ଅନୁସାରେ, ଜନପ୍ରତିନିଧିଙ୍କ ପ୍ରତି ଉଚିତ ସମ୍ମାନ ଦେବାକୁ ମୁଖ୍ୟମନ୍ତ୍ରୀ ବାବୁମାନଙ୍କୁ କଡ଼ାବାର୍ତ୍ତା ଦେଇଛନ୍ତି। ଦୀର୍ଘଦିନ ଧରି ଗାଦି ମାଡ଼ି ବସିଥିବା ବାବୁଙ୍କୁ ମଧ୍ୟ ସତର୍କ କରାଇ କହିଛନ୍ତି, ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ରୁ ୪ ବର୍ଷ ରହିବା କଥା। କିନ୍ତୁ ପୂର୍ବ ସରକାରରେ ଦେଖାଯାଇଛି ଜଣେ ଜଣେ ଗୋଟିଏ ଗୋଟିଏ ବିଭାଗରେ ୧୫-୨୦ ବର୍ଷ ଯାଏ ରହିଛନ୍ତି। ହେଲେ ସେକାଳ ପଖାଳ ଆଉ ନାହିଁ କହି ଶାସନରେ ସ୍ୱଚ୍ଛତା ପାଇଁ ନିୟମ ଆଧାରରେ ବଦଳିକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଜନଜାତିମାନଙ୍କ ଜୀବନ ଜୀବିକା ଜଙ୍ଗଲ, ପାହାଡ଼ ଉପରେ ନିର୍ଭର କରିଥାଏ। ଅନେକ ସମୟରେ ଜଙ୍ଗଲ ବିଭାଗ କ୍ଷେତ୍ର କର୍ମଚାରୀମାନେ ନିରୀହ ଜନଜାତିମାନଙ୍କୁ ଅଯଥାରେ ହଇରାଣ ହରକତ କରିଥାନ୍ତି। ଯେଉଁ ଅଧିକାରୀମାନେ ନିଜ କ୍ଷମତାର ଅପବ୍ୟବହାର କରି ନିରୀହ ଲୋକଙ୍କୁ ଅଯଥାରେ ହଇରାଣ ହରକତ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ସାଧାରଣ ଜନତା ଜିଲା ସ୍ତରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପାଇବା ଆବଶ୍ୟକ। ଲୋକଙ୍କ ପାଖରେ ଆମ୍ବୁଲାନ୍ସ ଯେପରି ଠିକ୍ ସମୟରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତିଶ୍ରୁତି ମୁତାବକ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ସରକାର ଦେବେ। କେନ୍ଦ୍ର ସରକାରଙ୍କ ଏମ୍‌ଏସ୍‌ପି ଦରଠାରୁ ଏହା ପ୍ରାୟ ୮୦୦ ଟଙ୍କା ଅଧିକ ହୋଇଥିବାରୁ ଅଧିକ ଚାଷୀ ଧାନ ବିକ୍ରି କରିପାରନ୍ତି। ପଡ଼ୋଶୀ ରାଜ୍ୟରୁ ବି ଧାନ ଚୋରାଚାଲାଣ ହୋଇପାରେ। ଏହା ଉପରେ ନଜର ରଖିବାକୁ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ବରଗଡ଼ର ସୋହେଲାରୁ ନୂଆ ଏମ୍‌ଏସ୍‌ପିରେ ଧାନ ସଂଗ୍ରହ ଯୋଜନାର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ମିଳନୀରେ ଯୋଗଦେଇ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି, ତୁରନ୍ତ ନିଷ୍ପତ୍ତି ନେଇ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିପାରିଲେ ଉତ୍ତମ ପ୍ରଶାସନ ଉପଲବ୍ଧ ହୋଇପାରିବ। ଏ ଦିଗରେ ଜିଲାପାଳମାନଙ୍କ ସହଯୋଗ ଜରୁରୀ ବୋଲି ସେ କହିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ସୁଭଦ୍ରା ଯୋଜନାର ଶୁଭାରମ୍ଭ କ୍ଷେତ୍ରରେ ଜିଲାପାଳମାନଙ୍କ ସହଯୋଗର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ବିଭିନ୍ନ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି।

# ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣକୁ ଦିଆଯାଉଛି ପ୍ରାଥମିକତା: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୨୭।୯(ଅନିଲ ଦାସ)

ରାଜ୍ୟର ବିକାଶ ତଥା ଯୋଜନାର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ଏ କ୍ଷେତ୍ରରେ ଆନ୍ତଃ-ବିଭାଗୀୟ କମିଟିର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ରାଜସ୍ୱ ବିଭାଗ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣକୁ ପ୍ରାଥମିକତା ଦେଇ ସହଯୋଗ କରୁଛି। ତେବେ ପ୍ରକଳ୍ପ ପାଇଁ ଯେତିକି ଜମି ଯୋଗାଇ ଦିଆଯାଉଛି, ତା'ର ଉପଯୋଗ ଠିକ୍ ଢଙ୍ଗରେ ହେବା ଉଚିତ। ଜିଲାପାଳ ସମ୍ମିଳନୀ ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି। ଶିଳ୍ପ ପ୍ରତିଷ୍ଠା ଦ୍ୱାରା ପରିବେଶ ପ୍ରଦୂଷଣଜନିତ ସମସ୍ୟାକୁ ଶିଳ୍ପ ସଂସ୍ଥାମାନେ ଧ୍ୟାନଦେବା ସହ ସରକାରୀ ନିୟମାନୁସାରେ ସମସ୍ତ ବର୍ଜ୍ୟବସ୍ତୁକୁ ଠିକ୍ ଭାବେ ପରିଚାଳନା କରିବା ଏବଂ ଏଥିପ୍ରତି ସେମାନେ ସଚେତନ ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କୌଣସି ପ୍ରତିବନ୍ଧକ ରହିବା ଉଚିତ ନୁହେଁ। ଜମି ଯୋଗାଇ ଦେବା କାର୍ଯ୍ୟ ୧ ମାସ ମଧ୍ୟରେ ଶେଷ କରିବାକୁ ସମସ୍ତ ତହସିଲଦାରଙ୍କୁ ଖୁବ୍‌ଶୀଘ୍ର ନିର୍ଦ୍ଦେଶନାମା ଜାରି ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଜିଲାପାଳମାନେ ଜନସାଧାରଣଙ୍କ ସମସ୍ୟା ପ୍ରତିସମ୍ବେଦନଶୀଳ ହେବା ସହ ଏକ ଦୁର୍ନୀତିମୁକ୍ତ ପ୍ରଶାସନର ଭାଗୀଦାରି ହେବାରେ ସହାୟକ ହେବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଜିଲାପାଳମାନେ କେନ୍ଦ୍ର ଓ ରାଜ୍ୟ ଯୋଜନାଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଦାୟିତ୍ୱ ତୁଲାଇବା ଉଚିତ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ ନିମନ୍ତେ ସଙ୍କଳ୍ପବଦ୍ଧ ହୋଇ ଆମକୁ ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅଧିବେଶନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ରାଜ୍ୟରେ ଶିଳ୍ପାୟନ ଅନୁକୂଳ ପରିବେଶକୁ ସୁଗମ କରିବା ଉପରେ ଆଲୋଚନା କରିଥିଲେ।




# ଆଉ ୪ ପୋଲିସ ଅଧିକାରୀଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ କୋର୍ଟଙ୍କ ଅନୁମତି

ଭୁବନେଶ୍ୱର,୨୭।୯ (ସତ୍ୟଜିତ୍ ରାଉତ)

### ଭରତପୁର ଥାନା ଘଟଣା

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଥାନାରେ ସିସିଟିଭି ନ ଥିବାରୁ ତଦନ୍ତରେ ବାଧା ଉପୁଜୁଛି। ଏପରିସ୍ଥିତିରେ ପଲିଗ୍ରାଫ ଟେଷ୍ଟ, ନାର୍କୋ-ଆନାଲିସିସ୍ ଓ ବ୍ରେନ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟକୁ ଭରସା କରିଛି କ୍ରାଇମବ୍ରାଞ୍ଚ। ଏହି ମାମଲାରେ ଏବେ ଆଉ ୪ଜଣ ପୋଲିସ ଅଧିକାରୀଙ୍କ ମିଛଧରା ପରୀକ୍ଷା ହେବ। ସେମାନେ ହେଲେ ନିଲମ୍ବିତ ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସାଗରିକା ରଥ, ଏଏସ୍‌ଆଇ ସଲୀଳମୈତ୍ରୀ ସାହୁ ଏବଂ ଘଟଣା ଦିନ ଥାନାରେ କାର୍ଯ୍ୟରତ ଜଣେ ଏସ୍‌ଆଇ। ୪ ପୋଲିସ ଅଧିକାରୀଙ୍କ ପଲିଗ୍ରାଫ୍ ଟେଷ୍ଟ କରାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ ହୋଇଥିଲା। ତେବେ ଶୁକ୍ରବାର ପୋଲିସ ଅଧିକାରୀମାନେ କୋର୍ଟରେ ହାଜର ହୋଇ ଏନେଇ ସହମତି ପ୍ରକାଶ କରିଥିଲେ। ଏପରିକି ଏହି ଟେଷ୍ଟ କରିବାକୁ ସେମାନଙ୍କ କୌଣସି ସମସ୍ୟା ନାହିଁ ଏବଂ ଏଥିରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ଅଧିକାରୀମାନେ କହିଥିଲେ। ଫଳରେ କୋର୍ଟ ଏହାକୁ ଗ୍ରହଣ କରି ଏହି ମିଛଧରା ଟେଷ୍ଟ କରାଇବାକୁ ଅନୁମତି ଦେଇଛନ୍ତି। ଅପରପକ୍ଷରେ ଦୁଇଦିନ ତଳେ ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ପଲିଗ୍ରାଫ ଟେଷ୍ଟ, ନାର୍କୋ-ଆନାଲିସିସ୍ ଓ ବ୍ରେନ ଫିଙ୍ଗର ପ୍ରିଣ୍ଟିଙ୍ଗ୍ ଟେଷ୍ଟ ପାଇଁ କୋର୍ଟ କ୍ରାଇମବ୍ରାଞ୍ଚକୁ ଅନୁମତି ଦେଇଥିଲେ। ଏସବୁ ଟେଷ୍ଟ କରାଇବାକୁ କ୍ରାଇମବ୍ରାଞ୍ଚ ସମସ୍ତ ୫ ପୋଲିସ ଅଧିକାରୀଙ୍କୁ ଖୁବ୍‌ଶୀଘ୍ର ଗୁଜରାଟ ଗାନ୍ଧୀନଗରସ୍ଥିତ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ନେବ। ତେବେ ଘଟଣା ଘଟିଥିବା ରାତିରେ ପ୍ରକୃତରେ କ'ଣ ସବୁ ହୋଇଥିଲା। କାହା ବୟାନରେ ସତ ରହିଛି। ଏସବୁ ଜାଣିବାକୁ କ୍ରାଇମବ୍ରାଞ୍ଚ ପାଖରେ ଶେଷ ବିକଳ୍ପ ହେଲା ସାଇଣ୍ଟିଫିକ୍ ଟେଷ୍ଟ। ଏସବୁ ଟେଷ୍ଟର ରିପୋର୍ଟ ଆସିବା ପରେ ପ୍ରକୃତ ସତ ପଦାକୁ ଆସିବ ବୋଲି ତଦନ୍ତକାରୀ ଟିମ୍ ଆଶା ରଖିଛି।

# ହାଇକୋର୍ଟଙ୍କ ଆଦେଶ ଅବମାନନା ନେଇ ପିଟିଶନ

କଟକ,୨୭।୯ (କାର୍ତ୍ତିକ ସାହୁ)

ଭରତପୁର ପୋଲିସ ଓ ଆର୍ମି ଅଧିକାରୀ ବିବାଦ ଘଟଣା ଶୁକ୍ରବାର ଭିନ୍ନ ମୋଡ଼ ନେଇଛି। ଆର୍ମି ଅଧିକାରୀଙ୍କ ବାନ୍ଧବୀ ଜାତୀୟ ଗଣମାଧ୍ୟମରେ ବୟାନ ଦେଇ ହାଇକୋର୍ଟଙ୍କ ଆଦେଶ ଅବମାନନା କରିଥିବା ନେଇ ଏକ ପିଟିଶନ ଦାଏର ହୋଇଛି। ଭରତପୁର ଥାନାର ଜଣେ ନିଲମ୍ବିତ ପୋଲିସ ଏସ୍‌ଆଇଙ୍କ ମା' ଏହି ପିଟିଶନ ଦାଏର କରିଛନ୍ତି। ଆସନ୍ତା ୩ ତାରିଖରେ ମାମଲାର ଶୁଣାଣି ହେବ ବୋଲି ଜଣାଯାଇଛି।

ସୂଚନାନୁସାରେ, ଭରତପୁର ଥାନା ବିବାଦ ମାମଲାରେ ଆର୍ମି ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ନାମ ପ୍ରଘଟ ନ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ମାତ୍ର ପିଡ଼ିତା ବାନ୍ଧବୀ ଜଣକ ଏକ ଜାତୀୟ

### ଗଣମାଧ୍ୟମରେ ଆର୍ମି ଅଧିକାରୀ ବାନ୍ଧବୀଙ୍କ ବୟାନ

ଗଣମାଧ୍ୟମରେ ଘଟଣା ସମ୍ପର୍କରେ ବୟାନ ଦେଇଥିଲେ। ପୋଲିସ ଏସ୍‌ଆଇ ଦ୍ୱାରା ନିର୍ଯାତନାର ଶିକାର ହେବା ପରେ ନିଜକୁ ରକ୍ଷା କରିବାକୁ ଯାଇ ବାନ୍ଧବୀ ତାଙ୍କ ହାତ କାମୁଡ଼ି ଦେଇଥିଲେ। ଏସ୍‌ଆଇ ଜଣକ ତାଙ୍କୁ ବର୍ବରୋଚିତ ଭାବେ ଆକ୍ରମଣ କରିଥିବା ସମ୍ପର୍କରେ ସେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହି ବୟାନ ଦ୍ୱାରା ସମ୍ପୃକ୍ତ ଏସ୍‌ଆଇ ମାନସିକ ଭାବେ ଆଘାତ ପାଇଥିବା ଓ ତାଙ୍କ ସମ୍ମାନ ହାନି ହୋଇଥିବା ଦର୍ଶାଇ ତାଙ୍କ ମା' ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି।

# ଓଡ଼ିଶାରେ ପ୍ରତିଷ୍ଠା ହେବ ନ୍ୟାଶନାଲ ଫୋରେନ୍ସିକ ସାଇନ୍ସ ୟୁନିଭର୍ସିଟି କ୍ୟାମ୍ପସ୍

ଭୁବନେଶ୍ୱର,୨୭।୯(ଅନିଲ ଦାସ)

ଓଡ଼ିଶାରେ 'ନ୍ୟାଶନାଲ ଫୋରେନ୍ସିକ ସାଇନ୍ସ ୟୁନିଭର୍ସିଟି'ର ଏକ କ୍ୟାମ୍ପସ୍ ପ୍ରତିଷ୍ଠା କରାଯିବ। ଏହି କ୍ୟାମ୍ପସ୍ ଓଡ଼ିଶାର ପିଲାମାନଙ୍କୁ ସାଇବର ସୁରକ୍ଷା ଉପରେ ଶିକ୍ଷା ପ୍ରଦାନ କରିବ। ଏହି ଜାତୀୟ ବିଶ୍ୱବିଦ୍ୟାଳୟର ଏକ ପ୍ରତିନିଧି ଦଳ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରି ଏହା ଉପରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବଢୁଥିବା ସାଇବର ଅପରାଧ ପରିପ୍ରେକ୍ଷୀରେ ରାଜ୍ୟରେ ଏହିପରି ଏକ ଅନୁଷ୍ଠାନର ଆବଶ୍ୟକତା ରହିଛି। ଏହି କ୍ୟାମ୍ପସ୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ। ଅପରାଧର ତଦନ୍ତ ଓ ଅପରାଧ ରୋକିବା ଦିଗରେ ଦକ୍ଷ ବିଶେଷଜ୍ଞ ସୃଷ୍ଟି କରିବାରେ ମଧ୍ୟ ଏହା ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ରାଜ୍ୟର ପୋଲିସ ଅଧିକାରୀମାନେ ସାଇବର ସିକ୍ୟୁରିଟି ଉପରେ ପ୍ରଶିକ୍ଷଣ ପାଇବାରେ ସୁବିଧା ହେବା ସହିତ ରାଜ୍ୟରେ ସାଇଣ୍ଟିଫିକ୍ ଅଫିସରମାନଙ୍କ ଆବଶ୍ୟକତା ପୂରଣ ହେବାରେ ସହାୟକ ହେବ। ଏହାକୁ ଏକ 'ସେଣ୍ଟର ଅଫ ଏକ୍ସିଲେନ୍ସ' ଭାବରେ ବିକଶିତ କରାଯିବ ବୋଲି ସେ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ନ୍ୟାଶନାଲ ଫୋରେନ୍ସିକ ସାଇନ୍ସ ୟୁନିଭର୍ସିଟି ଦିଲ୍ଲୀର ନିର୍ଦ୍ଦେଶିକା ପୂରବୀ ପୋଖରିଆଲ, ଏନ୍.ଏଫ.ଏସ୍.ୟୁ. ତ୍ରିପୁରାର ନିର୍ଦ୍ଦେଶକ ଏଚ୍.କେ. ପ୍ରତିହାରୀ ଏବଂ ଅନ୍ୟ ବିଶେଷଜ୍ଞମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ, ୱାଇ.ବି. ଖୁରାନିଆ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳାସଙ୍ଗିନୀ ଶ୍ରୀଶ୍ରୀ ଲକ୍ଷ୍ମୀମା'ଙ୍କ ୧୩୧ତମ ଜନ୍ମ ମହୋତ୍ସବ, ସ୍ଥାନ: କାର୍‌ଗିଲ୍ ପଡ଼ିଆ, ପୋଖରୀପୁଟ, ସମୟ: ଭୋର ୪ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କବିବର ରାଧାନାଥ ରାୟଙ୍କ ୧୭୬ତମ ଜୟନ୍ତୀ, ସ୍ଥାନ: ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଶହୀଦ ଭଗତ ସିଂ ବିଚାର ମଞ୍ଚର ଆଲୋଚନାଚକ୍ର, ସ୍ଥାନ: ନାଗଭୂଷଣ ଭବନ, ଏ/୧୩, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଳାଶ୍ରୀ ପୂଜା ପତ୍ରିକା ୨୦୨୪ ଲୋକାର୍ପଣ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କଳା ସୌରଭର ରାଗରଙ୍ଗ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶରତ ସମ୍ଭାର, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ୟଙ୍ଗ ମେନ୍‌ସ ଖ୍ରୀଷ୍ଟିୟାନ ଆସୋସିଏଶନ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆସୋସିଏଶନ୍ ପରିସର, ମିଶନ ରୋଡ୍, ସମୟ: ସକାଳ ୮ଟା।
- ଭାଜପା କଟକ ନଗର ପକ୍ଷରୁ ସଦସ୍ୟତା ଗ୍ରହଣ ଅଭିଯାନ, ସ୍ଥାନ: ଚଉରାଣୀ ମଣ୍ଡଳ କମ୍ୟୁନିଟି ହଲ, ଫ୍ରେଣ୍ଡ୍ସ କଲୋନୀ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ରୋଟାରୀ ଜିଲା ୩୨୬୨ ଆନୁକୂଲ୍ୟରେ ରୋଟାରୀ ସାରସ୍ୱତ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ଗଣନାଟ୍ୟ ସଂଘ ପକ୍ଷରୁ ଶହୀଦ ଭଗତ୍ ସିଂଙ୍କ ୧୧୭ତମ ଜୟନ୍ତୀ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ୟୁଥ ଜର୍ନାଲିଷ୍ଟ ଆସୋସିଏଶନର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ମାରିଟାଇମ ମ୍ୟୁଜିୟମ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବର୍ଷା ଡ୍ୟାନ୍ସ ଓ ମ୍ୟୁଜିକ ଉତ୍ସବ, ସ୍ଥାନ: ପୁରୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ମଧ୍ୟାହ୍ନ ୧୨ଟା।
- ପୁରୀ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା, ସ୍ଥାନ: ବ୍ୟାଙ୍କ ପରିସର, ଟାଉନ ହଲ ଛକ, ସମୟ: ଅପରାହ୍ନ ୪ଟା।
- ଟଗ୍ ଅଫ୍ ୱାର୍‌ର ଶୁଭ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଶରଧାବାଲି, ସମୟ: ଅପରାହ୍ନ ୫ଟା।
- ହରିହର ମିଶ୍ରଙ୍କ ସ୍ମୃତି ସଭା, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଣିଓରା, ଜଟଣୀ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ବିଶ୍ୱ ସାମୁଦ୍ରିକ ଦିବସ ଉତ୍ସବ, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଶହୀଦ ଦିବାକର ପାଣିଗ୍ରାହୀଙ୍କ ତିଳତର୍ପଣ ଓ ସ୍ମୃତିଚାରଣ ସଭା, ସ୍ଥାନ: ଶହୀଦଙ୍କ ଜନ୍ମପୀଠ, କେଶଗଡ଼ିଆ, ସୋର, ସମୟ: ସକାଳ ୭ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସିମୁଳିଆ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ଦିବସ ପାଳନ, ସ୍ଥାନ: ରକ୍ତତୀର୍ଥ ଡୁଡ଼ିଗଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଏଫ୍‌ଏମ୍‌ୟୁ ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ୮୨ତମ ଶହୀଦ ସ୍ମୃତି ଦିବସ, ସ୍ଥାନ: ଇରମ ଶହୀଦ ପୀଠ, ବାସୁଦେବପୁର, ସମୟ: ସକାଳ ୬ଟା।
- ଶହୀଦ ଭଗତ ସେନା ପକ୍ଷରୁ ଫଳ ବଣ୍ଟନ ଓ ରକ୍ତଦାନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ସକାଳ ୭ଟା।
- ଖଡ଼ିପଦା ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪, ସ୍ଥାନ: ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁରଭି-୨୦୨୪, ସ୍ଥାନ: ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସୁରଭି ମହୋତ୍ସବ, ସ୍ଥାନ: ତେନ୍ତୁଳିଡିହ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଶହୀଦ ସ୍ମୃତି ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଇରମ ଶହୀଦ ପୀଠ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଶହୀଦ ଭଗତ ସିଂଙ୍କ ୧୧୭ତମ ଜନ୍ମ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।
- ରାଜେନତା ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଏକାଦଶୀ ପୂଜା, ହୋମ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ପଞ୍ଚାୟତ ପକ୍ଷରୁ ଚାରାରୋପଣ, ସ୍ଥାନ: କାଠକଟା, ଆନନ୍ଦପୁର: ସମୟ: ପୂର୍ବାହ୍ନ ୧୧ଟା।
- ଜଳେଶର ପାଲା କମିଟି ପକ୍ଷରୁ ବୈଠକ, ସ୍ଥାନ: ପାଲାମଣ୍ଡପ, ଜଳସୁଆଁ, ଆନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ ଟା।
- ମା' ଗଜଲକ୍ଷ୍ମୀ ପୂଜା ନିମନ୍ତେ ବୈଠକ, ସ୍ଥାନ: ନାଉକଣା, ମଛାଳ, ଘସିପୁରା ସମୟ: ଅପରାହ୍ନ ୪ ଟା।
- ରୁଦ୍ରନାରାୟଣପୁର ୟୁଥ୍ କ୍ଲବ୍ ପକ୍ଷରୁ ଚାରାରୋପଣ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: କ୍ଲବ୍ ପରିସର ମଛାଳ, ଘସିପୁରା, ସମୟ: ଅପରାହ୍ନ ୫ ଟା।
- ଶନିଙ୍କ ମନ୍ଦିରରେ ଶନି ମେଳା, ପୂଜା, ହୋମ, ଭଜନ କୀର୍ତ୍ତନ, ସ୍ଥାନ: ସମୋଚରାଗଡିଆ, ଛେନାପଦି, ସମୟ: ଅପରାହ୍ନ ୫ ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ଆଇଡଲ୍ ସିଜିନ-୨ର ଅଡିଶନ, ସ୍ଥାନ: ତୁଳସୀଚୌରା, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଆହ୍ୱାନ ପକ୍ଷରୁ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍- ୨୦୨୪, ସ୍ଥାନ: ବାରିପଦା କଲେଜ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସର ପ୍ରଥମ ମ୍ୟାଚ ବାଲେଶ୍ୱର ବନାମ ଯାଜପୁର ଏବଂ ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ବନାମ ଦେବଗଡ଼, ସ୍ଥାନ: ମୟୂରଭଞ୍ଜ ଆଥଲେଟିକ୍ ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା

## ଗଞ୍ଜାମ

- ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସଭା, ସ୍ଥାନ:ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଶିବାନନ୍ଦ ଆଶ୍ରମରେ ଅନ୍ନପୂର୍ଣ୍ଣା ଭବନ ଉଦଘାଟନ, ସ୍ଥାନ: ବୁଗୁଡା ଶିବାନନ୍ଦ ଆଶ୍ରମ ପରିସର, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ସାଇ ସତ୍ୟ ନାରାୟଣ ପୂଜା, ସ୍ଥାନ: ଢେଙ୍କାନାଳ ଶ୍ରୀରାମ ମଣ୍ଡପ, ସମୟ: ସକାଳ ସାଢେ ୮ଟା।

## ଜଗତ୍‌ସିଂହପୁର

- ନୂଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୂଆଗଡ, ପାରାଦୀପ ସମୟ:ସକାଳ ୧୦ଟା।
- ସାହାଣୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳିଜଙ୍ଗା, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଅବିଷ୍କାର ଅଭିଯାନ କାର୍ଯ୍ୟକ୍ରମ,ସ୍ଥାନ: କୁଳସାହି ଉନ୍ନତ ଉଚ୍ଚ ବିଦ୍ୟାଳୟ ପରିସର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ- ଧର୍ମଶାଳା ବ୍ଲକର ଜାରକା ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା।

## ନୟାଗଡ଼

- ଷୋଡଶ ଦିବସୀୟ ପୂଜାର ୫ମ ଦିବସ, ସ୍ଥାନ: କନକଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଷୋଡଶ ଦିବସୀୟ ପୂଜାର ୫ମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତିଙ୍କ ବୈଠକ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦ ।

## ନବରଙ୍ଗପୁର

- ଜିଲାସ୍ତରୀୟ ଏନ୍‌ଏସ୍‌ଏସ୍ କ୍ୟାମ୍ପ, ସ୍ଥାନ: ନବରଙ୍ଗପୁର ମଡେଲ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କୋରାପୁଟ ମଣ୍ଡଳକାରାଗାର ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ, ସ୍ଥାନ: କୋରାପୁଟ ମଣ୍ଡଳ କାରାଗାର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବ୍ଲକ୍‌ସ୍ତରୀୟ ପୂର୍ବ ଭାରତ ବିଜ୍ଞାନ ସେମିନାର ପ୍ରତିଯୋଗିତା, ସ୍ଥାନ: ଖଇରପୁଟ ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ରଣେଶ୍ୱର ରାମଚଣ୍ଡୀ ପୀଠରେ ଷୋଡଶ ପୂଜା, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଆୟୋଜିତ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଝସକେତନ ସାହୁ ସୁଇମିଂ ପୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ ନୂତନ ଷ୍ଟୋର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୁଢ଼ାରଜା ସହଯୋଗନଗର ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସର୍ବଭରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ପ୍ରୟାସ ପରିବାର ଆୟୋଜନରେ ନୂଆଁଖାଇ ଭେଟଘାଟ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ପାଟଣାଗଡ ସିଟିଜେନ ଫୋରମ୍‌ର ଆହ୍ୱାନକ୍ରମେ ହରିଶଙ୍କରରୋଡ ରେଳ ଷ୍ଟେଶନରେ ୧୨ ଘଣ୍ଟିଆ ରେଳରୋକୋ ଆନ୍ଦୋଳନ, ସ୍ଥାନ: ହରିଶଙ୍କରରୋଡ ରେଳ ଷ୍ଟେଶନ, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୬ ଟାରୁ ସନ୍ଧ୍ୟା ୬ ଟା।
- ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ବୈଠକ, ସ୍ଥାନ: ଚିକିତ୍ସାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଜିଲା ସ୍କୁଲ କ୍ରୀଡ଼ା ସଂଘ ପକ୍ଷରୁ ଜିଲାସ୍ତରୀୟ ବ୍ୟାଡମିଣ୍ଟନ, ଯୋଗ, ସୁଇମିଂ, ବକ୍ସିଂ ଓ ଫେନସିଂ ଚୟନ ଶିବିର, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ତରଭା ନୂଆପଡ଼ା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୂରାଣ ଗାୟନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତି, ସ୍ଥାନ: ବୀରମହାରାଜପୁର ତ୍ରିବେଣୀ ଛକ ଦୁର୍ଗା ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଭିତ୍ତିଭୂମି ସଂସ୍ଥା ତରଫରୁ ପୁଷ୍ଟିକର ଫସଲର ବଜାର ବ୍ୟବସ୍ଥା ସହ ଉତ୍ପାଦକ ଓ ଗ୍ରାହକଙ୍କ ଭେଟଘାଟ କାର୍ଯ୍ୟକ୍ରମ,ସ୍ଥାନ: ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ,ସମୟ:ସକାଳ ୧୦ଟା।

## ରାଉରକେଲା

- ଫେରୋସ୍କ୍ରାପ୍ ନିଗମରେ ଅନିର୍ଦ୍ଦିଷ୍ଟକାଳ ଧର୍ମଘଟ, ସ୍ଥାନ: ରାଉରକେଲା ୟୁନିଟ୍, ସମୟ: ସକାଳ ୮ଟା।
- ନୀଳମଣି ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: କୋଏଲନଗର ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ସାହିତ୍ୟ ଆସର ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ସ୍ଥାନ: ଜାମୁନାଲି ହାଇସ୍କୁଲ, ସମୟ: ସକାଳ ୯ଟା।
- ସାର୍ବଜନୀନ ଦୁର୍ଗାପୂଜା ବୈଠକ, ସ୍ଥାନ: ଗୋପଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ପୂର୍ବତନ ପୌରପାଳିକା ଅଧ୍ୟକ୍ଷଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପାଠ, ସ୍ଥାନ: ବୋଡ଼େନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।
- ଏକାଦଶୀ ଅବସରରେ ଭାଗବତ ପାରାୟଣ, ସ୍ଥାନ: ବୋଡ଼େନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ପ୍ରାକୃତିକ ଚିକିତ୍ସା, ସ୍ଥାନ: ମା' ମାହେଶ୍ୱରୀ ସଂସ୍କୃତି ଭବନ ରାଜବାଟୀ, ବୌଦ୍ଧ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଚାରବୁଦ୍ଧି, ଦୂରଦର୍ଶିତା ଏବଂ ନ୍ୟାୟୋଚିତ ଦିଗ୍‌ଦର୍ଶନ କର୍ମକ୍ଷେତ୍ରକୁ ରଶ୍ମିମନ୍ତ କରିବ। ରବିଙ୍କ ଦୁର୍ବଳତା କାରଣରୁ କୃତ୍ତିକା ନକ୍ଷତ୍ରର ମାନସିକ ସ୍ତରରେ ଏକାଧିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଶୁକ୍ରଙ୍କ କେନ୍ଦ୍ରାବସ୍ଥାନ ହେତୁ ଉତ୍ତମ ସ୍ୱାସ୍ଥ୍ୟ, ଅର୍ଥନୈତିକ ଅଭିବୃଦ୍ଧି ହେବ। ପାରିବାରିକ ଜୀବନରେ କିଛି ତ୍ରୁଟିବିଚ୍ୟୁତି ଘଟିପାରେ।

**ବୃଷ** ଯୋଗକାରକ ଗ୍ରହ ଶୁକ୍ର ଷଷ୍ଠସ୍ଥ ଅବସ୍ଥାନ କରି ସୌଭାଗ୍ୟ ପ୍ରାପ୍ତ କରାଇବେ। ବନ୍ଧୁଙ୍କୁ ନିଜ ସପକ୍ଷରେ ନେଇ ସମସ୍ୟାକୁ ସୁଧାରି ନେବାରୁ ମନ ହାଲୁକା ରହିବ। ଅଶ୍ଳେଷା ନକ୍ଷତ୍ରସ୍ଥ ଚନ୍ଦ୍ରଜନିତ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ କ୍ଷେତ୍ରରେ ସମସ୍ୟା କମି କମି ଆସିପାରେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ରାଶିରେ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ଗ୍ରହଣ କରିପାରନ୍ତି। କାର୍ଯ୍ୟଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ପ୍ରତିଷ୍ଠିତ ଓ ପ୍ରଶଂସିତ ହେବେ। ଫାଇଲ୍ କାମ ଅଟକି ରହିଥିବାରୁ ଅନୁତାପ କରିପାରନ୍ତି। ପ୍ରାତଃ ଭ୍ରମଣ ସାଙ୍ଗକୁ ସଙ୍ଗଠନ କାମ, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**କର୍କଟ** ବୁଧ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ କର୍ମଜଞ୍ଜାଳର ମାନସିକ ଚାପ ଜନିତ ସାମୟିକ ବିଚଳିତ ରହିବେ। ଅର୍ଥ, ସମ୍ମାନ, ସଦିଚ୍ଛା, ବନ୍ଧୁମିଳନ, ପର୍ଯ୍ୟଟନ, ପରିଭ୍ରମଣର ସୁଯୋଗ ପାଇପାରନ୍ତି। ଭାଗ୍ୟସ୍ଥାନସ୍ଥ ରାହୁ ପରିବାର ଭିତରେ ବିନା କାରଣରେ ମନାନ୍ତର ସୃଷ୍ଟି କରିପାରନ୍ତି। ମଙ୍ଗଳଙ୍କ ଦୁର୍ବଳତାଜନିତ କାର୍ଯ୍ୟହାନିରୁ ସାମୟିକ ଧୈର୍ଯ୍ୟଚ୍ୟୁତି ଘଟିପାରେ।

**ସିଂହ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ମୁଖଭାଗସ୍ଥ ରବି ଓ ବୁଧଙ୍କ ପ୍ରଭାବରୁ ଅପ୍ରିୟ ସତ୍ୟ ସୁସମ୍ପର୍କକୁ ନଷ୍ଟ କରିବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହଯୋଗ ଲୋଡ଼ିପାରନ୍ତି। ସଂକଟଜନକ ସ୍ଥିତିର ଫାଇଦା ନେବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କନ୍ୟା** ରାଶ୍ୟାଧିପ ବୁଧଙ୍କ ସ୍ୱଗୃହମଣ୍ଡନ ଉତ୍ତମ ସ୍ୱାସ୍ଥ୍ୟ, ବନ୍ଧୁବତ୍ସଳତା ଏବଂ କର୍ମକ୍ଷେତ୍ରରେ ଲୋକପ୍ରିୟତା ସୃଷ୍ଟି କରିବ। ତୃତୀୟାଧିପ କ୍ରୂରଗ୍ରହ ମଙ୍ଗଳଙ୍କ କୁପ୍ରଭାବରୁ ଆତ୍ମୀୟଙ୍କ ବିରୋଧରୁ ଦୂରେଇ ପାରିବେ ନାହିଁ। ସମସ୍ୟା ବଢୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିର ଆଶଙ୍କା ରହିଛି।

**ତୁଳା** ଦିନଟି ତିକ୍ତ ମଧୁର ଅନୁଭୂତିକୁ ନେଇ ବିତିବ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରଶାସନ, ପ୍ରକାଶନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ବୃହସ୍ପତି ସ୍ୱଭାବରୁ ଷଷ୍ଠସ୍ଥ ଯୋଗୁ ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା** ଗୁରୁଙ୍କ ଶୁଭଦୃଷ୍ଟି ପାରିବାରିକ ଜୀବନରେ ସହାନୁଭୂତି ଲାଭ ସହ ସମ୍ପର୍କୀୟଙ୍କ ପରିବର୍ତ୍ତିତ ମନୋଭାବରୁ ଖୁସି ରହିବେ। ପ୍ରବାସୀ ସନ୍ତାନଙ୍କ ପାଇଁ ମନରେ ଭାବନାର ଜୁଆର ଉଙ୍କି ମାରିପାରେ। ପ୍ରତ୍ୟେକ କ୍ଷେତ୍ରରେ ହତୋତ୍ସାହିତ ନ ହୋଇ କାମ କରିଚାଲିଲେ ସଫଳତା ଅବଶ୍ୟ ପାଇବେ। ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଅଷ୍ଟମାଧିପତି ଚନ୍ଦ୍ର ଭାଗ୍ୟସ୍ଥାନରେ ରହି ଆପଣଙ୍କ ପ୍ରତ୍ୟେକ ଉଦ୍ୟମକୁ ସମସ୍ୟାବହୁଳ କରିପାରନ୍ତି। ଅନ୍ୟ ଗ୍ରହଙ୍କ ଶୁଭତ୍ୱରୁ ରାଜନୀତି, ସଭାସମିତି, ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟ, ସାହିତ୍ୟ, ଗବେଷଣାରୁ ପ୍ରଶଂସିତ ହେବେ। ଚତୁର୍ଥାଧିପ ଷଷ୍ଠସ୍ଥ ରୋଗପୀଡ଼ା, ଋଣ ଚିନ୍ତା ଓ କାର୍ଯ୍ୟହାନି ଜନିତ ଶୋକାକୁଳ ହୋଇପାରନ୍ତି।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନିଅନ୍ତୁ। ସବୁ ସମୟରେ ପାଖରେ ରହୁଥିବା କର୍ମଚାରୀଟିର କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ସପ୍ତମାଧିପତିଙ୍କ ପ୍ରଭାବରେ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କର୍ମସ୍ଥ ଶୁକ୍ରଙ୍କ ସୁପ୍ରଭାବ ଯୋଗୁ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବା ସହ ପ୍ରଶଂସିତ ହେବେ।

**କୁମ୍ଭ** ଆଜି ଦିନସାରା ବିଭିନ୍ନ ସମସ୍ୟାମୂଳକ କାମର ସମାଧାନ ଦିଗରେ ବ୍ୟସ୍ତ ରହିବେ। ସମ୍ପର୍କୀୟଙ୍କ ସହ ମିଶି କାମ ହାସଲ କରିବାର ଅବକାଶ ପାଇପାରନ୍ତି। ଆନୁଷ୍ଠାନିକ, ସାମାଜିକ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କ୍ରମବର୍ଦ୍ଧମାନ ଆର୍ଥିକ ସ୍ଥିତି ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିବାରେ ସାହାଯ୍ୟ କରିବ।

**ମୀନ** ଭାଗ୍ୟସ୍ଥାନ ଗୁରୁଦୃଷ୍ଟିରୁ ଅପୂର୍ବ ଯୋଗର ସମନ୍ୱୟ ପ୍ରତ୍ୟେକ କାମରେ ସିଦ୍ଧିଲାଭ କରାଇବାରେ ସାହାଯ୍ୟ କରିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ। ବନ୍ଧୁ ଈର୍ଷାନ୍ୱିତ ହୋଇ ନିଜର ସୁବିଧା ହାସଲ କରିବା ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପ୍ରାୟତଃ ମାନ୍ଦା ହେବ ନାହିଁ।

ଆଜି ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ, ଭଗତ ସିଂ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ, ଆଶ୍ୱିନ କୃଷ୍ଣପକ୍ଷର ସର୍ବସମ୍ମତ ଇନ୍ଦିରା ଏକାଦଶୀ, ଶନିବାର, ଦିବା ଘ.୦୨।୫୦ ପରେ ଦ୍ୱାଦଶୀ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ, ସକାଳ ଘ.୦୭।୧୫ ଗତେ ଘ. ୦୮।୩୮ ମଧ୍ୟେ, ଘ.୧୨।୦୦ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୭ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...



ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ସନ୍ଧ୍ୟାରେ ଧାମନଗର ଥାନା ଘେରାଉ କରିଛନ୍ତି।



ଭଦ୍ରକର ପୁରୁଣାବଜାର ଅଞ୍ଚଳରେ ପୋଲିସ ରାତିରେ ଫ୍ଲାଗ୍‌ମାର୍ଚ୍ଚ କରୁଛି।

## ସୋସିଆଲ ମିଡିଆ...

କରିଥିଲେ। ୨ ଦିନ ଭିତରେ ଉକ୍ତ ଯୁବକଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପୋଷ୍ଟ କରିଥିବା ଯୁବକ ଜଣକ ସୋସିଆଲ ମିଡିଆରେ ପୁନର୍ବାର କିଛି ମେସେଜ୍ କରିବା ପରେ ଶୁକ୍ରବାର ଅପରାହ୍ନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ଯୁବକ ଏକଜୁଟ ହୋଇ ଭଦ୍ରକ ସହର ଆଡ଼କୁ ଆସୁଥିବା ପୋଲିସ ଖବର ପାଇଥିଲା। ସନ୍ଥିଆ ପୋଲ ନିକଟରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ପହଞ୍ଚି ସେମାନଙ୍କୁ ଅଟକାଇଥିଲେ। ସେମାନେ ଉକ୍ତ ଯୁବକଙ୍କୁ ଏବେ ତୁରନ୍ତ ଗିରଫ କରାଯାଉ ବୋଲି ଅଡ଼ି ବସିବା ସହ ଟାୟାର ଜାଳି ସନ୍ଥିଆ ପୋଲ ନିକଟରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ସହ ଯୁକ୍ତିତର୍କ ଓ ଠେଲାପେଲା ହେବାରୁ ପୋଲିସ ଲାଠି ଧରି ସେମାନଙ୍କୁ ଘଉଡ଼ାଇଥିଲା। ବିକ୍ଷୋଭକାରୀମାନେ ପୋଲିସ ଉପରକୁ ଇଟାପଥର ମାଡ଼ କରିବାରୁ ଟାଉନ ଥାନା ଏସ୍‌ଆଇ ରୋଜେନ ମୁର୍ମୁଙ୍କ ମୁଣ୍ଡ ଫାଟିବା ସହ ଗୁରୁତର ଆହତ ହୋଇଛନ୍ତି। ଏକାଧିକ ପୋଲିସ କର୍ମଚାରୀଙ୍କ ଉପରେ ଢେଲା ମାଡ଼ ହୋଇଛି। ସିଟି ଡିଏସ୍‌ପି ଦ୍ୱିବେଦୀ ବୁଝାଶୁଝା କରୁଥିବା ବେଳେ ଆକ୍ରମଣରେ ଆହତ ହୋଇଛନ୍ତି। ସେହିପରି ଢେଲା ମାଡ଼ରେ ତହସିଲଦାରଙ୍କ ଗାଡ଼ି କାଚ ଭାଙ୍ଗିଯାଇଛି। ଉପଜିଲାପାଳ ମନୋଜ ପାତ୍ରଙ୍କ ନିର୍ଦ୍ଦେଶନାମା ନଂ. ୧୬୧୬ ଅନୁଯାୟୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉତ୍ତେଜନା ଅଞ୍ଚଳରେ ୧୬୩ ଧାରା ଜାରି କରାଯାଇଛି। ଏହି ସମୟ ମଧ୍ୟରେ କୌଣସି ସଭା ସମିତି ନ କରିବା, ଏକତ୍ରିତ ନ ହେବାକୁ ପୁରୁଣାବଜାର ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରାଯାଇଛି। ଘଟଣାସ୍ଥଳରେ ସିଟି ଡିଏସ୍‌ପି, ତହସିଲଦାର, ଟାଉନ ଥାନାଧିକାରୀ ଓ ପୁରୁଣାବଜାର ଥାନାଧିକାରୀ ନୀରୋଜ ସାମଲ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ସୋସିଆଲ ମିଡିଆରେ ଏଭଳି ପୋଷ୍ଟ କରିଥିବା ଯୁବକଙ୍କୁ ଦୁଇଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ପୂର୍ବରୁ ସେମାନେ ବହୁସଂଖ୍ୟାରେ ଏକତ୍ରିତ ହୋଇ ଆଇନଶୃଙ୍ଖଳା ପରିସ୍ଥିତିକୁ ହାତକୁ ନେଇଥିବାରୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିବା ସିଟି ଡିଏସ୍‌ପି ଦ୍ୱିବେଦୀ କହିଥିଲେ। ରାତିରେ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ପୁରୁଣାବଜାର ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ଦୋକାନ ବଜାର ବନ୍ଦ କରାଯାଇଛି। ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଡିଆଇଜି ସତ୍ୟଜିତ୍ ନାୟକ, ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ପୁରୁଣାବଜାର ଥାନାରେ ପହଞ୍ଚି ଆଲୋଚନା କରିଥିଲେ। ପରେ ଡିଆଇଜି, ଜିଲାପାଳ, ଏସ୍‌ପିଙ୍କ ସହ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସକୁ ଆକ୍ରମଣରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ଅଞ୍ଚଳକୁ ନାକାବନ୍ଦୀ କରାଯାଇଛି। ସୋସିଆଲ ମିଡିଆ ପୋଷ୍ଟ ଘଟଣାର ତଦନ୍ତ ଦାୟିତ୍ୱ ସାଇବର ପୋଲିସକୁ ଦିଆଯାଇଛି ବୋଲି ଡିଆଇଜି ନାୟକ କହିଛନ୍ତି।

## ୨ ଦୋଷୀଙ୍କୁ ଫାଶୀ ...

ଟଙ୍କା ଲୋଭରୁ ୨ ଅଭିଯୁକ୍ତ ଘଟାଇଥିବା ଏହି ହତ୍ୟାକାଣ୍ଡ ସେତେବେଳେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ସାଉଣ୍ଡ ବ୍ୟବସାୟ ବଢ଼ାଇବା ପାଇଁ ବିରଞ୍ଚି ୧ ଲକ୍ଷ ୬୩ ହଜାର ଟଙ୍କା ଋଣ କରିଥିଲେ। ଏହି ଟଙ୍କା ହାତେଇବା ପାଇଁ ଅଭିଯୁକ୍ତ ନନ୍ଦକିଶୋର ଯୋଜନା କରିଥିଲେ। ଗାଡ଼ି କିଣିବା ବାହାନାରେ ସେ ବିରଞ୍ଚିଙ୍କୁ ଟଙ୍କା ମାଗିଥିଲେ। ବିରଞ୍ଚି ଟଙ୍କା ଆଣି ନ ଥିବା କହିଥିଲେ ହେଁ ଅଭିଯୁକ୍ତ ତାଙ୍କ ପିଛା ଛାଡ଼ି ନ ଥିଲେ। ଏପରି କି ଟଙ୍କା ମାଗି ବିଫଳ ହେବା ପରେ ନନ୍ଦକିଶୋର ଯାତ୍ରା ଦେଖିଯିବାକୁ ବିରଞ୍ଚିଙ୍କୁ ପ୍ରସ୍ତାବ ଦେଇଥିଲେ। ପରେ ଅନ୍ୟତମ ଅଭିଯୁକ୍ତ ପ୍ରକାଶଙ୍କ ସହ ନନ୍ଦକିଶୋର ବାଇକ୍‌ରେ ଆସି ବିରଞ୍ଚିଙ୍କୁ ଘରୁ ଡାକି ନେଇଥିଲେ। ତିନିଜଣ ମିଶି ଠାକୁରଗଡ଼ ଥାନା ପୋକଣ୍ଡା ନନ୍ଦଇତଳା ପୋଲ ଉପରେ ମଦ ପିଇଥିଲେ। ସେଠାରେ ମଧ୍ୟ ଦୁହେଁ ବିରଞ୍ଚିଙ୍କୁ ଟଙ୍କା ମାଗିଥିଲେ। ବିରଞ୍ଚି ସିଧାସଳଖ ମନା କରିବାରୁ ଅଭିଯୁକ୍ତ ନନ୍ଦକିଶୋର ଓ ପ୍ରକାଶ କଟୁରିରେ ତାଙ୍କ ତଣ୍ଟି କାଟି ପୋଲ ତଳକୁ ପକାଇ ଦେଇଥିଲେ। ଏହାପରେ ୨ ଅଭିଯୁକ୍ତ ଗମ୍ଭାରିମଳିହାସ୍ଥିତ ବିରଞ୍ଚିଙ୍କ ଘରେ ପହଞ୍ଚି ଦୁର୍ଘଟଣାରେ ସ୍ୱାମୀ ଗୁରୁତର ହୋଇଥିବାରୁ ସବୁତକ ଟଙ୍କା ଧରି ସେମାନଙ୍କ ସହ ଯିବାକୁ ତରଣୀଙ୍କୁ କହିଥିଲେ। କିନ୍ତୁ ତରଣୀ ସ୍ୱାମୀଙ୍କୁ ମାରିଦିଆଯାଇଥିବା ଅନୁମାନ କରି ଜୋର୍‌ରେ ପାଟି କରିବାରୁ ଅଭିଯୁକ୍ତ ଦ୍ୱୟ ତାଙ୍କୁ ହାଣିଦେଇଥିଲେ। ସେମାନେ ବିରଞ୍ଚିଙ୍କ ଘରେ ଟଙ୍କା ଖୋଜାଖୋଜି କରୁଥିବା ବେଳେ ୮ ବର୍ଷର ପୁଅ ନବ ନିଦରୁ ଉଠିପଡ଼ିଥିଲେ। ଏହାପରେ ୨ ଅଭିଯୁକ୍ତ ଦୁର୍ଘଟଣା ଯୋଗୁ ବିରଞ୍ଚି ରାସ୍ତାରେ ପଡ଼ିଥିବା କହି ପୁଅ ନବଙ୍କୁ ବାଇକ୍‌ରେ ନେଇ ନନ୍ଦଇଳା ପୋଲ ତଳକୁ ଯାଇଥିଲେ। ସେଠାରେ ବିରଞ୍ଚିଙ୍କ ମୃତଦେହ ଦେଖାଇବା ପରେ ନବଙ୍କ ତଣ୍ଟି କାଟି ୨ କି.ମି. ଦୂର ପୋକଣ୍ଡା-ମିଣ୍ଡୋଳ ରାସ୍ତାର ତଳସାହି ଗଛମୂଳେ ପକାଇ ଦେଇଥିଲେ। ଘଟଣା ସମ୍ପର୍କରେ ମୃତ ବିରଞ୍ଚିଙ୍କ ଭାଇଙ୍କ ଏତଲାକୁ ଭିତ୍ତିକରି କିଶୋରନଗର ଥାନାରେ ମାମଲା ରୁଜୁ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ବିଚାର କରି ଆଠମଲ୍ଲିକ ଅତିରିକ୍ତ ଜିଲା ଦୌରାଜଜ୍ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ସୂଚନା ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାଶ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଦେଓ ପରିଚାଳନା କରିଥିଲେ। ଏପରି ଦଣ୍ଡାଦେଶ ଆଠମଲ୍ଲିକ କୋର୍ଟ ପାଇଁ ପ୍ରଥମ ଘଟଣା।

## ଖୋଲିଲା ଆଉ ୫ ସ୍ଲୁଇସ୍ ଗେଟ୍

ସମ୍ବଲପୁର,୨୭।୯(ପ୍ରମୋଦ ବହିଦାର): ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାର ମଧକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଶୁକ୍ରବାର ପର୍ଯ୍ୟାୟକ୍ରମେ ଜଳଭଣ୍ଡାରର ଆହୁରି ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ମୋଟ ୯ଟି ସ୍ଲୁଇସ୍ ଗେଟ୍ ମାଧମରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏହି ସମୟରେ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ସ୍ଥିର ରହିଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର। ଜଳଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୯ ହଜାର ୪୦୮ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ସମାନ ପରିମାଣର ବନ୍ୟାଜଳ ନିଷ୍କାସିତ ହେଉଛି।




# ଉପାନ୍ତ ଅଞ୍ଚଳରେ ଶତ ପ୍ରତିଶତ ସେବା ମିଳିବା ସୁନିଶ୍ଚିତ କର: ମନ୍ତ୍ରୀ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

### ଜିଲାପାଳ ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଜିଲାପାଳ ସମ୍ମିଳନୀର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ (ସହରାଞ୍ଚଳ) ଏବଂ ପାନୀୟଜଳ ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଛି। ଏହି ଅବସରରେ ମନ୍ତ୍ରୀ ରବି ନାରାୟଣ ନାଏକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏଥିରେ ମନ୍ତ୍ରୀ ନାଏକ କହିଛନ୍ତି, ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସରକାରଙ୍କ ପ୍ରତିବଦ୍ଧତା ରହିଛି। ଏହାସହ ସବୁଠାରୁ ଉପାନ୍ତ ଅଞ୍ଚଳରେ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ ପାନୀୟଜଳର ଶତ ପ୍ରତିଶତ ସେବା ଯୋଗାଇ ଦିଆଯାଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ନାଏକ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗ୍ରାମାଞ୍ଚଳରେ ପ୍ରତିଟି ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଅଛନ୍ତି। ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏହି ଦିଗରେ ସମସ୍ତ ପ୍ରୟାସ କରୁଛି। ବର୍ତ୍ତମାନ ସୁଦ୍ଧା ଗ୍ରାମାଞ୍ଚଳର ୭୫% ପରିବାରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଜିଲାପାଳମାନେ ଉନ୍ନତିର ମୁଖ୍ୟ କର୍ଣ୍ଣଧାର। ସେମାନଙ୍କ ଅଦମ୍ୟ ଇଚ୍ଛାଶକ୍ତି ବଳରେ ଉନ୍ନତିର କ୍ରମଃବିକାଶ ହୋଇପାରିବ। ସହରାଞ୍ଚଳରେ ଶତ ପ୍ରତିଶତ ପାନୀୟ ଜଳ ଯୋଗାଣ ସେବାକୁ ସୁନିଶ୍ଚିତ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।




# ଧାନ ନେଇ ଯାଉଥିବା ଗାଡ଼ିର ଜିପିଏସ୍ ଟ୍ରାକିଂ ହେବ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ଯେଉଁ ଜିଲାର ମଣ୍ଡିଗୁଡ଼ିକରେ କୌଣସି କାରଣବଶତଃ ଧାନ ସଂଗ୍ରହ ହୋଇପାରୁନାହିଁ, ସେହି କ୍ଷେତ୍ରରେ ନିକଟତମ ଜିଲାର ମଣ୍ଡିରେ ଚାଷୀମାନେ ନିଜର ଧାନକୁ ବିକ୍ରି କରିପାରିବେ। ସଂଗୃହୀତ ଧାନର ଅନଲାଇନ ପଞ୍ଜୀକରଣ ହେବା ଆବଶ୍ୟକ। ଧାନ ନେଇ ଯାଉଥିବା ଗାଡି ଗୁଡିକର ଜିପିଏସ ଟ୍ରାକିଂ କରାଯିବ। ଯେପରିକି ଏଥିରେ କୌଣସି ଟାମ୍ପରିଂ ନ ହେବ। ମିଲରମାନଙ୍କ ତରଫରୁ ଚାଷୀଙ୍କୁ ଖୋଟ ବସ୍ତା ଓ ସୁତୁଲି ଯୋଗାଇ ଦିଆଯିବ। ଗଚ୍ଛିତ ଫସଲର ସୁରକ୍ଷା ପାଇଁ ୫୮ଟି ଶୀତଳ ଭଣ୍ଡାର ରାଜ୍ୟରେ ଖୁବଶୀଘ୍ର ଖୋଲାଯିବ। ରାଜ୍ୟର ଚାଷୀମାନେ କେବଳ ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏକାଧିକ ଫସଲ ଜୈବିକ ଉପାୟରେ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି।

ଜିଲାପାଳ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ସିଂ ଦେଓ କହିଛନ୍ତି, ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏଗ୍ରି ଷ୍ଟାକ ଆପ୍ ସୃଷ୍ଟି କରାଯାଇଛି। ଏଥିରେ ଚାଷୀ ଓ ଚାଷ ଜମିର ପଞ୍ଜୀକରଣ ତଥ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ହେବ। ଜମିପଟ୍ଟା ଥିବା ସମସ୍ତ ଚାଷ ଜମିର ମାଲିକ ଏଥିରେ ପଞ୍ଜୀକରଣ କରିପାରିବେ। ସରକାରଙ୍କ ତରଫରୁ ଡିଜିଟାଲ ଫସଲ ସର୍ବେକ୍ଷଣ ଦ୍ୱାରା ମଧ ଚାଷୀଙ୍କ ତଥ୍ୟ ସଂଗ୍ରହ କରାଯାଇ ଏଥିରେ ଉପଲବ୍ଧ କରାଯିବ। ଏହି ଅବସରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଧାନ ସଂଗ୍ରହ ବେଳେ କଟନୀ-ଛଟନୀରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ଦୃଢ ତଦାରଖ ବ୍ୟବସ୍ଥା ଗ୍ରହଣ କରିବା ଦରକାର। ଧାନ ସଂଗ୍ରହ କେନ୍ଦ୍ରର ଭିତ୍ତିଭୂମିରେ ବ୍ୟାପକ ରୂପାନ୍ତର ଆସିବ। ଶତପ୍ରତିଶତ ସିସିଟିଭି ତଦାରଖ ବ୍ୟବସ୍ଥା ସହ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ, ଆବଶ୍ୟକୀୟ ଆଲୋକ, ପିଣ୍ଡି ଉପରେ ଛାତ, ବିଶ୍ରାମ ଗୃହ ଆଦି ମୌଳିକ ସୁବିଧା ସୁନିଶ୍ଚିତ କରାଯିବ। କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ ସ୍ୱୟଂ ଚାଳିତ ଯନ୍ତ୍ର ମାଧମରେ ଧାନର ଓଜନ କରାଯିବ। ଫଳରେ ଚାଷୀ ତା'ର ଉପଯୁକ୍ତ ପାଉଣା ପାଇବ ବୋଲି ମନ୍ତ୍ରୀ କହିଛନ୍ତି। କ୍ଷୁଦ୍ର, ମଧ୍ୟମ ଓ ବୃହତ ବର୍ଗରେ ରାଜ୍ୟରେ ସର୍ବମୋଟ ୪୦୦୬ଟି ମଣ୍ଡିରେ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ହେବ। ଏହି ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଆସନ୍ତା ୨ ମାସ ମଧରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଧାନ କିଣା ପ୍ରକ୍ରିୟାରେ କୌଣସି ମଧ୍ୟସ୍ଥି କିମ୍ବା କଟଣି-ଛଟଣୀକୁ ବରଦାସ୍ତ କରାଯିବ ନାହିଁ। ଚାଷୀଙ୍କ ଠାରୁ ଏଫଏକ୍ୟୁ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ ସଂଗ୍ରହ କରିବା ସହ ସେମାନଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧରେ ଡିବିଟି ମାଧମରେ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।


ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଞ୍ଚଳରେ ଉତ୍ପାତ କରିବା ସହ ଲୋକଙ୍କ ଜୀବନ ନେଇଥିବା ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ୍ ପରେ ଢେଙ୍କାନାଳର କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ପଠାଯାଉଛି।

# ଅବଢ଼ା ମାନ ଯାଞ୍ଚ କରିବାକୁ ନିଯୁକ୍ତ ହେବେ ଫୁଡ୍ ଇନ୍ସପେକ୍ଟର: ହରିଚନ୍ଦନ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

ତିରୁପତି ବାଲାଜୀ ମନ୍ଦିର ଲଡୁ ବିବାଦ ପରେ ପୁରୀ ଜଗନ୍ନାଥ ମନ୍ଦିରକୁ ନେଇ ରାଜ୍ୟ ସରକାର ଯତ୍ନବାନ୍ ହୋଇଛନ୍ତି। ଶ୍ରୀମନ୍ଦିର ରୋଷଘରକୁ ଯାଉଥିବା ଘିଅ ସହ ଅନ୍ୟ ସାମଗ୍ରୀ ଓ ସେଠୁ ବାହାରୁଥିବା ଅବଢ଼ାର ମାନ ଯାଞ୍ଚ ହେବ। ସେଥିପାଇଁ ଜଣେ ଫୁଡ୍ ଇନ୍ସପେକ୍ଟର ନିଯୁକ୍ତ ହେବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେପଟେ ସରକାରଙ୍କ ଏହି ନିଷ୍ପତ୍ତିକୁ ଭକ୍ତ ସ୍ୱାଗତ କରିଥିବା ବେଳେ ସୁପକାର ସେବକ କହିଛନ୍ତି, ରନ୍ଧା ପୂର୍ବରୁ ସାମଗ୍ରୀର ମାନ ପରୀକ୍ଷଣ ଠିକ୍। କିନ୍ତୁ ମହାପ୍ରସାଦ ହେବାପରେ ତା'ର ଯାଞ୍ଚ ଶାସ୍ତ୍ର ବିରୋଧୀ। ଗଣମାଧମକୁ ସୂଚନା ଦେଇ ଆଇନ ମନ୍ତ୍ରୀ କହିଛନ୍ତି, ଜଗନ୍ନାଥ ମନ୍ଦିରରେ ମହାପ୍ରସାଦର ମାନ ଯାଞ୍ଚ ପାଇଁ ନିଯୁକ୍ତ ହେବେ ଫୁଡ୍ ଇନ୍ସପେକ୍ଟର। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ସରିଛି। ଖାଲି ଅବଢ଼ା ନୁହେଁ, ଅବଢ଼ା ପ୍ରସ୍ତୁତିରେ ଲାଗୁଥିବା ଘିଅର ମାନ ପରୀକ୍ଷା ହେବ। ତିରୁପତି ବାଲାଜୀଙ୍କ ଲଡୁ ପ୍ରସ୍ତୁତିରେ ପଶୁ ଚର୍ବି ବ୍ୟବହାର ହେଉଥିବାର ସାଂଘାତିକ ଅଭିଯୋଗ ଯେଉଁଭଳି ଭାବେ ବହୁ କୋଟି ଭକ୍ତଙ୍କ ଭାବାବେଗକୁ ଦୋହଲାଇ ଦେଇଛି, ପୁରୀ ମନ୍ଦିରରେ ସେଭଳି ଘଟଣା ଘଟିବା ପୂର୍ବରୁ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ସାରା ବିଶ୍ୱରେ ଓଡ଼ିଶା ହେବ ପୁଞ୍ଜି ବିନିଯୋଗ ସ୍ଥଳ



ଶୁକ୍ରବାର ଉତ୍କର୍ଷ ଓଡ଼ିଶା ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶିଳ୍ପ ସଚିବ ହେମନ୍ତ ଶର୍ମା।

**ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)**

### ଜାନୁଆରୀ ୨୮ରେ ଉତ୍କର୍ଷ ଓଡ଼ିଶା
### ଲୋଗୋ ଉନ୍ମୋଚିତ

୨୦୨୫ ଜାନୁଆରୀ ୨୮ ଓ ୨୯ରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଶୁକ୍ରବାର ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉନ୍ମୋଚନ କରିଛନ୍ତି। ଏ ପରିପ୍ରେକ୍ଷୀରେ ରାଜ୍ୟକୁ ଆହୁରି ଶିଳ୍ପ ସମୃଦ୍ଧ କରିବା ପାଇଁ ଉତ୍ପାଦନ, ଭିତ୍ତିଭୂମି, ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବିନିଯୋଗ ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର ନିବେଶକମାନଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱରେ ଓଡ଼ିଶାକୁ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥଳ ଭାବେ ପରିଣତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧ। ଉତ୍କର୍ଷ ଓଡ଼ିଶା ୨୦୨୫ କେବଳ ବିନିଯୋଗର ଏକ ପ୍ରମୁଖ ସ୍ଥଳ ଭାବେ କାର୍ଯ୍ୟ କରିବ ନାହିଁ ଏହା ନିବେଶକ ମାନଙ୍କୁ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାର ସୁଯୋଗ ମଧ ଦେବ ବୋଲି ସେ କହିଛନ୍ତି। ଓଡ଼ିଶାର ଦ୍ରୁତ ଶିଳ୍ପାୟନର ଯାତ୍ରାକୁ ନେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଭବିଷ୍ୟତ ପାଇଁ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହ ନୂତନ ସର୍ଜନା, ସ୍ଥାୟିତ୍ୱକୁ ନେଇ ନିବେଶକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଆୟୋଜିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ ପ୍ରଭାତି ପରିଡା, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ରାଜ୍ୟର ବରିଷ୍ଠ ଶିଳ୍ପ ପତି, ପ୍ରମୁଖ ଶିଳ୍ପ ସଂଗଠନ, ସମସ୍ତ ଜିଲାପାଳ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଖୋଲିଲା ଆଉ ୫ ସ୍ଲୁଇସ୍ ଗେଟ୍

ସମ୍ବଲପୁର,୨୭।୯(ପ୍ରମୋଦ ବହିଦାର): ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାର ମଧକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଶୁକ୍ରବାର ପର୍ଯ୍ୟାୟକ୍ରମେ ଜଳଭଣ୍ଡାରର ଆହୁରି ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ମୋଟ ୯ଟି ସ୍ଲୁଇସ୍ ଗେଟ୍ ମାଧମରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏହି ସମୟରେ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ସ୍ଥିର ରହିଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର। ଜଳଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୫୯ ହଜାର ୪୦୮ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ସମାନ ପରିମାଣର ବନ୍ୟାଜଳ ନିଷ୍କାସିତ ହେଉଛି।




# ଉପାନ୍ତ ଅଞ୍ଚଳରେ ଶତ ପ୍ରତିଶତ ସେବା ମିଳିବା ସୁନିଶ୍ଚିତ କର: ମନ୍ତ୍ରୀ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

### ଜିଲାପାଳ ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଜିଲାପାଳ ସମ୍ମିଳନୀର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ (ସହରାଞ୍ଚଳ) ଏବଂ ପାନୀୟଜଳ ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଛି। ଏହି ଅବସରରେ ମନ୍ତ୍ରୀ ରବି ନାରାୟଣ ନାଏକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏଥିରେ ମନ୍ତ୍ରୀ ନାଏକ କହିଛନ୍ତି, ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସରକାରଙ୍କ ପ୍ରତିବଦ୍ଧତା ରହିଛି। ଏହାସହ ସବୁଠାରୁ ଉପାନ୍ତ ଅଞ୍ଚଳରେ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ ପାନୀୟଜଳର ଶତ ପ୍ରତିଶତ ସେବା ଯୋଗାଇ ଦିଆଯାଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ନାଏକ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗ୍ରାମାଞ୍ଚଳରେ ପ୍ରତିଟି ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଅଛନ୍ତି। ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏହି ଦିଗରେ ସମସ୍ତ ପ୍ରୟାସ କରୁଛି। ବର୍ତ୍ତମାନ ସୁଦ୍ଧା ଗ୍ରାମାଞ୍ଚଳର ୭୫% ପରିବାରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଜିଲାପାଳମାନେ ଉନ୍ନତିର ମୁଖ୍ୟ କର୍ଣ୍ଣଧାର। ସେମାନଙ୍କ ଅଦମ୍ୟ ଇଚ୍ଛାଶକ୍ତି ବଳରେ ଉନ୍ନତିର କ୍ରମଃବିକାଶ ହୋଇପାରିବ। ସହରାଞ୍ଚଳରେ ଶତ ପ୍ରତିଶତ ପାନୀୟ ଜଳ ଯୋଗାଣ ସେବାକୁ ସୁନିଶ୍ଚିତ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।




# ଧାନ ନେଇ ଯାଉଥିବା ଗାଡ଼ିର ଜିପିଏସ୍ ଟ୍ରାକିଂ ହେବ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ଯେଉଁ ଜିଲାର ମଣ୍ଡିଗୁଡ଼ିକରେ କୌଣସି କାରଣବଶତଃ ଧାନ ସଂଗ୍ରହ ହୋଇପାରୁନାହିଁ, ସେହି କ୍ଷେତ୍ରରେ ନିକଟତମ ଜିଲାର ମଣ୍ଡିରେ ଚାଷୀମାନେ ନିଜର ଧାନକୁ ବିକ୍ରି କରିପାରିବେ। ସଂଗୃହୀତ ଧାନର ଅନଲାଇନ ପଞ୍ଜୀକରଣ ହେବା ଆବଶ୍ୟକ। ଧାନ ନେଇ ଯାଉଥିବା ଗାଡି ଗୁଡିକର ଜିପିଏସ ଟ୍ରାକିଂ କରାଯିବ। ଯେପରିକି ଏଥିରେ କୌଣସି ଟାମ୍ପରିଂ ନ ହେବ। ମିଲରମାନଙ୍କ ତରଫରୁ ଚାଷୀଙ୍କୁ ଖୋଟ ବସ୍ତା ଓ ସୁତୁଲି ଯୋଗାଇ ଦିଆଯିବ। ଗଚ୍ଛିତ ଫସଲର ସୁରକ୍ଷା ପାଇଁ ୫୮ଟି ଶୀତଳ ଭଣ୍ଡାର ରାଜ୍ୟରେ ଖୁବଶୀଘ୍ର ଖୋଲାଯିବ। ରାଜ୍ୟର ଚାଷୀମାନେ କେବଳ ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏକାଧିକ ଫସଲ ଜୈବିକ ଉପାୟରେ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି।

ଜିଲାପାଳ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ସିଂ ଦେଓ କହିଛନ୍ତି, ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏଗ୍ରି ଷ୍ଟାକ ଆପ୍ ସୃଷ୍ଟି କରାଯାଇଛି। ଏଥିରେ ଚାଷୀ ଓ ଚାଷ ଜମିର ପଞ୍ଜୀକରଣ ତଥ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ହେବ। ଜମିପଟ୍ଟା ଥିବା ସମସ୍ତ ଚାଷ ଜମିର ମାଲିକ ଏଥିରେ ପଞ୍ଜୀକରଣ କରିପାରିବେ। ସରକାରଙ୍କ ତରଫରୁ ଡିଜିଟାଲ ଫସଲ ସର୍ବେକ୍ଷଣ ଦ୍ୱାରା ମଧ ଚାଷୀଙ୍କ ତଥ୍ୟ ସଂଗ୍ରହ କରାଯାଇ ଏଥିରେ ଉପଲବ୍ଧ କରାଯିବ। ଏହି ଅବସରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଧାନ ସଂଗ୍ରହ ବେଳେ କଟନୀ-ଛଟନୀରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ଦୃଢ ତଦାରଖ ବ୍ୟବସ୍ଥା ଗ୍ରହଣ କରିବା ଦରକାର। ଧାନ ସଂଗ୍ରହ କେନ୍ଦ୍ରର ଭିତ୍ତିଭୂମିରେ ବ୍ୟାପକ ରୂପାନ୍ତର ଆସିବ। ଶତପ୍ରତିଶତ ସିସିଟିଭି ତଦାରଖ ବ୍ୟବସ୍ଥା ସହ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ, ଆବଶ୍ୟକୀୟ ଆଲୋକ, ପିଣ୍ଡି ଉପରେ ଛାତ, ବିଶ୍ରାମ ଗୃହ ଆଦି ମୌଳିକ ସୁବିଧା ସୁନିଶ୍ଚିତ କରାଯିବ। କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ ସ୍ୱୟଂଚାଳିତ ଯନ୍ତ୍ର ମାଧ୍ୟମରେ ଧାନର ଓଜନ କରାଯିବ। ଫଳରେ ଚାଷୀ ତା'ର ଉପଯୁକ୍ତ ପାଉଣା ପାଇବ ବୋଲି ମନ୍ତ୍ରୀ କହିଛନ୍ତି। କ୍ଷୁଦ୍ର, ମଧମ ଓ ବୃହତ ବର୍ଗରେ ରାଜ୍ୟରେ ସର୍ବମୋଟ ୪୦୦୬ଟି ମଣ୍ଡିରେ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ହେବ। ଏହି ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଆସନ୍ତା ୨ ମାସ ମଧରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଧାନ କିଣା ପ୍ରକ୍ରିୟାରେ କୌଣସି ମଧ୍ୟସ୍ଥି କିମ୍ବା କଟଣି-ଛଟଣୀକୁ ବରଦାସ୍ତ କରାଯିବ ନାହିଁ। ଚାଷୀଙ୍କ ଠାରୁ ଏଫଏକ୍ୟୁ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ ସଂଗ୍ରହ କରିବା ସହ ସେମାନଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧରେ ଡିବିଟି ମାଧମରେ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।



ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଞ୍ଚଳରେ ଉତ୍ପାତ କରିବା ସହ ଲୋକଙ୍କ ଜୀବନ ନେଇଥିବା ଦନ୍ତାହାତୀକୁ ଟ୍ରାଙ୍କୁଲାଇଜ୍ ପରେ ଢେଙ୍କାନାଳର କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରକୁ ପଠାଯାଉଛି।

# ଅବଢ଼ା ମାନ ଯାଞ୍ଚ କରିବାକୁ ନିଯୁକ୍ତ ହେବେ ଫୁଡ୍ ଇନ୍‌ସପେକ୍ଟର: ହରିଚନ୍ଦନ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

ତିରୁପତି ବାଲାଜୀ ମନ୍ଦିର ଲଡୁ ବିବାଦ ପରେ ପୁରୀ ଜଗନ୍ନାଥ ମନ୍ଦିରକୁ ନେଇ ରାଜ୍ୟ ସରକାର ଯତ୍ନବାନ୍ ହୋଇଛନ୍ତି। ଶ୍ରୀମନ୍ଦିର ରୋଷଘରକୁ ଯାଉଥିବା ଘିଅ ସହ ଅନ୍ୟ ସାମଗ୍ରୀ ଓ ସେଠୁ ବାହାରୁଥିବା ଅବଢ଼ାର ମାନ ଯାଞ୍ଚ ହେବ। ସେଥିପାଇଁ ଜଣେ ଫୁଡ୍ ଇନ୍‌ସପେକ୍ଟର ନିଯୁକ୍ତ ହେବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେପଟେ ସରକାରଙ୍କ ଏହି ନିଷ୍ପତ୍ତିକୁ ଭକ୍ତ ସ୍ୱାଗତ କରିଥିବା ବେଳେ ସୁପକାର ସେବକ କହିଛନ୍ତି, ରନ୍ଧା ପୂର୍ବରୁ ସାମଗ୍ରୀର ମାନ ପରୀକ୍ଷଣ ଠିକ୍। କିନ୍ତୁ ମହାପ୍ରସାଦ ହେବାପରେ ତା'ର ଯାଞ୍ଚ ଶାସ୍ତ୍ର ବିରୋଧୀ। ଗଣମାଧ୍ୟମକୁ ସୂଚନା ଦେଇ ଆଇନ ମନ୍ତ୍ରୀ କହିଛନ୍ତି, ଜଗନ୍ନାଥ ମନ୍ଦିରରେ ମହାପ୍ରସାଦର ମାନ ଯାଞ୍ଚ ପାଇଁ ନିଯୁକ୍ତ ହେବେ ଫୁଡ୍ ଇନ୍‌ସପେକ୍ଟର। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ସରିଛି। ଖାଲି ଅବଢ଼ା ନୁହେଁ, ଅବଢ଼ା ପ୍ରସ୍ତୁତିରେ ଲାଗୁଥିବା ଘିଅର ମାନ ପରୀକ୍ଷା ହେବ। ତିରୁପତି ବାଲାଜୀଙ୍କ ଲଡୁ ପ୍ରସ୍ତୁତିରେ ପଶୁ ଚର୍ବି ବ୍ୟବହାର ହେଉଥିବାର ସାଂଘାତିକ ଅଭିଯୋଗ ଯେଉଁଭଳି ଭାବେ ବହୁ କୋଟି ଭକ୍ତଙ୍କ ଭାବାବେଗକୁ ଦୋହଲାଇ ଦେଇଛି, ପୁରୀ ମନ୍ଦିରରେ ସେଭଳି ଘଟଣା ଘଟିବା ପୂର୍ବରୁ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

# ସାରା ବିଶ୍ୱରେ ଓଡ଼ିଶା ହେବ ପୁଞ୍ଜି ବିନିଯୋଗ ସ୍ଥଳ




ଶୁକ୍ରବାର ଉତ୍କର୍ଷ ଓଡ଼ିଶା ମେକ ଇନ ଓଡିଶା କନକ୍ଲେଭ-୨୦୨୫ ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶିଳ୍ପ ସଚିବ ହେମନ୍ତ ଶର୍ମା।

**ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)**

### ଜାନୁଆରୀ ୨୮ରେ ଉତ୍କର୍ଷ ଓଡ଼ିଶା
### ଲୋଗୋ ଉନ୍ମୋଚିତ

୨୦୨୫ ଜାନୁଆରୀ ୨୮ ଓ ୨୯ରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଶୁକ୍ରବାର ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉନ୍ମୋଚନ କରିଛନ୍ତି। ଏ ପରିପ୍ରେକ୍ଷୀରେ ରାଜ୍ୟକୁ ଆହୁରି ଶିଳ୍ପ ସମୃଦ୍ଧ କରିବା ପାଇଁ ଉତ୍ପାଦନ, ଭିତ୍ତିଭୂମି, ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ପ୍ରମୁଖ କ୍ଷେତ୍ରଗୁଡିକରେ ବିନିଯୋଗ ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର ନିବେଶକମାନଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱରେ ଓଡ଼ିଶାକୁ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥଳ ଭାବେ ପରିଣତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧ। ଉତ୍କର୍ଷ ଓଡ଼ିଶା ୨୦୨୫ କେବଳ ବିନିଯୋଗର ଏକ ପ୍ରମୁଖ ସ୍ଥଳ ଭାବେ କାର୍ଯ୍ୟ କରିବ ନାହିଁ ଏହା ନିବେଶକ ମାନଙ୍କୁ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାର ସୁଯୋଗ ମଧ୍ୟ ଦେବ ବୋଲି ସେ କହିଛନ୍ତି। ଓଡ଼ିଶାର ଦ୍ରୁତ ଶିଳ୍ପାୟନର ଯାତ୍ରାକୁ ନେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଭବିଷ୍ୟତ ପାଇଁ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହ ନୂତନ ସର୍ଜନା, ସ୍ଥାୟିତ୍ୱକୁ ନେଇ ନିବେଶକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଆୟୋଜିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ ପ୍ରଭାତି ପରିଡା, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ରାଜ୍ୟର ବରିଷ୍ଠ ଶିଳ୍ପ ପତି, ପ୍ରମୁଖ ଶିଳ୍ପ ସଂଗଠନ, ସମସ୍ତ ଜିଲାପାଳ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ବନ୍ୟା ପ୍ରଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ କ୍ରମେ ପଶ୍ଚିମବଙ୍ଗର ଶକ୍ତି ସଚିବ ଶାନ୍ତନୁ ବସୁ ଦାମୋଦର ଉପତ୍ୟକା ନିଗମ (ଡିଭିସି) ବୋର୍ଡ ପଦବୀରୁ ଇସ୍ତଫା ଦେଇଥିବା ଇମେଲ୍‌ରେ ଘୋଷଣା କରିଛନ୍ତି। ଡିଭିସିର ଡ୍ୟାମ୍ ସିଷ୍ଟମରୁ ଅନିୟନ୍ତ୍ରିତ ଭାବେ ପାଣି ଛଡ଼ାଯିବା ଘଟଣା ସହ ତାଙ୍କ ଇସ୍ତଫାର ସମ୍ପର୍କ ଅଛି ବୋଲି ଜଣାପଡ଼ିଛି। ଏଭଳି ପାଣି ଛଡ଼ାଯିବା ଦ୍ୱାରା ପଶ୍ଚିମବଙ୍ଗର ଅନେକ ଅଞ୍ଚଳରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅନେକ ହଜାର ଲୋକଙ୍କର ବ୍ୟାପକ କ୍ଷତି ଘଟିଥିଲା। ବସୁ ସ୍ପଷ୍ଟ କରିଛନ୍ତି ଯେ, ଏହା ହେଉଛି ତାଙ୍କ ଇସ୍ତଫାର କାରଣ ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବାର ନୈରାଶ୍ୟତାକୁ ଦର୍ଶାଏ। କୌତୂହଳର ବିଷୟ, ଏହି ଘଟଣା ସହ ପଶ୍ଚିମବଙ୍ଗ ଜଳସେଚନ ଏବଂ ଜଳପଥ ବିଭାଗର ମୁଖ୍ୟ ଇଞ୍ଜିନିୟର ଦାମୋଦର ଉପତ୍ୟକା ଜଳଭଣ୍ଡାର ନିୟାମକ କମିଟିର ନିଷ୍ପତ୍ତିକୁ ବିରୋଧ କରି ଇସ୍ତଫା ଦେଇଛନ୍ତି। ତେବେ କେବଳ ବନ୍ୟା ପରିଚାଳନାକୁ ନେଇ ଏହା ଏକ ପ୍ରତିକ୍ରିୟା ଥିଲା କି? ରାଜ୍ୟ ଏବଂ ଡିଭିସି ମଧ୍ୟରେ ଏକ ବଡ଼ ଶାସକୀୟ କିମ୍ବା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି କି? ଏହି ଘଟଣାର ପ୍ରଭାବ ବଡ଼ ହୋଇପାରେ। ବସୁଙ୍କ ଇସ୍ତଫା ସଙ୍କେତ ଦିଏ ଯେ, ଡିଭିସିର ଜଳସମ୍ପଦ ପରିଚାଳନାରେ ଗମ୍ଭୀର ସମସ୍ୟା ଥାଇପାରେ ଏବଂ ଏହା ଉତ୍ତରଦାୟିତ୍ୱ ଓ ତଦାରଖ ବିଷୟକୁ ଆଲୋଚନାକୁ ନେଇପାରେ। ପ୍ରାକୃତିକ ସମ୍ପଦ ପରିଚାଳନାଗତ ତ୍ରୁଟି କିପରି ସ୍ଥାନୀୟ ଲୋକଙ୍କ ପାଇଁ ବିନାଶକାରୀ ପରିଣାମ ଆଣିପାରେ ତାହା ମଧ୍ୟ ସାମ୍ନାକୁ ଆସିଛି। ଅଧିକାରୀମାନେ ଏହାର ପ୍ରତିବାଦରେ ଇସ୍ତଫା ଦେବା ଏକ ବାର୍ତ୍ତା ଦିଏ ଯେ କିଛି ଠିକ୍ ଚାଲିନି। ଏହା ଡିଭିସିର ପରିଚାଳନା କାର୍ଯ୍ୟରେ ଏକ ବଡ଼ ଆଲୋଡ଼ନ ସୃଷ୍ଟି କରିବାର ସମ୍ଭାବନା ଅଛି କି? ତେବେ ଆଗକୁ କ'ଣ ଘଟୁଛି ତାହା ଦେଖିବାକୁ ବାକି ରହିଲା।

### ଇଡି ଜାଲରେ ବାବୁ

ପୂର୍ବତନ ଆଇଏଏସ୍ ଅଧିକାରୀ ମୋହିନ୍ଦର ସିଂଙ୍କ ଘର ଓ ସମ୍ପତ୍ତି ଉପରେ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ାଉ ଅମଲାତନ୍ତ୍ରିକ ଦୁର୍ନୀତିକୁ ସାମ୍ନାକୁ ଆଣିଛି। ଏହା ସହ ସମାଜ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବକୁ ମଧ୍ୟ ଦର୍ଶାଇଛି। ମାୟାବତୀ ନେତୃତ୍ୱାଧୀନ ବିଏସ୍‌ପି ସରକାରଙ୍କ ଅଧୀନରେ ନୋଏଡା-ଗ୍ରେଟର ନୋଏଡା ପ୍ରାଧିକରଣର ଜଣେ ଶକ୍ତିଶାଳୀ ବ୍ୟକ୍ତି ସିଂ ଏବେ ଲୋଟସ ୩୦୦ ପ୍ରକଳ୍ପ ସହ ଜଡ଼ିତ ୪୨୬ କୋଟି ଟଙ୍କା ସ୍କାମ୍‌ର କେନ୍ଦ୍ରରେ ଅଛନ୍ତି। ଚଢ଼ାଉ ସମୟରେ ୧ କୋଟି ନଗଦ ଟଙ୍କା, ୧୨ କୋଟି ଟଙ୍କା ମୂଲ୍ୟର ହୀରା ଏବଂ ୭ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଜବତ ହୋଇଛି। ଦୁର୍ନୀତିର ଏଭଳି ଅଭିଯୋଗ ଜନସାଧାରଣଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରିବା ସହ ଗୃହକ୍ରେତା ଏବଂ ସାଧାରଣ ନାଗରିକମାନଙ୍କୁ ସେମାନଙ୍କର କଷ୍ଟ ଉପାର୍ଜିତ ଅର୍ଥରୁ ବଞ୍ଚିତ କରିଛି। ଏହି ଘଟଣାରେ ନିବେଶକମାନଙ୍କୁ ଘର ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ ଏହା ବଦଳରେ ସେମାନେ ବଡ଼ ଠକେଇର ଶିକାର ହୋଇଗଲେ। ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କରାଯାଇଥିବା ଇଡି ତଦନ୍ତରେ ପାଣ୍ଠି ଆତ୍ମସାତ୍‌ରେ ସମ୍ପୃକ୍ତ ବିଲ୍‌ଡର, ଅଧିକାରୀ ଏବଂ ସଂସ୍ଥାଗୁଡ଼ିକର ଏକ ନେଟୱର୍କ ସାମ୍ନାକୁ ଆସିଛି। ସିଂଙ୍କ ପରି ଅମଲାତନ୍ତ୍ରିକ ବ୍ୟକ୍ତିମାନେ ଏହାକୁ ଅଣଦେଖା କରିଛନ୍ତି କିମ୍ବା ସେଥିରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି। ଜନ କଲ୍ୟାଣ ଦାୟିତ୍ୱ ବହନ କରି ବ୍ୟକ୍ତିଗତ ଲାଭ ପାଇଁ କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀମାନଙ୍କ ପାଇଁ ଏଭଳି ପରିଣାମ ଏକ ସ୍ପଷ୍ଟ ଚେତାବନୀ ଦିଏ। ଇଡି ସିଂଙ୍କୁ ଡାକିବା ଏବଂ ଅଧିକ ତଦନ୍ତ କରିବାର ସମ୍ଭାବନା ରହିଥିବାରୁ ତାଙ୍କ ପାଇଁ ଆଇନଗତ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ଏହି ଘୋଟାଲାର ପରିଣାମ ସରକାରୀ କାର୍ଯ୍ୟାଳୟରେ ଅନିୟନ୍ତ୍ରିତ ଦୁର୍ନୀତି ପ୍ରତି ଏକ ସତର୍କ ଘଣ୍ଟି।

### ଦ୍ୱନ୍ଦ୍ୱରେ ଅଧିକାରୀ

ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ ଚଣ୍ଡିଗଡ଼ର ମ୍ୟୁନିସିପାଲ କର୍ପୋରେଶନ କମିଶନର ଭାବେ ଅନିନ୍ଦିତା ମିତ୍ର ଦାୟିତ୍ୱ ଶେଷ କରିବା ପରେ ପଞ୍ଜାବରେ ନୂତନ ପଦବୀରେ ଯୋଗଦେଇଥିଲେ। ଏବେ ତାଙ୍କ କାର୍ଯ୍ୟକାଳ ତିନି ମାସ ବୃଦ୍ଧିକୁ ସ୍ୱୀକୃତି ଦିଆଯାଇଛି। କିନ୍ତୁ ଏକ୍ଷେତ୍ରରେ ବିଷୟଟି ଜଟିଳ ହୋଇଛି। ଯଦିଓ କେନ୍ଦ୍ର ସରକାର ତାଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି, ତଥାପି ସେ ପ୍ରକୃତରେ ତାଙ୍କ ପୁରୁଣା ପଦକୁ ଫେରିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପଞ୍ଜାବର ୨୦୦୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମିତ୍ର ଚଣ୍ଡିଗଡ଼ରେ ତିନି ବର୍ଷର ଡେପୁଟେଶନ ଶେଷ କରିବା ପରେ ପଞ୍ଜାବରେ ସମବାୟ ସଚିବ ତଥା ପଞ୍ଜାବ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି) ପ୍ରଶାସନ ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିସାରିଛି ଏବଂ ବର୍ତ୍ତମାନ କେନ୍ଦ୍ର, ୟୁଟି ପ୍ରଶାସନ ଏବଂ ପଞ୍ଜାବ ସରକାରଙ୍କ ମଧ୍ୟରେ ଏହି ଘଟଣା ଜଟିଳ ହେବା ସହ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଆଲୋଚନା ହେଉଛି, ୟୁଟି ପ୍ରଶାସନ କେନ୍ଦ୍ରରୁ ସ୍ପଷ୍ଟୀକରଣ ମାଗିପାରେ, କାରଣ ଏମ୍‌ସି କମିଶନର ପଦବୀ ପାଇଁ ସମ୍ଭାବ୍ୟ ବଦଳିର ଏକ ଚୟନ ତାଲିକା ମନ୍ତ୍ରଣାଳୟକୁ ପଠାଯାଇଥିଲା। ଏହା ମଧ୍ୟ ଉଲ୍ଲେଖନୀୟ ଯେ ଚଣ୍ଡିଗଡ଼ରେ ବୋଧହୁଏ ପ୍ରଥମ ଥର ଏପରି ପରିସ୍ଥିତି ଉପୁଜିଛି। ମିତ୍ରଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଆଗାମୀ କିଛି ମାସରେ କ'ଣ ଘଟିବ ତାହା ଅନୁମେୟ। କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ, ଲାଗି ରହିଥିବା ଏହି ଦ୍ୱନ୍ଦ୍ୱ ସାଧାରଣ ବାବୁ କାର୍ଯ୍ୟ ପରିସରରେ ଅସନ୍ତୋଷ ସୃଷ୍ଟି କରିଛି।

Email: dilipcherian@gmail.com

# କୃଷି କଷଣର ଶେଷ କାହିଁ



ବିଚିତ୍ର ବିଶ୍ୱାଳ

ଗତ କିଛି ବର୍ଷ ହେବ ଯେଉଁ ଦଳର ସରକାର ହୋଇଥାଉନା କାହିଁକି, ଯିଏ ବି ଅର୍ଥମନ୍ତ୍ରୀ ହୋଇଥାଆନ୍ତୁ, ବଜେଟ ଭାଷଣ ଆରମ୍ଭ କରିବା ସମୟରେ ସମସ୍ତେ ଭାରତୀୟ ଅର୍ଥନୀତିକୁ କୃଷିର ଅବଦାନ ବିଷୟରେ କହିଛନ୍ତି। ଏକାଧିକ ଅର୍ଥମନ୍ତ୍ରୀ ନିଜ ବଜେଟ ଭାଷଣରେ କୃଷିର ଭୂମିକାକୁ ସ୍ୱୀକାର କରିଛନ୍ତି। କିଏ 'କୃଷକଙ୍କ ସ୍ୱାଧୀନତା' କଥା କହିଛନ୍ତି ତ କିଏ କୃଷିକୁ 'ଭାରତର ଅର୍ଥନୀତିର ଜୀବନରେଖା' ବୋଲି ଆଖ୍ୟା ଦେଇଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲି ତାଙ୍କ ବଜେଟରେ ପାଞ୍ଚୋଟି ପ୍ରାଥମିକତା ତାଲିକା ଭିତରେ କୃଷିକୁ ରଖିଥିଲେ। ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ବଜେଟ ଭାଷଣର ନଅଟି ମୁଖ୍ୟ ପ୍ରାଥମିକତା ଭିତରେ କୃଷିକୁ ରଖିଛନ୍ତି। କିନ୍ତୁ କୃଷି ଓ କୃଷକଙ୍କର ବାସ୍ତବିକ ଅର୍ଥରେ ବିକାଶ ପାଇଁ କେତେ କାମ ହୋଇପାରିଛି, ତାହା ଆଜି ଚିନ୍ତାର ବିଷୟ।

ଦେଶର ଭିନ୍ନ ଭିନ୍ନ ବଜେଟରେ କୃଷିକୁ ନେଇ ଯେପରି କୁହାଯାଇଛି, ଯଦି ବାସ୍ତବରେ ସେପରି ପଦକ୍ଷେପ ନିଆଯାଇଥାନ୍ତା, ତେବେ ଆଜି ଭାରତର ଗ୍ରାମୀଣ ଅର୍ଥନୀତି ଅତ୍ୟନ୍ତ ସୁଦୃଢ଼ ହୋଇଥାଆନ୍ତା। କୃଷି କ୍ଷେତ୍ର ତଥା କୃଷକମାନଙ୍କର ବିକାଶକୁ ନେଇ ଯାହା ବି କୁହାଯାଇଛି, ତାହା କେବଳ ଉତ୍ପାଦନ ବୃଦ୍ଧି ତଥା ଅମଳ ବଢ଼େଇବା ପାଖରେ ହିଁ ଅଟକି ଯାଇଛି। ନୀତି ନିର୍ମାତା କିମ୍ବା ଅର୍ଥନୀତିଜ୍ଞମାନେ ସେଥିରୁ ବାହାରକୁ ବାହାରି ଭାବି ପାରିନାହାନ୍ତି। ପରିଣାମ ଆମେ ଦେଖୁଛେ। ଏକାଧିକ ପଦକ୍ଷେପ ନିଆଯିବା ସତ୍ତ୍ୱେ ବି କୃଷକମାନଙ୍କର ଅବସ୍ଥା ଦିନକୁ ଦିନ ଅଧିକ ସଙ୍କଟଜନକ ପରିସ୍ଥିତିରେ ପହଞ୍ଚିଛି। ଅନୁମାନ କରାଯାଉଛି ଯେ, କୃଷକର ଉତ୍ପାଦନ ବୃଦ୍ଧି ହେଲେ, ତାକୁ ଉଚିତ ମୂଲ୍ୟ ମିଳିବ ଓ ତା'ର ରୋଜଗାର ବଢ଼ିବ। କିନ୍ତୁ ଏହା କେବଳ ଅନୁମାନରେ ରହିଯାଇଛି। ଓଲଟି ଉତ୍ପାଦନ ବୃଦ୍ଧି ସହିତ ତାଳ ଦେଇ କୃଷକମାନଙ୍କର ଅବସ୍ଥା ଅଧିକ ସଙ୍କଟାପନ୍ନ ହୋଇଛି। ଚାଷୀ ଆତ୍ମହତ୍ୟା ବଢ଼ିଛି। ଚାଷ କ୍ଷେତ୍ରରୁ ପଳାୟନ ବଢ଼ିଛି। ଚାଷୀମାନଙ୍କ ସଂଖ୍ୟା କମ ହୋଇ ଶ୍ରମିକମାନଙ୍କ ସଂଖ୍ୟା ବଢ଼ିଛି। ଏଥିରୁ ପ୍ରମାଣିତ ହେଉଛି ଆମ ଦେଶର କୃଷିର ଅବସ୍ଥା ଆଦୌ ବି ଉଚିତ ରାସ୍ତାରେ ନାହିଁ। ଯେ ପର୍ଯ୍ୟନ୍ତ ଆମ ଦେଶର କୃଷିକୁ ନେଇ ନୀତି ନିର୍ମାତାମାନେ ପୁନଃଚିନ୍ତନ କରିନାହାନ୍ତି, ସେ ପର୍ଯ୍ୟନ୍ତ କୃଷକମାନଙ୍କର କଷଣର ଶେଷ ହେବା ପରି ଦେଖାଯାଉନାହିଁ। କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ଓ ସରକାରଙ୍କ ଦ୍ୱାରା ପ୍ରତି ବର୍ଷ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ଗୋଟିଏ କୃଷକ ପରିବାରର ମାସିକ ରୋଜଗାର ପ୍ରାୟ ଦଶ ହଜାର ଟଙ୍କା ଭିତରେ ହିଁ ରହିଛି। ଏଥିରୁ କୃଷି ସଙ୍କଟ ସ୍ପଷ୍ଟ ବାରି ହୋଇଯାଉଛି।



ଆମ ଦେଶର ସମୃଦ୍ଧ ରାଜ୍ୟ କର୍ନାଟକରେ ଗତ ୧୫ ମାସ ମଧ୍ୟରେ ୧୧୮୨ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ୨୦୨୪ର ପ୍ରଥମ ଛଅ ମାସ ମଧ୍ୟରେ ମହାରାଷ୍ଟ୍ରରେ ୧୨୬୭ ଜଣ ଚାଷୀ ଆତ୍ମହତ୍ୟା କରିଥିବା ବେଳେ କେବଳ ବିଦର୍ଭ ଅଞ୍ଚଳରେ ୫୫୭ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ଚାଷୀ ଆତ୍ମହତ୍ୟା ଆମ ଦେଶରେ ନୂଆ ଘଟଣା ନୁହେଁ। ଗତ ୨୭ ବର୍ଷ ଧରି ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ଚାଷୀ ଆତ୍ମହତ୍ୟାର ତଥ୍ୟ ରଖିଆସୁଛି। ୧୯୯୫ରୁ ୨୦୧୪ ମଧ୍ୟରେ ଆମ ଦେଶରେ ୨,୯୬,୪୩୮ ଜଣ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ପରବର୍ତ୍ତୀ ଆଠ ବର୍ଷରେ ୨୦୧୪ରୁ ୨୦୨୨ ମଧ୍ୟରେ ୧,୦୦,୪୭୪ ଜଣ ଚାଷୀ ନିଜ ଜୀବନ ହାରିଛନ୍ତି। ଏହି ତଥ୍ୟ କୌଣସି ଘରୋଇ ଅନୁଷ୍ଠାନର ନୁହେଁ ,ଏହା ସରକାରଙ୍କ ଏକ ଦକ୍ଷ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଛି। ଗତ ୨୭ ବର୍ଷ ମଧ୍ୟରେ ମୋଟ ପ୍ରାୟ ୪ ଲକ୍ଷ ଚାଷୀ ଆତ୍ମହତ୍ୟାର ରାସ୍ତା ବାଛି ନେଇଛନ୍ତି। ଅନ୍ୟପକ୍ଷରେ ଏହି ୨୭ ବର୍ଷ ମଧ୍ୟରେ ବଜେଟରେ କୃଷି କ୍ଷେତ୍ର ପାଇଁ ବ୍ୟୟ ବରାଦ ବହୁଗୁଣ ବଢ଼ିଛି। ତା'ହେଲେ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ପୁଣି ଅଧିକ ସଙ୍କଟଜନକ ହେଉଛି କାହିଁକି? ନିଶ୍ଚିତ ଭାବେ ବଜେଟରେ ହେଉଥିବା ବ୍ୟୟବରାଦ କୃଷକଙ୍କ ପରିସ୍ଥିତି ସୁଧାରିବା ଦିଗରେ ହୋଇପାରୁନାହିଁ। ବଜେଟରେ ହେଉଥିବା ବ୍ୟୟବରାଦ ମୁଖ୍ୟତଃ କୃଷକମାନଙ୍କ ନିବେଶ ଖର୍ଚ୍ଚ ବାବଦକୁ ସବ୍‌ସିଡି ଭାବରେ ଖର୍ଚ୍ଚ ହେଉଛି, ଯାହା କୃଷକଙ୍କ ଅବସ୍ଥା ବଦଳେଇବାରେ ସକ୍ଷମ ହୋଇପାରୁନାହିଁ। କୃଷକମାନଙ୍କୁ ଦିଆଯାଉଥିବା ସବ୍‌ସିଡିର ସିଂହଭାଗ ଲାଭ ମୁଖ୍ୟତଃ କୃଷି କ୍ଷେତ୍ରରେ ଥିବା କମ୍ପାନୀମାନେ ପାଉଛନ୍ତି। କୃଷକମାନେ ଅତ୍ୟନ୍ତ କ୍ଷୀଣ ଲାଭ ପାଉଛନ୍ତି ବା ଆଦୌ ପାଉନାହାନ୍ତି। କୃଷକମାନଙ୍କ ପାଇଁ ପ୍ରତିବର୍ଷ ସବ୍‌ସିଡିର ପରିମାଣ ବଢ଼ି ଚାଲୁଛି, କିନ୍ତୁ ଅନ୍ୟପକ୍ଷରେ କୃଷକମାନେ ଗତ କୋଡ଼ିଏ ବର୍ଷରୁ ଅଧିକ ହେବ ନିଜ ବୃତ୍ତିରେ କ୍ରମାଗତ ଭାବେ କ୍ଷତି ସହି ଚାଲୁଛନ୍ତି। ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ୍ ଡେଭଲପମେଣ୍ଟ ନିଜ ରିପୋର୍ଟରେ ଏହା ପ୍ରକାଶ କରିଛି। ଅର୍ଥନୀତିର ଅନ୍ୟ କୌଣସି କ୍ଷେତ୍ର ପ୍ରତିବର୍ଷ ଏତେ ପରିମାଣରେ କ୍ଷତି ସହି ତିଷ୍ଠି ରହିଥିବାର ଉଦାହରଣ ନାହିଁ। ଗତ କୋଡ଼ିଏ ବର୍ଷ ମଧ୍ୟରେ ଅନ୍ୟ କୌଣସି ବୃତ୍ତିରେ ଏତେ ସଂଖ୍ୟକ ଲୋକ ଆତ୍ମହତ୍ୟା କରିନାହାନ୍ତି, ଯେତେ ଲୋକ କୃଷି କ୍ଷେତ୍ରରେ ଆତ୍ମହତ୍ୟା କରିଛନ୍ତି। ଏପରି କି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଯୁଦ୍ଧରେ ବି ସେତିକି ଲୋକ ମରିନାହାନ୍ତି ଯେତିକି ଲୋକ ଗତ କୋଡ଼ିଏ ବର୍ଷ ମଧ୍ୟରେ ଚାଷ କରି ଜୀବନ ହାରିଛନ୍ତି। ଏହା ବିପର୍ଯ୍ୟୟଠାରୁ ବି ଭୟଙ୍କର ଅବସ୍ଥା।

ଏହା ବାରମ୍ବାର ପ୍ରମାଣ ହେବାରେ ଲାଗିଛି ଯେ, ଚାଷୀମାନଙ୍କୁ ନିବେଶ ଖର୍ଚ୍ଚରେ ସବ୍‌ସିଡି ମାତ୍ରା ଯେତେ ବଢ଼େଇ ଚାଲିଲେ, ଭିନ୍ନ ଭିନ୍ନ ଯୋଜନାର ଆକାର ବୃଦ୍ଧି କଲେ, ଜ୍ଞାନକୌଶଳ ବିକାଶ ବାବଦକୁ ଯେତେ ଖର୍ଚ୍ଚ କଲେ ବି ଚାଷୀମାନଙ୍କର ରୋଜଗାର ବଢୁନାହିଁ। ଗତ କୋଡ଼ିଏ ବର୍ଷ ମଧ୍ୟରେ ଚାଷୀମାନଙ୍କର ଅମଳ ହାର ଦୁଇଗୁଣ ବଢ଼ିଛି ତଥାପି ବି ଚାଷୀମାନଙ୍କର ରୋଜଗାର ବଢ଼ିପାରିନାହିଁ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରିବା ପାଇଁ ସିଧା ପଦକ୍ଷେପ ନେବାକୁ ହେବ। ସମ୍ପ୍ରତି ବଜାରର ଯେପରି ବ୍ୟବସାୟ ଚାଲୁଛି, ଚାଷୀମାନଙ୍କର ଅମଳ ବଢ଼ିଲେ ବି ବଜାର ଦରଦାମ ସହିତ ତାଳ ଦେବା ବେଳକୁ ଚାଷୀର ରୋଜଗାର ମାଟି ଉପରକୁ ଉଠି ପାରୁନାହିଁ। ତେଣୁ ସମୟ ଆସିଛି ଚାଷୀମାନଙ୍କୁ ପ୍ରତ୍ୟକ୍ଷ ରୋଜଗାର ସହାୟତା ପ୍ରଦାନ କରିବାର। ତା'ହେଲେ ହିଁ ଆମ ଅର୍ଥନୀତିର କ୍ଷେତ୍ର କୃଷି ଓ କୃଷକମାନଙ୍କର ଅବସ୍ଥାରେ ପରିବର୍ତ୍ତନ ହେବା ଆରମ୍ଭ କରିବ। ଚାଷୀମାନଙ୍କ ପାଖକୁ ଟଙ୍କା ଗଲେ କେବଳ ସେମାନଙ୍କର ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ, ଆମ ଅର୍ଥନୀତିରେ ମଧ୍ୟ ନୂଆ ଜୀବନ ଫେରିବ। ଏହା ଦ୍ୱାରା ଚାଷୀଙ୍କର ବିକାଶ ହେବା ସହିତ ଦେଶର ବି ବିକାଶ ହେବ।

ଦେଶର ଅଧା ଜନସଂଖ୍ୟା ସଂଶ୍ଳିଷ୍ଟ ଥିବା କୃଷି କ୍ଷେତ୍ର ପାଇଁ ବଜେଟରେ ମାତ୍ର ୫ ପ୍ରତିଶତ ରଖିଲେ କିଛି ବି ପରିବର୍ତ୍ତନ ଆଶା କରିବା ବୃଥା। ଚଳିତ ବର୍ଷ ବଜେଟରେ କୃଷି କ୍ଷେତ୍ର ପାଇଁ ୧.୫୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ୬୦ ହଜାର କୋଟି କେବଳ ପିଏମ୍ କିଶାନ ଯୋଜନା ପାଇଁ ଅଛି, ଯାହା ଅନ୍ତର୍ଗତ ଜମିଥିବା ଚାଷୀମାନଙ୍କୁ ମାସିକ ୫୦୦ ଟଙ୍କା ହିସାବରେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି। ବାକି ଆଉ ୯୨ ହଜାର କୋଟି ଟଙ୍କା କୃଷି କ୍ଷେତ୍ରରେ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ବଳୁଛି। ଏତଦବ୍ୟତୀତ ୨୦୨୨-୨୩ ଆର୍ଥିକ ବର୍ଷର ତଥ୍ୟ ଅନୁସାରେ ଜଣେ ଗ୍ରାମୀଣ ଲୋକର ମାସିକ ଖର୍ଚ୍ଚ ୩୨୬୮ ଟଙ୍କା। ତା'ହେଲେ ଚାଷରୁ ଯଦି ଚାଷୀଟିଏ ଆଶାନୁରୂପ ରୋଜଗାର କରି ନ ପାରିବ ସେ ବଞ୍ଚିବ କିପରି? ତେଣୁ ବର୍ତ୍ତମାନ ପରିସ୍ଥିତିରେ କୃଷି କ୍ଷେତ୍ରର ବାସ୍ତବିକ ବିକାଶ ପାଇଁ ପୁନର୍ଚିନ୍ତନର ଆବଶ୍ୟକତା ରହିଛି। କୃଷକମାନଙ୍କ ଅମଳ ବଢ଼େଇବା ପାଇଁ ସବ୍‌ସିଡି ଆଦି ସହିତ ରୋଜଗାର ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ଆର୍ଥିକ ସାହାଯ୍ୟର ଆବଶ୍ୟକତା ରହିଛି। ତା'ହେଲେ କୃଷକମାନେ ସମାଜର ଅନ୍ୟାନ୍ୟ ବର୍ଗ ସହିତ କାନ୍ଧରେ କାନ୍ଧ ମିଶେଇ ଠିଆ ହୋଇପାରିବେ। କୃଷକମାନଙ୍କର କାନ୍ଧ ମଜଭୁତ ହେଲେ ଗ୍ରାମୀଣ ଅର୍ଥନୀତି ମଜଭୁତ ହେବ, ଯାହା ପ୍ରକାରାନ୍ତରେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବ।

**ଭିରଙ୍ଗ, ତିରଣ, ଜଗତସିଂହପୁର**
**ମୋ:୯୪୩୮୪୬୮୪୭୪**

# ମା'ର ବୈଜ୍ଞାନିକ ଦୃଷ୍ଟିକୋଣ



ଡ. କମଳାକାନ୍ତ ଜେନା

ପ୍ରକୃତି ଓ ପ୍ରାକୃତିକ ଘଟଣା ଆମକୁ ସବୁ ସମୟରେ ଆକର୍ଷିତ କରିଆସିଛି। ଆମେ ଆଖି ଖୋଲିଲେ ବିଭିନ୍ନ ପ୍ରକାର ଜିନିଷ ଆମ ନଜରରେ ପଡ଼େ। ବିଭିନ୍ନ ଆକାରର ଜିନିଷ। ବିଭିନ୍ନ ରଙ୍ଗର ଓ ଭିନ୍ନ ଭିନ୍ନ ଆକୃତିର ଜିନିଷ। ଭିନ୍ନ ଭିନ୍ନ ପ୍ରକୃତିର ଘଟଣା ଦେଖୁ। ପ୍ରକୃତିରେ ଘଟୁଥିବା ସବୁ ଘଟଣାର କାରଣ ଓ ଉଦ୍ଦେଶ୍ୟ ବିଷୟରେ ଆମକୁ ଜଣା ନ ଥିଲେ ବି ଅନେକ ଘଟଣା ବିଷୟରେ ଆମେ ଅନେକ କଥା ଜାଣିଛୁ। ଯାହା ବି ଜାଣିଛୁ, ବିଭିନ୍ନ ଯୁକ୍ତି ଓ ଗବେଷଣା ମାଧ୍ୟମରେ ଜାଣିଛୁ। ଯୁକ୍ତି, ଗବେଷଣା ଓ ସତ୍ୟର ସନ୍ଧାନ ହିଁ ବିଜ୍ଞାନ। ଘଟଣାକୁ ଆମୂଳଚୂଳ ବୁଝିବା ସକାଶେ ବିଜ୍ଞାନର ଆବଶ୍ୟକତା ବି ରହିଛି। ସବୁଠି ବିଜ୍ଞାନର ସ୍ୱାକ୍ଷର ରହିଛି। ତେଣୁ ମା'ର ହାଣ୍ଡିଶାଳ ସେଥିରୁ ବାଦ୍ ପଡି ନାହିଁ। ରୋଷେଇ କରିବା ସମୟରେ ମା' ଯେଉଁସବୁ ପଦ୍ଧତି ଅନୁସରଣ କରେ, ସେସବୁ ପଛରେ ଅଳ୍ପ ହେଉ କି ବେଶି ବୈଜ୍ଞାନିକ କାରଣ ନିଶ୍ଚୟ ରହିଛି। ତେଣୁ ମା' ବିଜ୍ଞାନ ବହି ପଢ଼ିଥାଉ କି ନ ପଢ଼ିଥାଉ, କିନ୍ତୁ ବୈଜ୍ଞାନିକ କୌଶଳ ବ୍ୟବହାର କରି ରୋଷେଇ କାମକୁ ସହଜ କରିପାରୁଛି।

ରୋଷେଇରେ ବାମ୍ଫର ଉଦାହରଣ ନିଆଯାଉ। ରୋଷେଇ କାମକୁ ସହଜ କରିବାରେ ବାମ୍ଫର କରାମତି ବିଷୟରେ ମା'କୁ ଭଲ ଭାବରେ ଜଣାଅଛି। ତରକାରି ରାନ୍ଧିଲା ବେଳେ ବା ଭଜା ଭାଜିଲା ବେଳେ କଡ଼େଇ ଉପରେ ମା' ଢାଙ୍କୁଣୀ ଘୋଡେଇଦିଏ। କାରଣ, ଢାଙ୍କୁଣୀ ଘୋଡ଼େଇଦେଲେ କଡ଼େଇ ଭିତର ବାମ୍ଫ ବନ୍ଦୀ ହୋଇ ରହେ ଓ ରନ୍ଧାକାମ ଶୀଘ୍ର ହୁଏ। ଯଦି ପଦାର୍ଥ ବିଜ୍ଞାନ ଦୃଷ୍ଟି କୋଣରୁ ମା'ର ଏହି ପଦ୍ଧତିକୁ ବିଚାର କରିବା, ତେବେ ସମାନ ତାପମାତ୍ରାରେ ରହିଥିବା ଗରମ ପାଣି ଓ ବାମ୍ଫ ମଧ୍ୟରୁ ବାମ୍ଫ ଭିତରେ ଅଧିକ ତାପଶକ୍ତି ଲୁଚି ରହିଥାଏ। ତେଣୁ ଖୋଲା କଡ଼େଇରେ ତରକାରି ନ ବସେଇ କିମ୍ବା ଭଜା ନ ଭାଜି କଡ଼େଇ ଉପରେ ଢାଙ୍କୁଣୀ ରଖିଲେ ପରିବାରୁ ବାହାରୁଥିବା ବାମ୍ଫରେ ଲୁଚି ରହିଥିବା ଅଧିକ ତାପ ପରିବାକୁ ଶୀଘ୍ର ସିଝିବାରେ ସାହାଯ୍ୟ କରେ। ତେଣୁ ମା'ର ଢାଙ୍କୁଣୀ ଘୋଡ଼େଇବା ପଦ୍ଧତି ବିଜ୍ଞାନ ସମ୍ମତ।

ଭାତହାଣ୍ଡିକୁ ଢାଙ୍କୁଣୀ ଘୋଡ଼େଇବା କାମ ମା'ର ବୈଜ୍ଞାନିକ ଦୃଷ୍ଟିକୋଣର ଆଉ ଏକ ପରିଚୟ ଦିଏ। ଘରେ ରୋଷେଇ କରିବା ସମୟରେ ଖୋଲା କଡ଼େଇରେ ପାଣି ଫୁଟାଇଲେ ପାଣିର ତାପମାତ୍ରା ବଢ଼ି ବଢ଼ି ଅତି ବେଶିରେ ୧୦୦ ଡିଗ୍ରୀ ସେଲ୍‌ସିୟସ ରହିବ। ଯେତେ ସମୟ ନିଆଁରେ ବସିଲେ ବି ପାଣିର ତାପମାତ୍ରା ଆଉ ବଢ଼ିପାରିବ ନାହିଁ। କିନ୍ତୁ ପାଣି ଉପରେ ବା ଜମା ହୋଇ ରହିଲେ ଫୁଟୁଥିବା ପାଣିର ତାପମାତ୍ରା ଆହୁରି ବଢ଼ିଯାଏ। ସେଥିପାଇଁ ମା' ଭାତହାଣ୍ଡି ଉପରେ ଢାଙ୍କୁଣୀ ଘୋଡ଼େଇ ଦିଏ। ଫଳରେ ଗରମ ପାଣିରୁ ବାହାରୁଥିବା ବାମ୍ଫ ଢାଙ୍କୁଣୀ ତଳେ ଚାପିହୋଇ ହାଣ୍ଡି ଭିତରେ ରହେ। ତେଣୁ ଫୁଟୁଥିବା ପାଣିର ତାପମାତ୍ରା ଟିକିଏ ଅଧିକ ହୁଏ, ଯାହାକି ଚାଉଳକୁ କମ୍ ସମୟରେ ସିଝେଇବାରେ ସାହାଯ୍ୟ କରେ। ତେଣୁ କମ୍ ଜାଳେଣି ଖର୍ଚ୍ଚ ହୁଏ।



ଭାତହାଣ୍ଡି ଓ କଡ଼େଇ ଉପରେ ଢାଙ୍କୁଣୀ ଘୋଡେଇ ରୋଷେଇ କରିବା ଅପେକ୍ଷା ପ୍ରେସର କୁକର ଦ୍ୱାରା ଆହୁରି କମ୍ ସମୟରେ ରୋଷେଇ ହୋଇପାରେ। ଏହା ପଛରେ ମଧ୍ୟ ସେଇ ବୈଜ୍ଞାନିକ କାରଣ ରହିଛି, ଯାହା ମା'କୁ ଜଣାଅଛି। ଖୋଲା ପାତ୍ରରେ ପାଣି ଗରମ କଲେ ପାଣି ଉପରେ ସାଧାରଣ ବାୟୁମଣ୍ଡଳୀୟ ଚାପ ପଡୁଥାଏ ଏବଂ ତାହା ୧୦୦ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଫୁଟେ। କିନ୍ତୁ ପ୍ରେସର କୁକର ଭିତରେ ସେମିତି ହୁଏ ନାହିଁ। ପ୍ରେସର କୁକର ଭିତରେ ପାଣି ରଖି ଗରମ କଲେ ପାଣିରୁ ବାହାରୁଥିବା ବାଷ୍ପ ବାହାରକୁ ନ ଯାଇ ସେହି ପାଣି ଉପରେ ଜମାହୋଇ ରହେ। ତେଣୁ ପ୍ରେସର କୁକର ଭିତରର ଚାପ ବାହାରର ବାୟୁମଣ୍ଡଳୀୟ ଚାପଠାରୁ ବଢିଯାଏ। ପାଣି ଉପରେ ଅଧିକ ଚାପ ପଡ଼ିଲେ ତାହା ଅଧିକ ତାପମାତ୍ରାରେ ଫୁଟେ। ଏହାର ଅର୍ଥ ପାଣିର ତାପମାତ୍ରା ୧୦୦ ଡିଗ୍ରୀ ସେଲ୍‌ସିୟସଠାରୁ ଅଧିକ ହୋଇପାରେ। ପ୍ରକୃତରେ ପ୍ରେସର କୁକର ଭିତରେ ପାଣିର ତାପମାତ୍ରା ୧୦୦ ଡିଗ୍ରୀ ବଦଳରେ ୧୪୦ ଡିଗ୍ରୀ ସେଲ୍‌ସିୟସ ଛୁଇଁଯାଏ। ଏତେ ବେଶି ତାପମାତ୍ରାରେ ରହିଥିବା ଗରମ ପାଣି ସହଜରେ ପନିପରିବା ଓ ମାଂସ ଭିତରେ ପଶିଯାଇ ସେସବୁକୁ ଶୀଘ୍ର ସିଝେଇଦିଏ। ସେଥିପାଇଁ ଖୋଲା କଡ଼େଇରେ ମାଂସ ରାନ୍ଧିଲେ ସିଝିବା ପାଇଁ ବହୁତ ସମୟ ଲାଗେ। କିନ୍ତୁ ପ୍ରେସର କୁକରରେ ରାନ୍ଧିଲେ ଖୁବ୍ କମ୍ ସମୟରେ ମାଂସ ସିଝିଯାଏ।

କେବଳ ବାମ୍ଫର ବ୍ୟବହାର ନୁହେଁ, ଅନେକ କାମରେ ମା'ର ଅନୁଭୂତି, ଚିନ୍ତାଶକ୍ତି ଓ ବୈଜ୍ଞାନିକ ଦୃଷ୍ଟିକୋଣ ସକାଶେ ସହଜରେ କାମଟି ହୋଇଯାଏ। ତେଣୁ ମା'କୁ ବଡ଼ ବୈଜ୍ଞାନିକ ନ କହିଲେ ବି ତା'ର ବୈଜ୍ଞାନିକ ଦୃଷ୍ଟିକୋଣକୁ ସମ୍ମାନ ଦେବା।

**ପ୍ରାଧ୍ୟାପକ, ସ୍ନାତକୋତ୍ତର (ଏମ୍.ଏସ୍‌ସି.)**
**ପଦାର୍ଥ ବିଜ୍ଞାନ ବିଭାଗ,**
**ଭଦ୍ରକ ସ୍ୱୟଂଶାସିତ ସରକାରୀ କଲେଜ,**
**ଭଦ୍ରକ, ମୋ:୯୪୩୯୫୦୧୬୫୧**

## ଏଇ ଭାରତରେ

କିଛି କରି ଦେଖାଇବାର ସଙ୍କଳ୍ପ ଆଗରେ ସବୁ ପ୍ରତିବନ୍ଧକ ହାର୍ ମାନେ। ଯାହାର ଉଦାହରଣ ସାଜିଛନ୍ତି ଅଙ୍କୁରଜିତ୍ ସିଂହ। ହରିୟାଣାସ୍ଥିତ ଯମୁନାନଗରର ନିବାସୀ ଅଙ୍କୁରଜିତ୍ ପିଲାଦିନୁ ସଂଘର୍ଷମୟ ଜୀବନ ବିତାଇଥିଲେ। ସ୍କୁଲରେ ପଢିବା ଆରମ୍ଭ ହେବା ବେଳକୁ ଧୀରେ ଧୀରେ ତାଙ୍କ ଆଖି ଖରାପ ହେବାରେ ଲାଗିଲା। କିଛି ଦିନ ପରେ ତାଙ୍କ ଆଖିକୁ ଆଦୌ ଦେଖାଗଲା ନାହିଁ। ଚିକିତ୍ସା ପରେ ବି ତାଙ୍କୁ କୌଣସି ସୁଫଳ ମିଳି ନ ଥିଲା। କିନ୍ତୁ ସେ ହାର୍ ମାନି ନ ଥିଲେ। ପାଠପଢା ଆଦୌ ବନ୍ଦ କରି ନ ଥିଲେ। ସ୍କୁଲରେ କେବଳ ଶୁଣି ଶୁଣି ସେ ସବୁ ମନେ ରଖୁଥିଲେ। ଆଉ ଛୁଟି ସମୟରେ ଘରେ ତାଙ୍କ ମାଆ ତାଙ୍କୁ ବଡ ପାଟିରେ ସବୁ ପାଠ ପଢି ଶୁଣାଉଥିଲେ ଓ ସେ ଶୁଣି ଶୁଣି ମନେ ରଖୁଥିଲେ। ପାଠପଢାରେ ତାଙ୍କର ସଫଳତା ସମସ୍ତଙ୍କୁ ଆଚମ୍ବିତ କରୁଥିଲା। ଏମିତିକି ଶିକ୍ଷକମାନେ ମଧ୍ୟ ପ୍ରଭାବିତ ହୋଇଥିଲେ। ତେଣୁ ତାଙ୍କୁ ଆଇଆଇଟିରେ ପଢିବା ପାଇଁ ଏଣ୍ଟ୍ରାନ୍ସ ଦେବାକୁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଏହା ପରେ ସେ ସ୍କ୍ରିନ୍ ରିଡର ଓ ଆଧୁନିକ ଟେକ୍ନୋଲୋଜିର ସହାୟତାରେ ଜେଇଇ ଏଣ୍ଟ୍ରାନ୍ସ ପାସ୍ କରି ଆଇଆଇଟିରେ ସିଟ୍ ପାଇଥିଲେ। କିନ୍ତୁ ପରେ ସେ ୨୦୧୭ରେ ୟୁପିଏସ୍‌ସି ପରୀକ୍ଷା ଦେଇ ୪୧୪ ର୍ୟାଙ୍କ୍ ରଖି ଆଇଏଏସ୍ ଅଫିସର ହୋଇଥିଲେ। ଅଙ୍କୁରଜିତ୍‌ଙ୍କ ସଫଳତା ଏବେ ସମସ୍ତଙ୍କ ପାଇଁ ଉଦାହରଣ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୭୫

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କଟକ ଓ ବାଲେଶ୍ୱର ଜିଲାର ବିଭିନ୍ନ ବନ୍ୟା ଦୁର୍ଗତ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିଛନ୍ତି।
- ଦେଶର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସ୍ଥାପନ ଲାଗି ରାଷ୍ଟ୍ରପତି ଫକିରୁଦ୍ଦିନ ଅଲି ମହମ୍ମଦ ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 9 | | | | | | | |
| 8 | | | | 7 | 2 | | | |
| | | 7 | | | | | | |
| | | | | | 6 | | | 4 |
| | | 4 | | 8 | | 3 | | |
| | 3 | 2 | | 9 | | 1 | | 8 |
| | | | | 1 | 9 | | | 3 |
| | | | 4 | | 5 | | | |
| | 6 | | | 3 | | | 7 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 5 | 6 | 2 | 9 | 7 | 4 |
| 4 | 2 | 9 | 3 | 7 | 8 | 6 | 1 | 5 |
| 7 | 5 | 6 | 4 | 9 | 1 | 2 | 8 | 3 |
| 9 | 1 | 3 | 2 | 4 | 7 | 8 | 5 | 6 |
| 6 | 8 | 4 | 9 | 1 | 5 | 7 | 3 | 2 |
| 2 | 7 | 5 | 8 | 3 | 6 | 1 | 4 | 9 |
| 3 | 6 | 2 | 7 | 8 | 4 | 5 | 9 | 1 |
| 5 | 4 | 7 | 1 | 2 | 9 | 3 | 6 | 8 |
| 8 | 9 | 1 | 6 | 5 | 3 | 4 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ପଣ ଚାଉଳ ନଷ୍ଟ ମହାପାପ

ମହାଶୟ,

ଶ୍ରୀଜଗନ୍ନାଥଙ୍କ ବେଢା ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉପଲକ୍ଷେ ଓଡ଼ିଶାର ପୁରପଲ୍ଲୀରେ ଅର୍ପଣ ରଥ ଭ୍ରମଣ କଲା। ଭକ୍ତମାନେ ଭକ୍ତିଭାବରେ ବିହ୍ୱଳିତ ହୋଇ ସ୍ୱଇଚ୍ଛାରେ ଚାଉଳ ଓ ନଡିଆ ଆଦି ଦାନକଲେ। ଏଥିରେ ସେମାନଙ୍କର ମହାପ୍ରଭୁଙ୍କଠାରେ ଥିବା ଏକାନ୍ତ ଭକ୍ତି ଓ ଶ୍ରଦ୍ଧା ଭରପୂର ହୋଇଥିଲା। ଅର୍ପଣ ଚାଉଳ ପୁରୀରେ ସଂଗୃହୀତ ହେବା ପରେ ଏହି ଚାଉଳରୁ ପ୍ରସାଦ ତିଆରି ପୂର୍ବକ ଭକ୍ତମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ପରେ ମନ୍ଦିର ପ୍ରଶାସନ ଅବହେଳାରୁ ଉକ୍ତ କାର୍ଯ୍ୟ ବନ୍ଦ ହୋଇଗଲା। ଫଳରେ ସଂଗୃହୀତ ଚାଉଳ ବାହାରେ ଖୋଲା ମେଲାରେ ପଡି ରହି ନଷ୍ଟ ହେବାକୁ ଲାଗିଲା। ଏପରିକି ଉକ୍ତ ଚାଉଳକୁ ପାଣିରେ ଭସାଇ ଦେବାକୁ ପଡିଲା। ଆନନ୍ଦ ଉଲ୍ଲାସ ଓ ଭକ୍ତି ଭାବରେ ପ୍ରଦାନ କରିଥିବା ଅର୍ପଣ ଚାଉଳକୁ ନଷ୍ଟ କରି ଦିଆଯିବା ଖବର ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କ ମନରେ ଗଭୀର ବ୍ୟାଘାତ ସୃଷ୍ଟି କରିଛି। ଜଗନ୍ନାଥ ମହାପ୍ରଭୁ ମଧ୍ୟ ଏପରି ଦୃଶ୍ୟକୁ ଅବଲୋକନ କରି ଉଚିତ ବିଚାର କରିବେ ବୋଲି ଭକ୍ତମାନଙ୍କ ଆଶା ଓ ବିଶ୍ୱାସ। ଆଗକାଳରେ ଲୋକେ ଗୋଟିଏ ଧାନ କିମ୍ବା ଚାଉଳ ବାଟରେ ପଡିଥିଲେ ତାକୁ ଗୋଟାଇ କରି ଘରକୁ ଯତ୍ନର ସହ ଘେନି ଆସୁଥିଲେ। ମାତ୍ର ଏତେ ପରିମାଣର ଅର୍ପଣ ଚାଉଳକୁ ଆଖି ବୁଜି ନଷ୍ଟ କରିବା ଏକ ଗର୍ହିତ ମହାପାପ। ଏଥିପାଇଁ ମହାପ୍ରଭୁ ଅବଶ୍ୟ ଦୋଷୀଙ୍କୁ ଉଚିତ ବିଧାନ କରିବେ। ଏହା ଆଗକୁ ନ ଘଟିବା ପାଇଁ ମନ୍ଦିର ପ୍ରଶାସନ ସାବଧାନ ହେବାକୁ ପଡିବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ।''
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**କାନ୍ଥପଡ଼ି ଶିଶୁକନ୍ୟା ମୃତ: ମାଆ, ଭଉଣୀ ଗୁରୁତର**

ପାଟଣା,୨୭।୯(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ବଡ଼ବିଲ ପଞ୍ଚାୟତ ଉପାନ୍ତ ଅଞ୍ଚଳ ବାରତଣିଆ ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଲଗାଣ ବର୍ଷାରେ ଏକ ଆଜବେଷ୍ଟସ ଘର କାନ୍ଥ ଭୁଶୁଡ଼ି ଚିତ୍ତରଞ୍ଜନ ମୁଣ୍ଡାଙ୍କ ୨ବର୍ଷର ଝିଅ ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଛି। ଘଟଣାରେ ମୃତାଙ୍କ ବଡ଼ ଭଉଣୀ ଓ ମା' ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ଚିତ୍ତରଞ୍ଜନ ସ୍ତ୍ରୀ ରଜନୀ, ତାଙ୍କର ୬ ବର୍ଷର ଝିଅ ବନିତା। ଉଭୟ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

# ଆନ୍ଦୋଳନ ଆରମ୍ଭରୁ ଦୋହଲିଲା ଚିକିତ୍ସା ସେବା

## ଜିଦ୍‌ରେ ଅଟଳ ନର୍ସିଂ କର୍ମଚାରୀ ସଂଘ

### ଆଜିଠାରୁ ଅହୋରାତ୍ର ଆନ୍ଦୋଳନ




କ୍ୟାପିଟାଲ ହସ୍ପିଟାଲରେ ନର୍ସିଂ ଅଫିସର ଓ କର୍ମଚାରୀମାନେ ଧାରଣାରେ ବସିଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

**ଭୁବନେଶ୍ୱର,୨୭।୯(ବନ୍ଦନା ସେଠୀ)**

ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଓ ଏସ୍ମା ଲାଗୁ ସତ୍ତ୍ୱେ ଆନ୍ଦୋଳନକୁ ଜୋର୍‌ଦାର କରିଛନ୍ତି ନର୍ସିଂ କର୍ମଚାରୀ। ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଗତ ବୁଧବାର ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାରଠାରୁ ବ୍ୟାପକ ହୋଇଛି। ୨ଦିନ ଧରି ଜରୁରିକାଳୀନ ସେବା ଯୋଗାଇ ସେମାନେ ଆନ୍ଦୋଳନ କରୁଥିଲେ। ୧୦ପ୍ରତିଶତ ନର୍ସିଂ କର୍ମଚାରୀ ଏଥିରେ ସାମିଲ ହୋଇଥିବାବେଳେ ଏବେ ୧୬ହଜାର ନର୍ସିଂ ଅଫିସର ଓ କର୍ମଚାରୀ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦକରି ଆନ୍ଦୋଳନକୁ ଓହ୍ଲାଇଥିବାରୁ ରାଜ୍ୟବ୍ୟାପୀ ସରକାରୀ ସ୍ୱାସ୍ଥ୍ୟସେବା ଦୋହଲିଯାଇଛି। ରୋଗୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ରୋଗୀଙ୍କୁ ଇଞ୍ଜେକ୍ସନ, ସାଲାଇନ ଦେବାଠାରୁ ଆରମ୍ଭକରି ବିଭିନ୍ନ ନର୍ସିଂସେବା ବାଧାପ୍ରାପ୍ତ ହୋଇଛି। ଏପରିସ୍ଥଳେ ଆଗକୁ ସ୍ଥିତି ଆହୁରି ବିଗିଡ଼ିଯିବ ବୋଲି ଆଶଙ୍କା କରାଯାଉଛି। ଶନିବାରଠାରୁ ଅହୋରାତ୍ର ଆନ୍ଦୋଳନ ନେଇ ସଂଘ ସଭାନେତ୍ରୀ ଶୁଚିସ୍ମିତା ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସରକାର କେବଳ ଆଲୋଚନା କରିବେ, କମିଟି ଗଢ଼ିବେ ବୋଲି ଗଣମାଧ୍ୟମରେ କହୁଥିବାବେଳେ ଏନେଇ ସଂଘ ସହ କୌଣସି ଆଲୋଚନା କରିନାହାନ୍ତି। ସଂଘ ସରକାରଙ୍କୁ ବହୁତ ସମୟ ଦେଇଛି। ଆନ୍ଦୋଳନ ପାଇଁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି ସତ, ଏଥିପାଇଁ ସରକାର ଦାୟୀ। ଯେ ପର୍ଯ୍ୟନ୍ତ ଆମ ଦାବି ପୂରଣ ହୋଇନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶୁଚିସ୍ମିତା କହିଛନ୍ତି।

୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ସହ ଆର୍ଥିକ ସୁବିଧା ପ୍ରଦାନ କରିବା, ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେବା, ଆଉଟ୍‌ସୋର୍ସିଂ ନିଯୁକ୍ତି ବନ୍ଦ କରିବା, ନର୍ସିଂ ଅଫିସରଙ୍କ ଡ୍ରେସ୍ କୋଡ୍ ପରିବର୍ତ୍ତନ କରିବା ଆଦି ୧୦ ଦଫା ଦାବିନେଇ ସଂଘ ଗତ ୨୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଛି। ଏସ୍ମା ଲାଗୁ ହୋଇଥିବାରୁ ଯଦି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନିଅନ୍ତି, ତେବେ ତାହା ଆମେ ଉପହାର ଭାବି ଗ୍ରହଣ କରିବୁ ବୋଲି ସଂଘ ସମ୍ପାଦକ ଅଶ୍ୱିନୀ କୁମାର ଦାସ କହିଛନ୍ତି।

ଅପରପକ୍ଷେ ନର୍ସିଂ ନିର୍ଦ୍ଦେଶକ ଡା. ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ନର୍ସିଂ ଅଫିସରଙ୍କ ଦାବିର ବିଚାରବିମର୍ଶ ଲାଗି ଆନ୍ତଃ ବିଭାଗୀୟ କମିଟି ଗଠନ କରାଯାଇଛି। ଏହାସତ୍ତ୍ୱେ ସେମାନେ ଆନ୍ଦୋଳନରେ ବସିଛନ୍ତି। ତେବେ ରୋଗୀସେବା କୌଣସି ପ୍ରକାର ବ୍ୟାହତ ହୋଇନାହିଁ। ଏଥିପାଇଁ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ବିଏସ୍‌ସି ନର୍ସିଂ ଛାତ୍ରୀଛାତ୍ର, ଏଏନ୍‌ଏମ୍ ତଥା ଅନ୍ୟ କର୍ମଚାରୀଙ୍କୁ ନେଇ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ଏସ୍ମା ଲାଗୁ ହୋଇଥିବାରୁ ଆନ୍ଦୋଳନର ଦିନକ ପୂର୍ବରୁ ଓଡ଼ିଶା ନର୍ସିଂ ନିର୍ଦ୍ଦେଶାଳୟ ପକ୍ଷରୁ ସଂଘକୁ ତାଗିଦ କରାଯାଇଥିଲା। ଏପରିକି ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏବେ ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେ ନେଇ ନିର୍ଦ୍ଦେଶକ କୌଣସି ସୂଚନା ଦେଇନାହାନ୍ତି।

**ଆନ୍ଦୋଳନରୁ ଓହରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁରୋଧ**

ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନର୍ସିଂ ସଂଘକୁ ଅନୁରୋଧ କରିଛନ୍ତି। ବିଭାଗ ପକ୍ଷରୁ ଆନ୍ତଃ ବିଭାଗୀୟ କମିଟି ଗଠନ କରାଯାଇଛି। ସଂଘର ସମସ୍ତ ଦାବି ନେଇ ଏଥିରେ ଆଲୋଚନା ହେବ। ତେଣୁ ରୋଗୀସେବାର ଗୁରୁତ୍ୱକୁ ହୃଦୟଙ୍ଗମ କରି କାର୍ଯ୍ୟରେ ଯୋଗଦେବାକୁ ମନ୍ତ୍ରୀ କହିଛନ୍ତି।

# ନଭେମ୍ବର ୫ ପର୍ଯ୍ୟନ୍ତ ଚେଭେନିଂ ବୃତ୍ତିର ପଞ୍ଜୀକରଣ

### ୟୁକେରେ ଉଚ୍ଚଶିକ୍ଷା ସ୍ୱପ୍ନ ପୂରଣ କରୁଛି




**ଭୁବନେଶ୍ୱର,୨୭।୯(ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତୀୟ ମେଧାବୀ ଛାତ୍ରଙ୍କ ପାଇଁ ଚେଭେନିଂ ସ୍କଲାରଶିପ(ବୃତ୍ତି) ଏବଂ ଫେଲୋଶିପ ପ୍ରୋଗ୍ରାମର ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୫ ପର୍ଯ୍ୟନ୍ତ ଏହି ବୃତ୍ତିର ପଞ୍ଜୀକରଣ ଉପଲବ୍ଧ ଥିଲାବେଳେ ନିକଟରେ ଫେଲୋଶିପ ପ୍ରୋଗ୍ରାମର ପଞ୍ଜୀକରଣ ଶେଷ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଉତ୍ସାହୀ ଓ ଆଶାୟୀ ମେଧାବୀ ଛାତ୍ରୀଛାତ୍ରମାନେ ୟୁନାଇଟେଡ୍ କିଙ୍ଗ୍‌ଡମ (ୟୁକେ) ବା ଲଣ୍ଡନରେ ଉଚ୍ଚ ଶିକ୍ଷା ପାଇଁ ଏହି ବୃତ୍ତି ସମ୍ପର୍କରେ ଅବଗତ ହେବା ସହ ପଞ୍ଜୀକରଣ କରିପାରିବେ। ଏପରିକି ଲଣ୍ଡନରେ ଉଚ୍ଚଶିକ୍ଷା ପାଇଁ ସ୍ୱପ୍ନ ଦେଖୁଥିବା ଉଭୟ ଭାରତୀୟ ଏବଂ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ହୋଇଥିଲାବେଳେ ପ୍ରତି ବର୍ଷ ବହୁ ହଜାର ଛାତ୍ର ଏହି ବୃତ୍ତି ଜରିଆରେ ୟୁକେରେ ଉଚ୍ଚଶିକ୍ଷା ସ୍ୱପ୍ନ ପୂରଣ କରୁଛନ୍ତି। ସେହିଭଳି ୟୁକେର ଫରେନ କମନୱେଲ୍‌ଥ ଆଣ୍ଡ ଡେଭଲପମେଣ୍ଟ ଅଫିସ (ଏଫ୍‌ସିଡିଓ) ଏବଂ ଏହାର ସହଯୋଗୀମାନେ ମେଧାବୀ ଛାତ୍ରଙ୍କୁ ଲଣ୍ଡନ (ୟୁକେ) ର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସହଯୋଗ ଓ ସହାୟତା ଯୋଗାଇଦେଇଥାନ୍ତି। ଏପରିକି ଏହି ବୃତ୍ତି ଜରିଆରେ ମେଧାବୀ ଛାତ୍ରୀଛାତ୍ରମାନେ ଆଗାମୀ ଦିନର ନେତା (ଫ୍ୟୁଚର ଲିଡର) ହୋଇ ଦେଶବାସୀଙ୍କ ସେବାରେ ସମର୍ପିତ ହୋଇଛନ୍ତି। ସେହିଭଳି ପ୍ରାୟ ୧୬୦ ଦେଶର ମେଧାବୀ ଛାତ୍ରମାନେ ଏହି ବୃତ୍ତି ଓ ଫେଲୋଶିପ ପ୍ରୋଗ୍ରାମ ଜରିଆରେ ସେମାନଙ୍କର ସ୍ୱପ୍ନକୁ ପୂରଣ କରିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରିପାରିଛନ୍ତି।

ସେହିପରି ବିଶ୍ୱସ୍ତରରେ ଚେଭେନିଂର ଆଲୁମ୍ନି ନେଟ୍‌ୱର୍କ ପ୍ରାୟ ୫୭,୦୦୦ ଇନ୍‌ଭେଷ୍ଟର୍ସ ଏବଂ ଲିଡର୍ସ ଭାବେ ପରିଚିତ ହୋଇପାରିଛନ୍ତି। ଏହି ସୀମିତ ସମୟର ଶିକ୍ଷା ବର୍ଷ ମଧ୍ୟରେ ଛାତ୍ରୀଛାତ୍ରମାନେ ଅନେକ କିଛି ଶିଖିବାକୁ ପାଉଛନ୍ତି। ଉପରୋକ୍ତ ବୃତ୍ତି ସମ୍ପର୍କରେ ବିସ୍ତୃତ ସୂଚନା ପାଇଁ ଆଶାୟୀ ଛାତ୍ର ଏହି ଲିଙ୍କ୍ https://www.chevening.org/scholarship/india/ରେ ଯୋଗାଯୋଗ କରିପାରିବେ।

# ଅକ୍ଟୋବରରୁ ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ: ମନ୍ତ୍ରୀ ପାତ୍ର

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ପୂର୍ବଭଳି ଏବେ ରାଶନକାର୍ଡ ହିତାଧିକାରୀଙ୍କୁ ସରକାର ଗହମ ଯୋଗାଇ ଦେବେ। ଆସନ୍ତା ଅକ୍ଟୋବରରୁ ରାଶନ କାର୍ଡ ହିତାଧିକାରୀଙ୍କୁ ଗହମ ମିଳିବ। ଓଡ଼ିଶା ସମେତ ୯ ରାଜ୍ୟର ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ ବୋଲି ଏ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

ମନ୍ତ୍ରୀ ପାତ୍ର କହିଛନ୍ତି, ପୂର୍ବ ସରକାର ଗହମକୁ ବନ୍ଦକରି ରାଶନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇଦେଉଥିଲେ। ଏବେ ଅର୍ଡର ଆସିଛି, ହିତାଧିକାରୀଙ୍କୁ ମୁଣ୍ଡ ପିଛା ଏକ ପଞ୍ଚମାଂଶ ଗହମ ମିଳିବ ଅର୍ଥାତ୍ ଜଣେ ହିତାଧିକାରୀଙ୍କୁ ୨୦% ଗହମ ଦିଆଯିବ। ଜଣେ ହିତାଧିକାରୀ ୨୦ କେଜି ଚାଉଳ ସହ ୫ କେଜି ଗହମ ନେଇପାରିବେ। ଯଦି ଜଣେ ହିତାଧିକାରୀ ଚାହିଁବେ ୧୫ କେଜି ଚାଉଳ ସହ ୧୦ କେଜି ଗହମ ମଧ୍ୟ ନେଇପାରିବେ। ଯେଉଁମାନେ ନୂଆ ରାଶନ କାର୍ଡ ପାଇଁ ଆବେଦନ କରିଛନ୍ତି ସେମାନଙ୍କ ଇ-କେୱାଇସି ଯାଞ୍ଚ ଚାଲିଛି। ଯାଞ୍ଚ ପରେ ସେମାନଙ୍କୁ ରାଶନ କାର୍ଡ ମିଳିବ। ଇ-କେୱାଇସି ଯାଞ୍ଚ ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅଧିକ ରହିଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବ ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ରାଶନ କାର୍ଡ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରିଦେଇଥିଲେ। ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବେଳେ ନିଷ୍ପତ୍ତି ନେଇଥିଲେ।

# ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନାରେ ମୁକ୍ତ ହେଲେ ଗୋପାଳ ଡାଙ୍ଗ

**ବୌଦ୍ଧ/ବଘିଆପଡ଼ା,୨୭।୯ (ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା କାରାଗାରରେ ବନ୍ଦୀ ଥିବା ବରଗଡ଼ ଜିଲା ନାଏକପଡ଼ା ଗ୍ରାମର ଗୋପାଳ ଡାଙ୍ଗ ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନାରେ ଶୁକ୍ରବାର କାରାଗାରରୁ ମୁକ୍ତ ହୋଇଛନ୍ତି। ଏହା ଓଡ଼ିଶାରେ ପ୍ରଥମ ଘଟଣା।

ସୂଚନା ମୁତାବକ, ଗୋପାଳଙ୍କୁ ବରଗଡ଼ ଜିଲା ଦୌରାଜଜ୍ ଅଦାଲତଙ୍କ ରାୟ ଅନୁସାରେ ଏକ ମାମଲାରେ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜରିମାନା ଆଦେଶ ହୋଇଥିଲା। ଜରିମାନା ଅନାଦାୟ ହେଲେ ଅଧିକ ୪ ମାସ କାରାଦଣ୍ଡ ପାଇଁ ଆଦେଶ ହୋଇଥିଲା। ଜେଲ ବଦଳି ନିୟମ ଅନୁସାରେ ଗୋପାଳ ବୌଦ୍ଧ ଜିଲା କାରାଗାରରେ ସଜା କାଟୁଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ କୋର୍ଟଙ୍କ ଆଦେଶ ମୁତାବକ ୨ ବର୍ଷ କାଳ ସଜା କାଟିସାରିଥିବା ବେଳେ ଜରିମାନା ଟଙ୍କା ଦେବାକୁ ଅକ୍ଷମଥିବାରୁ ଜେଲଦଣ୍ଡ ଭୋଗୁଥିଲେ। କୋର୍ଟଙ୍କ ଆଦେଶ ଅନୁସାରେ ୯।୧୦।୨୦୨୪ରେ ସଜା କାଟି ଗୋପାଳ ମୁକ୍ତହେବାର ଥିଲା। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନାରେ ବୌଦ୍ଧ ଜିଲାସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ସୁପାରିସ କ୍ରମେ ଗୋପାଳଙ୍କୁ ଶୁକ୍ରବାର କାରାଗାରରୁ ମୁକ୍ତ କରାଯାଇଛି। ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗତ ୨୩ ତାରିଖରେ ଜେଲ ଅଧୀକ୍ଷକଙ୍କୁ ଜଣାଇବା ପରେ ଜେଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଥିଲା। ଜେଲ ଉଚ୍ଚ କର୍ତ୍ତୃପକ୍ଷ ବନ୍ଦୀ ଗୋପାଳ ସଜା କାଟୁଥିବା ବଳକା ଦିନର ଜରିମାନା ଅର୍ଥ ୧୩୧୧ ଟଙ୍କା ଦାଖଲ କରିବା ପରେ ଶୁକ୍ରବାର ତାଙ୍କୁ ମୁକ୍ତ କରାଯାଇଥିଲା। ପ୍ରକାଶ ଥାଉ କି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନା ଲାଗୁହେବା ପରେ ଓଡ଼ିଶାରେ ପ୍ରଥମ ଘଟଣା ଭାବରେ ବୌଦ୍ଧ ଜେଲରୁ ଗୋପାଳଙ୍କୁ ମୁକ୍ତ କରାଯାଇଥିବା ଜେଲ ଅଧୀକ୍ଷକ ଜଗତ ବିହାରୀ ରାଉତରାୟ ସୂଚନା ଦେଇଛନ୍ତି।

### ଓଡ଼ିଶାରେ ପ୍ରଥମ



ବୌଦ୍ଧ ଜିଲା କାରାଗାରରୁ ଗୋପାଳଙ୍କୁ ମୁକ୍ତ କରାଯାଉଛି।

# ସୁବର୍ଣ୍ଣରେଖାରେ ବୁଡ଼ିଗଲେ ୪ ନାବାଳକ

### ଜଣଙ୍କର ମୃତ୍ୟୁ, ୩ ଉଦ୍ଧାର

**ବାଲିଆପାଳ (ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୭।୯**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଅସ୍ତି ପଞ୍ଚାୟତ ସର୍ଦ୍ଧାରସାହି ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଏହି ସାହିର ୪ଜଣ ନାବାଳକ ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ୩ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ବେଳେ ଆଉ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସର୍ଦ୍ଧାରସାହି ଗ୍ରାମର ସୁବାସ ଚନ୍ଦ୍ର ରଣାଙ୍କ ପୁଅ ତାପସ କୁମାର ରଣା(୧୭)। ତାପସ ଯୁକ୍ତ ୨ରେ ପାଠ ପଢୁଥିଲେ। ଖବର ପାଇ ବାଲିଆପାଳ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

୪ଜଣ ସାଙ୍ଗ ବଢ଼ାପାଳ ଘାଟକୁ ଗାଧୋଇବାକୁ ଯାଇଥିଲେ। ସେଠାରେ କୂଳରେ ଥିବା ଏକ କଦଳୀଭେଳା ଉପରେ ୪ଜଣ ଚଢ଼ି ଖେଳୁଥିଲେ। କଦଳୀଭେଳା ହଠାତ୍ ଓଲଟି ପଡ଼ିବାରୁ ସମସ୍ତେ ନଦୀସ୍ରୋତରେ ଭାସିଯାଇ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଜାଣି ପାରି ସେମାନଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରେ ଦୁଇଜଣଙ୍କ ଅବସ୍ଥା ସ୍ୱାଭାବିକ ଥିବା ବେଳେ ଜଣେ ଗୁରୁତର ହୋଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର ମୃତ୍ୟୁ ଘଟିଛି।


**ପୂର୍ବତଟ ରେଳପଥ**

Tender Notice No.: S&T/OT/SIG/ZONAL/KUR-416, ତା.19.09.2024 ରିଖ

କାର୍ଯ୍ୟର ନାମ: ଏକ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳ, ପୂର୍ବତଟ ରେଳପଥର SSES/SOUTH/ଖୋର୍ଦ୍ଧା ରୋଡ୍ କ୍ଷେତ୍ରାଧିକାର ଅଧୀନସ୍ଥ ସେକ୍ସନ୍‌ରେ ପ୍ରତ୍ୟେକ ଟ.୫,୦୦,୦୦୦/- କିମ୍ବା ତା ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଙ୍ଗ୍ ଜୋନାଲ୍ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.67,61,896.20/-, EMD : ଟ.1,35,200/-

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.14.10.2024 ରିଖ 1100 ଘଟିକାରେ

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ସିଗନାଲ ଏବଂ ଟେଲିକମ୍ ଯନ୍ତ୍ରୀ ଖୋର୍ଦ୍ଧା ରୋଡ୍

PR-555/P/24-25



**The Odisha State Co-operative Milk Producers' Federation Limited**
omfed
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
www.omfed.com E-mail ID : omfed@yahoo.com
No.CAD-1217

**NOTICE INVITING TENDER**

OMFED invites sealed offer from original manufacturers / traders of Powder packing machine having adequate experience. The bidders are required to submit their Techno - commercial offer in separate sealed envelope for supply, installation, testing, commissioning and trial run of **Powder Packing machine for packing of milk powder in 15 gm 20 gm 50 gm & 100 gm laminated foil** at different dairies of OMFED. Interested bidders may download the Tender Document from The OMFED website www.omfed.com only for reference. Bid document will be available in the **https://tendersodisha.gov.in** from **10.00 A.M. of 27.09.2024 to 2.00 P.M. of 21.10.2024** for bidding. Tender cost of **Rs.6000/-+18%-GST** along with **E.M.D. of Rs.1,50,000/-** shall be deposited through online portal. The technical Bid shall be **opened at 03.00 P.M. on 21.10.2024** at the OMFED Corporate Office in the presence of the interested bidders. Bidders are advised to visit regularly for any corrigendum / addendum may be published in OMFED website and not in any other media/newspapers. **OMFED** reserves the right to accept or reject any or all the tenders or part thereof without assigning any reason.

OIPR-06063/11/0051/2425 Sd./- Managing Director



**Office of the Nagar Panchayat Chhatarpur**

**Very Short E-Procurement Notice**

**NIT No:- NPC-NIT-16/2023-24 (5th Call )**

| Sr. No. | Particulars | Details |
|---|---|---|
| 1 | Name of Work | Construction & Commissioning of Fecal Sludge Treatment Plant of Capacity 10 KLD at Chhatarpur town (Jharkhand) followed by Operation and Maintenance including desludging operations for 5 years |
| 2 | Estimated Cost (INR) | Construction Cost: ₹ 2,38,31,558.00 Operation & Maintenance Cost: ₹ 1,26,22,393.00 Total: ₹ 3,64,53,951.00 |
| 3 | Bid Security (INR) | ₹ 3,64,540/- (Rupees Three Lakhs Sixty-Four Thousand Five Hundred Forty Only) |
| 4 | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 28-09-2024 |
| 7 | Document downloading start Date | 30-09-2024 |
| 11 | Bid submission end date | 08-10-2024 |
| 12 | Last day for the submission of Bid Security, cost of bid document | 08-10-2024 |
| 13 | Bid opening date (online | 09-10-2024 |
| 14 | Mode of Submission of Bids | e-tendering (https://Jharkhandtenders.gov.in) |
| 15 | Name &Address of office Inviting Tender | Executive Officer, Nagar Panchayat Chhatarpur |
| 16 | Helpline Number | 9608834366, 9471125404 |

Note: Only e-Tender will be accepted
Complete bid document is available on website http://jharkhandtenders.gov.in)

Executive Officer
Nagar Panchayat Chhatarpur

PR 337356 District(24-25).D



**ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିସମ୍ପତ୍ତି ବିକ୍ରୟ ନିମନ୍ତେ ସର୍ବସାଧାରଣ ଘୋଷଣା (ଆଇବିସି (ପରିସମାପନ ପ୍ରକ୍ରିୟା) ନିୟମାବଳୀ, ୨୦୧୬ ଅଧୀନରେ ପରିସମ୍ପତ୍ତିର ବିକ୍ରୟ ପାଇଁ)**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍** (ପରିସମାପନାଧୀନ)
(ସିଆଇଏନ୍: U27100WB2009PTC138888)
ପଞ୍ଜୀକୃତ କାର୍ଯ୍ୟାଳୟ: ୫/୫୩ ଜଗତିପୋତା, କ୍ରୀଷନ ମାର୍କେଟ୍ ରୋଡ୍, ପୋଷ୍ଟ- ଧାଲୁଆ, କୋଲକାତା, ପଶ୍ଚିମବଙ୍ଗ, ଭାରତ, ୭୦୦୧୫୨

କର୍ପୋରେଟ୍ ଋଣୀଙ୍କ ପରିସମ୍ପତ୍ତିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ସେଠାରେ ଯାହାବି ଅଛି ଏବଂ ବିନା ଅନନ୍ୟୋପାୟ ଭିତ୍ତିରେ'' ବିକ୍ରୟ କରାଯାଉଛି ଏବଂ ଉକ୍ତ ବିକ୍ରୟ କୌଣସି ପ୍ରକାର ୱାରେଣ୍ଟି ଓ କ୍ଷତିପୂରଣ ବିନା କରାଯାଉଛି ।

| ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଇଏମ୍‌ଡି @୧୦% (ଟଙ୍କାରେ) |
|---|---|---|
| ୦.୪୯୦୦ ହେକ୍ଟର ବା ୧୨୧.୦୮ ଡେସିମିଲି (ଊଣାଧିକ) ଜମି, ପ୍ଲଟ୍ ନଂ.୫୬୪, ଖାତା ନଂ.୧୭୭/୫୭, ମୌଜା- ଦାନ୍‌ଲା, କିସମ- ଘରବାରି, ଥାନା- କାଞ୍ଜିପାଣି (ଏବେ ନୟାକୋଟ), ଥାନା ନଂ.- ୭୨, କେନ୍ଦୁଝର, ଉପ-ନିବନ୍ଧକ, ତେଲକୋଇ, ଜିଲ୍ଲା- କେନ୍ଦୁଝର, ଓଡ଼ିଶା | ଟ.୨୭,୫୫,୦୦୦/- | ଟ.୨,୭୫,୫୦୦ |
| ବିଡ୍ ବୃଦ୍ଧି ମୂଲ୍ୟ : | ଟ.୫୦,୦୦୦/- | |

ପ୍ରକ୍ରିୟା ଦସ୍ତାବିଜ ଅନୁଯାୟୀ ଯୋଗ୍ୟତା ଦସ୍ତାବିଜ ସମେତ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ), ୨୯ଏ, ସତ୍ୟପାଠ, ବଚନପତ୍ର, ଘୋଷଣାନାମା ଆଦି ଦାଖଲ କରିବାର ଶେଷ ତାରିଖ: ତା୧୫।୧୦।୨୦୨୪ ଅପରାହ୍ଣ ୫.୦୦ ଘଟିକା କିମ୍ବା ତାହା ପୂର୍ବରୁ

କ୍ଷେତ୍ର ପରିଦର୍ଶନର ତାରିଖ: ତା୧୭।୧୦।୨୦୨୪ରିଖରୁ ତା୨୪।୧୦।୨୦୨୪ରିଖ

ଇଏମ୍‌ଡି ଦାଖଲର ଶେଷ ତାରିଖ: ତା୨୫।୧୦।୨୦୨୪ରିଖ ଅପରାହ୍ଣ ୦୭.୦୦ ଘଟିକା କିମ୍ବା ତାହା ପୂର୍ବରୁ

ନିଲାମର ତାରିଖ ଓ ସମୟ: ତା୨୮।୧୦।୨୦୨୪ରିଖ ଅପରାହ୍ଣ ୧.୦୦ରୁ ଅପରାହ୍ଣ ୩.୦୦ ଘଟିକା

ନିଲାମ/ବିକ୍ରୟ ଇ-ନିଲାମ ପ୍ରକ୍ରିୟା ଜ୍ଞାପନର ନିୟମ ଓ ସର୍ତ୍ତାବଳୀ ଉପରେ ନିର୍ଭର କରିବ। ଡାଉନଲୋଡ୍ କରିବା ପାଇଁ ଦୟାକରି ୱେବ୍‌ସାଇଟ୍: https://ncltauction.auctiontiger.net ପରିଦର୍ଶନ କରନ୍ତୁ।

- ବିଡ୍ ଦସ୍ତାବିଜର ବିବରଣୀ ଏବଂ ଇଏମ୍‌ଡି ପରିଶୋଧ ବିବରଣୀ ପରିସମାପକଙ୍କ କାର୍ଯ୍ୟାଳୟରେ ଭୌତିକ ଆକାରରେ କିମ୍ବା ନିମ୍ନପ୍ରଦତ୍ତ ଇ-ମେଲ୍ ଠିକଣାରେ ପହଞ୍ଚିବା ଆବଶ୍ୟକ।
- ବିକ୍ରୟ ଇ-ନିଲାମ ସେବା ପ୍ରଦାନକାରୀ ଇ-ପ୍ରୋକ୍ୟୋରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍ - ଅକ୍ସନ୍ ଟାଇଗର୍ ଦ୍ୱାରା ୱେବ୍‌ସାଇଟ୍ https://ncltauction.auctiontiger.net ଦ୍ୱାରା କରାଯିବ।
- ସମୟରେଖା ଏବଂ/କିମ୍ବା "ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ" ସମେତ ନିୟମ ଓ ସର୍ତ୍ତାବଳୀରେ କୌଣସି ସଂଶୋଧନ ସମ୍ପର୍କରେ ଇ-ନିଲାମ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ।
- କୌଣସି ପ୍ରଶ୍ନ ପାଇଁ, ଯୋଗାଯୋଗ କରନ୍ତୁ- ଶ୍ରୀ ସଞ୍ଜୟ କୁମାର ଗୁପ୍ତା, ମୋ.-୯୮୭୪୮୭୭୨୨୦, ମେଲ୍ ଆଇଡି- danla.cirp@gmail.com କିମ୍ବା ଯୋଗାଯୋଗ କରନ୍ତୁ: ୯୭୨୨୭୭୮୮୨୮/୭୯୬୮୧୩୬୮୫୪, ଇମେଲ୍ ଆଇଡି: praveen.thevar@auctiontiger.net, nclt@auctiontiger.net

ସ୍ୱା./- ସଞ୍ଜୟ କୁମାର ଗୁପ୍ତା
ପରିସମାପନାଧୀନ ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ପରିସମାପକ
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୯୨/୨୦୧୭-୧୮/୧୧୦୪୫
ଏଏ୧/୧୧୦୪୫/୦୨/୧୯୧୧୨୪/୧୦୭୩୩୭, ଏଏଫ୍‌ଏ ବୈଧତା: ୧୯।୧୧।୨୦୨୪
ପଞ୍ଜୀକୃତ/ଯୋଗାଯୋଗ ଠିକଣା
୫ଏ, ଏକେଏମ୍‌ଏ ହାଇଟ୍ସ, ୨୭ଏ ବାଗମାରି ରୋଡ୍, କୋଲକାତା-୭୦୦୦୫୪
ତାରିଖ: ୨୮।୦୯।୨୦୨୪ ଇମେଲ୍- danla.cirp@gmail.com / casanjaigupta@gmail.com



**Office of the Executive Engineer, R.C.D, Road Division, Garhwa**

**CORRIGENDUM**

In partial modification of Tender Reference No.- RCD/Garhwa/1172/2024-25 Date:-19.09.2024 [PR 336330 Road (24-25).D under Road Division, Garhwa may be read as follows :-

| | |
|---|---|
| Name of Work | Construction of one block (6 unit) 'C' Type Quarter Building under Road Division, Garhwa |
| Corrigendum Title | Changes in Following Dates |
| Corrigendum Detail | Please read following changed date. Last date/Time for receipt of bids: 14-10-2024, 12.00 Noon; Date of Publication of Tender on website: 07-10-2024, 10.30 A.M. |

Executive Engineer
R.C.D,Road Division,Garhwa

PR 337377 Road(24-25).D



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**WANTED**
A multinational Company provides Job Opportunity for 40 Nos. of Industrial Cable Operator at Bangalore with Good Salary. Free Lodging and Transportation will be provided.Experienced Candidates may Contact: Bijaya Das & Associates
MOB : 8327738076
WHATSAPP : 8327738076

**WALK IN INTERVIEW**
For Reception (Only Girls)
Salary : 10,000/-
DATE OF INTERVIEW
29.09.2024, Time - 12 pm
Lion Institute of Pharmaceutical Science
At-Odapada, Hindol Road, Dhenkanal
Mob : 7008872594
7008556889



**WALK IN INTERVIEW**

| POST | REQUIREMENTS | SALARY* |
|---|---|---|
| WORKSHOP MANAGER | 1. Experience in automobile service field<br>2. Preferred - Mech/Auto Engg. or B.Tech/Diploma | Min. 20k/month |
| WORKSHOP ADVISOR | 1. Experience in automobile service field<br>2. Preferred - Mech/Auto Engg. or B.Tech/Diploma | Min. 15k/month |
| SPARE INCHARGE | 1. Experience in automobile Spare and service field<br>2. Proficiency in inventory management software | Min. 12k/month |
| MECHANIC | Experience as Mechanic/Technician | Min. 10k/month |
| CRE/CRM (FEMALE) | 1. Excellent communication skills<br>2. Knowledge of database management | Min. 9k/month |
| SALES MANAGER | 1. Experience as a Sales Exe./Manager<br>2. Preferred - BBA/MBA with industry expertise | Min. 16k/month |
| SALES EXECUTIVE | Experience as a Sales representative preferred | Min. 9k/month |
| ACCOUNTANT | Experience is mandatory | Min. 16k/month |

Term and Condition : *subject to prerequisite experience. Job Location : Bhadrak, SORO, Chandbali
Candidates are to attend the interview with all testimonials & CV on 29th or 30th of Sep-24
Contact : 8984881770 / 7008217628, email id : toshalisuzuki@gmail.com



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, गिरिडीह**

**ई– अति अल्पकालीन निविदा आमंत्रण सूचना**

ई– अति अल्पकालीन निविदा सूचना सं०–RDD/SD/GIRIDIH/23/2024-25

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गिरिडीह न्तर्गत सरिया प्रखण्ड के डिग्री कॉलेज में इण्डोर स्टेडियम(02 कोर्ट) निर्माण। | 14225100.00 | 285000.00 | 10000.00 | 12 माह |

2. वेबसाइट में निविदा प्रकाशन की तिथि – 01.10.2024
3. ई–निविदा प्राप्ति की तिथि एवं समय – दिनांक 01.10.2024 से दिनांक 08.10.2024 को अपराह्न 05:00 बजे तक।
4. निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
5. निविदा खोलने की तिथि एवं समय –09.10.2024 अपराह्न 05:30 बजे।
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
7. ई–निविदा प्रकोष्ठ का दूरभाष सं० – 9431323435 (संबंधित कार्यपालक अभियंता का दूरभाष नम्बर)।
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, गिरिडीह

PR 337362 Rural Work Department(24-25)#D

**ଛାତ୍ରଙ୍କୁ ଆକ୍ରମଣ, ୨ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ଜଣେ ଛାତ୍ରଙ୍କୁ ଲୁହା ରଡ ଓ କାଠ ଫାଳିଆରେ ଆକ୍ରମଣ ଘଟଣାରେ ଖଣ୍ଡଗିରି ପୋଲିସ ଆକ୍ରମଣକାରୀ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତହେଲେ ଖଣ୍ଡଗିରି ସିଜୁଆ ଅଞ୍ଚଳର ସୂର୍ଯ୍ୟକାନ୍ତ ଗୁମନସିଂ ଓ ତ୍ରିଲୋଚନ ପ୍ରଧାନ। ଉଭୟଙ୍କଠାରୁ ଅପରାଧରେ ବ୍ୟବହୃତ ଲୁହା ରଡ ଓ କାଠ ଫାଳିଆ ଜବତ ହୋଇଛି। ଅଭିଯୋଗକାରୀ ଆଦିତ୍ୟ ପ୍ରକାଶ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ସଂକ୍ଷେପରେ

### ବିଶ୍ୱ ପର୍ଯ୍ୟଟନ ଦିବସ

ବାଲିପାଟଣା,୨୭।୯(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ପ୍ରଶାସନ ଓ ଗାରେଡ଼ିପାଞ୍ଚଣ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଶ୍ରୀବୁଦ୍ଧନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୂତିଆ ଉଦ୍‌ଘାଟକଭାବେ ଯୋଗଦେଇ କହିଥିଲେ, ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ରାଜ୍ୟ ବିକାଶର ଏକ ମୁଖ୍ୟ ଅଂଶ। ପର୍ଯ୍ୟଟନ ବିକାଶରେ ବାଲିପାଟଣାର ଶିଶୁଅନନ୍ତ ପୀଠ, ବୁଦ୍ଧନାଥ ଶୈବ ପୀଠ, ହରିହର ପୀଠ, ତ୍ରିବେଣୀ ଅନ୍ତର୍ବେଦୀ ପୀଠ, ନିକଟ ଜୟଦେବ ପୀଠ ଓ ଚଉଷଠୀ ଯୋଗିନୀ ପୀଠ ହେଉଛି ଓଡ଼ିଶାର ପର୍ଯ୍ୟଟନ ହବ୍। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ଶିବ ପ୍ରସାଦ ପାଟଯୋଶୀ, କନିଷ୍ଠ ଯନ୍ତ୍ରୀ ବର୍ଷାରାଣୀ ମଲ୍ଲ, ସରପଞ୍ଚ ଶକୁନ୍ତଳା ଭୋଇ, ସରପଞ୍ଚ ଅଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ିରେ ଲିଫ୍ଟ ମାଗିବା ବାହାନାରେ ୩୫ ହଜାର ଲୁଟିଲେ

ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ)

ବାରଙ୍ଗ-ରତାଗଡ଼ ମୁଖ୍ୟରାସ୍ତାର ଚଣ୍ଡୀପ୍ରସାଦ ଗ୍ରାମ ନିକଟରେ ଲିଫ୍ଟ ମାଗିବା ବାହାନାରେ ଛୁରି ଦେଖାଇ ଜଣେ ସ୍କୁଟି ଚାଳକଙ୍କଠାରୁ ୩୫ ହଜାର ଟଙ୍କା ଲୁଟି ନେଇଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନ ୧୨ଟା ୩୦ ସମୟରେ ବାଙ୍କୀ ଥାନା ଅଞ୍ଚଳ କେଉଟପାଟଣା ଗ୍ରାମର ଭାସ୍କର ବେହେରା ତାଙ୍କ ଭଣଜାଙ୍କ ଦେହ ଖରାପ ଶୁଣି ଘରୁ ସ୍କୁଟି (ଓଡି ୦୫ ୱାଇଇ ୩୦୧୮) ଯୋଗେ ଭିଣୋଇ ଜୟଦେବ ବେହେରାଙ୍କ ସୀତାରାମ ବଜାରସ୍ଥିତ ଘରକୁ ଯାଉଥିଲେ। ଭଣଜାଙ୍କ ଚିକିତ୍ସା ପାଇଁ ରାମଦାସପୁର ସିଆର୍‌ପିଏଫ୍ ପାଖ ବ୍ୟାଙ୍କରୁ ୨୦ ହଜାର ଟଙ୍କା ଏବଂ ଅନ୍ୟ ଏକ ବ୍ୟାଙ୍କରୁ ୧୫ ହଜାର ମୋଟ ୩୫ ହଜାର ଟଙ୍କା ଉଠାଇଥିଲେ। ରତାଗଡ଼ ଚଣ୍ଡୀପ୍ରସାଦ ଗ୍ରାମ ଦେଇ ଯିବାବେଳେ ଜଣେ ଯୁବକ ତାଙ୍କୁ ଆଗ ଛକ ପର୍ଯ୍ୟନ୍ତ ଲିଫ୍ଟ ମାଗିଥିଲେ। ଏଥିରେ ଭାସ୍କର ମନା କରିଥିଲେ ମଧ୍ୟ ଯୁବକ ଜଣଙ୍କ କାକୁତି ମିନତି ହେବାରୁ ସେ ବାଧ୍ୟରେ ଲିଫ୍ଟ ଦେଇଥିଲେ। କିଛି ବାଟ ଆସିବା ପରେ ଯୁବକ ଗାଡ଼ିରୁ ଓହ୍ଲାଇଥିଲେ। ଏହି ସମୟରେ ଅନ୍ୟ ଜଣେ ଯୁବକ ଆସି ଭାସ୍କରଙ୍କୁ ଏକ ଛୁରି ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତେବେ ଲିଫ୍ଟରେ ଆସିଥିବା ଯୁବକ ଭାସ୍କରଙ୍କଠାରୁ ବ୍ୟାଙ୍କରୁ ଉଠାଇଥିବା ୩୫ ହଜାର ଟଙ୍କା, ମୋବାଇଲ, ୨ ଏଟିଏମ୍ କାର୍ଡକୁ ଛଡ଼ାଇନେଇ ୨ ଜଣ ଦୌଡ଼ି ପଳାଇ ଯାଇଥିଲେ। ଭାସ୍କର ଭିଣୋଇଙ୍କ ଘରେ ପହଞ୍ଚି ଘଟଣା ବିଷୟରେ କହିବା ପରେ ଉଭୟ ଘଟଣାସ୍ଥଳକୁ ଯାଇ ଆଖପାଖ ଗାଁରେ ୨ ଯୁବକଙ୍କୁ ଖୋଜାଖୋଜି କରିଥିଲେ। ନିରାଶ ହେବା ପରେ ଭିଣୋଇଙ୍କୁ ସାଙ୍ଗରେ ଧରି ଭାସ୍କର ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ।

### ପର୍ଯ୍ୟଟନସ୍ଥଳ ଧଉଳିକୁ ମୋ ବସ୍ ଚଳାଚଳ ଦାବି

ପୁରୁଣା ଭୁବନେଶ୍ୱର,୨୭।୯ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଐତିହାସିକ ପର୍ଯ୍ୟଟନସ୍ଥଳ ଧଉଳିକୁ ମୋ ବସ୍ ଚଳାଚଳ ପାଇଁ ଦାବି ହୋଇଛି। ୨୦୧୭ ମସିହାରୁ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ, ମେୟର, ସ୍ମାର୍ଟ ସିଟି ଲିମିଟେଡ୍ ଅଧ୍ୟକ୍ଷ, ସ୍ମାର୍ଟ ସିଟି ପରିଚାଳନା ନିର୍ଦ୍ଦେଶକ, ସ୍ଥାନୀୟ ସରପଞ୍ଚଙ୍କୁ ଧଉଳିକୁ ମୋ ବସ୍ ସେବା ସମ୍ପ୍ରସାରଣ କରିବା ଦିଗରେ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଶାନ୍ତିସ୍ତୁପ, ପ୍ରାଚୀନ ଭୈରଙ୍ଗେଶ୍ୱର ମନ୍ଦିର, ଧବଳେଶ୍ୱର ମନ୍ଦିର, ସଙ୍କଟେଶ୍ୱର ମନ୍ଦିର, ବୁଦ୍ଧ ମନ୍ଦିର, ଶାନ୍ତି ଉଦ୍ୟାନ ଓ ଅଶୋକଙ୍କ ଶିଳାଲିପି ସମେତ ପାହାଡ଼ ଉପରୁ ନଦୀ ଶଯ୍ୟା ଓ ସହରର ସୌନ୍ଦର୍ଯ୍ୟ ଏବଂ ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ' କାର୍ଯ୍ୟକ୍ରମ ଦେଖିବା ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। ତେବେ ଭୁବନେଶ୍ୱରରୁ ସିଧାସଳଖ ଏଠାକୁ ସାଧାରଣ ପରିବହନ ବ୍ୟବସ୍ଥା ନ ଥିବାରୁ ଅଧିକ ଗବେଷକ ଓ ପର୍ଯ୍ୟଟକ ପହଞ୍ଚିବାରେ ହଇରାଣ ହୋଇଥାନ୍ତି। ମୋ ବସ୍ ସେବା କାର୍ଯ୍ୟକାରୀ ହେଲେ ପର୍ଯ୍ୟଟକ ଉପକୃତ ହେବା ସହ ଐତିହ୍ୟ କ୍ଷେତ୍ରର ଗରିମା ମଧ୍ୟ ବୃଦ୍ଧି ପାଇପାରିବ। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ, ସ୍ଥାନୀୟ ଜନପ୍ରତିନିଧି ପଦକ୍ଷେପ ନେବା ପାଇଁ ସାମାଜିକ କର୍ମୀ ସୁଶାନ୍ତ ଏକ ପ୍ରେସ୍ ବିବୃତିରେ ଦାବି କରିଛନ୍ତି।

# ବିଏମ୍‌ସି ବୈଠକରେ ବିଜେଡି କଳି

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମାସିକିଆ ବୈଠକରେ ବିଜେଡି କର୍ପୋରେଟରଙ୍କ ମଧ୍ୟରେ ଅନ୍ତଃକନ୍ଦଳ ପଦାକୁ ଆସିଛି। ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ହୋଇଥିବା ବୈଠକକୁ ଏକାମ୍ର ଓ ମଧ୍ୟ ନିର୍ବାଚନ ମଣ୍ଡଳୀର ବିରଞ୍ଚି ମହାସୂପକାର ଓ ଅମରେଶ ଜେନାଙ୍କୁ ବିରୋଧ କରି ୩୨ କର୍ପୋରେଟର ଆସି ନ ଥିଲେ। ସ୍ୱାଭାବିକ ଭାବେ କର୍ପୋରେଶନ ବୈଠକ ନ କରାଇ 'କୋରମ' ଭାଙ୍ଗିବାକୁ କିଛି ନେତା ଚେଷ୍ଟା ଚଳାଉଥିବା ବିଜେଡି କର୍ପୋରେଟର ଅଭିଯୋଗ ଆଣିଛନ୍ତି। ବୈଠକରେ ୬୭ଟି ୱାର୍ଡରୁ ମାତ୍ର ୪୩ଟି ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ। ଏମାନଙ୍କ ମଧ୍ୟରୁ ୧୦ଜଣ ଭାଜପା କର୍ପୋରେଟର, ଜଣେ ଭାଜପା ବହିଷ୍କୃତ କର୍ପୋରେଟର, ୩ଜଣ ସ୍ୱାଧୀନ ଏବଂ ୨୯ଜଣ ବିଜେଡି କର୍ପୋରେଟର ଥିଲେ। ବୈଠକରେ ସମସ୍ତ କର୍ପୋରେଟର ଉପସ୍ଥିତ ନ ଥିବାରୁ ଭାଜପା କର୍ପୋରେଟର ଅପରୂପ ନାରାୟଣ ରାଉତ ପ୍ରଶ୍ନ କରବା ସହ କାହିଁକି କମିଶନର ନାହାନ୍ତି ବୋଲି ପଚାରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ପାର୍ବଣରେ ସହରର ମୌଳିକ ସୁବିଧା ପୂରଣ ପାଇଁ ମେୟର ଓ କର୍ପୋରେଟରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏବେ ପାର୍ବଣ ଆରମ୍ଭ ହୋଇଥିବାବେଳେ ସବୁଠି ରାସ୍ତା ସମସ୍ୟା ମୁଣ୍ଡବିନ୍ଧାର କାରଣ ସାଜିଛି। ତେଣୁ ଶ୍ରୀଘ୍ର ସମସ୍ତ କାମ ସାରିବାକୁ ମେୟର ପ୍ରତିଶ୍ରୁତି ଦେବାପରେ ସ୍ଥିତି ଶାନ୍ତ ପଡିଥିଲା। ସେହିପରି କୌଣସି ଲାଇନ୍ ଡିପାର୍ଟମେଣ୍ଟ ବିଏମ୍‌ସି ଅଞ୍ଚଳରେ ରାସ୍ତା ନ ଖୋଳିବା ଓ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ତଦାରଖ ପାଇଁ ମେୟର ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ଅକ୍ଟୋବର ୫ ପୂର୍ବରୁ ସମସ୍ତ ରାସ୍ତାର ମରାମତି କାମ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମହାନଗର ନିଗମର ବିଭିନ୍ନ ଉପବିଭାଗ ଏବଂ କର୍ପୋରେଟରଙ୍କ ପକ୍ଷରୁ ଆସିଥିବା ମୋଟ ୩୨ଟି ପ୍ରସ୍ତାବ ଗୃହରେ ଆଲୋଚନା ପାଇଁ ଉପସ୍ଥାପନ କରାଯାଇଥିଲା। ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା, ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଯୁଗ୍ମ କମିଶନର କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**୫ ସୁଦ୍ଧା ରାସ୍ତା ମରାମତି କାମ ସାରିବାକୁ ମେୟରଙ୍କ ନିର୍ଦ୍ଦେଶ**

### ଅସନ୍ତୋଷ ପ୍ରକଟ କଲେ ବିଧାୟକ

ବୈଠକରେ ଅଧିକାଂଶ କର୍ପୋରେଟରଙ୍କ ଅନୁପସ୍ଥିତକୁ ନେଇ ବିଧାୟକ ବାବୁ ସିଂ କ୍ଷୋଭ ପ୍ରକାଶ କରିଥିଲେ। ଉଦ୍ଦେଶ୍ୟମୂଳକ ଭାବେ ବିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁପସ୍ଥିତ ରହି ଲୋକଙ୍କ ସ୍ୱାର୍ଥ ସହ କର୍ପୋରେଟର ନ ଖେଳିବାକୁ ସେ କହିଥିଲେ। ଲୋକମାନେ ଯାହାକୁ ନିର୍ବାଚିତ କରିଛନ୍ତି ସେମାନେ ଲୋକଙ୍କ ପାଖରେ ଉତ୍ତରଦାୟୀ। ତାଙ୍କ ପାଇଁ କାର୍ଯ୍ୟ କରିବାକୁ ମଧ୍ୟ ଲୋକପ୍ରତିନିଧି ଭାବେ ସଙ୍କଳ୍ପବଧ। ମହାନଗର ନିଗମ ଅଫିସ ହେଉଛି କର୍ପୋରେଟରଙ୍କ ମନ୍ଦିର। ଯେଉଁଠି ସମସ୍ୟାର ନିର୍ଯ୍ୟାସ ବାହାରେ। ଆମେ ଲୋକଙ୍କ ସେବକ। ନିଜ ଦାୟିତ୍ୱରୁ ଓହରି ଗଲେ ଲୋକ ଆମ ପାଖରୁ ଦୂରେଇ ଯିବେ ବୋଲି ତେଣୁ ବୈଠକରେ କର୍ପୋରେଟରଙ୍କ ଅନୁପସ୍ଥିତି ଲୋକଙ୍କ ସେବାରେ ଶୁଭ ସଙ୍କେତ ନୁହେଁ ବୋଲି ବିଧାୟକ କହିଥିଲେ।

### କର୍ପୋରେଟେରଙ୍କ ଅନୁପସ୍ଥିତକୁ ଏଡାଇଲେ ଅମରେଶ

ବୈଠକରେ ଦୁଇ ନିର୍ବାଚନ ମଣ୍ଡଳୀର ଏକାଧିକ କର୍ପୋରେଟର ଅନୁପସ୍ଥିତ ଥିଲେ। ଏହାକୁ ନେଇ ଚର୍ଚ୍ଚା ହୋଇଥିବାବେଳେ ଦଳରେ କୌଣସି ଗୋଷ୍ଠୀ କନ୍ଦଳ ନ ଥିବା କହିଥିଲେ ୱାର୍ଡ ନଂ. ୪୫ର ବିଜେଡି କର୍ପୋରେଟର ଅମରେଶ ଜେନା। ଆମକୁ କର୍ପୋରେଶନ ବୈଠକକୁ ଆସିବାକୁ କେହି ବାରଣ କରିନାହାନ୍ତି କି ଆଉ କାହାକୁ ବାରଣ କରିବା କଥା ମୁଁ ଶୁଣିନି। ଆମର ସମସ୍ତଙ୍କ ସହ ଭଲ ସମ୍ପର୍କ। କାହାର କ'ଣ କାମ ଥିବ, ନଚେତ୍ ବର୍ଷା କିମ୍ବା କୌଣସି ରାଜନୈତିକ କାର୍ଯ୍ୟକ୍ରମ ପାଇଁ ବୈଠକକୁ ଆସିପାରିନାହାନ୍ତିବୋଲିସେ କହିଥିଲେ। ସେହିପରିସମାନକଥାକୁଦୋହରାଇଥିଲେ ମେୟର ସୁଲୋଚନା ଦାସ। ସବୁକିଛି ଠିକ୍ ଚାଲିଛି ବୋଲି ସେ କହିଥିଲେ।


ଭୁବନେଶ୍ୱରରେ ଟ୍ରାଫିକ୍ ଜାମ୍: ଶୁକ୍ରବାର ଜାତୀୟ ରାଜପଥର ବାଣୀବିହାର ଛକରୁ ଆଚାର୍ଯ୍ୟବିହାର ପର୍ଯ୍ୟନ୍ତ ଗାଡ଼ିମୋଟର ଅଟକି ରହିଛି। (ଫଟୋ: ବିକାଶ ନାୟକ)

# ୨ କର୍ପୋରେଟରଙ୍କ ବିରୋଧରେ ୩୨ ଏକାଠି

**କାର୍ଯ୍ୟାନୁଷ୍ଠାନ ନ ହେଲେ ଦଳୀୟ ଅସହଯୋଗ କରିବାକୁ ନିଷ୍ପତ୍ତି**


ଲକ୍ଷ୍ମୀସାଗରସ୍ଥିତ ଏକ ମନ୍ଦିରରେ ଏକାଠି ହୋଇଥିବା ୩୨ ବିଜେଡି କର୍ପୋରେଟର।

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ଭୁବନେଶ୍ୱର ବିଜେଡ଼ିରେ ଦଳୀୟ କନ୍ଦଳ ହାଟରେ ପଡ଼ି ବାଟରେ ଗଡିଲାଣି। ଗତ କିଛିଦିନ ତଳେ ଶଙ୍ଖଭବନରେ ହୋଇଥିବା କନ୍ଦଳର ଛାପ ଏବେ ବିଏମ୍‌ସିର ମାସିକିଆ ବୈଠକରେ ଦେଖିବାକୁ ମିଳିଛି। ଦଳର ଦୁଇଜଣ କର୍ପୋରେଟରଙ୍କ ବିରୋଧରେ ଏବେ ଅନ୍ୟ ବିଜେଡ଼ି କର୍ପୋରେଟରମାନେ ମେଳି ବାନ୍ଧିଛନ୍ତି। ଶୁକ୍ରବାର ଆୟୋଜିତ ବିଏମ୍‌ସିର ମାସିକିଆ ବୈଠକରେ ମଧ୍ୟ ଓ ଏକାମ୍ର ନିର୍ବାଚନମଣ୍ଡଳୀର ୩୨ଜଣ କର୍ପୋରେଟର ଏଥିରେ ଯୋଗଦେଇ ନ ଥିଲେ। ଗୋଟେପଟେ ବିଏମ୍‌ସିର ବୈଠକ ଚାଲିଥିବାବେଳେ, ଅନ୍ୟପଟେ ଲକ୍ଷ୍ମୀସାଗରସ୍ଥିତ ଏକ ମନ୍ଦିରରେ ଏହି କର୍ପୋରେଟରମାନଙ୍କର ଅନ୍ୟ ଏକ ବୈଠକ ହୋଇଥିଲା। ଦଳର କିଛି ବିଦ୍ରୋହୀ କର୍ପୋରେଟର ଦଳକୁ ଭାଙ୍ଗିବାକୁ ଚାହୁଁଥିବାବେଳେ, ଦଳର ସଭାପତି ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ଏପରିକି ସମ୍ପୃକ୍ତ କର୍ପୋରେଟରଙ୍କୁ ତାଗିଦ୍ ମଧ୍ୟ କରାଯାଉନାହିଁ। ତେଣୁ ଯଥାଶୀଘ୍ର ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ମଧ୍ୟ ଓ ଏକାମ୍ର ନିର୍ବାଚନମଣ୍ଡଳୀର ୩୨ କର୍ପୋରେଟର ଅସହଯୋଗ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଅକ୍ଟୋବର ୨ ପୂର୍ବରୁ ଯଦି ସଭାପତି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ୨ରେ ହେବାକୁ ଥିବା ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରୁ ଦଳର କୌଣସି କାର୍ଯ୍ୟକ୍ରମରେ ଏମାନେ ଭାଗନେବେ ନାହିଁ। କର୍ପୋରେଟରଙ୍କ ଏହି ନିଷ୍ପତ୍ତି ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ଜରିଆରେ ଦଳର ସଭାପତିଙ୍କ ନିକଟରେ ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି।

### କ୍ଲଷ୍ଟରସ୍ତରୀୟ ସୁରଭି

ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ)

ମୁଣ୍ଡମୁହାଣ କ୍ଲଷ୍ଟର ଆନୁକୂଲ୍ୟରେ ୭ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁହ୍ନେଇପଡ଼ା ସରପଞ୍ଚ ରିତାଞ୍ଜଳି ସାମଲ, ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ରଥ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଯମୁନାମଣି ହେମ୍ବ୍ରମ, ନିଖିଳ ଉତ୍କଳ ଫେଡେରେଶନର ଓଡ଼ିଶା ସଂଯୋଜକ ମନୋଜ ସ୍ୱାଇଁ, ଆଲୁମ୍ନି ସଭାପତି ସୁକାନ୍ତ ବେହେରା, ପରିଚାଳନା କମିଟି ସଭାପତି ବିଜୟ ରାଉତ ଯୋଗଦେଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଣ୍ଡମୁହାଣ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବାବୁଲି ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ବିଦେଶରେ ଓଡ଼ିଶାର ସାଂସ୍କୃତିକ ପରମ୍ପରା, ପର୍ଯ୍ୟଟନର ବିନିମୟ ହେବ

**ଆଇସିସିଆର୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ**



ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

ନୂଆଦିଲ୍ଲୀସ୍ଥିତ ଆଜାଦ ଭବନଠାରେ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ (ଆଇସିସିଆର୍) ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ରାଜ୍ୟ ସରକାରଙ୍କ ପକ୍ଷରୁ ସାଂସ୍କୃତିକ, କଳା ଏବଂ ଶିକ୍ଷା ସମ୍ବନ୍ଧୀୟ ବିଷୟକୁ ନେଇ ଭାରତ ସରକାରଙ୍କ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଆଇସିସିଆର୍ ଡେପୁଟି ଡାଇରେକ୍ଟର ଜେନେରାଲ ପକ୍ଷରୁ ଅଞ୍ଜୁ ପଞ୍ଜନ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଯାହାଦ୍ୱାରା ଆଇସିସିଆର୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବା ସହିତ ବିଦେଶରେ ସରକାରଙ୍କର ସାଂସ୍କୃତିକ ଏବଂ କୁଟନୀତିଜ୍ଞ ସମ୍ପର୍କର ଅଭିବୃଦ୍ଧି ଘଟିବ। ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେବା ଦ୍ୱାରା ଭାରତ ସହିତ ବିଦେଶରେ ଓଡ଼ିଶାର ଅନନ୍ୟ ସାଂସ୍କୃତିକ ପରମ୍ପରା ଓ ପର୍ଯ୍ୟଟନର ବିନିମୟ ହେବା ସହିତ ଅର୍ଥନୀତିର ଅଭିବୃଦ୍ଧି ହେବ।

ଆଇସିସିଆର୍ ଏବଂ ଓଡ଼ିଶା ସରକାର ମିଳିତ ଭାବରେ ବିଭିନ୍ନ ଏକାଡେମିକ, ସାଂସ୍କୃତିକ ଏବଂ କଳା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଦେଶ ତଥା ବିଦେଶରେ ଆୟୋଜନ ଓ ପରିଚାଳନା କରିପାରିବେ। ପୂର୍ବରୁ ୨୦୨୨ ନଭେମ୍ବର ୧୧ ତାରିଖରେ ଭାରତୀୟ ରାଜ୍ୟଗୁଡ଼ିକର ସାଂସ୍କୃତିକ ସମ୍ମେଳନରେ ଦେଶର ୨୧ ଗୋଟି ରାଜ୍ୟ ଭାରତ ସରକାରଙ୍କ ଆଇସିସିଆର୍ ସହିତ ଏହି ଚୁକ୍ତିନାମା ସ୍ୱାକ୍ଷର କରିସାରିଛନ୍ତି।

# ଅଭିଯୁକ୍ତ ଯୁବକଙ୍କୁ ୨୦ବର୍ଷ ଜେଲଦଣ୍ଡ

**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ**

ଭୁବନେଶ୍ୱର,୨୭।୯(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଶୁକ୍ରବାର ଖୋର୍ଦ୍ଧା ୪ ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍ସୋ)ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ପ୍ରସାନ୍ତ କୁମାର ସ୍ୱାଇଁ ଓରଫ ଚିଲ (୨୮)ଙ୍କୁ ବିଚାରପତି ପ୍ରଦୀପ କୁମାର ବେହେରା ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି।

ଚିଲଙ୍କୁ ୨୦ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମମାର ବିବରଣୀ ଅନୁଯାୟୀ, ବୋଲଗଡ ଥାନା ଅଞ୍ଚଳର ଏକ ଗାଁରେ ପିଡ଼ୀତା ଓ ଅଭିଯୁକ୍ତଙ୍କ ଘର। ପିଡ଼ୀତା ଭିନ୍ନକ୍ଷମ ହୋଇଥିବା ବେଳେ ଏହାର ସୁଯୋଗ ନେଇ ଚିଲ ତାଙ୍କ ସହ ଅପରାଧ ଘଟାଇଥିଲେ। ଚିଲ ଏକାଧିକ ଥର ପିଡ଼ୀତାଙ୍କୁ ପୋଖରୀହୁଡ଼ାରେ ଥିବା ଗୁହାଳ ଘରକୁ ନେଇ ବଳାତ୍କାର କରିଥିଲେ। ଚିଲ ୨୦୨୦ ଜୁଲାଇ ୮ରେ ପିଡ଼ୀତାଙ୍କ ଘରକୁ ବଳାତ୍କାର କରିବାକୁ ଆସିଥିବାବେଳେ ସମ୍ପର୍କୀୟ ଭାଇମାନଙ୍କ ଦ୍ୱାରା ଧରାପଡ଼ିଥିଲେ। ପରେ ଘଟଣା ବିଷୟରେ ପିଡ଼ୀତା ଘର ଲୋକଙ୍କ ପାଖରେ ଖୋଲି କହିଥିଲେ। ଏହି ସମୟରେ ପିଡ଼ୀତାଙ୍କ ବୟସ ୧୭ବର୍ଷ ହୋଇଥିଲା। ଏନେଇ ନାବାଳିକାଙ୍କ ମା'ଙ୍କ ପକ୍ଷରୁ ବୋଲଗଡ ଥାନାରେ ଏତଲାକ୍ରମେ ପୋଲିସ ଏକ ମାମଲା ବୋଲଗଡ଼ ଥାନା ଜୁଲାଇ ୨୩ରେ ଏକ (ନଂ.୨୩/୨୦୨୦) ମାମଲା ରୁଜୁ କରି ତଦନ୍ତ କରିଥିଲା। ମାମଲା ରୁଜୁ ହେବାର ଦିନକ ପରେ ଅଭିଯୁକ୍ତ ଚିଲଙ୍କୁ ପୋଲିସ ଗିରଫ କରିଥିଲା। ୨୦୨୦ ସେପ୍ଟେମ୍ବର ୧୦ରେ ପୋଲିସ ପକ୍ଷରୁ ଏହି ମାମଲାରେ ଚାର୍ଜସିଟ୍ ଦାଖଲ ହେବା ପରେ କୋର୍ଟରେ ଶୁଣାଣୀ ଆରମ୍ଭ ହୋଇଥିଲା। ୧୦ଜଣଙ୍କ ସାକ୍ଷ୍ୟ ଓ ୫୩ଟି ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ପିଡ଼ୀତାଙ୍କୁ ୪ ଲକ୍ଷ କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଅପହୃତାଙ୍କୁ ଅନୁଗୋଳରୁ ଉଦ୍ଧାର

ତ୍ରିଶୂଳିଆ,୨୭।୯(ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅଧୀନ ନରାଜ ଗ୍ରାମର ନିଖୋଜ ଥିବା ନାବାଳିକାଙ୍କୁ ଶୁକ୍ରବାର ବାରଙ୍ଗ ପୋଲିସ ଅନୁଗୋଳରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ନାବାଳିକା କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଝିଅଙ୍କୁ ନ ପାଇ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିଥିଲେ। ବାରଙ୍ଗ ପୋଲିସ ମୋବାଇଲ ଟ୍ରାକିଂ କରି ନାବାଳିକାଙ୍କୁ ଅନୁଗୋଳରୁ ଉଦ୍ଧାର କରିଛି।

# ଲ୍ୟାବ୍ ଟେକ୍ନିସିଆନ୍‌ଙ୍କୁ ଚାକିରି ଦେବ ବିଏମ୍‌ସି

ଭୁବନେଶ୍ୱର, ୨୭।୯(ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ନିଯୁକ୍ତି ପାଇଥିବା ଲ୍ୟାବ୍ ଟେକ୍ନିସିଆନ୍ (ଏଲ୍‌ଟି) ବିଦା ହେବେ ନାହିଁ। ବିଏମ୍‌ସି ଏମାନଙ୍କୁ ଚାକିରି ଦେବ। ବିଏମ୍‌ସି ଏହାର ନିଜସ୍ୱ ପାଣ୍ଠିରୁ ଏମାନଙ୍କୁ ଦରମା ଦେବ। ଶୁକ୍ରବାର ବିଏମ୍‌ସିର ମାସିକିଆ ବୈଠକରେ କର୍ପୋରେଟରଙ୍କ ସହମତିରେ ଏଭଳି ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟବିଭାଗ ଏମାନଙ୍କୁ ବିଦା କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ସ୍ୱାସ୍ଥ୍ୟ ପରୀକ୍ଷା ହେବ କି ନାହିଁ ସେ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦା ପ୍ରତିବାଦ କରିବା ସହ ଧାରଣାରେ ବସିଥିଲେ। ତେବେ ଲୋକଙ୍କ ସ୍ୱାସ୍ଥ୍ୟ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବିଏମ୍‌ସି ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ୨୦୨୩ରେ ୧୨୭ଜଣ ଲ୍ୟାବ୍ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେବେଠାରୁ ଏମାନେ ଆରୋଗ୍ୟକେନ୍ଦ୍ର ପରିସରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ନିଯୁକ୍ତି ପାଇଥିବା ପ୍ରତ୍ୟେକ ଏଲ୍‌ଟି ୬୫ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଯୋଗ୍ୟ ଅଟନ୍ତି। ଆରୋଗ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟପରୀକ୍ଷା ହେବାଦ୍ୱାରା ରୋଗୀଙ୍କୁ ବଡ଼ ହସ୍ପିଟାଲ ଯାଇ ସେଠାରେ ଧାଡ଼ିରେ ଛିଡ଼ାହେବାକୁ ପଡୁନାହିଁ। ମାତ୍ର ଏବେ ଏମାନଙ୍କୁ ସମ୍ପୂର୍ଣ୍ଣଭାବେ ଛଟେଇ କରିବାକୁ ଚିଠି କରାଯାଇଛି। ସେପ୍ଟେମ୍ବର ୨୯ ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳ ଆରୋଗ୍ୟ କେନ୍ଦ୍ରଗୁଡ଼ିକରୁ ଏମାନଙ୍କୁ ହଟାଇ ଦିଆଯିବ। ଏମାନଙ୍କ ସହ ଆରୋଗ୍ୟ କେନ୍ଦ୍ରରେ ଚାକିରି ପାଇଥିବା ଡିଓ କମ୍ ଆକାଉଣ୍ଟାଣ୍ଟଙ୍କୁ ମିଶାଇ ରାଜ୍ୟରେ ପ୍ରାୟ ୩୫୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଚିଠି ହୋଇଛି। ଏନ୍‌ଆର୍‌ଏଚ୍‌ଏମ୍‌ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ଏହି ଛଟେଇ ନିର୍ଦ୍ଦେଶ ଦେଇଛି।

# ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୩ଦିନିଆ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ**



କାର୍ଯ୍ୟକ୍ରମରେ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅନ୍ୟମାନେ।

ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ସାର୍ବଜନୀନ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବାର ସମୟ ଆସିଛି । ବୈଷୟିକ ଜ୍ଞାନକୌଶଳ, ଦକ୍ଷତା ବିକାଶ ଉପରେ ଶିକ୍ଷାଦାନ ବ୍ୟତୀତ ମାନବିକ ମୂଲ୍ୟବୋଧତା ଉପରେ ଶିକ୍ଷା ପ୍ରଦାନ କରାଗଲେ ସମାଜରେ ଶାନ୍ତି ଓ ସମୃଦ୍ଧି ବୃଦ୍ଧି ହେବା ସହ ପରିବାର, ସମାଜ ଓ କର୍ମକ୍ଷେତ୍ରରେ ଏକ ନୂତନ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଲ୍ଲେଖ କରିଛନ୍ତି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ତିନିଦିନିଆ ଶିକ୍ଷକ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଥିଲେ, ଆଧୁନିକ ବୈଷୟିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ଭବିଷ୍ୟତ ହିଁ ସେମାନଙ୍କ ଉପରେ ନିର୍ଭର । ବର୍ତ୍ତମାନର ପାଠ୍ୟକ୍ରମରେ ସାର୍ବଜନୀନ ମାନବିକ ମୂଲ୍ୟବୋଧତା ଭଳି ବିଷୟ ବସ୍ତୁକୁ ଅନ୍ତର୍ଭୁକ୍ତ କରିବା ଅତ୍ୟନ୍ତ ଜରୁରୀ । କାର୍ଯକ୍ରମରେ ବିଷୟବସ୍ତୁ ପ୍ରସ୍ତୁତି ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ, ଏଆଇସିଟିଇ-ଏନ୍‌ସିଆଇପି ଆଞ୍ଚଳିକ ସଂଯୋଜକ ପ୍ରଫେସର ଦିଲ୍ଲୀପ ଦେବନାଥ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମ ବର୍ଷର ପାଠ୍ୟ ଖସଡ଼ା ଉନ୍ମୋଚିତ ହୋଇଥିଲା । ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୧୦୦ରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

## ସଂକ୍ଷେପରେ

### 'ରାଷ୍ଟ୍ରଗଠନରେ ଯୁବ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ,୨୭।୯ (କାର୍ତ୍ତିକ ସାହୁ)

ହାଇକୋର୍ଟ ବାର୍ ଆସୋସିଏଶନ ପରିସରସ୍ଥ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଧର୍ମପଦ ଶାଖାର ବାର୍ଷିକ ଉତ୍ସବ କଟକ ଶତାବ୍ଦୀ ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାଶ ଯୋଗଦେଇ ରାଷ୍ଟ୍ର ଗଠନରେ ଯୁବ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ପଦ ଗୋସ୍ୱାମୀ ସମାଜରେ ସ୍ୱୟଂସେବକଙ୍କ ଦାୟିତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ଜିଲା ସଂଘ ଚାଳକ ବିପିନ ବିହାରୀ ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କେତେଜଣ ଯୁବ ଆଇନଜୀବୀଙ୍କୁ ସମ୍ମାନିତ କରାଯାଇଥିଲା। ସଞ୍ଜିତ ଦାସ, ରାକେଶ ସିଂହ, ଅକ୍ଷୟ ବିଶୋଇ, ସୁଶାନ୍ତ ପ୍ରଧାନ, ଗୋପୀନାଥ ସେଠୀ, ଅଜୟ ରାୟ, ରାଧାରମଣ ଦାସନାୟକ, ଦୁର୍ଗା ମିଶ୍ର, ଦୁର୍ଗା ନାୟକ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି**

### 'ପାଠ ପଢ଼ି ଭଲ ମଣିଷ ହୁଅନ୍ତୁ ଛାତ୍ରୀଛାତ୍ର'

କଟକ,୨୭।୯ (କାର୍ତ୍ତିକ ସାହୁ):

ତିନିଘରିଆ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବିଦ୍ୟାଧରପୁର ବିଦ୍ୟାଳୟ ସମୂହ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତିନିଘରିଆ ସାଧନ କେନ୍ଦ୍ର ସିଆର୍‌ସିସି ସୁଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ନୂଆବଜାର ହାଇସ୍କୁଲର ଶିକ୍ଷକ ମନୋଜ କୁମାର ସାହୁ, ଶିକ୍ଷକ ତପନ କୁମାର ରାଉତ, ମମତା ମହାନ୍ତି ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ କହିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ ନମିତା ମହାନ୍ତି ଅତିଥି ପରିଚୟ ଓ ସୁପ୍ରଭା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ଗଣିତ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ହୃଷୀକେଶ ମହାନ୍ତି, ଶ୍ରୀମାଳିନି ଦାଶ, ଶୋଭେନ କୁମାର, ସୁବ୍ରତ କୁମାର ପଣ୍ଡା, ଅନିମେଶ ମହାପାତ୍ର ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭିରେ ଭାଗ ନେବେ। ଶିକ୍ଷୟିତ୍ରୀ କଳ୍ପନା ରାଉତ, କବିତା ଆଚାର୍ଯ୍ୟ, ସୁପ୍ରିୟା ସେନାପତି, ବିଶ୍ୱଜିତ୍ ଜେନା, ବାସନ୍ତୀ ବେହେରା, ସ୍ମିତାରାଣୀ ସେଠୀ, ଜୟଶ୍ରୀ ସାହୁ, ସୁଶାନ୍ତ ପରିଡ଼ା, ଭାଗ୍ୟଶ୍ରୀ ରାଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଞ୍ଚାୟତ ସମିତିର ସାଧାରଣ ବୈଠକ

କଟକ ସଦର,୨୭।୯ (ସୁଶାନ୍ତ କୁମାର ଜେନା)

କଟକ ସଦର ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ଶୁକ୍ରବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ନିଜ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବ୍ଲକ କୃଷି ଅଧିକାରିଣୀ ଯାଫନା ରାୟ ନିଜ ଭାଷଣରେ କଟକ ସଦର ବ୍ଲକ ଡିଜିଟାଲ ସର୍ଭେରେ ପଛୁଆ ଥିବାରୁ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ବୈଠକକୁ ଆସୁ ନ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ସୁପାରିଶ କରାଯିବ ବୋଲି ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର କହିଥିଲେ। ବିକଶିତ ଓଡ଼ିଶା ଯୋଜନାରେ ଥିବା ପ୍ରକଳ୍ପ ବଦଳାଇବା ପାଇଁ ଚାହୁଁଥିବା ସଭ୍ୟାସଭ୍ୟ ପ୍ରସ୍ତାବ ଦେଲେ ତାହାକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସରକାରଙ୍କ ପାଖକୁ ପଠାଯିବ ବୋଲି ବିଡିଓ ରୁମାନା ଜାଫ୍ରି କହିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରୁ ନ ଥିବା କୃଷକ ସାଥୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବୈଠକରେ ଘୋଷଣା କରିଥିଲେ। ଏହି ବୈଠକରେ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଜିଲା ପରିଷଦ ସଭ୍ୟା ଆଶାଲତା ବେହେରା, ପ୍ରଦୀପ୍ତ ମହାଲି, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ ଯୋଗଦେଇଥିଲେ।

# ରୋଗୀସେବାର ସୁବ୍ୟବସ୍ଥା ଉପରେ ଗୁରୁତ୍ୱ



ବୈଠକରେ ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ।

କଟକ,୨୭।୯ (କାର୍ତ୍ତିକ ସାହୁ)

## ଜିଲା ସ୍ୱାସ୍ଥ୍ୟ ମିଶନର ପରିଚାଳନା ସମିତି ବୈଠକ

ଜିଲା ସ୍ୱାସ୍ଥ୍ୟ ମିଶନର ପରିଚାଳନା ସମିତି ବୈଠକ କଟକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଆବଶ୍ୟକ ଭିତ୍ତିଭୂମିର ଉନ୍ନତୀକରଣ ଉପରେ ଆଲୋକପାତ କରାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରୋଗୀସେବାର ସୁବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସମଗ୍ର ଜିଲାରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଉନ୍ନତୀକରଣ ସହ ଆଧୁନିକ ଯନ୍ତ୍ରପାତି ବ୍ୟବସ୍ଥା, ଆବଶ୍ୟକ ହେଉଥିବା ରୋଗୀ ସେବା ନିମନ୍ତେ ବର୍ହିର୍ବିଭାଗ ତଥା ଅନ୍ତର୍ବିଭାଗ ଏବଂ ଚିକିତ୍ସା ଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ ବୈଠକରେ ମତପ୍ରକାଶ ପାଇଛି।

ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପ୍ରମୁଖ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲାରେ ଚାଲିଥିବା କାର୍ଯ୍ୟଗୁଡ଼ିକର ତଦାରଖ ଓ ସମୀକ୍ଷା କରିଥିଲେ। ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ସମିତିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ସ୍ୱାସ୍ଥ୍ୟ ସମ୍ପର୍କିତ ଯୋଜନାଗୁଡ଼ିକର ସମୟ ଅନ୍ତରରେ ସମୀକ୍ଷା କରାଯିବା, ଜନବସତିକୁ ଲକ୍ଷ୍ୟ ରଖି ରୋଗୀସେବା, ଟେଷ୍ଟିଂ ଔଷଧ ବିତରଣ ଉପରେ ଗୁରୁତ୍ୱ ଦେବା, ଆବଶ୍ୟକ ରୋଗୀସେବା ନିମନ୍ତେ ଡାକ୍ତର ଓ ସ୍ୱାସ୍ଥ୍ୟ ସହାୟକ ତୁରନ୍ତ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ବୈଠକ ପରିଚାଳନା ସହ ସ୍ୱାସ୍ଥ୍ୟସେବାରେ ଆବଶ୍ୟକ ହେଉଥିବା ପ୍ରଶାସନିକ ବ୍ୟବସ୍ଥା ଓ ପଦକ୍ଷେପ ଗ୍ରହଣ ଉପରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା ସ୍ୱାଗତ ସୂଚନା ପୂର୍ବକ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃ ଅଭିଯାନ, ଶିଶୁ ସୁରକ୍ଷା ଓ ସ୍ୱାସ୍ଥ୍ୟ, ଟୀକାକରଣ, ରୋଗ ନିରାକରଣ, ଗ୍ରାମ୍ୟ ସ୍ୱାସ୍ଥ୍ୟ, ପରିମଳ ଓ ପୌଷ୍ଟିକତା, ପରିବାର ନିୟନ୍ତ୍ରଣ ଆଦି ସ୍ୱାସ୍ଥ୍ୟସେବା ଯୋଜନାର କାର୍ଯ୍ୟକାରିତା ଉପରେ ତଥ୍ୟ ଉପସ୍ଥାପନା କରିଥିଲେ। ଏଥିସହ ବିଭିନ୍ନ ଯୋଜନାରେ ନିୟୋଜିତ ମାନବ ସମ୍ବଳ, ବିଭାଗୀୟ ସମ୍ପତ୍ତି ଓ ଗୃହ ନିର୍ମାଣ କାର୍ଯ୍ୟ ଏବଂ ଖର୍ଚ୍ଚ ବରାଦ ସମ୍ବନ୍ଧରେ ତଥ୍ୟ ଦେଇଥିଲେ। ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଜିଲା ପରିଷଦ ଉପ ସଭାପତି ସୁଭଦ୍ରା ଦାସ, ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ ଖେମୁଣ୍ଡୁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ଗୋପବନ୍ଧୁଙ୍କ କବିତାରେ ଦେଶଭକ୍ତି ପ୍ରତିଫଳିତ ହୁଏ

ଆଠଗଡ, ୨୭।୯(ସତ୍ୟ ପ୍ରସାଦ ରଥ)

ଗୋପବନ୍ଧୁଙ୍କ ସାହିତ୍ୟରେ ସେବା, ଦେଶଭକ୍ତି, ସାମାଜିକ ସଂସ୍କାର ଓ ଦର୍ଶନ ପ୍ରତିଫଳିତ ହୁଏ। ଏସବୁ କବିତା ଦେଶମାତୃକା ପାଇଁ ନିଷ୍ଠା ଓ ଉତ୍ସର୍ଗୀକୃତତାର ବାର୍ତ୍ତା ବହନ କରୁଥିଲା। ଏହା ଓଡ଼ିଆ ସାହିତ୍ୟକୁ ଘରେ ଘରେ ତଥା ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇଥିଲା। ଆଠଗଡ ସହରସ୍ଥିତ ଗୋପବନ୍ଧୁ ମହିଳା ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ରରେ 'ଓଡ଼ିଆ ଭାଷା ସାହିତ୍ୟକୁ ଗୋପବନ୍ଧୁଙ୍କ ଦାନ' ଶୀର୍ଷକ ଆଲୋଚନା ଓ ମହାବିଦ୍ୟାଳୟର ମୁଖପତ୍ର 'ସ୍ରୋତସ୍ୱିନୀ'ର ଉନ୍ମୋଚନ ଅବସରରେ ସାହିତ୍ୟିକ ତଥା ପ୍ରଧ୍ୟାପକ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ବସିରା ବେଗମ ମନ୍ତ୍ରଧ୍ୱନୀ ସଂଯୋଜନା କରିଥିଲେ। ଇଂଲିଶ୍ ବିଭାଗ ଅଧ୍ୟାପିକା ବବିତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ମହାପାତ୍ର ମୁଖ୍ୟ ଅତିଥିଙ୍କ ସମେତ ମୁଖ୍ୟ ବକ୍ତା ଓଡ଼ିଶାର ସୁନାମଧନ୍ୟ ଭାଷା ବିଶ୍ଳେଷକ ପ୍ରଧ୍ୟାପକ ଡ.ନାରାୟଣ ପଣ୍ଡାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ସ୍ମାରକ ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମହାବିଦ୍ୟାଳୟର ମୁଖପତ୍ର ସୋତ୍ରସ୍ୱିନୀର ଅନାବରଣ କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ସୂର୍ଯ୍ୟକାନ୍ତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ମହାବିଦ୍ୟାଳୟର ପାଠଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# 'ଦୃଢ଼ ମନୋବଳ ରଖିଥିବା କ୍ରୀଡାବିତ୍ ଆଗକୁ ଯାଆନ୍ତି'




ଶିବିରରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ମଙ୍ଗୁଳି-ଜଗତପୁର,୨୭।୯ (ମାନସ ସାମଲ):

ଚୌଦ୍ୱାର ପୌରପାଳିକା ଅଧୀନ ୮ ନମ୍ବର ୱାର୍ଡସ୍ଥିତ ବିଜୁ ପଟ୍ଟନାୟକ ଖେଳ ଭବନ ପରିସରରେ କଟକ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ୍ ବାଳିକାବାଳକ ଚୟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ ଥିବା ବିଭିନ୍ନ ବିଦ୍ୟାଳୟର ମୋଟ ୫୦ଜଣ ବାଳିକା, ବାଳକ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୮ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁନ୍ତଳା ଖଟୁଆ, ଓଟିଏମ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ ରାଉତଙ୍କ ପ୍ରଚେଷ୍ଟାରେ ଆୟୋଜିତ ଶିବିରର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ମୁଖ୍ୟବକ୍ତା ଜିଲା ଶାରିରୀକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ସମ୍ମାନିତ ଅତିଥି ଭାବେ ଓଟିଏମ୍ ହାଇସ୍କୁଲର ଆଲୁମ୍‌ନୀ ଶେଖାୱାତ୍ ଖାଁ, ସୁବ୍ରତ ସାମଲ, ଅର୍ଜୁନ ପଣ୍ଡା ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଯୋଗଦେଇ କହିଛନ୍ତି, କ୍ରୀଡ଼ା ପାଇଁ ଶାରିରୀକ ପରିଶ୍ରମଠାରୁ ଦୃଢ଼ ମନୋବଳ ରଖିଥିବା କ୍ରୀଡାବିତ୍ ଆଗକୁ ଯାଏ। ପରେ ୧୮ଜଣ କୃତୀ କ୍ରୀଡାବିତ୍‌ଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ହାଇସ୍କୁଲ ପରିଚାଳନା କମିଟିର ଚେୟାରପର୍ସନ କେଶବ ବଳବନ୍ତରାୟ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଶୁଭ୍ରଜିତ୍ ପଢ଼ିହାରୀ ମଞ୍ଚ ପରିଚାଳନା ଓ ବ୍ଲକ କ୍ରୀଡ଼ା ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

### ଆଞ୍ଚଳିକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ତିଗିରିଆ,୨୭।୯(ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୋମପଡ଼ାଠାରେ ଆଞ୍ଚଳିକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରେ ବୋଲି କହିଥିଲେ।

ପାଞ୍ଚଗାଁ ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମଣି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ସହ ଶିକ୍ଷାଧିକାରୀ ମାଧବ ଚନ୍ଦ୍ର ଦେହୁରୀ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିତର୍କ, ବକ୍ତୃତା, ସଙ୍ଗୀତ, ସୃଜନାତ୍ମକ ଲିଖନ, ହସ୍ତାକ୍ଷର ଲିଖନ, ଶ୍ରୁତଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକର ମହାଶ୍ୟାମାଳା, ନିଜିଗଡ଼, ଗଦାଧରପୁର, ବଡ଼ନାଉପୁଟ, ନୁଆପାଟଣା ଏବଂ ବିନ୍ଧାଣିମା ଆଞ୍ଚଳିକ ସାଧାନକେନ୍ଦ୍ରରେ ଅନୁରୂପ ଭାବେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଓଡ଼ିଶା ଆର୍ଟ ଏମ୍ପୋରିୟମର ନୂତନ ଶୋ'ରୁମ ଉଦ୍‌ଘାଟିତ




କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଶୋ'ରୁମ୍‌ର ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା):

ଓଡ଼ିଶା ଆର୍ଟ ଏମ୍ପୋରିୟମର ନୂତନ ରିଟେଲ ଶୋ'ରୁମ କଟକ ବାଲୁବଜାରଠାରେ ଖୋଲିଛି। କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଅତିଥି ଭାବେ ଯୋଗଦେଇ ଶୁକ୍ରବାର ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଶାଢ଼ୀ, କୁର୍ତ୍ତା, ଗାମୁଛା, ପାଟଶାଢ଼ୀ, ଟସରଶିଲ୍କ, ସମ୍ବଲପୁରୀ, ସୋନପୁରୀ ଆଦି ସୁପ୍ରସିଦ୍ଧ ହସ୍ତଶିଳ୍ପ ଓ ଆଞ୍ଚଳିକ ସୁନାମଧନ୍ୟ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଭିନ୍ନ ଭିନ୍ନ ଏକକ ଡିଜାଇନର ଉତ୍ପାଦିତ ବସ୍ତ୍ର ଉପଲବ୍ଧ ରହିଛି। ବିଶେଷକରି ଓଡ଼ିଶାର ସମ୍ବଲପୁରର ବରପାଲି, କଟକ ଜିଲା ଆଠଗଡ଼ର ମାଣିଆବନ୍ଧ, ନୂଆ ପାଟଣା ତଥା ଅନ୍ୟ ରାଜ୍ୟର ବୁଣାକାରଙ୍କଠାରୁ ହାତତିଆରି ବସ୍ତ୍ର ଅଣାଯାଇ ବିକ୍ରି ପାଇଁ ରଖାଯାଇଛି। ଏମ୍ପୋରିୟମର ସ୍ୱତ୍ତ୍ୱାଧିକାରୀ ସତ୍ୟଜିତ ସାହୁ କହିଛନ୍ତି, ନୂତନ ଶୋ'ରୁମଟି ସମସ୍ତ ଗୁଣବତ୍ତା ଉତ୍ପାଦିତ ସାମଗ୍ରୀଗୁଡିକ ଗ୍ରାହକଙ୍କୁ ଯୋଗାଇଦେବା ପାଇଁ ସକ୍ଷମ ହେବ। ସେହିପରି ସ୍ୱାତୀ ସାହୁ କହିଛନ୍ତି, ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଏଠାରେ ଗ୍ରାହକଙ୍କ ପାଇଁ ଏକ ରିହାତି ଘୋଷଣା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କର



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ।

**୧୭ରେ ବାଙ୍କୀ ମହୋତ୍ସବ**

ବାଙ୍କୀ/ଡମପଡ଼ା, ୨୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟରଞ୍ଜନ ସାହୁ ):

ଅକ୍ଟୋବର ୧୭ରୁ ବାଙ୍କୀ ମହୋତ୍ସବ ଆରମ୍ଭ ହେବ। ଏହାକୁ ଜାକଜମକରେ ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଏହାକୁ ମହାସମାରୋହରେ ପାଳନ କରିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସଭାରେ ଯୋଗ ଦେଇ ମହୋତ୍ସବ ଏକ ଲୋକ କଳାରେ ପରିଣତ ହୋଇଛି ଏହାକୁ କିପରି ମହାଆଡମ୍ବରରେ ପାରମ୍ପରିକ ଭାବେ ପାଳନ କରାଯିବ ସେଥିପାଇଁ ସମସ୍ତ ବିଭାଗ ସହ ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ମା'ଚର୍ଚ୍ଚିକାଙ୍କ ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରିବା, ବିଦ୍ୟୁତ୍ ବିଭାଗ ତରଫରୁ ବିଦ୍ୟୁତ୍ କାଟ ନ କରିବା, ଅସ୍ଥାୟୀ ଶୌଚାଳୟ ସ୍ଥାପନ,ଏନ୍‌ଏସି ତରଫରୁ ମହୋତ୍ସବ ପଡ଼ିଆ ସଫା କରିବା, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ଉପଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ଜାତମୁଣ୍ଡିଆ ପୋଲ ନିକଟରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ପୋଲିସ ପାଟ୍ରୋଲିଂ କରିବାକୁ ମତ ପ୍ରକାଶ ପାଇଥିଲା। ମହୋତ୍ସବ ସମୟରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର ଆଶ୍ୱସନା ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ।

ଉକ୍ତ ବୈଠକରେ ଡମପଡା ବିଡିଓ ଅଂଶୁମାନ ଦାସ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମାଣିକ ସାହୁ, ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ବାଙ୍କୀ ଆଇଆଇସି ଶିବ ଚରଣ ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ. ବନବାସୀ ବେହେରା, ତହସିଲଦାର ଡମପଡା ସୁଚିସ୍ମିତା ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ମହୋତ୍ସବ କମିଟିର ସଭ୍ୟ,ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକାଠି ମେଲାଣିନେବେ ଦେବଦେବୀ

**ଦଶହରା ପାଇଁ ବ୍ୟବସାୟୀ ସଂଘର ପ୍ରସ୍ତୁତି**

- ୧୩ ପୂଜା ମଣ୍ଡପରେ ପୃଥକ୍ ପୂଜା
- ଡିଜେମୁକ୍ତ ରୋଶଣି,ନିଶାମୁକ୍ତ ଭସାଣି ପାଇଁ ନିଷ୍ପତ୍ତି

ନିଶ୍ଚିନ୍ତକୋଇଲି,୨୭।୯ (ଅଶୋକ କୁମାର ମହାପାତ୍ର)




ବୈଠକରେ ଯୋଗଦେଇଥିବା ବ୍ୟବସାୟୀ ସଂଘର ସଦସ୍ୟ ଓ ଅନ୍ୟମାନେ।

କଟକ ଜିଲା ନିଶ୍ଚିନ୍ତକୋଇଲି ବଜାରରେ ପୂର୍ବଭଳି ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ମିଳିତ ଭାବେ ୧୩ ପୂଜା ମଣ୍ଡପରେ ବିଭିନ୍ନ ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ମା'ଅଷ୍ଟଭୂଜାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ପାଇଁ ସଂଘ ନିଷ୍ପତି ନେଇଛି। ଚଳିତ ବର୍ଷ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଡିଜେ, ସାଉଣ୍ଡ ଓ ଲେଜର ଲାଇଟକୁ ବାଦ ଦିଆଯିବା ସହ ନିଶାମୁକ୍ତ ଭଷାଣି ପାଇଁ ସଂଘ ନିଷ୍ପତ୍ତି ନେଇଛି। ପୃଥକ୍ ଭାବେ ବିଭିନ୍ନ ପୂଜା ମଣ୍ଡପରେ ପୂଜାର୍ଚ୍ଚନା କରାଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା ବେଳେ ୧୬ତାରିଖରେ ସମସ୍ତ ଦେବାଦେବୀଙ୍କୁ ସାମୁହିକ ଭାବେ ମେଲାଣି ଦିଆଯିବ ବୋଲି ସଂଘ ତରଫରୁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଦଶହରା ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଶୁକ୍ରବାର ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ତରଫରୁ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟବସାୟୀ ସଂଘର କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଆୟୋଜନ କରାଯାଇଥିଲା। ନିଶ୍ଚିନ୍ତକୋଇଲି ତହସିଲଦାର ଅନିତା ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା ସ୍ୱାଗତ ଭାଷଣ, ପୂଜା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ବଜାରରେ ଆସନ୍ତା ଅକ୍ଟୋବର ୧୦ରେ ସପ୍ତମୀ ପୂଜା ଆରମ୍ଭ ହେବ। ଏହା ୧୬ ତାରିଖ ବୁଧବାର ପର୍ଯ୍ୟନ୍ତ ଚାଲିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରତ୍ୟେହ ରାତ୍ରରେ ବ୍ୟବସାୟୀ ସଂଘ ତରଫରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ବଜାରକୁ ରଙ୍ଗୀନ ଆଲୋକରେ ଆଲୋକିତ କରାଯିବ ବୋଲି ନିଷ୍ପତି ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରାଯିବା ସହ ଦଶହରା ପୂଜାରେ ଡିଜେ ବଜାଯିବ ନାହିଁ ବୋଲି ପଣ୍ଡା ଘୋଷଣା କରିଥିଲେ। ୧୬ତାରିଖରେ ହେବାକୁ ଥିବା ଭଷାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବା ଦିଗରେ ସ୍ଥାନୀୟ ଅଞ୍ଚଳବାସୀ ପୂର୍ଣ୍ଣ ସହଯୋଗର ହାତ ବଢ଼ାଇବାକୁ ପଣ୍ଡା ନିବେଦନ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ, ଜିଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ କୁମାର ରାଉତ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ଞାନରଞ୍ଜନ ମିଶ୍ର, ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ପ୍ରମୁଖ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଏଥିରେ ପୂଜା କମିଟିର କାର୍ଯ୍ୟକର୍ତ୍ତା ସର୍ବଶ୍ରୀ ବଂଶୀଧର ସାମଲ, କେଦାରନାଥ ସାଥୁଆ, ବିଶ୍ୱଜିତ୍ ରାଉତ, ଗଗନ ବିହାରୀ ବରାଳ, ମନମୋହନ ଓଝା, କରୁଣାକର ସାହୁ, ଜ୍ୟୋତିରଞ୍ଜନ ସାହୁ, ରଞ୍ଜନ କୁମାର ଜେନା, ରାମଚନ୍ଦ୍ର ସାହୁ,ବାବାଜି ଚରଣ ସାହୁ, ଅଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦାନ ଦେଇଥିଲେ। ଶେଷରେ ବ୍ୟବସାୟୀ ସଂଘର ସମ୍ପାଦକ ଜୀବନାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗାଡ଼ିରେ ଲିଫ୍ଟ ମାଗିବା ଆଳରେ ୩୫ ହଜାର ଲୁଟିନେଲେ

**ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ)**

ବାରଙ୍ଗ-ରତାଗଡ଼ ମୁଖ୍ୟରାସ୍ତାର ଚଣ୍ଡୀପ୍ରସାଦ ଗ୍ରାମ ନିକଟରେ ଲିଫ୍ଟ ମାଗିବା ବାହାନାରେ ଛୁରି ଦେଖାଇ ଜଣେ ସ୍କୁଟି ଚଳକଙ୍କଠାରୁ ୩୫ ହଜାର ଟଙ୍କା ଲୁଟି ନେଇଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୁରୁବାର ମଧ୍ୟାହ୍ନ ୧୨ଟା ୩୦ ସମୟରେ ବାଙ୍କୀ ଥାନା ଅଞ୍ଚଳ କେଉଟପାଟଣା ଗ୍ରାମର ଭାସ୍କର ବେହେରା ତାଙ୍କ ଭଣଜାଙ୍କ ଦେହ ଖରାପ ଶୁଣି ଘରୁ ସ୍କୁଟି ଯୋଗେ ଭିଣୋଇ ଜୟଦେବ ବେହେରାଙ୍କ ସୀତାରାମ ବଜାରସ୍ଥିତ ଘରକୁ ଯାଉଥିଲେ। ଭଣଜାଙ୍କ ଚିକିତ୍ସା ପାଇଁ ରାମଦାସପୁର ସିଆର୍‌ପିଏଫ୍ ପାଖ ବ୍ୟାଙ୍କରୁ ୨୦ ହଜାର ଟଙ୍କା ଏବଂ ଅନ୍ୟ ଏକ ବ୍ୟାଙ୍କରୁ ୧୫ ହଜାର ମୋଟ ୩୫ ହଜାର ଟଙ୍କା ଉଠାଇଥିଲେ। ରତାଗଡ଼ ଚଣ୍ଡୀପ୍ରସାଦ ଗ୍ରାମ ଦେଇ ଯିବାବେଳେ ଜଣେ ଯୁବକ ତାଙ୍କୁ ଆଗ ଛକ ପର୍ଯ୍ୟନ୍ତ ଲିଫ୍ଟ ମାଗିଥିଲେ। ଏଥିରେ ଭାସ୍କର ମନା କରିଥିଲେ ମଧ ଯୁବକ ଜଣଙ୍କ କାକୁତି ମିନତି ହେବାରୁ ସେ ବାଧରେ ଲିଫ୍ଟ ଦେଇଥିଲେ। କିଛି ବାଟ ଆସିବା ପରେ ଯୁବକ ଗାଡ଼ିରୁ ଓହ୍ଲାଇଥିଲେ। ଏହି ସମୟରେ ଅନ୍ୟ ଜଣେ ଯୁବକ ଆସି ଭାସ୍କରଙ୍କୁ ଏକ ଛୁରି ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ତେବେ ଲିଫ୍ଟରେ ଆସିଥିବା ଯୁବକ ଭାସ୍କରଙ୍କଠାରୁ ବ୍ୟାଙ୍କରୁ ଉଠାଇଥିବା ୩୫ ହଜାର ଟଙ୍କା, ମୋବାଇଲ, ୨ ଏଟିଏମ୍ କାର୍ଡକୁ ଛଡ଼ାଇ ନେଇ ୨ ଜଣ ଦୌଡ଼ି ପଳାଇ ଯାଇଥିଲେ। ଭାସ୍କର ଭିଣୋଇଙ୍କ ଘରେ ପହଞ୍ଚି ଘଟଣା ବିଷୟରେ କହିବା ପରେ ଉଭୟ ଘଟଣାସ୍ଥଳକୁ ଯାଇ ଆଖପାଖ ଗାଁରେ ୨ ଯୁବକଙ୍କୁ ଖୋଜାଖୋଜି କରିଥିଲେ। ନିରାଶ ହେବା ପରେ ଭିଣୋଇଙ୍କୁ ସାଙ୍ଗରେ ଧରି ଭାସ୍କର ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ।

### ତୃଣମୂଳ ସ୍ତରରେ ପହଞ୍ଚିବ ଗଣଶିକ୍ଷା ଯୋଜନା

**ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ୨ଦିନିଆ ଜିଲାପାଳ ସମ୍ମିଳନୀ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସମ୍ମିଳନୀର ଏକ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ବିଭାଗୀୟ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଗଣ୍ଡ କହିଲେ, ଶିକ୍ଷାରେ ପରିବର୍ତ୍ତନ ଆସିବ। ତୃଣମୂଳ ସ୍ତରରେ ଗଣଶିକ୍ଷା ସମ୍ପର୍କିତ ସମସ୍ତ ଯୋଜନା ପହଞ୍ଚିବ। ରାଜ୍ୟର ସ୍କୁଲଗୁଡ଼ିକୁ 'ପିଏମ୍-ଶ୍ରୀ' ଯୋଜନାରେ ସାମିଲ କରାଯାଉଛି। 'ନିପୁଣ ଓଡ଼ିଶା' ମାଧ୍ୟମରେ ମୌଳିକ ସାକ୍ଷରତା ଓ ସଂଖ୍ୟାରେ ଗୁଣାବତ୍ତା ଆସିଛି ଏବଂ ପ୍ରାଥମିକ ସ୍ତରରୁ ପିଲାମାନଙ୍କୁ ସକ୍ଷମ କରାଯାଉଛି। ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ସମ୍ପର୍କରେ ସୂଚନା ଦେଇ କମିଶନର ଶାଳିନୀ ପଣ୍ଡିତ କହିଲେ, ପ୍ରତି ଗ୍ରାମ ପଞ୍ଚାୟତରେ ମଡେଲ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯିବ। ଝାରସୁଗୁଡ଼ା ଜିଲାପାଳ ଆବୋଲି ସୁନୀଲ ନରୱଣେ ଓ କଳାହାଣ୍ଡି ଜିଲାପାଳ ସଚିନ ପାୱାର ଉପସ୍ଥିତ ରହି ଜିଲାରେ ଶିକ୍ଷା ବ୍ୟବସ୍ଥା ଉପରେ ନିଜ ଅଭିଜ୍ଞତା ବାଣ୍ଟିଥିଲେ।

# ସୁଧୁରୁନି ସହରର ଟ୍ରାଫିକ ବ୍ୟବସ୍ଥା

**ପାର୍କିଂ, ଉଠାଦୋକାନ ପାଇଁ ସଙ୍କୁଚିତ ହେଉଛି ରାସ୍ତା**

**ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ସହରର ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୂଆବସ୍‌ଷ୍ଟାଣ୍ଡଠାରୁ ଟ୍ରାଫିକ ଛକ, ପଲ୍ଲା ଛକ, ଖୋର୍ଦ୍ଧା-ନୟାଗଡ଼ ରାସ୍ତାର ମୁକୁନ୍ଦପ୍ରସାଦଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢାଉଛି। ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ରାସ୍ତା ଜାମ୍ ଯୋଗୁ ଯାତାୟତ କରିବା କଷ୍ଟକର ହୋଇପଡୁଛି। ମୁକୁନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକ ଓ ଟ୍ରାଫିକ ଛକରେ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପଠାରୁ ମାରୱାଡ଼ି ପଟି ରାସ୍ତା ସଙ୍କୁଚିତ ହୋଇରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ ପାର୍କିଂ ଏବଂ ଦୋକାନ ବଜାର ଯୋଗୁ ରାସ୍ତା ସଙ୍କୁଚିତ ହେଉଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କ୍ୟାବିନମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ହୋଇରହିଛି।

ପୁରୁଣା ବସଷ୍ଟାଣ୍ଡଠାରେ ନୟାଗଡ଼ ପଟୁ ଆସୁଥିବା ବସ୍ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛି। ବସ୍‌ଷ୍ଟାଣ୍ଡରେ ପାର୍କିଂ ସୁବିଧା ନ ଥିବାରୁ ରାସ୍ତା ଉପରେ ଯାତ୍ରୀ ଉଠାଇବା ଲାଗି ବସ୍‌ଗୁଡିକ ଠିଆ ହୋଇରହୁଛି। ଫଳରେ ନୟାଗଡ଼ ରୋଡ୍‌ରେ ଭିଡ଼ ହେଉଛି। ପର୍ବପର୍ବାଣି ସମୟରେ ଏତେ ଭିଡ଼ ହେଉଛି ଯେ, ମେଡିକାଲରୁ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ମଧ ଫସିଯାଉଛି। ଉଭୟପଟୁ ଯାନବାହନ ଏକ କିମି ପର୍ଯ୍ୟନ୍ତ ଲମ୍ବାଧାଡ଼ିରେ ଅଟକି ରହୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ପାର୍ଶ୍ୱରେ ମେଡିକାଲ, ବନବିଭାଗ କାର୍ଯ୍ୟାଳୟ, ଘରୋଇ ଶିକ୍ଷାନୁଷ୍ଠାନ, ୨ଟି ଶପିଙ୍ଗ ମଲ, ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ମୁଖ୍ୟ ଡାକଘର, ଶତାଧିକ କ୍ୟାବିନ୍ ଘେରି ରହିଛି। କ୍ୟାବିନ୍ ହଟାଇବା ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ରାସ୍ତା ଦେଇ ସକାଳ ସମୟରେ ନୟାଗଡ଼ଠାରୁ ଭୁବନେଶ୍ୱରକୁ ଦୈନିକ ଶତାଧିକ ଘରୋଇ ବସ୍ ଯାତାୟତ କରୁଛି। ଯାତ୍ରୀ ଉଠାଇବା ଓ ଓହ୍ଲାଇବା ଲାଗି ବସ୍‌ଗୁଡିକ ଖୋର୍ଦ୍ଧା କ୍ଲବ, ପୁରୁଣା ବସଷ୍ଟାଣ୍ଡ ନିକଟରେ ଅଟକି ରହୁଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ହଳଦିଆ, ଗଡମାଣିତ୍ରୀ, ଜଟଣୀ ପ୍ରଭୃତି ଅଞ୍ଚଳକୁ ମିନି ବସ, କ୍ୟାଣ୍ଟର ଚଳାଚଳ କରୁଛି। ଏହି ଗାଡ଼ିଗୁଡିକ ମଧ ଯାତ୍ରୀଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନ୍ୟପଟେ ମୁଖ୍ୟ ଡାକଘର ନିକଟ ଗଳି ଗୁରୁଜଙ୍ଗଠାରୁ କେରଙ୍ଗ, ହଳଦିଆ, ଟାଙ୍ଗିଆପଡା ପ୍ରଭୃତି ଗ୍ରାମକୁ ଯିବା ଲାଗି ଏକ ମାତ୍ର ରାସ୍ତା ରହିଛି। ଫଳରେ ସବୁ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି। ସେହିପରି ଟ୍ରାଫିକ ଛକ ନିକଟରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ, ଟାଉନ ଥାନା, ଉପଜିଲାପାଳ କାର୍ଯ୍ୟାଳୟ ଓ ତହସିଲ ଅଫିସ ସମେତ ସମବାୟ ବ୍ୟାଙ୍କ ନିକଟରେ ପୌର ପରିଷଦ କାର୍ଯ୍ୟାଳୟ ରହିଛି। ଟ୍ରାଫିକ ଛକଠାରୁ ସମବାୟ ଛକ ଓ ସେଠାରୁ ପୁରୁଣା ମେଡିକାଲ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଦୋକାନ ରହିଛି। ଫଳରେ ସବୁ ସମୟରେ ଗ୍ରାହକଙ୍କ ଭିଡ଼ ରହୁଛି। କୋର୍ଟ ଛକ, ହାବେଳି ପଡ଼ିଆ ଏବଂ ନୂଆବସଷ୍ଟାଣ୍ଡ ରାସ୍ତାରେ ବାଇକ ପାର୍କିଂ ଯୋଗୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ବ୍ୟାଙ୍କ ଛକଠାରୁ ନୂଆବସ୍‌ଷ୍ଟାଣ୍ଡ ମଧ୍ୟରେ ଗୋଟିଏ ପାର୍ଶ୍ୱରେ ବହୁତଳ ଶପିଙ୍ଗ୍ ମଲ, ଘରୋଇ ବ୍ୟାଙ୍କ, ବିଭିନ୍ନ ଦୋକାନ ରହିଛି। ଫଳରେ ଏଠାରେ ଗହଳି ହେଉଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହିଛି ୧୬ ନଂ ଜାତୀୟ ରାଜପଥ। ସହରର ପ୍ରବେଶ ପଥ ହୋଇଥିବାରୁ ବ୍ରହ୍ମପୁର ପଟୁ ନୟାଗଡ଼, ବଲାଙ୍ଗୀରକୁ ଘରୋଇ ବସ, ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଯାତାୟାତ କରିଥାଏ। ପଲ୍ଲାତୋଟାପଡା ଦେଇ ଇସ୍କନ ମନ୍ଦିର ଛକ ଦେଇ ଭାରିଯାନ ସହରରେ ପ୍ରବେଶ କରୁଛି। ନୂଆ ବସଷ୍ଟାଣ୍ଡ ଓ ଟିଏଲ୍‌ସି ବାଇପାସ୍ ଦେଇ ଯିବା ସମୟରେ ପଲ୍ଲା ଛକଠାରୁ ନୂଆବସଷ୍ଟାଣ୍ଡ ମଧ୍ୟରେ ଭିଡ଼ ଜମୁଛି। ଟ୍ରାଫିକ ସମସ୍ୟାକୁ ପୋଲିସ ସୁଧାରିବାରେ ବିଫଳ ହେଉଥିବର ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ଡିଆଇଜି ତଥା ଏସ୍‌ପି ଅବିନାଶ କୁମାର କହିଛନ୍ତି, ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ଲାଗି ପ୍ରଚେଷ୍ଟା ଜାରି ରହିଛି। ସବୁ ଛକ ସ୍ଥାନରେ ଟ୍ରାଫିକ କନଷ୍ଟେବଲ, ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ତେବେ ଜନତାଙ୍କ ସହଯୋଗ ଆବଶ୍ୟକ। ରାସ୍ତାରେ ବାଇକ ପାର୍କିଂ କରନ୍ତୁ ନାହିଁ। ଟ୍ରାଫିକ ନିୟମ ମାନିବାକୁ ଡିଆଇଜି ପରାମର୍ଶ ଦେଇଛନ୍ତି।

### ଛାତ୍ରଙ୍କୁ ଆକ୍ରମଣ, ୨ ଗିରଫ

**ଭୁବନେଶ୍ୱର,୨୭।୯(ସୂର୍ଯ୍ୟକାନ୍ତ ବେହେରା)**

ଜଣେ ଛାତ୍ରଙ୍କୁ ଲୁହାରଡ୍ ଓ କାଠ ଫାଳିଆରେ ଆକ୍ରମଣ ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଆକ୍ରମଣକାରୀ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ସିଜୁଆ ଅଞ୍ଚଳର ସୂର୍ଯ୍ୟକାନ୍ତ ଗୁମନସିଂ ଓ ତ୍ରିଲୋଚନ ପ୍ରଧାନ। ଉଭୟଙ୍କଠାରୁ ଅପରାଧରେ ବ୍ୟବହୃତ ଲୁହା ରଡ ଓ କାଠ ଫାଳିଆ ଜବତ ହୋଇଛି । ଆଦିତ୍ୟ ପ୍ରକାଶ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସୂଚନାଯୋଗ୍ୟ, ଆଦିତ୍ୟ ଏକ ଘରୋଇ କଲେଜରେ ପାଠ ପଢନ୍ତି। ପୂର୍ବରୁ ଅଭିଯୋଗକାରୀଙ୍କ ବନ୍ଧୁ ସୁଶୀଲ କୁମାର ନାୟକଙ୍କର ଦୁଇ ସହପାଠୀ କିରଣ, କିସୁ ଓ ଅଭିଯୁକ୍ତ ମାନଙ୍କ ସହିତ ଝଗଡା ହୋଇଥିଲା। ସେପ୍ଟମ୍ବର ୧୨ ରାତି ସମୟରେ ଆଦିତ୍ୟ ସିଜୁଆ ଗଣେଶ ପୂଜା ମଣ୍ଡପ ପାଖରେ ଉପସ୍ଥିତ ଥିବା ବେଳେ କିସୁ ତାଙ୍କୁ ଫୋନ କରି ଗାଳିଗୁଲଜ କରିଥିଲେ। କିଛି ସମୟ ପରେ ଆଦିତ୍ୟ ନିଜର ବନ୍ଧୁମାନଙ୍କ ସହିତ ଏମ୍‌ସ ମେଡିକାଲ ଆଗରେ ଛିଡ଼ା ହୋଇଥିବାବେଳେ, କିରଣ ଅଭିଯୁକ୍ତ ଓ ଅନ୍ୟ ସହଯୋଗୀମାନଙ୍କ ସହିତ ଆସି ବନ୍ଧୁ ସୁଶୀଲ କୁମାର ନାୟକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଆଦିତ୍ୟ ଏହାର ବିରୋଧ କରିବାରୁ ଅଭିଯୁକ୍ତ ମାନେ ସେମାନଙ୍କୁ ଗୋଟିଏ ଲୁହା ରଡ ଏବଂ କାଠ ଫାଳିଆରେ ମରଣାତ୍ମକ ଆକ୍ରମଣ କରିଥିଲେ । ଫଳରେ ତାଙ୍କର ମୁଣ୍ଡ ଫାଟି ଶରୀର କ୍ଷତ ବିକ୍ଷତ ହେବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ।




ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ୧୦ ଦଫା ଦାବିରେ ନର୍ସିଂ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିବା ସହ ଧାରଣା ଦେଇଛନ୍ତି।

## ନର୍ସିଂ ଅଫିସରଙ୍କ ଆନ୍ଦୋଳନ, ରୋଗୀସେବା ବାଧାପ୍ରାପ୍ତ

**ଖୋର୍ଦ୍ଧା/ଟାଙ୍ଗୀ,୨୭।୯(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲାରେ କାର୍ଯ୍ୟରତ ନର୍ସିଂ କର୍ମଚାରୀମାନେ ୧୦ଦଫା ଦାବି ନେଇ ଶୁକ୍ରବାର କାର୍ଯ୍ୟବନ୍ଦ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଧାରଣା ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ତେବେ ଜରୁରୀକାଳୀନ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ ସେବା ବନ୍ଦ ରହିଛି। ଏ ସଂକ୍ରାନ୍ତରେ ଡିଏଚ୍‌ଏଚ୍ ଅଧୀକ୍ଷକ ଏବଂ ସିଡିଏମଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯୋଗ୍ୟତା ଏବଂ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ପଦବୀକୁ ପଦୋନ୍ନତି, ୧୬ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିବା ସେବିକାମାନଙ୍କୁ ଏକ ସମୟରେ ଦୁଇଟି ପଦୋନ୍ନତି, ୧୨ ନଭେମ୍ବର ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରମାନଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ଏବଂ ସମସ୍ତ ଆର୍ଥିକ ସୁବିଧା ଦିଆଯାଉ। ଅନ୍ୟ ରାଜ୍ୟ ଭଳି ଏନ୍‌ଏଚ୍‌ଏମ୍ ଅଧୀନରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନୂତନ ସିଏଚ୍‌ଓମାନଙ୍କୁ ନିଯୁକ୍ତି ଦିଆଯାଉ। ନିୟମିତ ହୋଇ ନ ଥିବା ଅବଶିଷ୍ଟ ନର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯାଉ। ଆଦିବାସୀ ଅଞ୍ଚଳରେ କାର୍ଯ୍ୟରତ ସେବିକାମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ଆଦି ଦାବି ରହିଛି। ଜିଲା ନର୍ସିଂ କର୍ମଚାରୀ ସଂଘ ସଭାପତି ପ୍ରତିମା ରାଉତ, ସାଧାରଣ ସମ୍ପାଦିକା ସାଧନା ଗୁମାନସିଂ, ପ୍ରତିମା ସାହୁ, ମଞ୍ଜୁଲତା ବେହେରାଙ୍କ ସମେତ ସମସ୍ତ ନର୍ସିଂ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେହିପରି ରାଜ୍ୟ ନର୍ସିଂ ଅଫିସର ସଂଘର ସଭାପତି ସୂଚିସ୍ମିତା ଦାସ ଓ ସମ୍ପାଦକ ଅର୍ଜୁନୀ କୁମାର ଦାସଙ୍କ ନେତୃତ୍ୱରେ ଚାନ୍ଦପୁର ବସନ୍ତମଞ୍ଜରୀ ସାଧାରଣ ଚିକିତ୍ସାଳୟ ପରିସରରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ଗୁରବାର ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ଶୁକ୍ରବାର ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟର ୨୦ଜଣ ନର୍ସିଂ ଅଫିସର ୧୦ ଦଫା ଦାବି ନେଇ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଆନ୍ଦୋଳନ ପୂର୍ବରୁ ସେମାନେ କଳାବ୍ୟାଜ୍ ପରିଧାନ ଓ ଟୋକନ ଷ୍ଟ୍ରାଇକ କରି ବିଫଳ ହେବା ପରେ ଏବେ ଜରୁରୀକାଳୀନ ସେବା ଛାଡି ଅନ୍ୟ କାର୍ଯ୍ୟ ବନ୍ଦ କରିବାକୁ ସଂଘର ନିଷ୍ପତ୍ତିକ୍ରମେ ଏହି ଆନ୍ଦୋଳନ ଚାଲୁ ରହିଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏଥିଯୋଗୁ ଚିକିତ୍ସାଳୟରେ ରୋଗୀ ସେବା ବ୍ୟାହତ ହୋଇଛି। ତେଣୁ ରୋଗୀଙ୍କ ସେବାକୁ ବ୍ୟାହତ କରା ନ ଯିବା, ସେମାନଙ୍କ ନାର୍ଯ୍ୟ ଦାବି ତୁରନ୍ତ ପୂରଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ଇଞ୍ଜଣାରେ ବୋମାମାଡ଼ ଗୁଜବ

**ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ)**

ରାଜଧାନୀ ଉପକଣ୍ଠ ଇଞ୍ଜଣା ଗ୍ରାମରେ ଶୁକ୍ରବାର ରାତିରେ ହୋଇଥିବା ପ୍ରଚଣ୍ଡ ଶବ୍ଦଟି ବୋମାମାଡ଼ ନୁହେଁ। ଏହା ଏକ ଗୁଜବ ବୋଲି ମଞ୍ଚେଶ୍ୱର ଥାନା ପୋଲିସ ସ୍ପଷ୍ଟ କରିଛି। ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ଗ୍ରାମର ବିଦ୍ୟାଳୟ ନିକଟ ଜନୈକ ବ୍ୟକ୍ତିଙ୍କ ଘର ନିକଟରେ ଏକ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା, ଯାହାକୁ ନେଇ ଆଖପାଖ ଲୋକେ ଭୟଭୀତ ହୋଇପଡ଼ିଥିଲେ। ବୋମା ଫୁଟିଥିବା ଭାବି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ଶବ୍ଦ ଶୁଣାଯାଇଥିବା ସ୍ଥାନରୁ ସେଭଳି କୌଣସି ବୋମାର ଭଗ୍ନାବଶେଷ କିମ୍ବା କୌଣସି କ୍ଷତ ଚିହ୍ନ ଦେଖିବାକୁ ମିଳିନ ଥିଲା। କେହି ଦୁର୍ବୃତ୍ତ ପ୍ରଚଣ୍ଡ ଶବ୍ଦ କରୁଥିବା ବାଣ ଫୁଟାଇ ଘଟଣାସ୍ଥଳରୁ ଚାଲିଯାଇଥିବା ପୋଲିସ ଅନୁମାନ କରୁଛି। ବୋମା ଫୁଟିବା ଖବରପାଇ ଗ୍ରାମରେ ଆତଙ୍କ ଖେଳି ଯାଇଥିବାବେଳେ ପୋଲିସ ସିସିଟିଭି ଆଧାରରେ ତଦନ୍ତରେ ପରେ ଏହା ଏକ ଗୁଜବ ବୋଲି ଜାଣିବାକୁ ପାଇଥିଲା। ବୋମାମାଡ଼ ମିଛ ବୋଲି ଜାଣିବା ପରେ ଗ୍ରାମବାସୀ ଆଶ୍ୱସ୍ତି ଲାଭ କରିଥିଲେ।

### 'ଆଚରଣ, ଉଚ୍ଚାରଣରେ ସଂଯମତା ରଖନ୍ତୁ ଛାତ୍ରୀଛାତ୍ର'



**ଟାଙ୍ଗୀ,୨୭।୯(ରଘୁନାଥ ସାହୁ)**

**ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ୩୧ତମ ପ୍ରତିଷ୍ଠା ଦିବସ**

ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ ଓ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଓଷ୍ଟାର ପୂର୍ବତନ ସଭାପତି ପଦ୍ମନାଭ ବିଶ୍ୱାଳ, କୁହୁଡି ଜନତା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ଦୁର୍ଗାଚରଣ ଚିଲିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ, ଏମ୍‌ପିଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସଞ୍ଜୟ କୁମାର ପରିଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅଧ୍ୟାପକ ସୁଶୀଲ ମହାପାତ୍ର ବେଦପାଠ କରିଥିଲେ। ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷା କରି ଅଧ୍ୟୟନ କରିବା ସହିତ ମାତାପିତା ଓ ଗୁରୁଜନମାନଙ୍କୁ ସବୁବେଳେ ଭକ୍ତି ପ୍ରଦର୍ଶନ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଭାରତବର୍ଷର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ସହିତ ପରିଚିତ ହୋଇ ମହାନଗ୍ରନ୍ଥ ରାମାୟଣ, ମହାଭାରତ ଓ ଗୀତାକୁ ଅଧ୍ୟୟନ କରି ସେଥିରୁ ସାରକଥା ଗ୍ରହଣ ପୂର୍ବକ କାର୍ଯ୍ୟ କଲେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ ବୋଲି ପରାମର୍ଶ ଦେଇଥିଲେ। ତର୍କ, ବୁଦ୍ଧି ପରୀକ୍ଷା ଓ ନୃତ୍ୟ ଆଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ଅଧ୍ୟାପକ ଓ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୨୭।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସମସ୍ତ ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା ବିଡିଓ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ପଞ୍ଚାୟତରେ ଲୋକମାନଙ୍କୁ ସ୍ୱଚ୍ଛତା ହିଁ ସେବା ଉପରେ ସଚେତନ କରାଯାଇଥିଲା। ସରପଞ୍ଚ ଇତିଶ୍ରୀ ସିଂହଙ୍କ ନେତୃତ୍ୱରେ ସଫେଇ, ଶପଥ ପାଠ, ଚାରାରୋପଣ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ଚତୁର୍ଥ ଦିବସରେ ସାନଅଁଳ ସ୍ଥିତ ବୁଢ଼ୀମା' ଠାକୁରାଣୀଙ୍କ ନିକଟରୁ ଏକ ଶୋଭାଯାତ୍ରା ବାହାରି ବଜାର, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିକ୍ରମା କରି ସ୍ୱଚ୍ଛତା ହିଁ ସେବା ବାର୍ତ୍ତା ଦେଇଥିଲେ। ଏହି ଅବସରରେ କୃଷ୍ଣପ୍ରସାଦ ବଜାର, ପାରିକୁଦ ରାଜବାଟି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗାନ୍ଧୀଛକ, ଥାନା, ସାନଅଁଳ ନୂଆସାହି ମଣ୍ଡପ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱ ସଫେଇ କରାଯିବା ସହ ପରିବେଶ ପରିଷ୍କାର ପରିଛନ୍ନ ରଖିବାକୁ ପରାମର୍ଶ ଦିଆଯାଇଛି। ଅଙ୍ଗନୱାଡ଼ି ଓ ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

## ଅକ୍ଟୋବର ୧୭ରୁ ବାଙ୍କୀ ମହୋତ୍ସବ



ବୈଠକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଅଧିକାରୀ ଏବଂ ଅନ୍ୟମାନେ।

**କଳାପଥର,୨୭।୯(ଗଙ୍ଗାଧର ସାହୁ)**

ଆସନ୍ତା ଅକ୍ଟୋବର ୧୭ରୁ ବାଙ୍କୀ ମହୋତ୍ସବ। ଏହି ମହୋତ୍ସବ ପାଳନ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଏହି ମହୋତ୍ସବ ପାଳନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ଏହି ସମୟରେ ମା'ଚର୍ଚ୍ଚିକା ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରିବା, ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ ନ କରିବା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ଏନ୍‌ଏସି ପକ୍ଷରୁ ମହୋତ୍ସବ ପଡିଆ ସଫା କରିବା, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ଉପଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ମହୋତ୍ସବ ସମୟରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ ବୋଲି ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ମହୋତ୍ସବ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈଠକରେ ଡମପଡା ବ୍ଲକ ବିଡିଓ ଅଂଶୁମାନ ଦାସ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ବିଜ୍ଞାପିତ ଅଞ୍ଚଳ ପରିଷଦ ବାଙ୍କୀର ଅଧ୍ୟକ୍ଷା ମାଣିକ ସାହୁ, ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ଆଇଆଇସି ଶିବ ଚରଣ ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବନବାସୀ ବେହେରା, ତହସିଲଦାର ଡମପଡା ସୁଚିସ୍ମିତା ଦାଶ, ଆଇଆଇସି ବୈଦେଶ୍ୱର ଥାନା ପ୍ରିୟଦର୍ଶନ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଧନ୍ୟବାଦ ଦେଇଥିଲେ।

## କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ନିରାକାରପୁର,୨୭।୯(ମାନସ ଚନ୍ଦ୍ର ପଟ୍ଟନାୟକ)**



ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଭୂଷଣ୍ଡପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ରିଫ୍ୟୁଜି ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି । ମହୋତ୍ସବରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସ୍ଥାନୀୟ ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ଭୂଷଣ୍ଡପୁର ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, ଶିକ୍ଷକ ପ୍ରଶାନ୍ତ କୁମାର ରାୟ, ଟାଙ୍ଗୀ ଶିକ୍ଷକ ପ୍ରତିନିଧି ଅମ୍ଳାନ ପ୍ରହରାଜ, ସିଆର୍‌ସିସି ସପନ ସର୍ଦ୍ଦାର, ଶିକ୍ଷକ ବଳରାମ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ଉଦ୍‌ଯାପନ ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଓ କନିଷ୍ଠ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତର୍କ, ପ୍ରବନ୍ଧ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଚିତ୍ରାଙ୍କନ, ଚିତ୍ରକଳା ଓ ହସ୍ତକଳା, ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତାରେ ଭାଗନେଇ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପବିତ୍ର କୁମାର ସାହୁ, ସାଗରିକା ସାହୁ , ମାମିନା ବେହେରା, ସୁଜାତା ମହାପାତ୍ର, ବିଧୁ ଭୂଷଣ ଦାସ, ରଶ୍ମିତା ପଟ୍ଟନାୟକ, ଅମ୍ରିତା ପଟ୍ଟନାୟକ, ନିରୁପମା ବାରିକ ପ୍ରମୁଖ ପରିଚାଳନା କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ସାଇ ସସ୍ମିତା, ଅମ୍ରିତା, ନାରାୟଣ ଜେନା, ରାଜେଶ୍ୱରୀ ବେହେରା, ପ୍ରତିପନ୍ନା, ପହିଲି, କସ୍ତୁରୀ, କାହ୍ନୁ, ମୃତ୍ୟୁଞ୍ଜୟ, ମାନ୍ୟତା ମଲ୍ଲିକ ଓ ସୁନୟନାଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପରବର୍ତ୍ତୀ ସମୟରେ ଉଗ୍ରତାରା ଉଚ୍ଚ ବିଦ୍ୟାଳୟଠାରେ ଅଂଶଗ୍ରହଣ କରିବେ ବୋଲି ସିଆର୍‌ସିସି ସର୍ଦ୍ଦାର ସୂଚନା ଦେଇଛନ୍ତି।

୨୯ରେ ଭୋଳାନାଥ ବିଦ୍ୟାପୀଠ ଛାତ୍ର ସଂସଦ ବୈଠକ

ପୁରୀ,(ଅଜିତ କୁମାର ମହାନ୍ତି)- ଭୋଳାନାଥ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ପାଳନ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ପରିଷଦ ବୈଠକ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ତେଣୁ ପୁରାତନ ଛାତ୍ରୀଛାତ୍ରମାନେ ଏହି ବୈଠକରେ ଯୋଗ ଦେବାପାଇଁ ସଂସଦର ସମ୍ପାଦକ ସୂର୍ଯ୍ୟମଣି ନାୟକ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ବରଗଡ଼ା ସାଇମନ୍ଦିର ନିକଟରେ ୩ ଫୁଟର ବର୍ଷାଜଳ



ଯୋଗେଶ୍ୱରପୁର,୨୭।୯(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତ ବରଗଡ଼ା ଗ୍ରାମରେ ଥିବା ସାଇମନ୍ଦିର ନିକଟରେ ବର୍ଷାଜଳ ନିଷ୍କାସନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ୩ ଫୁଟ ଜଳ ପ୍ରବାହିତ ହେଉଛି। ଏଥିରେ ସାଧାରଣ ଜନତା ସାହି ବାଟଦେଇ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବିଧାୟକ ତୁଷାରକାନ୍ତ ବେହେରା ଜଳ ନିଷ୍କାସନ ପାଇଁ ସମସ୍ତ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇ ଦୀର୍ଘ ୨ ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଯୁବ ସାମାଜିକ କର୍ମୀଙ୍କ ପରଲୋକ

କାକଟପୁର/ଅସ୍ତରଙ୍ଗ,୨୭।୯
(ଶୁଭଦର୍ଶନ ମିଶ୍ର/ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ଜଳେଶ୍ୱରପଡ଼ା ପଞ୍ଚାୟତ କରୁଣା ଗ୍ରାମର ସ୍ୱର୍ଗତ ଶଶିଭୂଷଣ ନାୟକଙ୍କ ମଧ୍ୟମ ପୁତ୍ର ଅକ୍ଷୟ ନାୟକ (୫୬)ଙ୍କର ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ନିଜ ଧାନଜମିକୁ ବୁଲିବାକୁ ଯାଇଥିବାବେଳେ ହଠାତ୍ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ବାଙ୍ଗୁରୀଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର, ବନ୍ଧୁବର୍ଗ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ପରୋପକାରୀ ବ୍ୟକ୍ତି ତଥା ସାମାଜିକ କର୍ମୀ ଭାବେ ପରିଚିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଦାହ କରାଯାଇଥିଲା। ଏକ ମାତ୍ର ପୁତ୍ର ବିଭୁପ୍ରସାଦ ମୁଖାଗ୍ନି ଦେଇଥିଲେ।

### ନୟାହାଟ ନୂତନ ଫାଣ୍ଡି ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ଯୋଗେଶ୍ୱରପୁର,୨୭।୯(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡିଅଧିକାରୀ ଭାବେ ବୁଧବାର ପୁରୀ ଟାଉନ ଥାନାର ଏସ୍‌ଆଇ ଅଶୋକ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କହିଛନ୍ତି, ନୟାହାଟର ଟ୍ରାଫିକ ସମସ୍ୟା ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହିତ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ମଧ୍ୟରାତ୍ରିରେ ଯାଉଥିବା ଗାଡ଼ିଗୁଡ଼ିକ ଯାଞ୍ଚ କରାଯିବ। ଗ୍ରାମାଞ୍ଚଳରୁ ଆସୁଥିବା ଗରିବ ଲୋକମାନେ ଯେପରି ନ୍ୟାୟ ପାଇବାରୁ ବଞ୍ଚିତ ନ ହେବେ, ସେ ଦିଗରେ ବିଶେଷ ଧ୍ୟାନ ଦେବେ ବୋଲି ଫାଣ୍ଡି ଅଧିକାରୀ ବେହେରା ପ୍ରକାଶ କରିଛନ୍ତି। ଫାଣ୍ଡିରୁ ଦଲାଲ ହଟେଇବା ଦିଗରେ ପ୍ରଥମ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେପରି ଲୋକମାନେ ନିର୍ଭୟରେ ଆସି ପୋଲିସ ନିକଟରେ ଅଭିଯୋଗ କରିପାରିବେ। ପୋଲିସ ଲୋକମାନଙ୍କ ବନ୍ଧୁ ଓ ଜନସାଧାରଣଙ୍କ ସହଯୋଗ ନିହାତି ଆବଶ୍ୟକ ବୋଲି ବେହେରା ମତ ପ୍ରକାଶ କରିଛନ୍ତି। ଫାଣ୍ଡି ଅଧିକାରୀ ବେହେରାଙ୍କୁ ନୟାହାଟ ଭାଜପା ପକ୍ଷରୁ କେଦାର ସାହୁ, ଅନନ୍ତ ସାହୁ, ପ୍ରଭାତ ପାତ୍ର, ପବନା ପାତ୍ର ପ୍ରମୁଖ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ବାବଦରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦୃଷ୍ଟିଗୋଚର କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ସେହିପରି ଧୂମାଳ ପଞ୍ଚାୟତ ବିଜେଡି ସଭାପତି ଆଲୋକ ରାୟ, ଯୁବନେତା ଓ ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସିଂ, ସମିତି ସଭ୍ୟାଙ୍କ ପ୍ରତିନିଧି ସହଦେବ ମାଣିକ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଥିଲେ।

# ବୈପ୍ଳବିକ ପରିବର୍ତ୍ତନ ଆଣିଛି 'ସ୍ୱଚ୍ଛ ଭାରତ'

ପିପିଲି,୨୭।୯(ଦୁର୍ଗାମାଧବ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ୨୦୧୪ରେ ଆରମ୍ଭ ହୋଇଥିବା ସ୍ୱଚ୍ଛ ଭାରତ ଅଭିଯାନକୁ ଇତିମଧ୍ୟରେ ୧୦ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଚଳିତବର୍ଷ ଗାନ୍ଧୀ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ସମଗ୍ର ଦେଶରେ ପାଳନ ହେଉଛି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ। ଏହି କ୍ରମରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ (ସିବିସି) ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ଏକ ୨ ଦିନିଆ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପିପିଲି ବ୍ଲକ ଅଧୀନ ସଂପୁର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଲୋକ ସଭା ସଦସ୍ୟ ଡ. ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଆୟୋଜିତ ଏକ



କାର୍ଯ୍ୟକ୍ରମରେ ଉପସ୍ଥିତି ଅତିଥି ଏବଂ ଅନ୍ୟମାନେ ।

ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଡ. ପାତ୍ର ବିଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ଅଭିଯାନ କିଭଳି ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି ସେନେଇ ଆଲୋଚନା କରିଥିଲେ। ପିପିଲି ବିଧାୟକ ପଟ୍ଟନାୟକ ଆଗାମୀ ଦିନରେ ପିପିଲି ସମେତ ସ୍ଥାନୀୟ ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଝରଣା ବରାଳ, ସ୍ଥାନୀୟ ଅଞ୍ଚଳର ପ୍ରତିଷ୍ଠିତ ସାମାଜିକ କର୍ମୀ ଜ୍ୟୋତିକାନ୍ତ ମହାପାତ୍ର ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ। ସିବିସି ଭୁବନେଶ୍ୱରର ଆଞ୍ଚଳିକ କାର୍ଯ୍ୟାଳୟ ନିର୍ଦ୍ଦେଶକ ଗିରିଶ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିବିସି କ୍ଷେତ୍ର ପ୍ରଦର୍ଶନୀ

**ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ**

ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ। ସିବିସି କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନ ପୂର୍ବରୁ ଛାତ୍ରୀଛାତ୍ର ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ନେଇ ସ୍ୱଚ୍ଛତା ଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ରୋପଣ କରାଯାଇଥିଲା। ବିଧାୟକ ନିଜେ ଚାରା ରୋପଣ କରିବା ସହ ଅନ୍ୟମାନଙ୍କୁ ଚାରା ରୋପଣ ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୨ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ତଥ୍ୟ ଆଧାରିତ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୨୮ ତାରିଖରେ ଆୟୋଜିତ ହେବାକୁ ଥିବା ଗ୍ରାମୀଣ ଅଞ୍ଚଳର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ କର୍ମଶାଳା ମୁଖ୍ୟ ଆକର୍ଷଣ ରହିବ।

# ବର୍ଷାରେ ଅସ୍ତବ୍ୟସ୍ତ ପୁରୀବାସୀ



ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ଷା ପାଣି ପ୍ରବେଶ କରିଛି ।

ପୁରୀ,୨୭।୯(ଅଜିତ କୁମାର ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ବୁଧବାର ରାତିରୁ ପୁରୀରେ ଜୁହାକୁ ଜୁହା ବର୍ଷା ଲାଗିରହିଛି। ଗୁରୁବାର ରାତିରେ ବର୍ଷା କମିଥିଲେ ମଧ୍ୟ ଶୁକ୍ରବାର ଭୋରୁ ପ୍ରବଳ ବର୍ଷା ହୋଇଥିଲା। ଫଳରେ ପୁରୀରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ବଡ଼ଦାଣ୍ଡରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହିଥିଲା। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ଷା ପାଣି ପଶିବାରୁ ରୋଗୀ ସେବା ବ୍ୟାହତ ହୋଇଥିଲା। ରୋଗୀମାନେ ସେମାନଙ୍କ ବେଡ୍ ଉପରେ ବସିରହିଥିଲେ।

ବଡ଼ଦାଣ୍ଡ, ଭିଆଇପି ରୋଡ, ସମୁଦ୍ରକୂଳ

**ବଡ଼ଦାଣ୍ଡରେ କୃତ୍ରିମ ବନ୍ୟା, ମେଡିକାଲରେ ପଶିଲା ପାଣି**

ରାସ୍ତା, ମାଟିତୋଟା, ସୁଜାତା ନଗର, ପୋଲିସ ଲାଇନ ଛକ ସମେତ ବିଭିନ୍ନ ବସ୍ତି ସହ ତଳିଆ ଅଞ୍ଚଳରେ କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଡ୍ରେନେଜ ବ୍ୟବସ୍ଥା ଠିକ୍ ନଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅନେକ ଭକ୍ତ ବର୍ଷାରେ ଭିଜି ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିବାବେଳେ କେତେଜଣ ବ୍ୟକ୍ତି ଶ୍ରୀମନ୍ଦିର ନିକଟରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରିଥିଲେ।



ଶୁକ୍ରବାର ଅପରାହ୍ନରେ ପୁରୀ ଶ୍ରୀମନ୍ଦିର ଆକାଶର ଦୃଶ୍ୟ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ବରଗଡ଼ା ସାଇ ମନ୍ଦିରରୁ ରୁପା ଜିନିଷ ଚୋରି

ଯୋଗେଶ୍ୱରପୁର,୨୭।୯(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତର ବରଗଡ଼ା ଗ୍ରାମର ସାଇ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ଠାକୁରଙ୍କ ରୁପା ମୁକୁଟ, ରୁପା ଗିନା, ରୁପା ଛତ୍ରି, ରୁପା ଚାମଚ, ଠାକୁରଙ୍କ ହାତ ଗୋଡ଼ରେ ଲାଗିଥିବା ରୁପା କଡ଼ା ଓ ସିସିଟିଭି କ୍ୟାମେରା ହାର୍ଡ ଡିସ୍ ଚୋରି କରିନେଇଥିବା ନୟାହାଟ ଫାଣ୍ଡିରେ ଶୁକ୍ରବାର ଗ୍ରାମର ଅନନ୍ତ ସାହୁ ଅଭିଯୋଗ କରିଛନ୍ତି। ଏନେଇ ଫାଣ୍ଡି ଅଧିକାରୀ ଅଶୋକ ବେହେରା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ବୈଠକରେ ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ ନେଇ ଗାଳିମନ୍ଦ ଥାନାରେ ଅଭିଯୋଗ

ଡେଲାଙ୍ଗ,୨୭।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ସାଧାରଣ ବୈଠକ ଚାଲିଥିବାବେଳେ ଜଣେ ଯୁବକ ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ କରି ଗାଳିମନ୍ଦ କରିବା ସହିତ ଧମକ ଚମକ ଦେବା ନେଇ ସତ୍ୟବାଦୀ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ସରପଞ୍ଚ ମୀନାକ୍ଷୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ପଞ୍ଚାୟତର ୧୮ଟି ୱାର୍ଡରୁ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ତେବେ ସେହି ସମୟରେ ଆରଦା ଗ୍ରାମର ସନ୍ତୋଷ ପ୍ରଧାନ ହଠାତ୍ ବୈଠକ ସ୍ଥଳରେ ପହଞ୍ଚି ସରପଞ୍ଚ ମହାପାତ୍ରଙ୍କୁ ଜାତିଆଣ ଆକ୍ଷେପ କରି ଅଶାଳୀନ ଭାଷାରେ ଗାଳିମନ୍ଦ କରିବା ନେଇ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଅପରପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଥିବା ଜଣାପଡ଼ିଛି।

# ବିଦ୍ୟୁତ୍ ବିନା ୫ବର୍ଷ ହେଲା ପାନୀୟଜଳ ପ୍ରକଳ୍ପ ଅଚଳ

ଯୋଗେଶ୍ୱରପୁର,୨୭।୯(ରଶ୍ମିରଞ୍ଜନ ସାହୁ)

ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ମାଗଣାରେ ବସୁଧା ଯୋଜନାରେ ପାଇପ୍ ଦ୍ୱାରା ବିଶୁଦ୍ଧ ପିଇବା ପାଣି ଯୋଗାଇଦେଉଛନ୍ତି। ତେବେ କେତେକ କ୍ଷେତ୍ରରେ ଲୋକେ ଏହାର ସୁଫଳ ପାଇପାରୁନାହାନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରୋବାଠାରେ ବସୁଧା ଯୋଜନାରେ ନିର୍ମିତ ପାଣିଟାଙ୍କି ଏବେ ଭୂତକୋଠି ପାଲଟିଛି। ବିଦ୍ୟୁତ ବିନା ଏହି ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଟାଙ୍କି ନିର୍ମାଣ ସହ ସବୁ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଲୋକଙ୍କ ପାଖରେ ପିଇବା ପାଣି ପହଞ୍ଚି ପାରୁନାହିଁ।

ଫଳରେ ସରକାରଙ୍କ ଟଙ୍କା ପାଣିରେ ପଡ଼ିଲା ବୋଲି ଦୁର୍ଗାପୁର ଗ୍ରାମବାସୀ କହିଛନ୍ତି। ସୋରୋବାଠାରେ ନିର୍ମିତ ପ୍ରକଳ୍ପ ସ୍ଥଳରେ ଠିକାଦାର ନାମ, ବ୍ୟୟ ଅଟକଳ, କାର୍ଯ୍ୟ ଆରମ୍ଭ ଓ ଶେଷ ଅବଧି ସମ୍ପର୍କରେ କୌଣସି ସୂଚନା ଉଲ୍ଲେଖ ନାହିଁ। ଖୁଣ୍ଟ ସ୍ଥାପନ ସରିଥିଲେ ମଧ୍ୟ



ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ୫ବର୍ଷ ହେଲା ପ୍ରକଳ୍ପ କାମରେ ଲାଗିପାରୁନାହିଁ। ଏଥିଯୋଗୁ ଦୁର୍ଗାପୁର, ମୁରୁଡ଼ା, ସୋରବା ଆଦି ୫ଟି ଗ୍ରାମର ବାସିନ୍ଦା ବିଶୁଦ୍ଧ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପାନୀୟଜଳ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଯୌତୁକ ପାଇଁ ବଧୂ ନିର୍ଯାତନା

ନିମାପଡ଼ା,୨୭।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଗରପଦା ମଠସାହି ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ନେଇ ସେ ଗୁରୁବାର ଥାନାରେ ସ୍ୱାମୀ, ଶାଶୁ, ଶ୍ୱଶୁର, ଦେଢଶୁର, ଯାଆ ପ୍ରମୁଖଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୨୯୦/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆସନ୍ତା ୭ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ସେ ଥାନା ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ମହିଳା ଜଣଙ୍କ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ, ଜିଲାପାଳ, ତହସିଲଦାର, ଡିଏସ୍‌ପିଙ୍କୁ ଅବଗତ କରିଥିବା ତାଙ୍କ ଅଭିଯୋଗ ଫର୍ଦ୍ଦରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଦୀପ୍ତିମୟୀ ଭାରତୀ ୧୭/୧୮ ବର୍ଷ ପୂର୍ବେ ସୁବାସଚନ୍ଦ୍ର ଭାରତୀଙ୍କୁ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକେ ତାଙ୍କୁ ଯୌତୁକ ଦାବିରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏଥିପାଇଁ ଶାଶୁ ଓ ଯାଆ ମିଶି ତାଙ୍କୁ କିରୋସିନ ଢାଳି ପୋଡ଼ି ମାରିଦେବାକୁ ପୂର୍ବରୁ ଉଦ୍ୟମ କରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ନିର୍ଯାତନା ସହି ନ ପାରି ଦୀପ୍ତିମୟୀ ଗତ ୩ ମାସ ଧରି ବାପଘର ସ୍ଥାନୀୟ ଥାନା ଅଧୀନ ବିଷ୍ଣୁପୁର ଗ୍ରାମରେ ରହୁଛନ୍ତି। ଏ ସମ୍ପର୍କରେ ଦୀପ୍ତିମୟୀ ସ୍ୱାମୀ ସୁବାସ, ଶ୍ୱଶୁର ବିରେନ୍ଦ୍ର ଭାରତୀ, ଶାଶୁ ମିନା ଭାରତୀ, ଦେଢଶୁର ପ୍ରଭାକର ଭାରତୀ, ଯାଆ ନିରୁପମା ଭାରତୀ, ବ୍ରହ୍ମାନନ୍ଦ ଭାରତୀ ପ୍ରମୁଖଙ୍କ ବିରୋଧରେ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି।

# ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ, ୨ ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୨୭।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ବ୍ରାହ୍ମଣବାଡ଼ ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣଙ୍କୁ ଭୁଜାଲିରେ ଆକ୍ରମଣ ହୋଇଥିବା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମିଲୁ ମହାପାତ୍ର(୨୬) ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର(୫୫)। ତେବେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଗତ ୬

**ବ୍ରାହ୍ମଣବାଡ଼ ଗାଁରେ ଭୁଜାଲି ଆକ୍ରମଣ ଘଟଣା**

ତାରିଖରେ ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମର ଚନ୍ଦ୍ରଶେଖର ମହାପାତ୍ରଙ୍କ ଗ୍ରାମକୋଠଘର ପାଇପ୍‌କୁ ନେଇ ମିଲୁ ଓ ପୂର୍ଣ୍ଣଚନ୍ଦ୍ରଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟେ ମାରପିଟ୍ ହୋଇଥିବାବେଳେ ମିଲୁ ହଠାତ୍ ଚନ୍ଦ୍ରଶେଖରଙ୍କ ପେଟକୁ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ସେବେଠାରୁ ଚନ୍ଦ୍ରଶେଖର ଚିକିତ୍ସାଧୀନ ଅବସ୍ଥାରେ ଥିଲେ। ଶୁକ୍ରବାର ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ସ୍ତ୍ରୀ ସାବିତ୍ରୀ ମହାପାତ୍ର ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ୭ ତାରିଖରେ ଡେଲାଙ୍ଗ ପୋଲିସ ୩୩୨/୨୪ରେ ଏକ ମାମଲା ରୁଜୁ କରିଥିଲା।

# ବେଆଇନ ନିର୍ମାଣ ଘରକୁ ଉଚ୍ଛେଦ କଲା ପ୍ରଶାସନ

ପିପିଲି,୨୭।୯
(ପ୍ରଭାତ କୁମାର ମହାପାତ୍ର)

ପିପିଲି ତହସିଲ ଅଧୀନ ଗୋବର୍ଦ୍ଧନପୁର ବାଲିଘାଟ ନିକଟରେ ଥିବା ଜବରଦଖଲ ଜମିରେ ନିର୍ମାଣ ହୋଇଥିବା ବେଆଇନ ଘରକୁ ଶୁକ୍ରବାର ପିପିଲି ପ୍ରଶାସନ ଉଚ୍ଛେଦ କରିଛି।

ସୂଚନାଥାଉକି, ଓରକଳ ପଞ୍ଚାୟତ ସୁଲତାନନଗର ଦୟାନଦୀରେ ବାଲିଘାଟ ଚାଲିଥିବାବେଳେ ଗୋବର୍ଦ୍ଧନପୁର ପତିତ କିସମ ଖାତା ନଂ. ୧୨୪ ଏବଂ ପ୍ଲଟ ନଂ. ୨୦୬ ଜମି ଉପରେ ଦୀର୍ଘ ଦିନ ହେବ ବେଆଇନ ଭାବେ ବାଲି ଗଚ୍ଛିତ ରଖାଯିବା ଏବଂ ସେଠାରେ ବେଆଇନ ଘର ନିର୍ମାଣ କରିଥିବା ନେଇ ସ୍ଥାନୀୟ ଲୋକ ପିପିଲି ତହସିଲଦାରଙ୍କ ପାଖରେ ଅଭିଯୋଗ କରିଥିଲେ। ପିପିଲି ତହସିଲଦାର ଦିଲୀପ କୁମାର ମାଝୀ ଉକ୍ତ ଅଭିଯୋଗକୁ ଆଧାର କରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଏହି ଅବୈଧ ନିର୍ମାଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ପିପିଲି ପ୍ରଶାସନ ନିଜର ଦକ୍ଷତା ଦେଖାଇ ବେଆଇନ ନିର୍ମାଣ ଘର ଉପରେ ବୁଲଡୋଜର ଲଗାଇ ଭାଙ୍ଗି ଦେଇଛି। ସେପଟେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଛେଦ ସମୟରେ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ବେଆଇନ ଘର ସମ୍ପର୍କରେ ବାରମ୍ବାର ପିପିଲି ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ ଆସୁଥିବାବେଳେ ସରଜମିନ ତଦନ୍ତ କରି ପତିତ କିସମ ଜମିରେ ବେଆଇନ ଘର ନିର୍ମାଣ ହୋଇଥିବା ନଜରକୁ ଆସିଥିଲା। ଏନେଇ ପୋଲିସ ଫୋର୍ସ ସହ ଉଚ୍ଛେଦ କରାଯାଇଥିବା ତହସିଲଦାର ମାଝୀ କହିଛନ୍ତି।

# ସେବା ସପ୍ତାହ ଅବସରରେ ରକ୍ତଦାନ ଶିବିର

ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ସେବା ସପ୍ତାହ ପାଳନ ଅବସରରେ ଶୁକ୍ରବାର ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଭାଜପା ଯୁବମୋର୍ଚ୍ଚା ଏବଂ ସମର୍ପଣ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବରିଷ୍ଠ ସେବାୟତ ମଧୁ ସିଂହାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ର, ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ରୀତା ଦାଶ, କବିତା ରଥ, ଜୟନ୍ତ କୁମାର ଦାଶ, ଜୟନ୍ତୀ ମହାପାତ୍ର, ଅଭିମନ୍ୟୁ ଭୂୟାଁ, ଗୋବିନ୍ଦ ପାତ୍ର, ସାଗରିକା ରଥ, ବଳରାମ ପାତ୍ର, ମଧୁମିତା ମହାପାତ୍ର, ସୌମ୍ୟ ରଞ୍ଜନ ପାତ୍ର, ସୋମନାଥ ଖୁଣ୍ଟିଆ, ରବି ଦାଶ, ସଞ୍ଜୀବ ମୁଖାର୍ଜୀ, ବିଶ୍ୱଜିତ୍ ମହାନ୍ତି, ସଂଗ୍ରାମ ପରିଡା, ବିଭୁତି ଭୂଷଣ ରଥ, ଶିବ ନାରାୟଣ ଦାଶ, ପ୍ରଦୀପ ପରିଡା, ଅନିକେତ କର, ସଂଗ୍ରାମ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।



# ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କଣାସ,୨୭।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ବିଭିନ୍ନ ଆଞ୍ଚଳିକ ସାଧନକେନ୍ଦ୍ରର ବିଭିନ୍ନ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗଡବଡପୁଟ ଗ୍ରାମପଞ୍ଚାୟତ ବାରଦାବାଦଲପୁର ସଂଯୁକ୍ତ ଉ.ପ୍ରା ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସାଧନକେନ୍ଦ୍ର ଅଧୀନ ବିଦ୍ୟାଳୟରୁ ବିଦ୍ୟାଳୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଜାଗୃତି ଜ୍ୟୋତିର୍ମୟୀ ଜେନା ବିର୍ତ୍ତକ, ଶ୍ରୀମୁଖ ବେହେରା କନିଷ୍ଠ ବିଭାଗ ଚିତ୍ରାଙ୍କନ ଓ କୁଇଜ୍, ଶୁଭଲକ୍ଷ୍ମୀ ବଳିୟାରସିଂ ଚିତ୍ରାଙ୍କନ



ସୁରଭି କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ବରିଷ୍ଠ, ପ୍ରଳୟକୃଷ୍ଣ ସ୍ୱାଇଁ କୁଇଜ୍ ବରିଷ୍ଠ, ଲକ୍ଷ୍ମୀପ୍ରିୟା ବଳିୟାରସିଂ ବକ୍ତୃତା କନିଷ୍ଠ ଓ ସୁଜାତା ପାଇକରାୟ ହସ୍ତାକ୍ଷର ଓ ଶ୍ରୁତଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟତା ହାସଲ କରିଥିଲେ। ସେହିପରି ବାରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର କାବେରି ଖଟେଇ ପ୍ରବନ୍ଧ, ଶ୍ରଦ୍ଧାଞ୍ଜଳି ପରିଡ଼ା ସୃଜନଶୀଳ ଲେଖନ ବରିଷ୍ଠ, ଭାଗ୍ୟଶ୍ରୀ ବକ୍ତୃତା ବରିଷ୍ଠ, ବିଶ୍ୱରାଜନ ଭଞ୍ଜ ସଙ୍ଗୀତ ବରିଷ୍ଠ, ବାରଦାବାଦଲପୁର ସଂଯୁକ୍ତ ଉ.ପ୍ରା ବିଦ୍ୟାଳୟ ଅର୍ପିତା ଖଟେଇ ସୃଜନଶୀଳ ଲିଖନ କନିଷ୍ଠ ଓ ପ୍ରିୟଙ୍କା ମହାପାତ୍ର ସଙ୍ଗୀତ କନିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ଲିସା ଚମ୍ପତି ଓ ସାଥୀମାନେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରି ବ୍ଲକସ୍ତରକୁ ମନୋନୀତ ହୋଇଥିଲେ। ସେହିପରି ଦିବ୍ୟାଙ୍ଗ ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ବାରଦ ବାଦଲପୁର ଉଚ୍ଚ ବିଦ୍ୟାଳୟ ରୁପାଲି ବେହେରା ପ୍ରଥମ, ପିଏମ୍ ପୋଷଣ ଚିତ୍ରକଳାରେ ଲୋକନାଥ ରାଉତରାୟ ତିଗିରିଆ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଶିଳ୍ପକଳାରେ ବେହେଷ୍ଟା ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟର ମଳୟ ମୁଦୁଲି ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଫ୍‌ଏଲ୍‌ଏନ୍ ଗ୍ରେଡ୍‌ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଧନକେନ୍ଦ୍ର ଅଧୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କୁଷ୍ମାଣ୍ଡ ବେଶରେ ମା’ବନଦୁର୍ଗା



**ନିରାକାରପୁର,୨୭।୯(ମାନସ ଚନ୍ଦ୍ର ପଟ୍ଟନାୟକ):** ଶାରଦୀୟ ପୂଜା ଅବସରରେ ଶୁକ୍ରବାର ରାମେଶ୍ୱର ସ୍ଥିତ ମା’ ବନଦୁର୍ଗା କୁଷ୍ମାଣ୍ଡ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା’ଙ୍କର ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚଦେବତା ପୂଜା ଏବଂ ପରେ ମା’ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା’ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ ସହଯୋଗ କରିଥିଲେ। ସାମାଜିକ କର୍ମୀ ସୁବ୍ରତ ମିଶ୍ର, କ୍ୟାପଟେନ୍ ଦେବବ୍ରତ ମିଶ୍ରଙ୍କ ପରିବାର ସମେତ ବହୁ ଶ୍ରଦ୍ଧାଳୁ ମା’ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

### ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ବାଲିପାଟଣା,୨୭।୯(ଅଭିମନ୍ୟୁ ନାୟକ):** ବାଲିପାଟଣା ବ୍ଲକ ପ୍ରଶାସନ ଓ ଗାରେଡ଼ିପାଞ୍ଚଣ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଶ୍ରୀବୁଦ୍ଧନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁଟିଆ ଉଦ୍‌ଘାଟକଭାବେ ଯୋଗଦେଇ କହିଥିଲେ, ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ରାଜ୍ୟ ବିକାଶର ଏକ ମୁଖ୍ୟ ଅଂଶ। ପର୍ଯ୍ୟଟନ ବିକାଶରେ ବାଲିପାଟଣାର ଶିଶୁଅନନ୍ତ ପୀଠ, ବୁଦ୍ଧନାଥ ଶୈବ ପୀଠ, ହରିହର ପୀଠ, ତ୍ରିବେଣୀ ଅନ୍ତର୍ବେଦୀ ପୀଠ, ନିକଟ ଜୟଦେବ ପୀଠ ଓ ଚଉଷଠୀ ଯୋଗିନୀ ପୀଠ ହେଉଛି ଓଡ଼ିଶାର ପର୍ଯ୍ୟଟନ ହବ୍। ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ପାଟଯୋଶୀ, ବର୍ଷାରାଣୀ ମଲ୍ଲ, ଶକୁନ୍ତଳା ଭୋଇ, ଅଜିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ରୋଭର ରେଞ୍ଜରଙ୍କ ଦ୍ୱାରା ଚାରାରୋପଣ

**ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜରମାନଙ୍କ ଏକଦିବସୀୟ ଶିବିର ଜେମାଦେଇ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରୋଭର ରେଞ୍ଜରମାନେ ପ୍ରାଣନାଥ ମହାବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜେମାଦେଇ ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି ଏବଂ ପୂର୍ବତନ ଡିଷ୍ଟ୍ରିକ୍ଟ କମିଶନର ଗୋପାଳକୃଷ୍ଣ ଦାସ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପକ ଲିଙ୍ଗରାଜ ପରିଡା ଏବଂ ଅଧ୍ୟାପିକା ରଶ୍ମିରେଖା ବାରିକଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ରୋଭର ଶେଷବର୍ଷର ଛାତ୍ର ଶୁଭଙ୍କର ସାହୁ ଓ ରେଞ୍ଜର ଶେଷବର୍ଷର ଛାତ୍ରୀ ରୋଶନ ପରୱିନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସୁଚାରୁଭାବେ ସମ୍ପନ୍ନ ହୋଇଥିଲା।

# ବିକାଶ ଅପେକ୍ଷାରେ ପର୍ଯ୍ୟଟନ କ୍ଷେତ୍ର

**ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ବହୁ ପର୍ଯ୍ୟଟନ କ୍ଷେତ୍ର ଅବହେଳିତ ଅବସ୍ଥାରେ ରହିଛି। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମି ଅଭାବରୁ ଏହାର ଅସ୍ତିତ୍ୱ ହଜିବାକୁ ବସିଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଜିଲା ପ୍ରଶାସନର ଅବହେଳାରୁ ପର୍ଯ୍ୟଟନକ୍ଷେତ୍ରଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ବେଳେ ଧୀରେ ଧୀରେ ପର୍ଯ୍ୟଟକ ମଧ୍ୟ ମୁହଁ ଫେରାଇବାରେ ଲାଗିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି ବରୁଣେଇ ପାହାଡ଼। ଏଠାରେ ଖୋର୍ଦ୍ଧାଗଡ଼ ରାଜାଙ୍କ ଇଷ୍ଟଦେବୀ ମା’ବରୁଣେଇ ଓ କରୁଣେଇଙ୍କ ଆସ୍ଥାନ ରହିଛି। ପର୍ଯ୍ୟଟନର ମାନ୍ୟତା ମିଳିଥିଲେ ମଧ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଅଳିଆ, ଆବର୍ଜନା ପଡ଼ିରହିଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ନାହିଁ। ପାଣି ଟ୍ୟାପ୍ ଭାଙ୍ଗିରୁଜି ଯାଇଥିବା ବେଳେ ପାଦଦେଶରୁ



ବରୁଣେଇ ପୀଠ

ମା’ଙ୍କ ପୀଠକୁ ଯାଇଥିବା ପାହାଚ ମଧ୍ୟ ଭାଙ୍ଗିଗଲାଣି। ବରୁଣେଇ ପାଦଦେଶରୁ ଉପରକୁ ସଂଯୋଗ ଲାଗି ପ୍ରସ୍ତାବିତ ରୋପ୍ ୱେ ସରକାରୀ ନାଳିଫିତା ତଳେ ଚାପି ହୋଇ ରହିଯାଇଛି। ସେହିପରି ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ତଥା ଶେଷ ସ୍ୱାଧୀନ ଦୁର୍ଗଭାବେ ପରିଚିତ ଖୋର୍ଦ୍ଧାଗଡ଼ ବିଲୁପ୍ତ ଅବସ୍ଥାରେ ରହିଛି। ଏହାର ଅସ୍ତିତ୍ୱ ହଜିବାକୁ ବସିଛି। ଗଡ଼ର ପୁନରୁଦ୍ଧାର ଲାଗି କୌଣସି ବ୍ୟବସ୍ଥା କରାଯାଉନାହିଁ। ଗଡ଼ ଭିତରେ ଥିବା ଅନେକ ଐତିହ୍ୟ କୀର୍ତ୍ତିରାଜି ମଧ୍ୟ ନଷ୍ଟ ହେବାକୁ ବସିଛି। ଏହି ଦୁର୍ଗ ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ୧୯୭୮ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧାଦୁର୍ଗର ବିକାଶ ପାଇଁ ହାତକୁ ନେଇଥିଲା। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ତେବେ ଏହି ଗଡ଼ ଜରାଜୀର୍ଣ୍ଣ ଯୋଗୁ ଏଠାକୁ ପର୍ଯ୍ୟଟକ ଆସୁ ନ ଥିବା ଜଣାପଡ଼ିଛି। ସେହିପରି ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୁଞ୍ଜବନ ମଠ ଅବହେଳିତ ଅବସ୍ଥାରେ ରହିଛି। ତେବେ ଏହି ସ୍ଥାନର ବିକାଶ ପ୍ରତି କୌଣସି

- ଭିତ୍ତିଭୂମି ଅଭାବରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ
- ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଗୁରୁତ୍ୱ ଦିଆଯାଉନାହିଁ। ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ନଇରୀ ଠାରେ ରହିଛି ହରିହରେଶ୍ୱରଙ୍କ ପୀଠ। ଏଠାରେ ମହାପ୍ରଭୁ ଗୁପ୍ତ ଭାବେ ଚକା ଉପରେ ବିଜେ ହୋଇ ପୂଜା ପାଉଥିଲେ। ଏଠାରେ ମହାପ୍ରଭୁଙ୍କ ରଥଯାତ୍ରା ମଧ୍ୟ ହୋଇଥିଲା। ସେହିଭଳି ଚିଲିକା କାଙ୍କଣଶିଖରୀ(ଏକ ଟାପୁ)ରେ ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ପଦଚିହ୍ନ ସ୍ୱରୂପ ନନ୍ଦିଘୋଷ ରଥର ଚକା ଏବଂ ଚତୁର୍ଦ୍ଧା ବିଗ୍ରହ ପୂଜା ପାଉଛନ୍ତି। ଏହାକୁ ପର୍ଯ୍ୟଟନର ମାନ୍ୟତା ମିଳିଛି। ତେବେ ଚିଲିକା ଦେଇ କାଙ୍କଣଶିଖରୀ ଯିବାକୁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଏହି କ୍ଷେତ୍ରର ବିକାଶ ପ୍ରତି ସରକାରଙ୍କ ପକ୍ଷରୁ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଅତ୍ରିସ୍ଥିତ ଉଷ୍ଣ ପ୍ରସ୍ରବଣ। ବର୍ଷସାରା ଗରମ ବାମ୍ଫ ବାହାରୁଥିବା କୁଆକୁଣ୍ଡ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ପର୍ଯ୍ୟଟକଙ୍କ ପାଇଁ ଏଠାରେ କୌଣସି ସୁବିଧା ନାହିଁ। ଏକାଦଶ ରୁଦ୍ର ଶ୍ରୀହଟ୍ଟକେଶ୍ୱର ପୀଠ ଐତିହ୍ୟ କୀର୍ତ୍ତି ସତ୍ତ୍ୱେ ଏହାର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଗୁରୁଜଙ୍ଗ ଠାରେ ଧବଳେଶ୍ୱର ପୀଠ ରହିଛି। ଏହି ଐତିହାସିକ ପୀଠ ପର୍ଯ୍ୟଟନର ମାନ୍ୟତା ପାଇଛି। ଐତିହ୍ୟ ସ୍ମୃତିକୁ ସାଉଁଟି ରଖିଥିବା ଏହି ପୀଠ ଆନୁଷଙ୍ଗିକ ବ୍ୟବସ୍ଥା ତଥା ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ଖୋର୍ଦ୍ଧା–ନୟାଗଡ ୫୭ ନମ୍ବର ଜାତୀୟ ରାଜପଥ ଜାଗୁଳିପାଟଣା ଗ୍ରାମରେ ବିଜେ କରିଛନ୍ତି ଶ୍ରୀ ଅନନ୍ତ ପୁରୁଷୋତ୍ତମ। ଏଠାରେ ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି। ପର୍ଯ୍ୟଟନ ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମିର ବିକାଶ ନାହିଁ। ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଚନ୍ଦନ ପୋଖରୀ ପୁନରୁଦ୍ଧାର କରାଯାଉନାହିଁ। ସେହିପରି ଜରିପୁଟ ଗ୍ରାମ ନିକଟ ତନ୍ତ୍ର ମୁଣ୍ଡିଆ ପାହାଡ଼ ଉପରେ ବିଜେ କରିଛନ୍ତି ସଙ୍କଟମୋଚନ। ଏହି ମନ୍ଦିରକୁ ମଧ୍ୟ ପର୍ଯ୍ୟଟନର ମାନ୍ୟତା ମିଳିଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମସ୍ଥଳୀ, ପାନୀୟଜଳର ସେଭଳି କୌଣସି ବ୍ୟବସ୍ଥା ନାହିଁ। ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଭିତ୍ତିଭୂମି ଓ ବିକାଶ ପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ପ୍ଲାଷ୍ଟିକ ମୁକ୍ତ ଚିଲିକା ଅଭିଯାନ

**କୃଷ୍ଣପ୍ରସାଦ,୨୭।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶା ଇକୋ ଟୁରିଜମ ଫାଉଣ୍ଡେଶନ ପୁରୀ ଏବଂ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଚିଲିକା ଓ ଚାରା ରୋପଣ ଅଭିଯାନ ଆରମ୍ଭ ହୋଇଛି। ଫାଉଣ୍ଡେଶନର ସଭାପତି ଯୁଗବ୍ରତ କରଙ୍କ ନେତୃତ୍ୱରେ ସାତପଡ଼ା ପଞ୍ଚାୟତର ପର୍ଯ୍ୟଟନସ୍ଥଳ ଆଲୁପାଟଣାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ବ୍ଲକ ପରିମଳ ବିଭାଗର ଅମିତ କୁମାର ତାଡ଼, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦାସଙ୍କ ସମେତ ଅନୁଷ୍ଠାନର ସଦସ୍ୟା ସଦସ୍ୟ ସାମିଲ ହୋଇଥିଲେ। ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନଙ୍କୁ ପୁଷ୍ପ ଦେଇ ସ୍ୱାଗତ କରାଯାଇଥିଲା। ଆଲୁପାଟଣା ଜେଟି ନିକଟରେ ବିଭିନ୍ନ କିମସର ଚାରା ରୋପଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଆଶିଷ କୁମାର ସ୍ୱାଇଁ, ଅନୁଜ ବେହେରା ପରିଚାଳନା କରିଥିଲେ। ପରିବେଶକୁ ସବୁଜ ସୁନ୍ଦର ରଖିବାର ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଜନସାଧାରଣ ଓ ପର୍ଯ୍ୟଟକଙ୍କୁ ସଚେତନତା କରାଇଥିଲେ।

# ‘ବିଫଳତାକୁ ପାଥେୟ କରି ସଫଳ ହେବା ସମ୍ଭବ’



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା/ବେଗୁନିଆ,୨୭।୯ (ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)**

ସ୍ଥାନୀୟ ସାରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୁରଭି–୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବନାରାୟଣ ବାରିକ, ଆଞ୍ଚଳିକ ସାଧନ ସଂଯୋଜକ ରଞ୍ଜନ କୁମାର ସିଂ, ଶିକ୍ଷକ ଯୋଗେଶ୍ୱର ସାମନ୍ତସିଂହାର, ଉମାକାନ୍ତ ନାୟକ, ଗଣେଶ୍ୱର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଧାୟକ ସାହୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିବା ସହିତ ବିଫଳତାକୁ ପାଥେୟ କରି କିପରି ଭାବେ ସଫଳତା ଲାଭ କରିହେବ ସେ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ତ୍ରିଲୋଚନ ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ରବୀନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସଦସ୍ୟ ଏବଂ ସମସ୍ତ ଅଭିଭାବକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରିଥିଲା।

## ପ୍ରଫେସର ହରିହର ମିଶ୍ରଙ୍କ ବିୟୋଗରେ ସ୍ମୃତିସଭା

**ବୋଲଗଡ଼,୨୭।୯(ଦେବବ୍ରତ ହୋତା)**

ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ପ୍ରଫେସର ହରିହର ମିଶ୍ରଙ୍କ ବିୟୋଗରେ ବୋଲଗଡ଼ ହନୁମାନ ଗଦିଠାରେ ଏକ ଶୋକସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ସହପାଠୀ ଶିକ୍ଷାବିତ୍ ହରିବନ୍ଧୁ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ଉପସ୍ଥିତ ସଭାଷଦମାନେ ଶ୍ରଦ୍ଧାସୁମନ ଅର୍ପଣ ପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସଭାରେ ଶିକ୍ଷକ ଭକ୍ତବଲ୍ଲଭ ପଟ୍ଟନାୟକ ଗୀତାପାଠ କରିଥିଲେ। ପରେ ଶିକ୍ଷାବିତ୍ ରଘୁନାଥ ଦଳବେହେରା, ପ୍ରଫୁଲ୍ଲ ମହାପାତ୍ର, ରବୀନ୍ଦ୍ର ପରିଡା, ସେବତୀ ପରିଡ଼ା, ଫକୀର ଚରଣ ଫତେସିଂହ, ଦିବାକର ପରମଗୁରୁ, ଗୋପୀନାଥ ଖଡେଙ୍ଗା, ଲଛମନ ପରିଡ଼ା, ସତ୍ୟନାରାୟଣ ରଥ, ଲକ୍ଷ୍ମଣ ପରିଡ଼ା ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କ ପୁରାତନ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ଜୀବନୀର ସୁଗୁଣାବଳୀଗୁଡ଼ିକର ସ୍ମୃତିଚାରଣ କରିଥିଲେ। ପରିଶେଷରେ ଗୀତାଞ୍ଜଳି ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପର୍ଯ୍ୟଟନ ଦିବସରେ ସ୍ୱଚ୍ଛତା ହିଁ ସେବା ଅଭିଯାନ

**ବାଲୁଗାଁ,୨୭।୯(ସଂଗ୍ରାମ ପାଇକରାୟ)**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶୁକ୍ରବାର ଚିଲିକା ବ୍ଲକ ଏବଂ ବାଲୁଗାଁ ଏନ୍ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ଚିଲିକା କୂଳ, ବଡ଼କୂଳ ପାନ୍ଥନିବାସ ଜେଟି ଏବଂ କାଳିଜାଇ ପୀଠରେ ସଫେଇ କରାଯାଇଥିଲା। ପ୍ରଥମେ ବାଲୁଗାଁ ଏନ୍ଏସି ପକ୍ଷରୁ ଚିଲିକା କୂଳ ସ୍ଥିତ ଜଳ ହିଁ ଜୀବନ କେନ୍ଦ୍ର ପରିସର ସଫେଇ କରାଯାଇଥିଲା। ପରେ ବଡ଼କୂଳ ଜେଟି ପାର୍ଶ୍ୱ ଚିଲିକା ଅଞ୍ଚଳରୁ ବ୍ଲକ କର୍ତ୍ତୃପକ୍ଷ, ବାଲୁଗାଁ ଏନ୍ଏସି ଏବଂ ପାନ୍ଥନିବାସ କର୍ମଚାରୀ ମିଳିତ ଭାବେ ସଫେଇ କାର୍ଯ୍ୟ କରିବା ସହ କାଳିଜାଇଙ୍କ ପୀଠରେ ମଧ୍ୟ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚିଲିକା ବ୍ଲକ ବିଡିଓ ହଳଧର ଶବର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ତ୍ରିପାଠୀ, ଗ୍ରାମ୍ୟ ଜଳ ଓ ପରିମଳ ସହକାରୀ ଯନ୍ତ୍ରୀ ବାସୁଦେବ ଶତପଥୀ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍ ଏବଂ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କରଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

## ରେଲଓ୍ୱେ ଷ୍ଟେଶନ, ଟ୍ରେନ୍‌ରେ ଖାଦ୍ୟର ମାନ ଯାଞ୍ଚ



**ଜଟଣୀ,୨୭।୯(ରବୀନ୍ଦ୍ରନାଥ ମହାକୁଡ଼)**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ‘ସ୍ୱଚ୍ଛ ଖାଦ୍ୟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ପକ୍ଷରୁ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧାରୋଡ୍ ଏବଂ ବ୍ରହ୍ମପୁର ରେଳ ଷ୍ଟେଶନରେ ଯାତ୍ରୀମାନଙ୍କୁ ସ୍ୱଚ୍ଛ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ କ୍ୟାଟରିଂ ଷ୍ଟଲଗୁଡ଼ିକରେ କେବଳ ପ୍ରମାଣିତ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି କି ନାହିଁ ଯାଞ୍ଚ କରାଯାଇଥିଲା। ଖାଦ୍ୟର ଶୁଦ୍ଧତା ଏବଂ ଗୁଣ ଜାଣିବା ପାଇଁ ଫୁଡ ପ୍ଲାଜା, ଜନ ଆହାର କେନ୍ଦ୍ର, କ୍ୟାଟରିଂ ବିକ୍ରେତା ଦ୍ୱାରା ବିକ୍ରି ହେଉଥିବା ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଟ୍ରେନରେ ଖାଦ୍ୟ ପ୍ରସ୍ତୁତି ବେଳେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଆଯାଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଟ୍ରେନର ପ୍ୟାଣ୍ଟ୍ରିକାର୍‌ଗୁଡ଼ିକ ଯାଞ୍ଚ କରାଯାଇଥିଲା। ପ୍ୟାଣ୍ଟ୍ରି କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ମେଡିକାଲ ଫିଟନେସ ସାର୍ଟିଫିକେଟ ଏବଂ ଶାରୀରିକ ପରିଷ୍କାରତା ନିଶ୍ଚିତ କରାଯାଇଥିଲା। ଯାତ୍ରୀମାନଙ୍କୁ ସେବା ଯୋଗାଉଥିବାବେଳେ ସମସ୍ତ ପରିଷ୍କାର ପରିଚ୍ଛନ୍ନତା ଗ୍ରହଣ କରିବାକୁ ପ୍ୟାଣ୍ଟ୍ରି କର୍ମଚାରୀ ଏବଂ ଲାଇସେନ୍ସପ୍ରାପ୍ତ ବିକ୍ରେତାମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ସ୍ୱଚ୍ଛ ଖାଦ୍ୟର ସ୍ୱତନ୍ତ୍ର ଅଭିଯାନରେ ବାଣିଜ୍ୟିକ ଅଧିକାରୀ, ଡାକ୍ତର, ସ୍ୱାସ୍ଥ୍ୟ ଇନ୍ସପେକ୍ଟର, କ୍ୟାଟରିଂ ଇନ୍ସପେକ୍ଟର ଏବଂ ବାଣିଜ୍ୟିକ ଇନ୍ସପେକ୍ଟର ସାମିଲ ଥିଲେ।

# ଶ୍ୱଶୁର, ଜ୍ୱାଇଁଙ୍କୁ ୧ବର୍ଷ ଜେଲ ଦଣ୍ଡାଦେଶ

**ବାଲୁଗାଁ, ୨୭।୯(ସଂଗ୍ରାମ ପାଇକରାୟ)**

**ଶ୍ରମିକ ଓ ତାଙ୍କ ପରିବାରକୁ ଆକ୍ରମଣ ମାମଲା**

ଖୋର୍ଦ୍ଧା ଜିଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଯୁଧିଷ୍ଠିର ଦଲେଇ ଏକ ମାମଲାର ବିଚାରକରି ୨ ଅଭିଯୁକ୍ତ ଶ୍ୱଶୁର ଓ ଜ୍ୱାଇଁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ବାଣପୁର ଥାନା ସାନହନ୍ତୁଆଡ଼ ଗ୍ରାମର ଠିକାଦାର ନରସିଂହ ଜେନା (୩୮) ଏବଂ ତାଙ୍କ ଶ୍ୱଶୁର ନାରୁଣୀ ଥାନା ଅଧୀନ ହରିକୁଣ୍ଡ ବରଡ଼ିହ ଗ୍ରାମର କାର୍ତ୍ତିକ ବିଶ୍ୱାଳ (୭୨)। ଏଥିସହ ପ୍ରତ୍ୟେକଙ୍କୁ ୧ହଜାର ଟଙ୍କା ଜରିମାନାର ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆଉ ଏକ ମାସ ଜେଲଦଣ୍ଡ ସହିତ ପୀଡ଼ିତଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୫ହଜାର ଟଙ୍କା ଦେବା ପାଇଁ ଠିକାଦାର ଜେନାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ମୁତାବକ, ବାଣପୁର ଥାନା ଅଧୀନ ସାନହନ୍ତୁଆଡ଼ ଗ୍ରାମର ଠିକାଦାର ନରସିଂହ ଜେନା ଗତ ୪ବର୍ଷ ତଳେ ହରିକୁଣ୍ଡ ବରଡ଼ିହ ଗ୍ରାମର ଅଜୟ ସ୍ୱାଇଁଙ୍କୁ ବିଶାଖାପାଟଣାସ୍ଥିତ ଏକ କମ୍ପାନୀରେ ନିଯୁକ୍ତି ଦେଇଥିଲେ। ସେଠାରେ ତିନି ମାସ କାର୍ଯ୍ୟ କରିବା ପରେ ଅଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ଠିକାଦାରଙ୍କଠାରୁ ସହମତି ନେଇ ଅଜୟ ଚିକିତ୍ସା ପାଇଁ ଗ୍ରାମକୁ ଫେରିଆସିଥିଲେ। ପରବର୍ତ୍ତୀ ସମୟରେ ବକେୟା ପାରିଶ୍ରମିକ ଅର୍ଥ ୩ହଜାର ୭ଶହ ଟଙ୍କା ଅଜୟ ମାଗିବାରୁ ଠିକାଦାର ଧରାଛୁଆଁ ଦେଇ ନ ଥିଲେ। ଏନେଇ ଅଜୟ ଗ୍ରାମ କମିଟି ସଭାପତିଙ୍କୁ ଜଣାଇବା ପରେ ବୈଠକରେ ଠିକାଦାର ଟଙ୍କା ଫେରସ୍ତ ପାଇଁ ସ୍ୱୀକାର କରିଥିଲେ। ୨୦୨୦ ମେ’ ୮ତାରିଖରେ ଠିକାଦାରଙ୍କ ଶ୍ୱଶୁର କାର୍ତ୍ତିକ ବିଶ୍ୱାଳଙ୍କ ଘରେ ଟଙ୍କା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଅଜୟ ନିଜ ବଡ଼ଭାଇ ସଞ୍ଜୟ ଏବଂ ବାପା ପାଣ୍ଡବଙ୍କ ସହିତ କାର୍ତ୍ତିକଙ୍କ ଘରକୁ ଯାଇଥିଲେ। ସେଠାରେ ଠିକାଦାର ଟଙ୍କା ଦେବା ପରିବର୍ତ୍ତେ ଉଭୟ ଶ୍ୱଶୁର ଜ୍ୱାଇଁ ମିଶି ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଧମକ ଦେଇଥିଲେ। ଏହି ଘଟଣାରେ ଅଜୟଙ୍କ ସମେତ ଭାଇ ଓ ବାପା ଗୁରୁତର ଆହତ ହୋଇଥିଲେ। ଏହା ପରଦିନ ଘଟଣା ସମ୍ପର୍କରେ ଅଜୟ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୧୫୩/୨୦) ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଚିଲିକା କୋର୍ଟରେ ବିଚାରାଧୀନ ଥିଲା। ବିଚାରପତି ଯୁଧିଷ୍ଠିର ଦଲେଇ ଏହି ମାମଲାରେ ସମସ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ଅଭିଯୁକ୍ତ ଦ୍ୱୟଙ୍କୁ ଦଣ୍ଡବିଧାନ ଶୁଣାଣି କରିଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲା ଆଇନଜୀବୀ କୈଳାସ ଚନ୍ଦ୍ର ନାଥ ପରିଚାଳନା କରିଥିଲେ।

# ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ

**ବୋଲଗଡ଼,୨୭।୯(ଦେବବ୍ରତ ହୋତା)**

**ବୋଲଗଡ଼ ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନ**

ବୋଲଗଡ଼ ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ ଶୁକ୍ରବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ। ଏଥିରେ ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକରଣ ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗ୍ରାମ୍ୟ ଉନ୍ନୟନ, ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ପରିମଳ, କୃଷି ଏବଂ ପଶୁପାଳନ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ, ଶିଶୁ ଓ ମହିଳା ବିକାଶ, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ପଞ୍ଚମ ଓ ପଞ୍ଚଦଶ ଅର୍ଥ କମିଶନ ଏବଂ ଅନ୍ୟାନ୍ୟ ବିଷୟର ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ପ୍ରକାଶ ଚନ୍ଦ୍ର ରଣବିଜୁଳି, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସୁବାସ ଚନ୍ଦ୍ର ରାୟଗୁରୁ, ପ୍ରଦୀପ୍ତ କୁମାର ଛୋଟରାୟ, ଏବିଡିଓ ରତିକାନ୍ତ ମିଶ୍ର, ଅମୂଲ୍ୟ ବାହିନୀପତି ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଏବଂ ସରପଞ୍ଚ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକର ସମସ୍ତ ବିଭାଗ ପକ୍ଷରୁ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୋଲଗଡ଼ ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନରେ ବିଧାୟକ ପ୍ରଦୀପ ସାହୁ, ଅଧିକାରୀ ଏବଂ ଅନ୍ୟମାନେ।

# ସୁପ୍ତ ପ୍ରତିଭା ଲୋକଲୋଚନକୁ ଆଣୁଛି ସୁରଭି

**ବେଗୁନିଆ,୨୭।୯(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟର ସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୯ଟି ସରକାରୀ ବିଦ୍ୟାଳୟର ୧୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ସିଆର୍‌ସିସି ଦାଶରଥି ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆୟୋଜକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲତା ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ପଞ୍ଚସଖା ଶିକ୍ଷାସେତୁ ଅଭିଯାନର ପୋଷ୍ୟକର୍ତ୍ତ୍ରୀ ବାଉରି ଶ୍ରୀଚନ୍ଦନ, ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଚନ୍ଦ୍ର ଶେଖର ସ୍ୱାଇଁ, ଆଲୁମ୍ନି କମିଟି ସଭାପତି ଭୁବନାନନ୍ଦ ମହାନ୍ତି, ଜିଲା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ବଟକୃଷ୍ଣ ମଲ୍ଲିକ, ମିଳିତ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ରବୀନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କୁନିକୁନି ପିଲାଙ୍କୁ ଉତ୍ସାହିତ କରିବା ପାଇଁ ସୁରଭି କାର୍ଯ୍ୟକ୍ରମ ଏକ ମାଧ୍ୟମ। ସୁପ୍ତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରୁଛି ଏହି କାର୍ଯ୍ୟକ୍ରମ ବୋଲି ଅତିଥି ସେଠୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ କରାଯାଇଛି। ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସମୀର ଚିନ୍ନରା ଧନ୍ୟବାଦ ଦେଇଥିଲେ।



କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।









ଷୋଳପୂଜାରେ କଟକ ଚଣ୍ଡୀଙ୍କ ଉଗ୍ରତାରା ବେଶ। ଗଡ଼ଚଣ୍ଡୀଙ୍କ ସରସ୍ୱତୀ ବେଶ। ଝାଞ୍ଜିରୀମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ। ବାସନ୍ତୀ ଦୁର୍ଗାଙ୍କ କମଳା ବେଶ। ପିଠାପୁର ଧାକୁଲେଇଙ୍କ ବୈଷ୍ଣବୀ ବେଶ। ବାଙ୍କୀର ମା' ଚର୍ଚ୍ଚିକାଙ୍କ ଚତୁର୍ଥ ଦିନର ବେଶ। ତିଗିରିଆ ନୂଆପାଟଣାର କଳାପାଟ ଠାକୁରାଣୀଙ୍କ ମହା ଗାୟତ୍ରୀ ବେଶ।

# ଆନ୍ଦୋଳନ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

କଟକ,୨୭।୯ (ଶିଳ୍ପା ପ୍ରିୟଦର୍ଶିନୀ)

୧୦ ଦଫା ଦାବି ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛି। ଏଥିଯୋଗୁ ନର୍ସିଂ ଅଫିସରମାନେ ଏସ୍‌ସିବି ମେଡିକାଲ, ଶିଶୁଭବନ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ମେଡିକାଲ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏସ୍‌ସିବି ମେଡିକାଲ ନିକଟ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ନର୍ସିଂ ଅଫିସର ଧାରଣାରେ ବସିଥିବାବେଳେ ମେଡିକାଲ ପକ୍ଷରୁ ଚୁକ୍ତିଭିତ୍ତିରେ ଥିବା ୧୩୦ ଜଣ ନର୍ସଙ୍କ ସମେତ ଇଣ୍ଟର୍ନ ଓ ପିଜି ନର୍ସିଂ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ମେଡିକାଲରେ ଚୁକ୍ତିଭିତ୍ତିରେ ଥିବା ନର୍ସଙ୍କୁ ନର୍ସିଂ ଅଫିସରଙ୍କ ପୋଷାକ ପିନ୍ଧି କାର୍ଯ୍ୟ କରିବାକୁ ନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏସ୍‌ସିବି ଶାଖାର ନର୍ସିଂ ଅଫିସରମାନେ ବିରୋଧ କରିଛନ୍ତି।

ଏନେଇ ନର୍ସିଂ ଅଫିସର ତଥା ସଂଘ ସମ୍ପାଦକ ସରୋଜିନୀ ଜେନା କହିଛନ୍ତି, ରାଜ୍ୟ ସରକାର ନର୍ସିଂ ଅଫିସରଙ୍କ ଦାବିକୁ ଗୁରୁତ୍ୱ ନ ଦେବାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛୁ। ଚୁକ୍ତିଭିତ୍ତିରେ ଥିବା ନର୍ସଙ୍କୁ ନର୍ସିଂ ଅଫିସରଙ୍କ ପୋଷାକ ପରିଧାନ କରାଇ ବିନା ସାର୍ଟିଫିକେଟ ଯାଞ୍ଚ କରି ଡ୍ୟୁଟି କରାଇବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ନେଇଥିବା ନିଷ୍ପତ୍ତି ଗ୍ରହଣୀୟ ନୁହେଁ। ଚୁକ୍ତିଭିତ୍ତିରେ ଥିବା ନର୍ସ ଓ ନର୍ସିଂ ଛାତ୍ରୀଛାତ୍ର ଠିକ୍ ଭାବେ କାମ ଜାଣି ନ ଥିବାବେଳେ ସେମାନଙ୍କୁ ସ୍ୱାସ୍ଥ୍ୟସେବାରେ ନିୟୋଜିତ କରାଯାଇ ରୋଗୀଙ୍କ ଜୀବନକୁ ବିପଦ ମୁହଁକୁ ଠେଲି ଦିଆଯାଉଛି। ଏସ୍‌ସିବିରେ



ଏସ୍‌ସିବି ମେଡିକାଲ ପୁରୁଣା ଆଉଟ୍ ଡୋର ସମ୍ମୁଖରେ ନର୍ସିଂ ଅଫିସର ଧାରଣାରେ ବସିଛନ୍ତି।

**ଇଞ୍ଜେକ୍ସନ, ସାଲାଇନ ପାଇଁ ରୋଗୀଙ୍କ ଶିର ପାଉନାହାନ୍ତି ଦାୟିତ୍ୱରେ ଥିବା ନର୍ସ ଓ ନର୍ସିଂ ଛାତ୍ରୀଛାତ୍ର**

ଆନ୍ଦୋଳନ ଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏନେଇ ଯାଜପୁର ଜିଲା ବଡ଼ଚଣା ଅଞ୍ଚଳର ବର୍ଷା ପାଣିଗ୍ରାହୀ କହିଛନ୍ତି, ସ୍ୱାମୀଙ୍କ ପେଟରେ ଷ୍ଟୋନ ହୋଇଥିବାରୁ ତାଙ୍କୁ ନେଇ ଗତ ମାସରେ ଏସ୍‌ସିବି ଆସିଥିଲି। ଡାକ୍ତର ଅସ୍ତ୍ରୋପଚାର କରିବା ପାଇଁ ସେପ୍ଟେମ୍ବର ୨୬ ତାରିଖ ପୂର୍ବରୁ ଭର୍ତ୍ତି ହେବାକୁ କହିଥିଲେ। ସେହି ଅନୁଯାୟୀ ମେଡିକାଲର ସର୍ଜରି ବିଭାଗରେ ସ୍ୱାମୀଙ୍କୁ ଭର୍ତ୍ତି କରିଛି। ହେଲେ ଏଠାରେ ଆନ୍ଦୋଳନ ଯୋଗୁ ଡାକ୍ତର ଅସ୍ତ୍ରୋପଚାର କରିବା ପାଇଁ ମନା କରିଛନ୍ତି। ଏପରି କି ଆନ୍ଦୋଳନ ଚାଲିବା ଯାଏ ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ଡାକ୍ତର କହିଥିବା ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସେହିପରି ରୋଗୀଙ୍କ ସମ୍ପର୍କୀୟ ବିଶ୍ୱଜିତ୍ ଦାସ କହିଛନ୍ତି, ଏବେ ଦାୟିତ୍ୱରେ ଥିବା ନର୍ସ ଓ ନର୍ସିଂ ଛାତ୍ରୀଛାତ୍ରମାନେ ରୋଗୀଙ୍କୁ ଇଞ୍ଜେକଶନ ଓ ସାଲାଇନ ଦେବା ପାଇଁ ଶିର କେଉଁଠି ଅଛି ତାହା ଜାଣିପାରୁ ନାହାନ୍ତି। ଫଳରେ ଗୋଟିଏ ଇଞ୍ଜେକ୍ସନ ଦେବା ପାଇଁ ସେମାନେ ଦୀର୍ଘ ସମୟ ନେଉଛନ୍ତି। ଏଭଳି ଭାବେ ସେମାନଙ୍କୁ ଦାୟିତ୍ୱ ଦେଇ ରୋଗୀଙ୍କ ଜୀବନ ପ୍ରତି ବିପଦ ରହିବା ଭଳି କାର୍ଯ୍ୟ କରୁଛନ୍ତି ମେଡିକାଲ କର୍ତ୍ତୃପକ୍ଷ।

ସେହିପରି ହୃଦ୍‌ରୋଗ ବିଭାଗରେ ରୋଗୀଙ୍କୁ ଡିସ୍‌ଚାର୍ଜ କରିବା ସହ ଆନ୍ଦୋଳନ ହଟିବା ପରେ ମେଡିକାଲ ଆସିବାକୁ ଡାକ୍ତର କହି ବିଦା କରିଥିବା ଅଭିଯୋଗ ହୋଇଛି। ଉକ୍ତ ବିଭାଗରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଶକୁନ୍ତଳା ପ୍ରଧାନ କହିଛନ୍ତି, ରୋଗୀ ଅବସ୍ଥା ଗୁରୁତର ରହିଛି। ତେଣୁ ଆନ୍‌ଜିଓଗ୍ରାଫି ପରୀକ୍ଷା ସହ ମେଡିକାଲରେ ରଖି ଚିକିତ୍ସା କରାଇବା ଆବଶ୍ୟକ ବୋଲି ଡାକ୍ତର ପୂର୍ବରୁ କହିଥିଲେ। ହେଲେ ଏବେ ଆନ୍ଦୋଳନରେ ଡାକ୍ତର ଥିବାରୁ ଆନ୍‌ଜିଓଗ୍ରାଫି ପରୀକ୍ଷା କରାଇ ୧୦ ଦିନ ପରେ ମେଡିକାଲ ଆସିବାକୁ କହିଛନ୍ତି। ଏନେଇ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା ତଥା ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୫ବର୍ଷ ପରେ ନ୍ୟାୟ ପାଇଲେ ମା' ଲଳିତା

ଖୁଣ୍ଟୁଣୀ, ୨୭।୯(ସଚ୍ଚିଦାନନ୍ଦ ପଣ୍ଡା)

- ତାଲା ଭାଙ୍ଗି ଘରେ ରଖିଲା ପ୍ରଶାସନ
- ଘରୁ ତଡ଼ି ଦେଇଥିବା ପୁଅ ବିଦାହେଲେ

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଷ୍ଟେଶନ ରୋଡ୍ ଅଞ୍ଚଳର ଲଳିତା ନାୟକ ନାମ୍ନୀ ବୃଦ୍ଧାଙ୍କୁ ୫ ବର୍ଷ ପରେ ନ୍ୟାୟ ମିଳିଛି। ପୁଅ କାଳନ୍ଦୀ ତାଙ୍କୁ ନିର୍ଯାତନା ଦେଇ ୨୦୧୯ରୁ ଘରୁ ବାହାର କରିଦେଇଥିଲେ। ଫଳରେ ଲଳିତା ଚୌଦ୍ୱାର ଅଞ୍ଚଳରେ ଘର ଭଡା ନେଇ ରହିବା ସହ ନ୍ୟାୟ ପାଇଁ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ପ୍ରଥମେ ଲଳିତା କଟକ ଜିଲାପାଳଙ୍କ ନିକଟରେ ୨୦୨୦ରେ ଏକ ମେଣ୍ଟେନାନ୍ସ ଅପିଲ ୪୧/୨୦୨୦ କରିଥିଲେ। ୨୦୨୨ରେ ଜିଲାପାଳ ଲଳିତାଙ୍କୁ ନିଜ ଘରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଲଳିତା ତାଙ୍କ ଓକିଲଙ୍କ ସହିତ ଆଠଗଡ଼ ତହସିଲଦାର ଓ ପୋଲିସକୁ ଧରି ଘର ଦଖଲ ନେବାକୁ ଆସିବାଥିବାବେଳେ ଏହାକୁ ଚ୍ୟାଲେଞ୍ଜ କରି କାଳନ୍ଦୀ ହାଇକୋର୍ଟରୁ ରହିତାଦେଶ ଆଣିଥିଲେ। ତେଣୁ ପ୍ରଶାସନିକ ଅଧିକାରୀ ଫେରିଯିବାକୁ ବାଧ ହୋଇଥିଲେ। ଏବେ ସାମୟିକ ରହିତାଦେଶ ଖାରଜ ହୋଇଯାଇଛି। ଫଳରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଆଠଗଡ଼ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଲଳିତା ଓ ତାଙ୍କ ଓକିଲ ସୌମ୍ୟରଞ୍ଜନ ତ୍ରିପାଠୀ, ଖୁଣ୍ଟୁଣୀ ଥାନା ଆଇଆଇସି ରବିନାରାୟଣ ବେହେରା, ଏଏସ୍‌ଆଇ ଶେଷଦେବ ରାଜଙ୍କ ଏକ ସେକ୍ସନ ଫୋର୍ସ ସହ କାଳନ୍ଦୀଙ୍କ ଘର ନିକଟରେ ପହଞ୍ଚିଥିଲା। ଘରେ କେହି ନ ଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ତାଲା ଭଙ୍ଗାଯାଇ ଲଳିତାଙ୍କୁ ଘରେ ରଖାଯାଇଥିଲା। ଏଥିସହ କାଳନ୍ଦୀଙ୍କୁ ଘରୁ ବିଦା କରାଯାଇଥିଲା। ଏନେଇ ତହସିଲଦାର ସ୍ୱାଇଁ କହିଛନ୍ତି, ଜିଲାପାଳଙ୍କ ଆଦେଶକ୍ରମେ ଲଳିତାଙ୍କୁ ଘର ଦଖଲ ଦେବାକୁ ଆସିଥିଲୁ। ଏଥିସହ କାଳନ୍ଦୀଙ୍କୁ ଘରୁ ବିଦା କରାଯାଇଛି।

## 'ଦେଶ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି କରେ ପର୍ଯ୍ୟଟନ'



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

କଟକ,୨୭।୯ (କାର୍ତ୍ତିକ ସାହୁ)

କଟକ ଜିଲା ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ବକ୍ସିବଜାରସ୍ଥିତ ପାନ୍ଥ ନିବାସଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶିବ ଟପୋ ଯୋଗଦେଇ ଚଳିତବର୍ଷ ପର୍ଯ୍ୟଟନ ଓ ଶାନ୍ତି ପ୍ରସଙ୍ଗରେ ମତବ୍ୟକ୍ତ କରିଥିଲେ। ପର୍ଯ୍ୟଟନ ଦେଶ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି କରିଥାଏ। ସମ୍ମାନିତ ଅତିଥି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପର୍ଯ୍ୟଟନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଆର୍ଥିକ ବିକାଶ କରିଥାଏ ବୋଲି କହିଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଓ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପ ନିର୍ଦ୍ଦେଶକ (ପର୍ଯ୍ୟଟନ ଉନ୍ନୟନ) ସୁଜାତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ମଙ୍ଗୁଳି-ଜଗତପୁର,୨୭।୯(ମାନସ ସାମଲ)

ଟାଙ୍ଗୀ ଥାନା ମଙ୍ଗୁଳି ବଜାର ପୂଜା କମିଟି ପକ୍ଷରୁ ସ୍ଥାନୀୟ ପୂଜା କମିଟି ଗୃହରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ୟବସାୟୀ ସ୍ୱାଧୀନ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ପୁନର୍ବାର ସଭାପତି ଭାବେ ନରେନ୍ଦ୍ର ରାଉତରାୟ, ଉପ ସଭାପତି ପ୍ରମୋଦ ରାଉତରାୟ ଓ ତାପସ କୁମାର ରାଉତରାୟ, ସମ୍ପାଦକ ପ୍ରବୋଧ ରାଉତରାୟ, ସହ ସମ୍ପାଦକ ଗୌରାଙ୍ଗ ଚରଣ ରାଉତରାୟ, କୋଷାଧକ୍ଷ ଅକ୍ଷୟ ରାଉତରାୟ, ସହ କୋଷାଧକ୍ଷ ଭାବେ ପ୍ରଭାସ କୁମାର ରାଉତରାୟଙ୍କୁ ଚୟନ କରାଯାଇଥିଲା। ପରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ପାଇଁ ଖିରି, ଖେଚୁଡ଼ି ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## 'ବଧିର ଛାତ୍ରୀଛାତ୍ରଙ୍କ ଲୁଚି ରହିଥିବା ପ୍ରତିଭାର ବିକାଶ ଜରୁରୀ'



ବିଶ୍ୱ ବଧିର ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ବଧିର ଛାତ୍ରୀଛାତ୍ର।

କଣ୍ଟାପଡ଼ା,୨୭।୯(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରରେ ବିଶ୍ୱ ବଧିର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ତଥା ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବଧିର ଛାତ୍ରୀଛାତ୍ରଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ବିକାଶ ଜରୁରୀ ବୋଲି କହିଥିଲେ। ଅନୁଷ୍ଠାନର ସ୍ପିଚ୍ ଆଣ୍ଡ୍ ହିୟରିଂ ବିଭାଗ ମୁଖ୍ୟ ଡା. ଜୟଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୈଷୟିକ ଉପ ନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ରବଣ ଓ ବାକ୍‌ଜନିତ ଦିବ୍ୟାଙ୍ଗଙ୍କ ସହ ଭାଷା ବିନିମୟ କରିବା ପାଇଁ ସାଙ୍କେତିକ ଭାଷା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। କଟକ ଜିଲା ୪୨ ମୌଜା ବେଲେଶ୍ୱର ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ବଧିର ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶଶାଙ୍କ ଶେଖର ମହାନ୍ତି ଓ ଅଧାପିକା ଶୁଭଶ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜବରଦଖଲ ଉଚ୍ଛେଦ

ନିଶ୍ଚିନ୍ତକୋଇଲି,୨୭।୯
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଶୁକ୍ରବାର ଜଣେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ କୁଳଗାଁଇଶାଳୋ ରାଜସ୍ୱ ଗ୍ରାମ ଖାତା ନଂ.୮୧୬ ପ୍ଲଟ୍ ନଂ. ୭୬୨କୁ ସ୍ଥାନୀୟ ଗ୍ରାମର ରାମଚନ୍ଦ୍ର ସେଠୀ ଜବରଦଖଲ କରିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଜବରଦଖଲ ଉଚ୍ଛେଦ ନିମନ୍ତେ ତହସିଲଦାର ତାଙ୍କ ଚିଠି ନଂ. ୨୪୨୮/ ୧୯।୯।୨୦୨୪ରେ ରାମଚନ୍ଦ୍ରଙ୍କୁ ନୋଟିସ୍ କରିଥିଲେ। ଏହି ନୋଟିସ ତହସିଲ ପକ୍ଷରୁ ନିଶ୍ଚିନ୍ତକୋଇଲି ପୋଲିସ ସହାୟତାରେ ଜବର ଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦବେଳେ ଏହି ଘରୁ ବହୁ ପରିମାଣର ବାଣ ତିଆରି ସାମଗ୍ରୀ ଓ ଯନ୍ତ୍ରପାତି ପୋଲିସ ଜବତ କରିଛି। ଅପରପକ୍ଷରେ ରାମଚନ୍ଦ୍ର ସେଠୀ କଟକ ଜିଲାପାଳ ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ପକ୍ଷ କରି ସାଲେପୁର ସିଭିଲ ଜଜ୍‌କୋର୍ଟରେ ଏକ ମାମଲା ରୁଜୁ କରଛନ୍ତି।

## ଓଡ଼ିଆ ଭାଷାକୁ ବିଶ୍ୱ ସ୍ତରରେ ପହଞ୍ଚାଇଥିଲେ ଗୋପାଳ



କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ସଦର,୨୭।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କବି ପ୍ରତାପ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂହ, ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ପ୍ରଶାସକ ବିଜୟ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଅନସୂୟା ମିଶ୍ର, ସମ୍ମାନିତ ଅତିଥି ଭାବେ କାନନବାଳା ପଟ୍ଟନାୟକ ଯୋଗଦେଇଥିଲେ। ଓଡ଼ିଶା ଭାଷାକୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ଗୋପାଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ଉପ ସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ, କବି ପୀତାମ୍ବର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ପୀୟୂଷ ରଞ୍ଜନ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତବର୍ଷ ମାଟ୍ରିକ ପରୀକ୍ଷାର ଓଡ଼ିଆ ଭାଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତୀକ୍ଷା ଦେଙ୍କୁ ଭାଗୀରଥି ଭୂୟାଁ ସ୍ମୃତି ପୁରସ୍କାର ଓ ପ୍ରାଧାପକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କୁ ଗୋପାଳ ପ୍ରହରାଜ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଶିଶୁକଳାକାର ଅନୁଷ୍କା ପ୍ରିୟଦର୍ଶିନୀ ସାହୁ, ତୃପ୍ତି ପ୍ରିୟଦର୍ଶିନୀ, ସୋନାଲି ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଓଝା, ଆବାହନୀ ଜେନା ଓ ରୀତିପ୍ରଜ୍ଞା ବେହେରା ଦେଶାତ୍ମ ବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ତୋଷ କୁମାର ତ୍ରିପାଠୀ, ନବଘନ ରାଉତ, କାଳୀ ପ୍ରସାଦ ମହାପାତ୍ର, ପ୍ରଭାକର ବେହେରା, ଦିଲୀପ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭସାଣିରେ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କଟକ,୨୭।୯(ଶିଳ୍ପା ପ୍ରିୟଦର୍ଶିନୀ)

### ଟାଉନ ହଲ୍ ରୋଡ୍ ପୂଜା କମିଟି

ପାର୍ବଣ ପାଇଁ ଚଳଚଞ୍ଚଳ କଟକ ସହର। ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପୂଜା ଦୌଡରେ ସାମିଲ ହୋଇଛି ଟାଉନ୍ ହଲ୍ ରୋଡ ପୂଜା କମିଟି। ଏଠାରେ ୧୯୮୪ରୁ ହରପାର୍ବତୀଙ୍କ ପୂଜା କରାଯାଉଛି। ପୂଜା ମଣ୍ଡପରେ ମହାଦେବଙ୍କ ପଞ୍ଚମ ଅବତାର ଦଣ୍ଡପାଣିଙ୍କ ସହ ଭୈରବୀ ରୂପରେ ପାର୍ବତୀ ପୂଜା ପାଇବେ। ୧୧ଫୁଟ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ନିର୍ମାଣରେ କାରିଗର ପ୍ରଶାନ୍ତ ବେହେରା ଲାଗିଛନ୍ତି। ସେହିପରି ନାରାୟଣ ବେହେରା ୧୩ ଫୁଟ୍ ଉଚ୍ଚତାର କାନ୍‌ଭାସ୍ ଓ ପ୍ଲାଏରେ ମେଢ଼ ତିଆରି କରୁଛନ୍ତି। ମଣ୍ଡପ ସମ୍ମୁଖରେ ତୋରଣ ନିର୍ମାଣ ସହ ସମଗ୍ର ଅଞ୍ଚଳକୁ ଆଲୋକରେ ସଜାଯିବ। ଚଳିତବର୍ଷ ୨.୫ ଲକ୍ଷ ଟଙ୍କାର ପୂଜା ବଜେଟ୍ ରହିଛି। ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ସହରବାସୀଙ୍କୁ ସଚେତନତା ବାର୍ତ୍ତା ଦିଆଯିବ। ପୂଜାର ପ୍ରତ୍ୟେକ ଦିନ ୫୦ କେଜି ଖେଚୁଡ଼ି ଭୋଗ କରାଯାଇ ବଣ୍ଟାଯିବ। ଏଥିସହ ଦଶମୀରେ ୧.୫ କୁଇଣ୍ଟାଲ ରସଗୋଲା ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କ ବଣ୍ଟନ କରାଯିବ।



### ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ



"ପୂଜା ସମୟରେ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଏଥିପାଇଁ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଭସାଣିରେ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ପୂଜା ମଣ୍ଡପ ଦେଇ ଅତିକ୍ରମ କରୁଥିବା ପ୍ରତ୍ୟେକ ମେଢ଼ ପ୍ରତି ନଜର ରଖିବେ।

—ଅଭୟ କୁମାର ଶତପଥୀ, ସଭାପତି

### ଦ୍ୱାଦଶୀରେ ମୂର୍ତ୍ତି ବିସର୍ଜନ



"ଭସାଣି ବା ଏକାଦଶୀରେ ଇଠାରେ ଭସାଣି କରାଯାଏନାହିଁ। ଭସାଣିରେ ପୂଜା କମିଟି ଦେଇ ଅତିକ୍ରମ କରୁଥିବା ସମସ୍ତ ମେଢ଼ ଓ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରେ ଦ୍ୱାଦଶୀରେ ମୂର୍ତ୍ତି ବିସର୍ଜନ କରାଯିବ।

—ଦ୍ୱିପାୟନ ପଟ୍ଟନାୟକ, ସମ୍ପାଦକ

# ଦେଢ଼ ମାସ ପରେ ବି ଉଠୁନି ବେଆଇନ ଚେକ୍‌ଗେଟ୍



ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ) କୁହ୍ନେଇଁପଡ଼ା ପଞ୍ଚାୟତର ଭୁବନପୁର ଗ୍ରାମଠାରୁ ବାଳିଚନ୍ଦ୍ରପୁର ପର୍ଯ୍ୟନ୍ତ ଥିବା ସରକାରୀ ଚକରାସ୍ତା ଉପରେ କିଛି ମୁଷ୍ଟିମେୟ ଲୋକ ବେଆଇନ ଭାବେ ଏକ ଚେକ୍‌ଗେଟ୍ ନିର୍ମାଣ କରିଛନ୍ତି। ଫଳରେ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ଦେଖାଦେଇଛି। ଏ ସଂକ୍ରାନ୍ତରେ ଭୁବନପୁର ଗ୍ରାମ୍ୟ କମିଟି ସଭାପତି ରଞ୍ଜନ କୁମାର ଭଞ୍ଜ ଏବଂ ସମ୍ପାଦକ ତ୍ରିଲୋଚନ ଭୋଇଙ୍କ ନେତୃତ୍ୱରେ ଗ୍ରାମବାସୀ ବାରଙ୍ଗ ତହସିଲଦାରଙ୍କ ନିକଟରେ ଚେକ୍‌ଗେଟ୍ ଉଠାଇବାକୁ ଦାବି କରିଥିଲେ। ଅଭିଯୋଗ ପରେ ଗତ ଅଗଷ୍ଟ ୮ରେ ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ ଘଟଣାସ୍ଥଳକୁ ଆସିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରିବା ସହ ୨ ଦିନ ମଧ୍ୟରେ ବେଆଇନ ଭାବେ ହୋଇଥିବା ଚେକ୍‌ଗେଟ୍ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଚେକ୍‌ଗେଟ୍ ନିର୍ମାଣ ବିଷୟରେ ବାରଙ୍ଗ ଥାନାକୁ ଅବଗତ କରାଇଥିଲେ। ଏହା ଭିତରେ ଦେଢ଼ ମାସ ବିତିଯାଇଥିଲେ ସୁଦ୍ଧା ପୂର୍ବପରି ଚେକ୍‌ଗେଟ୍ ରହିଛି। ଫଳରେ ସାଧାରଣ ଲୋକ ଯିବା ଆସିବାରେ ଅସୁବିଧା ସୃଷ୍ଟି ହୋଇଛି। ଅନ୍ୟପଟେ ତହସିଲଦାରଙ୍କ ନିର୍ଦ୍ଦେଶ ପରେ ଚେକ୍‌ଗେଟ୍ ନ ଉଠିବା ଘଟଣାକୁ ନେଇ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି।

# ୧୫୦୦ରୁ ଊର୍ଦ୍ଧ୍ୱ ପ୍ରାଧ୍ୟାପକ ପଦବୀ ପୂରଣ ହେବ

**ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ ସଂଶୋଧନ ଖୁବ୍‌ଶୀଘ୍ର**

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)



ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନଙ୍କ ସହ ଅଧିକାରୀମାନେ।

ଉଚ୍ଚଶିକ୍ଷା କ୍ଷେତ୍ରରେ ପୂର୍ବ ସରକାରଙ୍କ ଦ୍ୱାରା ଅଣା ଯାଇଥିବା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ରେ ସଂଶୋଧନ ଆଣିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆବାହକତ୍ୱରେ ଏକ ବୈଠକ ରାଜ୍ୟ ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦୋଇଥିଲେ।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଲେ, ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ୧୫୦୦ରୁ ଊର୍ଦ୍ଧ୍ୱ ପ୍ରାଧ୍ୟାପକ ପଦବୀ ଶୀଘ୍ର ପୂରଣ ହେବ। ୨୦୨୦ ମସିହାରେ ଓଡ଼ିଶାରେ ପୂର୍ବ ସରକାରଙ୍କ ଦ୍ୱାରା ଅଣାଯାଇଥିବା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ମାଧ୍ୟମରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା କ୍ଷୁଣ୍ଣ ହୋଇଛି। କୁଳପତି ଚୟନଠାରୁ ଆରମ୍ଭ କରି ସିନେଟ ଉଚ୍ଛେଦ ଏବଂ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ଅଧ୍ୟାପକ ନିଯୁକ୍ତି ଆଦି ବ୍ୟବସ୍ଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମକୁ ଉଲ୍ଲଂଘନ କରୁଛି। ଏହାଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଏହିସବୁ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସରକାର ଏହି ୧୦୦ ଦିନ ମଧ୍ୟରେ ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ଏହାସହ ବିଶ୍ୱବିଦ୍ୟାଳୟକୁ ସ୍ୱାୟତ୍ତତା ପ୍ରଦାନ କରାଯିବା ସହ ଖାଲି ପଡ଼ି ରହିଥିବା ଶିକ୍ଷକ ପଦବୀଗୁଡ଼ିକୁ ଶିକ୍ଷାବିତ୍‌ଙ୍କ ଦ୍ୱାରା ଗଠିତ କମିଟିର ନିଷ୍ପତ୍ତି ମାଧ୍ୟମରେ ଯଥାଶୀଘ୍ର ପୂରଣ ଦିଗରେ ସରକାରଙ୍କ ପକ୍ଷରୁ ଯଥୋଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର କ୍ଷିତୀଶ ଭୂଷଣ ଦାସ, ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମାଧବ ଚନ୍ଦ୍ର ଦାସ, ପ୍ରଫେସର ସୂର୍ଯ୍ୟ ମିଶ୍ର, ପ୍ରଫେସର କୁଞ୍ଜ ବିହାରୀ ପଣ୍ଡା, ଚଣ୍ଡୀ ପ୍ରସାଦ ନନ୍ଦ, ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଏବଂ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତୃଣମୂଳ ସ୍ତରରେ ପହଞ୍ଚିବ ଗଣଶିକ୍ଷା ଯୋଜନା

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ) ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ୨ଦିନିଆ ଜିଲାପାଳ ସମ୍ମିଳନୀ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସମ୍ମିଳନୀର ଏକ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ବିଭାଗୀୟ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଗଣ୍ଡ କହିଲେ, ଶିକ୍ଷାରେ ପରିବର୍ତ୍ତନ ଆସିବ। ତୃଣମୂଳ ସ୍ତରରେ ଗଣଶିକ୍ଷା ସମ୍ପର୍କିତ ସମସ୍ତ ଯୋଜନା ପହଞ୍ଚିବ। ରାଜ୍ୟର ସ୍କୁଲଗୁଡ଼ିକୁ 'ପିଏମ୍-ଶ୍ରୀ' ଯୋଜନାରେ ସାମିଲ କରାଯାଉଛି। 'ନିପୁଣ ଓଡ଼ିଶା' ମାଧ୍ୟମରେ ମୌଳିକ ସାକ୍ଷରତା ଓ ସଂଖ୍ୟାରେ ଗୁଣାବତ୍ତା ଆସିଛି ଏବଂ ପ୍ରାଥମିକ ସ୍ତରରୁ ପିଲାମାନଙ୍କୁ ସକ୍ଷମ କରାଯାଉଛି। ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ସମ୍ପର୍କରେ ସୂଚନା ଦେଇ କମିଶନର ଶାଳିନୀ ପଣ୍ଡିତ କହିଲେ, ପ୍ରତି ଗ୍ରାମ ପଞ୍ଚାୟତରେ ମଡେଲ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯିବ। ଶିକ୍ଷକମାନଙ୍କୁ ଶିକ୍ଷଣ ସାମଗ୍ରୀ ଯୋଗାଇଦେବା, ଶିକ୍ଷଣୀୟ ପଦ୍ଧତିକୁ ଉନ୍ନତ କରିବା, ବିଭିନ୍ନ ଅଂଶୀଦାରଙ୍କଠାରୁ ମତାମତ ଗ୍ରହଣ କରିବା, ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଓ ବିଭିନ୍ନ ଯୋଜନାର ମନିଟରିଂ କରିବାରେ ଜିଲାସ୍ତରରେ ପଦକ୍ଷେପ ଗ୍ରହଣ କରାଯିବ। ଝାରସୁଗୁଡ଼ା ଜିଲାପାଳ ଆବୋଲି ସୁନୀଲ ନରୱଣେ ଓ କଳାହାଣ୍ଡି ଜିଲାପାଳ ସଚିନ ପାୱାର ଉପସ୍ଥିତ ରହି ଜିଲାରେ ଶିକ୍ଷା ବ୍ୟବସ୍ଥା ଉପରେ ନିଜ ଅଭିଜ୍ଞତା ବାଣ୍ଟିଥିଲେ।

# ଓଡ଼ିଶା ଆର୍ଟ ଏମ୍ପୋରିୟମର ନୂତନ ଶୋ'ରୁମ୍ ଉଦ୍‌ଘାଟିତ



କଣ୍ଢଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଶୋ'ରୁମ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା) ଓଡ଼ିଶା ଆର୍ଟ ଏମ୍ପୋରିୟମର ନୂତନ ରିଟେଲ ଶୋ'ରୁମ କଟକ ବାଲୁବଜାରଠାରେ ଖୋଲିଛି। କଣ୍ଢଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଅତିଥି ଭାବେ ଯୋଗଦେଇ ଶୁକ୍ରବାର ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଶାଢ଼ି, କୁର୍ତ୍ତା, ଗାମୁଛା, ପାଟଶାଢ଼ି, ଟସରସିଲ୍କ, ସମ୍ବଲପୁରୀ, ସୋନପୁରୀ ଆଦି ସୁପ୍ରସିଦ୍ଧ ହସ୍ତଶିଳ୍ପ ଓ ଆଞ୍ଚଳିକ ସୁନାମଧନ୍ୟ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଭିନ୍ନ ଭିନ୍ନ ଏକକ ଡିଜାଇନର ଉତ୍ପାଦିତ ବସ୍ତ୍ର ଉପଲବ୍ଧ ରହିଛି। ବିଶେଷକରି ଓଡ଼ିଶାର ସମ୍ବଲପୁରର ବରପାଲି, କଟକ ଜିଲା ଆଠଗଡ଼ର ମାଣିଆବନ୍ଧ, ନୂଆ ପାଟଣା ତଥା ଅନ୍ୟ ରାଜ୍ୟର ବୁଣାକାରଙ୍କଠାରୁ ହାତତିଆରି ବସ୍ତ୍ର ଅଣାଯାଇ ବିକ୍ରି ପାଇଁ ରଖାଯାଇଛି। ଏମ୍ପୋରିୟମର ସ୍ୱତ୍ତ୍ୱାଧିକାରୀ ସତ୍ୟଜିତ ସାହୁ କହିଛନ୍ତି, ନୂତନ ଶୋ'ରୁମଟି ସମସ୍ତ ଗୁଣବତ୍ତା ଉତ୍ପାଦିତ ସାମଗ୍ରୀ ଗ୍ରାହକଙ୍କୁ ଯୋଗାଇଦେବା ପାଇଁ ସକ୍ଷମ ହେବ। ସେହିପରି ସ୍ୱାତୀ ସାହୁ କହିଛନ୍ତି, ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଏଠାରେ ଗ୍ରାହକଙ୍କ ପାଇଁ ଏକ ରିହାତି ଘୋଷଣା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ସାରା ବିଶ୍ୱର ଲୋକଙ୍କ ସୁଅ ଛୁଟିବ




ଧଉଳିଠାରେ 'ଐତିହ୍ୟ ସୁପରବାଇକ ରାଲି' ଉଦ୍‌ଘାଟନ ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ।

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

- ଧଉଳିରୁ କୋଣାର୍କ 'ଐତିହ୍ୟ ସୁପରବାଇକ ରାଲି'
- ନାଟକ 'ଅଭିଶପ୍ତ ଘୁଙ୍ଗୁର' ମଞ୍ଚସ୍ଥ

ବିଶ୍ୱ ପର୍ଯ୍ୟଟନ ଦିବସରେ ଶୁକ୍ରବାର ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ବାଇକ ରାଲି ଧଉଳିରୁ କୋଣାର୍କ ପର୍ଯ୍ୟନ୍ତ 'ଐତିହ୍ୟ ସୁପରବାଇକ ରାଲି'ର ଶୁଭାରମ୍ଭ କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁପରବାଇକ ରାଲି ଉଦ୍‌ଘାଟନ କରି କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାକୁ ସାରା ବିଶ୍ୱର ଲୋକଙ୍କ ସୁଅ ଛୁଟିବ। ପର୍ଯ୍ୟଟନ ବିଭାଗ ଏ ନେଇ ରୋଡ୍ ମ୍ୟାପ ପ୍ରସ୍ତୁତ କରୁଛି। ଧଉଳିର ଏକ ନୂଆ ରୂପ ଦେଖିବ ଓଡ଼ିଶା ଏବଂ ସାରା ବିଶ୍ୱ। ଆମ ପର୍ଯ୍ୟଟନକୁ ବିଶ୍ୱ ଦେଖୁ ସେଥିପାଇଁ ଆମେ ଚିନ୍ତା କରୁଛୁ। ଇକୋ ଟୁରିଜମ୍ ଓ ଆଗ୍ରୋ ଟୁରିଜମକୁ ଆଗକୁ ନେବାର ଅଛି। ପ୍ରାକୃତିକ ପର୍ଯ୍ୟଟନରେ ଭରପୂର ଓଡ଼ିଶା। ବହୁ ଶୀଘ୍ର ପର୍ଯ୍ୟଟନ ବିଭାଗ ଅର୍ଥନୈତିକ ଦୃଷ୍ଟି କୋଣରୁ ଆଗକୁ ଯିବ। ଧଉଳିର ଉନ୍ନତି ପାଇଁ ମାଷ୍ଟରପ୍ଲାନ ହୋଇଛି। ଗୋଟିଏ ଉଚ୍ଚ କୋଟୀର ଶାନ୍ତି ବଜାୟ ରଖିପାରୁଥିବା ପାର୍କଟିଏ ବନେଇବାର ଯୋଜନା ରହିଛି। ମେଡିଟେଶନ ସେଣ୍ଟର, ହିଲିଂ ସେଣ୍ଟରକୁ ଗୁରୁତ୍ୱ ଦିଆଯିବ। ଧଉଳି ବଦଳିବ। ଲାଇଟ ଆଣ୍ଡ ସାଉଣ୍ଡ ତ ଏବେ କରାଯାଉଛି। ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ପର୍ଯ୍ୟଟନ ସାଂସ୍କୃତିକ ପରିଷଦ ପକ୍ଷରୁ ନାଟକ ଅଭିଶପ୍ତ ଘୁଙ୍ଗୁର ମଞ୍ଚସ୍ଥ ହୋଇଥିଲା।

# ବିଶ୍ୱ ପର୍ଯ୍ୟଟନ ଦିବସ

ବାରଙ୍ଗ/ତ୍ରିଶୂଳିଆ,୨୭।୯(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) ବାରଙ୍ଗ ବ୍ଲକ ଅଧୀନ ନରାଜ ମାର୍ଥାପୁର ଗ୍ରାମପଞ୍ଚାୟତର ତଳଗଡ଼ ସିଦ୍ଧେଶ୍ୱର ମନ୍ଦିରଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ଶୁକ୍ରବାର ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ପର୍ଯ୍ୟଟନସ୍ଥଳୀ ସଫେଇ, ମାନବ ଶୃଙ୍ଖଳ, ଶପଥ ପାଠ ଓ ସ୍ୱଚ୍ଛତା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କଟକ ଜିଲା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ବାରଙ୍ଗ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ବିଡିଓ ଧର୍ମରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ମିଶ୍ର, ସରପଞ୍ଚ ଗୀତାଞ୍ଜଳି ସାହୁ, କନିଷ୍ଠ ଯନ୍ତ୍ରୀ ଅଭିଜିତା ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ନିରାକାର ମିଶ୍ର, ଏଡିଇଓ ମିତୁସ୍ମିତା ବେଉରା, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ସାହୁ, କାଳନ୍ଦୀ ସାହୁ, ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ବ୍ଲକ ସଂଯୋଜକ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ।

# ବୋମାମାଡ଼ ଗୁଜବ

ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ) ରାଜଧାନୀ ଉପକଣ୍ଠ ଇଞ୍ଜଣା ଗ୍ରାମରେ ଶୁକ୍ରବାର ରାତିରେ ହୋଇଥିବା ପ୍ରଚଣ୍ଡ ଶବ୍ଦଟି ବୋମାମାଡ଼ ନୁହେଁ। ଏହା ଏକ ଗୁଜବ ବୋଲି ମଞ୍ଚେଶ୍ୱର ଥାନା ପୋଲିସ ସ୍ପଷ୍ଟ କରିଛି।

ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ଗ୍ରାମର ବିଦ୍ୟାଳୟ ନିକଟ ଜନୈକ ବ୍ୟକ୍ତିଙ୍କ ଘର ନିକଟରେ ଏକ ପ୍ରଚଣ୍ଡ ଶବ୍ଦ ଶୁଣାଯାଇଥିଲା, ଯାହାକୁ ନେଇ ଆଖପାଖ ଲୋକେ ଭୟଭୀତ ହୋଇପଡ଼ିଥିଲେ। ବୋମା ଫୁଟିଥିବା ଭାବି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଶବ୍ଦ ଶୁଣାଯାଇଥିବା ସ୍ଥାନରୁ ସେଭଳି କୌଣସି ବୋମାର ଭଗ୍ନାବଶେଷ କିମ୍ବା କୌଣସି କ୍ଷତ ଚିହ୍ନ ଦେଖିବାକୁ ମିଳି ନ ଥିଲା। କେହି ଦୁର୍ବୃତ୍ତ ପ୍ରଚଣ୍ଡ ଶବ୍ଦ କରୁଥିବା ବାଣ ଫୁଟାଇ ଘଟଣାସ୍ଥଳରୁ ଚାଲିଯାଇଥିବା ପୋଲିସ ଅନୁମାନ କରୁଛି। ବୋମା ଫୁଟିବା ଖବରପାଇ ଗ୍ରାମରେ ଏକପ୍ରକାର ଆତଙ୍କ ଖେଳି ଯାଇଥିବାବେଳେ ପୋଲିସ ସିସିଟିଭି ଆଧାରରେ ତଦନ୍ତରେ ପରେ ଏହା ଏକ ଗୁଜବ ବୋଲି ଜାଣିବାକୁ ପାଇଥିଲା। ବୋମାମାଡ଼ ମିଛ ବୋଲି ଜାଣିବା ପରେ ଗ୍ରାମବାସୀ ଆଶ୍ୱସ୍ତି ଲାଭ କରିଥିଲେ।

# ସାଇବର ଅପରାଧ, ଡିଜିଟାଲ ବ୍ୟାଙ୍କିଙ୍ଗ୍ ପୋଷ୍ଟର ପ୍ରଦର୍ଶନ

**ଆସ୍ଥା ସ୍କୁଲରେ ବ୍ୟାଙ୍କିଙ୍ଗ୍ କନ୍‌କ୍ଲେଭ**

ବାଲିଅନ୍ତା,୨୭।୯(ନୀଳମାଧବ ସାହୁ) ରାଜଧାନୀ ଉପକଣ୍ଠ ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ଶୁକ୍ରବାର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଆସୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ବ୍ୟାଙ୍କିଙ୍ଗ୍ କନ୍‌କ୍ଲେଭ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ସ୍ଥାୟୀ କ୍ୟାମ୍ପସ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଡିବିଆଇ ବ୍ୟାଙ୍କର ସିଜିଏମ୍ ତଥା ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟ ସୁଜିତ କୁମାର ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଥମ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ଆସ୍ଥା ସ୍କୁଲର କାର୍ଯ୍ୟନିର୍ବାହୀ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷା ଡ. ଶର୍ମିଳା ସୁବ୍ରମନିୟମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ପ୍ୟାନେଲିଷ୍ଟ ଭାବରେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଜୀବନ ସାହୁ, ସୀମାଞ୍ଚଳ ନାୟକ, ଦୀପକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ସମେତ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଘଟୁଥିବା ସାଇବର ଅପରାଧ ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଉପରେ ଏକ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଅତିଥି, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀକୁ ବୁଲି ଦେଖିବା ସହିତ ପୋଷ୍ଟରର ଥିମ ସମ୍ପର୍କରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମକୁ ନିଯୁକ୍ତି ଓ ପ୍ରଶିକ୍ଷଣ ମୁଖ୍ୟ ପ୍ରଫେସର ଜିନାଶିଷ ମହାନ୍ତି ଓ କାଳୀ ପ୍ରସାଦ ଶତପଥୀ ସଂଯୋଜନା କରିଥିବାବେଳେ ପ୍ରଫେସର ଅନନ୍ୟା ସ୍ୱାଇଁ ଏବଂ ପ୍ରଫେସର ଶୁଭସ୍ମିତା ନାୟକ ପରିଚାଳନା କରିଥିଲେ।

**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

# ନାକ୍ ଫଳାଫଳକୁ ଅପେକ୍ଷା

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ) ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟକୁ ୩ଦିନିଆ ପରିଦର୍ଶନରେ ଆସିଥିବା ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ୍ କାଉନସିଲ୍ (ନାକ୍) ଟିମ୍‌ର ଶୁକ୍ରବାର ଥିଲା ଶେଷ ଦିନ। ୨ଦିନ ଧରି ଏହି ୬ଜଣିଆ ଟିମ୍ କ୍ୟାମ୍ପସର ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରକୁ ପର୍ଯ୍ୟବେକ୍ଷଣ ଓ ଅନୁଧ୍ୟାନ କରିଛି। ଅନ୍ତିମ ଦିବସ ଶୁକ୍ରବାର ପ୍ରସ୍ଥାନ ବୈଠକ ଅନୁଷ୍ଠିତ ହୋଇଥିଲା। ନାକ୍ ଟିମ୍‌ର ଚେୟାର ପର୍ସନ ମୃଣାଳିନୀ ଫଡନ୍‌ଭିସ ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା ୪୮ଟି ଶିକ୍ଷାନୁଷ୍ଠାନର ପ୍ରଗତି ପାଇଁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱବିଦ୍ୟାଳୟ ସମସ୍ତ ମହିଳା ଶିକ୍ଷାର୍ଥୀଙ୍କ ପାଇଁ ପ୍ରେରଣା ସାଜିଛି ବୋଲି କହିଥିଲେ। ବିଜ୍ଞାନ ବିଭାଗରେ ଯଥେଷ୍ଟ ଉନ୍ନତି ହୋଇଥିବାବେଳେ କଳା ବିଭାଗରେ ଆହୁରି ଉନ୍ନତି, ନିଯୁକ୍ତି ବ୍ୟବସ୍ଥାରେ ବ୍ୟାପକତା ସୃଷ୍ଟି, ଅଧିକ ହଷ୍ଟେଲ ଏବଂ ବିଶ୍ୱବିଦ୍ୟାଳୟରେ ନିଜସ୍ୱ ଦ୍ୱିତୀୟ ପରିସର ପ୍ରତିଷ୍ଠାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ମହିଳା ଶିକ୍ଷା ଏବଂ ଗବେଷଣା ପ୍ରତି ବେଶି ଗୁରୁତ୍ୱର ଆବଶ୍ୟକ ରହିଛି। ପ୍ରତିଟି ବିଭାଗର ପରିଶ୍ରମ ପରିଲକ୍ଷିତ ହୋଇଛି। ଶିକ୍ଷାବିତ୍ ଓ ଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସହଯୋଗ ରହିଛି ବୋଲି ସେ କହିଥିଲେ। ବୈଠକରେ ନାକ୍ ସଦସ୍ୟ ପ୍ରଫେସର ବିବେକ କୁମାର, ପ୍ରଫେସର ନିରଙ୍କର ଶ୍ରୀବାସ୍ତବ, ପ୍ରଫେସର ରେଖା ଅଗ୍ରୱାଲ, ପ୍ରଫେସର ସହଦ୍ ଅବଦୁଲ ହାଫିଜ ମୋଇଉଦ୍ଦିନଙ୍କ ସହ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ, ଶିକ୍ଷାବିତ୍, ଶିକ୍ଷାର୍ଥୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ନାକ୍‌ର ଫଳାଫଳକୁ ନେଇ କୁଳପତି, ପ୍ରଫେସର ଓ ଛାତ୍ରୀମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ନାକ୍ ଟିମ୍ ପ୍ରଥମ ଦିନରେ ନୂତନ ଅଡିଟୋରିୟମ, ଗୃହ ବିଜ୍ଞାନ, ରସାୟନ ବିଜ୍ଞାନ, ବାୟୋଟେକ୍ନୋଲୋଜି, ଜୀବ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ଆଦି ବିଭାଗ ପରିଦର୍ଶନ କରିବା ସହ ଶିକ୍ଷାବିତ୍ ଏବଂ ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନରେ ଏନ୍‌ସିସି, ଏନ୍‌ଏସ୍‌ଏସ୍, ୱାଇଆର୍‌ସି, ଆତ୍ମରକ୍ଷା ୟୁନିଟ, ଯୋଗ କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ଛାତ୍ରୀଙ୍କ ଦ୍ୱାରା ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ସର୍ବୋତ୍ତମ ଜିନିଷ, ଇନ୍‌ଡୋର ଖେଳ ସୁବିଧା, ଔଷଧୀୟ ଉଦ୍ଭିଦ ଉଦ୍ୟାନ ଆଦି ପରିଦର୍ଶନ ଓ ଅନୁଧ୍ୟାନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଙ୍କ ସୁବିଧା ତଥା ଦୃଷ୍ଟିହୀନ ଛାତ୍ରୀଙ୍କ ହଷ୍ଟେଲ ପାଇଁ ଅଡିଓ ବହି ଏବଂ ଆରାଧନା ପାଢ଼ୀ ମେମୋରିଆଲ ରିଡିଂ କର୍ନର, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଷ୍ଟୁଡିଓ ସହ ସମସ୍ତ ବିଭାଗର ଲ୍ୟାବ ଓ ଅନ୍ୟ ସୁବିଧା ଦେଖିବା ସହ ଡକ୍ୟୁମେଣ୍ଟ ଯାଞ୍ଚ କରିଥିଲେ।

# ଆର୍ଚେରୀ ଚାମ୍ପିୟନଶିପ୍: ପୂର୍ବତଟ ରେଳପଥକୁ ୪ ପଦକ

ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା) ପଶ୍ଚିମବଙ୍ଗରେ ଥିବା ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କସ (ସିଏଲ୍‌ଡବ୍ଲ୍ୟୁ)ରେ ଗତ ୨୩ରୁ ତିନିଦିନ ଧରି ଚାଲିଥିବା ୧୪ତମ ଅଲ୍ ଇଣ୍ଡିଆ ରେଲ୍‌ୱେ ଆର୍ଚେରୀ ଚାମ୍ପିୟନ୍‌ଶିପ୍ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତଟ ରେଳପଥ ୪ଟି ପଦକ ହାସଲ କରିଛି। ମଞ୍ଚେଶ୍ୱରସ୍ଥିତ ରେଳଡବା ମରାମତି କାରଖାନାରୁ ପ୍ରତିନିଧିତ୍ୱ କରୁଥିବା ଶୁଭମ ଦାଶ କମ୍ପାଉଣ୍ଡ ଗ୍ରୁପ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ କରିଥିବାବେଳେ ରେଳପଥର ଜେନେରାଲ ଷ୍ଟୋର୍ସ ଡିପୋ (ଜିଏସଡି)ର କୁଲଭେନ୍ଦର ସିଂ ସମାନ ବର୍ଗରେ ଦୁଇଟି ରୌପ୍ୟ ପଦକ ହାସଲ କରି ରେଳପଥ ପାଇଁ ଗର୍ବ ଆଣିଛନ୍ତି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚାମ୍ପିୟନଶିପ୍‌ରେ ଜିତିଥିବା ପଦକଗୁଡ଼ିକ କେବଳ ରେଳ ସେବାରେ ନୁହେଁ, ବରଂ କ୍ରୀଡାକୁ ପ୍ରୋତ୍ସାହିତ କରିବା ସହ କର୍ମଚାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉନ୍ନତ କରିବାକୁ ଉତ୍ସାହିତ କରିବାରେ ରେଳପଥର ଦକ୍ଷତାକୁ ସୂଚିତ କରୁଥିବା ଫୁଙ୍କୱାଲ କହିଛନ୍ତି।



ପୂର୍ବତଟ ରେଳପଥ ପକ୍ଷରୁ ପଦକ ବିଜେତାଙ୍କୁ ପୁରସ୍କୃତ କରାଯାଉଛି।

# ପର୍ଯ୍ୟଟନର ପ୍ରକୃତ ଶାନ୍ତି ଓଡ଼ିଶାରେ: ରାଜ୍ୟପାଳ

- ପଶ୍ଚିମ ଓଡ଼ିଶାରେ ହେବ ଚିଡ଼ିଆଖାନା
- ଜେ.କେ. ମହାନ୍ତିଙ୍କୁ 'ଟୁରିଜମ ରତ୍ନ ସମ୍ମାନ'



ରାଜ୍ୟପାଳ ରଘୁବର ଦାସ ହାରୋର ଅଧ୍ୟକ୍ଷ ଜେ.କେ. ମହାନ୍ତିଙ୍କୁ 'ଟୁରିଜମ ରତ୍ନ ସମ୍ମାନ'ରେ ସମ୍ମାନିତ କରୁଛନ୍ତି।

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ) ଓଡ଼ିଶା ପର୍ଯ୍ୟଟନ ବିଶ୍ୱବିଦିତ। ଏହାର ପରମ୍ପରା, କଳା ସାରା ଦୁନିଆରେ ପରିଚିତ। ବିଶ୍ୱସ୍ତରରେ ପର୍ଯ୍ୟଟନକୁ ଅଧିକରୁ ଅଧିକ ପରିଚିତି କରାଇବାକୁ ରାଜ୍ୟ ସରକାର ଉଦ୍ୟମ କରିବା ଆବଶ୍ୟକ। ବିକଶିତ ପର୍ଯ୍ୟଟନ ଦ୍ୱାରା ରୋଜଗାର ବଢ଼ିବ। ଫଳରେ ରାଜ୍ୟର ଅର୍ଥ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେବ। ପର୍ଯ୍ୟଟନ କ୍ଷେତ୍ରରେ ସଂଯୋଗ (କନେକ୍ଟିଭିଟି) ଏବଂ ଭିତ୍ତିଭୂମି ବିକାଶ ହେବା ଆବଶ୍ୟକ। ପର୍ଯ୍ୟଟନର ଶାନ୍ତି ଜାଣିବା ପାଇଁ ଓଡ଼ିଶା ପ୍ରକୃଷ୍ଟ ସ୍ଥାନ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶୁକ୍ରବାର ସୂଚନା ଭବନଠାରେ ଓଡ଼ିଶା ଷ୍ଟେଟ୍ ଟୁରିଷ୍ଟ ଗାଇଡ୍ ଆସୋସିଏଶନ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପର୍ଯ୍ୟଟନକୁ ଗୁରୁତ୍ୱ ଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଥମ ଅଧିବେଶନରେ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ନେତା ସମୀର ମହାନ୍ତି , ସମ୍ବାଦର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ଆସୋସିଏଶନର ସଭାପତି ସନତ ମିଶ୍ର ଉପସ୍ଥିତ ଥିଲେ। ଏହି ଅବସରରେ ହାରୋର ଅଧ୍ୟକ୍ଷ ଡ. ଜେ.କେ ମହାନ୍ତିଙ୍କୁ 'ଟୁରିଜମ ରତ୍ନ ସମ୍ମାନ' ଓ ୧୮ ଜଣଙ୍କୁ 'ଟୁରିଜମ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପଶ୍ଚିମ ଓଡ଼ିଶାରେ ହେବ ଚିଡ଼ିଆଖାନା। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ବହୁ ବର୍ଷରୁ ପର୍ଯ୍ୟଟକମାନେ କେବଳ ନନ୍ଦନକାନନରେ ପଶୁ ପକ୍ଷୀଙ୍କୁ ଦେଖିବାର ମଜା ନେଉଥିବାବେଳେ ଆଗକୁ ପଶ୍ଚିମ ଓଡ଼ିଶାରେ ଚିଡିଆଘର ବୁଲିବାର ସୁଯୋଗ ପାଇବେ ପର୍ଯ୍ୟଟକ। ଓଡ଼ିଶାରେ ଆଡଭେଞ୍ଚର ସ୍ପୋର୍ଟ୍ସ ପାଇଁ ଅନେକ ସୁଯୋଗ ରହିଛି। ଏହାର ପଲିସି ବିଷୟରେ ଅଧିକ ଜାଣିବା ପାଇଁ ଆସନ୍ତା ସପ୍ତାହରେ ମେଘାଳୟ ଗସ୍ତରେ ଯିବେ ମନ୍ତ୍ରୀ। ଓଡ଼ିଶା ଫେରିବା ପରେ ଆଡଭେଞ୍ଚର ସ୍ପୋର୍ଟ୍ସ ଉପରେ ଅନେକ କାମ କରାଯିବ। ଏହାସହ ଓଡ଼ିଶାରେ ବୁଦ୍ଧିଷ୍ଟ କରିଡର ପ୍ରତି ଗୁରୁତ୍ୱ ଦିଆଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଅଧିକରୁ ଅଧିକ ଇକୋ ଟୁରିଜମ୍‌ର ବ୍ୟବସ୍ଥା କରାଯିବ। ଏହାସହ ଧଉଳିକୁ ମୋ ବସ ଗଡ଼ିବା ନେଇ ଦାବି ଆସିଛି। ବସ୍ ଯାତାୟାତ ନେଇ ଆଲୋଚନା କରାଯିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି। ସଭାପତି ମିଶ୍ର ସଂଗଠନ ପକ୍ଷରୁ ଦାବି ରଖି ଟୁରିଷ୍ଟ ଗାଇଡ୍‌ମାନଙ୍କୁ ପେନସନ ଏବଂ ହେଲଥ ମେଡିକ୍ଲେମ ପଲିସିରେ ଅନ୍ତର୍ଭୁକ୍ତ କରିବା ଲାଗି ପର୍ଯ୍ୟଟନ ମନ୍ତ୍ରୀ, ବାଚସ୍ପତି ଏବଂ ରାଜ୍ୟପାଳଙ୍କୁ ଅନୁରୋଧ କରିଥିଲେ। ଆସନ୍ତା ବର୍ଷଠାରୁ ଆସୋସିଏଶନ ପକ୍ଷରୁ ଲାଇସେନ୍ସପ୍ରାପ୍ତ ସମସ୍ତ ଟୁରିଷ୍ଟ ଗାଇଡଙ୍କୁ ହେଲ୍‌ଥ ସୁବିଧା ଯୋଗାଇ ଦିଆଯିବ ଏବଂ ୬୫ ବର୍ଷରୁ ଊର୍ଦ୍ଧ୍ୱ ଗାଇଡ୍‌ମାନଙ୍କୁ ପେନସନ ବି ପ୍ରଦାନ କରାଯିବ ବୋଲି ମିଶ୍ର ଘୋଷଣା କରିଥିଲେ।

**ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା**

ଅସ୍ତରଙ୍ଗ,(ମମତା ଜେନା) କାକଟପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂକୁଳ ପ୍ରମୁଖ ଶିକ୍ଷାବିତ୍ ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକଙ୍କ ଅଧ୍ୟକ୍ଷତାରେ ଏକ ମାତୃ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କିଶୋର ପୃଷ୍ଟି, ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର, ସହ ପ୍ରଧାନ ଆଚାର୍ଯ୍ୟା ଜୟନ୍ତିବାଳା ନନ୍ଦ ପ୍ରମୁଖ ଯୋଗଦେଇ ଶିଶୁଙ୍କ କର୍ତ୍ତବ୍ୟ ବୋଧ ଉପରେ ଉପସ୍ଥିତ ମା'ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟା ଗୀତାଞ୍ଜଳି ପରିଡ଼ା ପରିଚାଳନା କରିଥିଲେ। କର୍ମଶାଳାରେ ଶତାଧିକ ମା' ଯୋଗଦେଇଥିଲେ। ବିଦ୍ୟାମନ୍ଦିର ଗୁରୁମା ଗୁରୁଜୀ ଯୋଗଦେଇ ସହଯୋଗ କରିଥିଲେ। ଅନ୍ନଦା ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

# ମହାପ୍ରସାଦ ମାନ ଯାଞ୍ଚକୁ ଭକ୍ତ, ସେବାୟତଙ୍କ ନାପସନ୍ଦ

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**

ତିରୁପତି ମନ୍ଦିରରେ ଲଡୁ ପ୍ରସାଦରେ ଅପମିଶ୍ରିତ ଘିଅ ବ୍ୟବହାର ହେଉଥିବା ଅଭିଯୋଗ ପରେ ଶ୍ରୀମନ୍ଦିରରେ ମହାପ୍ରସାଦ ଓ ଦୀପରେ ଅପମିଶ୍ରିତ ଘିଅ ବ୍ୟବହାର ହେଉଥିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଘିଅ ଏବଂ ମହାପ୍ରସାଦର ମାନ ପରୀକ୍ଷଣ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏନେଇ ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଇନମନ୍ତ୍ରୀଙ୍କ ବିବୃତିକୁ ଅନେକ ସ୍ୱାଗତ କରିଥିବାବେଳେ ଅନେକ ବିରୋଧ କରିଛନ୍ତି। ମହାପ୍ରସାଦ ଯାଞ୍ଚ କରାଯିବାକୁ ଅନେକ ଜଗନ୍ନାଥପ୍ରେମୀ ନାପସନ୍ଦ କରିଛନ୍ତି।

ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଶ୍ରମନ୍ଦିରକୁ ଯାଉଥିବା ସାମଗ୍ରୀର ଯାଞ୍ଚ ହେବା ଆବଶ୍ୟକ। ରାଜାରାଜୁଡ଼ା ଅମଳରୁ ଯାଞ୍ଚ ହେଉଥିଲା। ଏଥିପାଇଁ ରୋଷପାଇକ, ଦେଉଳକରଣ, ଚାଉଳ ବଛା କରଣ ରହିଛନ୍ତି। ଚାଉଳ, ଡାଲି, ପରିବା, ଘିଅ ଆଦିର ଯାଞ୍ଚ କରାଯାଉ, କିନ୍ତୁ ମହାପ୍ରସାଦ ହେବା ପରେ ଯାହାର ଯାଞ୍ଚ କରାଯିବା ନିଷ୍ପତ୍ତି ଠିକ୍ ନୁହେଁ। ମହାପ୍ରସାଦ ଅମୃତ ତୁଲ୍ୟ। ତେଣୁ ତାହାକୁ ଯାଞ୍ଚ କରାଯିବାର ଆବଶ୍ୟକତା ନାହିଁ। ସେହିପରି ବରିଷ୍ଠ ଦଇତାପତି ସେବକ ତଥା ପୂର୍ବତନ ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସମହାପାତ୍ର କହିଛନ୍ତି, ତିରୁପତି ଘଟଣା ଲୋକଲୋଚନକୁ ଆସିବା ପରେ ଭକ୍ତଙ୍କ ମନରେ ଏକ ଆଘାତ ଲାଗିଛି। ତେବେ ମହାପ୍ରସାଦରେ ବ୍ୟବହାର ହେଉଥିବା ସାମଗ୍ରୀର ମାନ ଯାଞ୍ଚ ହେଲେ ଭଲ ଓ ଆବଶ୍ୟକତା ମଧ୍ୟ ରହିଛି। ଅପରପକ୍ଷେ ଶ୍ରୀମନ୍ଦିର ପରିସରରେ ବ୍ୟବହୃତ ହେଉଥିବା ଖଜାରେ ଘିଅ ଓ ଅନ୍ୟାନ୍ୟ ଜିନିଷରେ ବ୍ୟବହାର ହେଉଥିବା ଘିଅର ମାନ ଠିକ୍ ନିମନ୍ତେ କିଛି ନିର୍ଦ୍ଦିଷ୍ଟ କମ୍ପାନୀକୁ ଅନୁମତି ଦେବା ସହ ତାହାର ଯାଞ୍ଚ କରାଯିବା ଆବଶ୍ୟକ। ତେବେ ମହାପ୍ରଭୁଙ୍କ ନିକଟରେ ଭୋଗ ହେବା ପରେ ମହାପ୍ରସାଦ ଯାଞ୍ଚ କରିବା କଥା ଗ୍ରହଣୀୟ ନୁହେଁ। ଉକ୍ତ କଥାକୁ ନେଇ ବାଦବିବାଦ ସୃଷ୍ଟି ହେବ। ମହାପ୍ରଭୁଙ୍କ ନିକଟରେ ଭୋଗ



ହେବା ପରେ ମହାପ୍ରସାଦ ଅମୃତ ବୋଲି ବିବେଚନା କରାଯାଇଥାଏ। ତେଣୁ ଯାଞ୍ଚ କରିବା ଉଚିତ୍ ନୁହେଁ। ବଡୁସୁଆର ନିଯୋଗ ସେବାୟତ ବିଶ୍ୱନାଥ ସାମନ୍ତରାୟ କହିଛନ୍ତି, ମହାପ୍ରଭୁଙ୍କ ନିକଟରେ ଦୁଇପ୍ରକାର ଭୋଗ ହୋଇଥାଏ। କୋଠ ଭୋଗରେ ସମସ୍ତ ସାମଗ୍ରୀ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥାଏ। କଞ୍ଚା ଅମୁଣିଆ ସାମଗ୍ରୀ ପ୍ରଶାସନ ଯାଞ୍ଚ କରିବା ପରେ ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ଦେଇଥାନ୍ତି। ପ୍ରଶାସନ ଯଦି ଅପମିଶ୍ରିତ ସାମଗ୍ରୀ ଦେବ, ତେବେ ମହାପ୍ରସାଦ ଅପମିଶ୍ରତ ହେବ। ଭଲ ଜିନିଷ ଦେଇଥିଲେ, ଭଲ ମହାପ୍ରସାଦ ହେବ। ବରାଦି ଓ ବିକ୍ରି ଭୋଗ ଯାଞ୍ଚ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ରହିଛି। ତେବେ ରୋଷଶାଳାରେ କୌଣସିବାସିଜିନିଷ ପ୍ରସ୍ତୁତ ହୁଏ ନାହିଁ। ଶ୍ରୀମନ୍ଦିରରେ ଯେଉଁମାନେ

**ଆଇନମନ୍ତ୍ରୀଙ୍କ ବିବୃତି ପରେ ତେଜିଲା ବୟାନବାଜି**

ରହିଛନ୍ତି, ସେମାନେ ଯାଞ୍ଚ କରିପାରିବେ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ରହିଛି ଯେ, ଶ୍ରୀମନ୍ଦିରକୁ ଯେତେ କଞ୍ଚା ଅମୁଣିଆ ଯିବ ତାହାର ଯାଞ୍ଚ କରାଯିବ। ଯାଞ୍ଚ ଲାଗି ରୋଷ ନାୟକ, ରୋଷପାଇକ, ଅମିନ ମହାସୁଆର, ସୁପରଭାଇଜର ଅଛନ୍ତି। ଯଦି ସରକାର ଚାହୁଁଛନ୍ତି, ତେବେ ଅମୁଣିଆ ସାମଗ୍ରୀକୁ ଯାଞ୍ଚ କରନ୍ତୁ। କିନ୍ତୁ ମହାପ୍ରସାଦ ହେବା ପରେ ତାହାର ମାନ ଯାଞ୍ଚ କରିବା ଠିକ୍ ନୁହେଁ। ସରକାରଙ୍କ ଏପରି ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ। ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ବିଗତ ଦିନରେ ଭକ୍ତଙ୍କୁ ବାସି ଅବଢ଼ା ମିଳୁଥିଲା। ବର୍ତ୍ତମାନ ମଧ୍ୟ ବାସି ଅବଢ଼ା ମିଳୁଛି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅଦ୍ୟାବଧି ଫଳପ୍ରଦ ହୋଇନାହିଁ। ଯଦି ଭଲ ଘିଅ ଆସି ଶ୍ରୀମନ୍ଦିରରେ ବ୍ୟବହାର କରାଯିବ, ତେବେ ଅବଢାର ମାନ ବୃଦ୍ଧି ହେବ। ସରକାରଙ୍କ ଯାଞ୍ଚ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। ମହାପ୍ରସାଦର ମାନ ଭଲ ହେଉ ଓ ଦର ନିର୍ଦ୍ଧାରଣ କରାଯାଉ। ଫଳରେ ଭକ୍ତମାନେ ଭଲ ମହାପ୍ରସାଦ ପାଇ ଖୁସି ହେବେ। ଶ୍ରୀମନ୍ଦିର ଭିତରକୁ ଯାଉଥିବା ଜିନିଷର ଯାଞ୍ଚ ହେବା ଆବଶ୍ୟକ ବୋଲି ରାୟଗୁରୁ ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ତଥା ଭାଜପା ନେତା ଜୟନ୍ତ କୁମାର ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଯଦି ଅଭିଯୋଗ ଆସୁଛି ଓ ତେବେ ଯାଞ୍ଚ କରାଯାଉ। ତେବେ ସେବାୟତ, ସୁଆର ମହାସୁଆର ନିଯୋଗ, ଛତିଶା ନିଯୋଗ, ଗଜପତି ମହାରାଜା, ମୁକ୍ତିମଣ୍ଡପ, ସେବାୟତ ଆଦି ସମସ୍ତଙ୍କ ମତାମତ ନିଆଯାଇ କାର୍ଯ୍ୟ କରାଯିବା ଉଚିତ୍ ବୋଲି ସେ ମତ ଦେଇଛନ୍ତି। ବ୍ରହ୍ମପୁରରୁ ଆସିଥିବା ଭକ୍ତ ତ୍ରିଲୋଚନ ସାହୁ କହିଛନ୍ତି, ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗି ହେବା ପରେ ମହାପ୍ରସାଦର ମାନ ଯାଞ୍ଚ କରରଯିବା ଉଚିତ୍ ନୁହେଁ କି ଗ୍ରହଣୀୟ ନୁହେଁ। ମହାପ୍ରଭୁଙ୍କୁ ଅର୍ପଣ କରିବା ପରେ ମହାପ୍ରସାଦ ଯାଞ୍ଚର ମାନେ କିଛି ନାହିଁ। ମାତ୍ର ମହାପ୍ରସାଦ ପ୍ରସ୍ତୁତି ହେବା ପୂର୍ବରୁ ଏଥିରେ ବ୍ୟବହାର ହେଉଥିବା ସାମଗ୍ରୀର ମାନ ଯାଞ୍ଚ କରାଯିବା ଉଚିତ, ଫଳରେ ଶୁଦ୍ଧତା ରହିବ।

# ପର୍ଯ୍ୟଟନ ବିଭାଗ ପକ୍ଷରୁ ଐତିହ୍ୟ ସୁପର ବାଇକ୍ ରାଲି



**କୋଣାର୍କ,୨୭।୯(ଜ୍ୟୋତିରାଜ ମହାନ୍ତି)**

ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋଣାର୍କରେ ଐତିହ୍ୟ ସୁପର ବାଇକ୍ ରାଲିକୁ ସ୍ୱାଗତ କରାଯାଇଥିଲା। ଏହି ରାଲି ଧଉଳିରୁ ବାହାରି ପୁରୀ ମାଳତୀପାଟପୁର ବେଳାମାର୍ଗ ଦେଇ କୋଣାର୍କରେ ପହଞ୍ଚିଥିଲା। ୪୭ବାଇକ ରାଇଡର ଏଥିରେ ସାମିଲ ହୋଇଥିଲେ। ଏଠାରେ ପହଞ୍ଚିବା ପରେ ସେମାନଙ୍କୁ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ସ୍ୱାଗତ କରାଯାଇଥିଲା। ପରେ ଏକ ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପୁରୀ ଏମ୍‌ପି ସମ୍ବିତ ପାତ୍ର, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ କୈଳାସ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ୱଚ୍ଛସାଥୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ପୁରୀ ବେଳାଭୂମିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟତଃ ପର୍ଯ୍ୟଟନ ଶାନ୍ତି, ଭାଇଚାରା ସୃଷ୍ଟି ସହ ଅର୍ଥନୀତିକୁ ମଧ୍ୟ ସମୃଦ୍ଧ କରିଥାଏ। ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପରିଭ୍ରମଣ ସହ ସ୍ଥାନୀୟ ଲୋକଙ୍କ ପାଇଁ ଆର୍ଥିକ ସହଭାଗିତାରେ ସହାୟକ ହୋଇଥାନ୍ତି। ପର୍ଯ୍ୟଟନ ମଧ୍ୟ ମନକୁ ଆନନ୍ଦ ଓ ଶାନ୍ତି ଦେଇଥାଏ। ସେଥିପାଇଁ ଚଳିତ ବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସର ଥିମ୍ ରହିଛି 'ପର୍ଯ୍ୟଟନ ଓ ଶାନ୍ତି'। ଜିଲା ପ୍ରଶାସନ ଓ ପୁରୀ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଗୋଲଡେନ୍ ବିଚ୍‌ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୁରୀ ପୌରପରିଷଦ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲାପାଳ ତନ୍ମୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରଶାସନ ଓ ପର୍ଯ୍ୟଟନ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ, ବେଳାଭୂମି ଫଟୋଗ୍ରାଫର ସଂଘର ସଦସ୍ୟ, ବିଭିନ୍ନ ହୋଟେଲର କର୍ମଚାରୀ, ଟୁର୍ ଅପରେଟର, ଟୁରିଷ୍ଟ ଗାଇଡ, ଲାଇଫ ଗାର୍ଡମାନେ ବେଳାଭୂମି ସଫେଇରେ ସହଯୋଗ କରିଥିଲେ।




ପୁରୀ ପର୍ଯ୍ୟଟନ ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ ପୁରୀ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ।

# ପର୍ଯ୍ୟଟନ ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

**ପୁରୀ,୨୭।୯(ଅଜିତ୍ କୁମାର ମହାନ୍ତି)**

**ଉଚ୍ଚ ବିଦ୍ୟାଳୟ ସ୍ତରରେ ତନ୍ମୟ, ମହାବିଦ୍ୟାଳୟ ସ୍ତରରେ ଦୁର୍ଗାମାଧବ ପ୍ରଥମ**

ପୁରୀ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ କୁଇଜ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଉଚ୍ଚ ବିଦ୍ୟାଳୟ ସ୍ତରରେ ସାରଦାବିହାର ସରକାରୀ ଉଚ୍ଚ ବିଦ୍ୟାଳୟର ତନ୍ମୟ ପରିଡ଼ା ପ୍ରଥମ, ଗଡ଼ବଡ଼ପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଳୟକୃଷ୍ଣ ସ୍ୱାଇଁ ଦ୍ୱିତୀୟ ଓ ଭୋଳାନାଥ ବିଦ୍ୟାପୀଠର ଉପେନ୍ଦ୍ର କୁମାର ପରିଡା ତୃତୀୟ ସ୍ଥାନ ହାସଲ କରିଛନ୍ତି। ମହାବିଦ୍ୟାଳୟ ସ୍ତରରେ ଆଇଏମ୍‌ଟି ଫାର୍ମାସି କଲେଜର ଦୁର୍ଗାମାଧବ ମହାନ୍ତି ପ୍ରଥମ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଶୁଭମ ବିଭୁ ପ୍ରସାଦ ପରିଡ଼ା ଦ୍ୱିତୀୟ ଓ ସରକାରୀ ଆଇଟିଆଇର ପ୍ରମୋଦ କୁମାର ବରାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନମିତା ମହାନ୍ତି କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପର୍ଯ୍ୟଟନ ବିଭାଗର ବରିଷ୍ଠ ପରିସଂଖ୍ୟାନ ସହାୟକ ମଳୟ ପ୍ରଧାନ, ବରିଷ୍ଠ ସହାୟକ ସନ୍ତୋଷ କୁମାର ମହାନ୍ତି, କନିଷ୍ଠ ସହାୟକ ଅମୃତ ଦାସ, ହରିବନ୍ଧୁ ମଲ୍ଲିକ, ଅଭିରାମ ତ୍ରିପାଠୀ, କୈଳାସ ଚନ୍ଦ୍ର ଦାସ, ଅନନ୍ତ ଚରଣ ଜାଲି ଏବଂ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗିରିଗୋବର୍ଦ୍ଧନ ପୂଜା ମଣ୍ଡପ ପାଲଟିଛି ମାମଲା ଫଇସଲା ସ୍ଥଳ

**ନିମାପଡ଼ା,୨୭।୯(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଥାନା ସମ୍ମୁଖରେ କେଉଁ ଆବହମାନ କାଳରୁ ରହିଛି ଗୋବର୍ଦ୍ଧନ ପୂଜା ମଣ୍ଡପ ଓ ଗୋଧନ ବାହୁଡ଼ା ପଡ଼ିଆ। ଏହି ପୂଜା ମଣ୍ଡପରେ ତଥା ମନ୍ଦିରରେ ପୂଜା ପାଆନ୍ତି ଶ୍ରୀକୃଷ୍ଣ। ଏହି ପୂଜା ମଣ୍ଡପଟି ଦୀର୍ଘଦିନ ଧରି ପାଲଟିଛି ନ୍ୟାୟନିସାପ ତଥା ମାମଲା ଫଇସଲାର ସ୍ଥଳୀ। ସେ ଗଣ୍ଡଗୋଳ ମାମଲା ହେଉ କି ପାରିବାରିକ ବିବାଦ, ସ୍ୱାମୀ-ସ୍ତ୍ରୀ କଳି ଭଳି ଅନେକ ମାମଲାର ବିଚାର ଭଦ୍ରଲୋକଙ୍କ ଉପସ୍ଥିତିରେ ଠାକୁରଙ୍କ ପୀଠ ତଥା ମଣ୍ଡପରେ ଫଇସଲା କରାଯାଇଥାଏ। ଦୀର୍ଘ ବର୍ଷ ଧରି ଏହି ପୂଜା ମଣ୍ଡପରେ କେତେ ଯେ ବିବାଦ ଓ ମାମଲାର ବିଚାର ଓ ଫଇସଲା ହୋଇଛି ତାହା କହିହେବ ନାହିଁ।

ଅନେକ ବିବାଦ ଓ ନ୍ୟାୟନିଶାପ ଫଇସଲାର ମୂକସାକ୍ଷୀ ଏହି ଗିରିଗୋବର୍ଦ୍ଧନ ପୂଜାମଣ୍ଡପ। ନିମାପଡ଼ା ଥାନା ଅଞ୍ଚଳରେ ବିଭିନ୍ନ ଗାଁଗଣ୍ଡାରେ ଲୋକଙ୍କ ମଧ୍ୟରେ ଘଟୁଥିବା ବିବାଦ, କଳହ ଘଟଣା ସମ୍ପର୍କରେ ପକ୍ଷମାନଙ୍କ ତରଫରୁ ଥାନାରେ ଅଭିଯୋଗ ହୋଇଥାଏ। ଘଟଣାର ସମାଧାନ କଥା ଉଠିଲେ ସମସ୍ତଙ୍କର ମନେପଡ଼ିଯାଏ ଏହି ପୂଜାମଣ୍ଡପ କଥା। ପକ୍ଷମାନେ ଏହି ମଣ୍ଡପରେ ବସି ଭଦ୍ରଲୋକଙ୍କ ଉପସ୍ଥିତିରେ ଆଲୋଚନା, ପର୍ଯ୍ୟାଲୋଚନା, ବିଚାର ବିମର୍ଷ କରାଯାଇ ଫଇସଲା ହୁଏ। ଏହି ଗିରିଗୋବର୍ଦ୍ଧନ ପୂଜା ମଣ୍ଡପ ଓ ଗୋଧନ ବାହୁଡ଼ା ପଡ଼ିଆରେ ନିମାପଡ଼ା ଥାନା ପକ୍ଷରୁ ବହୁଶହ ବର୍ଷ ଧରି ଗୋବର୍ଦ୍ଧନ ପୂଜା ଓ ପ୍ରଭୁଙ୍କ ଯାତ୍ରା ପାଳନ ହୋଇଆସୁଛି। ଏହି ପୂଜା ମଣ୍ଡପ ଓ ମନ୍ଦିରର ଯଥେଷ୍ଟ ମହିମା ରହିଥିବା ଲୋକକଥା ରହିଛି।

# ଜାଲ୍ ସାର୍ଟିଫିକେଟରେ ହାତେଇଛନ୍ତି ଭିନ୍ନକ୍ଷମ ଭତ୍ତା

**ଗୋପ,୨୭।୯**
**(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତରେ ଦୀର୍ଘବର୍ଷ ଧରି ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଲୋକେ ଭିନ୍ନକ୍ଷମ ଭତ୍ତା ହାତଉଥିବା ବେଳେ ପ୍ରକୃତ ହିତାଧିକାରୀ ଏହି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରି ଅଭିଯୋଗକୁ ନେଇ ବ୍ଲକ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ପ୍ରକାଶ ଯେ, ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ମଧୁବାବୁ ଭିନ୍ନକ୍ଷମ ଯୋଜନାରେ ୨୩୮୯ ଜଣ ଭତ୍ତା ନେଉଥିବାବେଳେ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ୪୫୦ ଜଣ ହିତାଧିକାରୀ ଏହି ଭତ୍ତା ପାଉଛନ୍ତି। ମାତ୍ର ଏହି ହିତାଧିକାରୀଙ୍କ ମଧ୍ୟରେ ଅଧିକାଂଶ ଯୁବତୀ ଯୁବକଙ୍କ ସହିତ ଆଉ କେତେକ ବର୍ଗର ଲୋକେ ଜାଲ୍ ସାର୍ଟିଫିକେଟ ଦେଇ ଭତ୍ତା ଟଙ୍କା ନେଉଥିବା ଜଣାପଡ଼ିଛି। ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଜାଲିଆତି କରି ଭତ୍ତା ନେଉଥିବା ବ୍ୟକ୍ତିମାନେ ୨୦୧୯ ମସିହା ପୂର୍ବର ଅସ୍ଥିଶଲ୍ୟ, ଦୃଷ୍ଟିବାଧିତ, ମୂକ, ବଧିର, ମାନସିକ ଅନଗ୍ରସର ସହିତ ଆଉ କେତେଜଣ ସାର୍ଟିଫିକେଟ ଦେଇଥିବା ଜଣାପଡ଼ିଛି। ସରକାରଙ୍କ ନିକଟରେ ସମ୍ପର୍କରେ ଅଭିଯୋଗ ହେବା ପରେ ୨୦୨୦-୨୧ ଆର୍ଥିକ ବର୍ଷରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନକାରୀଙ୍କୁ ଭତ୍ତା ଯୋଜନାରେ ସାମିଲ୍ କରାଯିବା ସହ କେତେକ ନିୟମ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଛି। ଅପରପକ୍ଷେ ଅଫ୍‌ଲାଇନ୍ ମାଧ୍ୟମରେ ଭତ୍ତା ନେଉଥିବା ବ୍ୟକ୍ତିଙ୍କ ସାର୍ଟିଫିକେଟର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ପୁନର୍ବାର ଅନ୍‌ଲାଇନ୍ ଦ୍ୱାରା ଯାଞ୍ଚ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଏବେ ନାଲିଫିତା ତଳେ ରହିଛି। ଅନେକ ହିତାଧିକାରୀ ଜାଲ୍ ସାର୍ଟିଫିକେଟ ଦେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତା ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଏପରିକି କେତେଜଣ ହିତାଧିକାରୀ ନିଜେ ନ ଆସି ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ଭତ୍ତା ଟଙ୍କା ନେବା ଜଣାପଡ଼ିଛି। ଏ ସମ୍ପର୍କରେ ଗୋପ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମମତା କୁମାରୀ ଜେନାଙ୍କୁ ପଚାରିବାରେ କହିଛନ୍ତି, ଏଭଳି ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ହିତାଧିକାରୀମାନଙ୍କୁ ଅଫ୍‌ଲାଇନ୍ ସାର୍ଟିଫିକେଟ ମଗାଯାଇଛି। ସେମାନଙ୍କ ସାର୍ଟିଫିକେଟ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜେନା ପ୍ରକାଶ କରିଛନ୍ତି।

# ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ପରଲୋକ

**ଯୋଗେଶ୍ୱରପୁର/ଚାରିଛକ,୨୭।୯**
**(ରଶ୍ମିରଞ୍ଜନ ସାହୁ/ଶିଶିର ସ୍ୱାଇଁ)**



ବାହାରଣା ମଧ୍ୟ ଇଂରାଜି ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ର (୯୦)ଙ୍କ ମଙ୍ଗଳବାର ନିଜ ବାସଭବନ ନୟାହାଟ ଫାଣ୍ଡି ଦେଉଳୀ ପଞ୍ଚାୟତ ଅଧୀନ ଦୁର୍ଗେଶ୍ୱର ଗଡ଼ରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ଥିଲେ। ପାତ୍ର ଜଣେ ନିଷ୍ଠାପର ପରୋପକାରୀ, ଧାର୍ମିକ, ଜ୍ଞାନୀ, ସାହିତ୍ୟିକ, କବି ଥିଲେ। ଶିକ୍ଷ୍ୟାନୁଷ୍ଠାନ ପ୍ରତି ତାଙ୍କର ନିଘୋଡ଼ ନିଷ୍ଠା ଥିଲା। ତାଙ୍କ ମୃତ୍ୟୁ ଖବରପାଇ ବାହାରଣା ସ୍ମୃତି ବିଦ୍ୟାପୀଠ ପୂର୍ବତନ ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ର, ବର୍ତ୍ତମାନ ପ୍ରଧାନ ଶିକ୍ଷକ ପ୍ରମେଶ କୁମାର ନାୟକ, ନୋଡାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମୟ କୁମାର ମହାନ୍ତି, ଅନାଦି ଚରଣ ନାୟକ ଓ ପୂର୍ବତନ ଛାତ୍ରୀଛାତ୍ର ଏବଂ ବର୍ତ୍ତମାନର ଛାତ୍ରୀଛାତ୍ର ଦୁଃଖ ପ୍ରକାଶ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ମୃତ୍ୟୁ ସମୟରେ ପୁତ୍ର ଦେବି ପ୍ରସାଦ ପାତ୍ର, ଶିବ ପ୍ରସାଦ ପାତ୍ରଙ୍କ ସହିତ ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ଓଡିଶା ଆର୍ଟ ଏମ୍ପୋରିୟମର ନୂତନ ଶୋ'ରୁମ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୨୭।୯**
**(ଅନୁରାଧା ମହାରଣା)**

ଓଡିଶା ଆର୍ଟ ଏମ୍ପୋରିୟମର ନୂତନ ରିଟେଲ ଶୋ'ରୁମ କଟକ ବାଲୁବଜାରଠାରେ ଖୋଲିଛି। କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ଅତିଥି ଭାବେ ଯୋଗଦେଇ ଶୁକ୍ରବାର ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ଶାଢ଼ୀ, କୁର୍ତ୍ତା, ଗାମୁଛା, ପାଟଶାଢ଼ୀ, ଟସରଶିଳ୍ପ, ସମ୍ବଲପୁରୀ, ସୋନପୁରୀ ଆଦି ସୁପ୍ରସିଦ୍ଧ ହସ୍ତଶିଳ୍ପ ଓ ଆଞ୍ଚଳିକ ସୁନାମଧନ୍ୟ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଭିନ୍ନ ଭିନ୍ନ ଏକକ ଡିଜାଇନର ଉତ୍ପାଦିତ ବସ୍ତ୍ର ଉପଲବ୍ଧ ରହିଛି। ବିଶେଷକରି ଓଡ଼ିଶାର ସମ୍ବଲପୁରର ବରପାଲି, କଟକ ଜିଲା ଆଠଗଡ଼ର ମାଣିଆବନ୍ଧ, ନୂଆ ପାଟଣା ତଥା ଅନ୍ୟ ରାଜ୍ୟର ବୁଣାକାରଙ୍କଠାରୁ ହାତତିଆରି ବସ୍ତ୍ର ଅଣାଯାଇ ବିକ୍ରି ପାଇଁ ରଖାଯାଇଛି। ଏମ୍ପୋରିୟମର ସ୍ୱତ୍ତ୍ୱାଧିକାରୀ ସତ୍ୟଜିତ ସାହୁ କହିଛନ୍ତି, ନୂତନ ଶୋ'ରୁମଟି ସମସ୍ତ ଗୁଣବତ୍ତା ଉତ୍ପାଦିତ ସାମଗ୍ରୀଗୁଡିକ ଗ୍ରାହକଙ୍କୁ ଯୋଗାଇଦେବା ପାଇଁ ସକ୍ଷମ ହେବ। ସେହିପରି ସ୍ୱାତୀ ସାହୁ କହିଛନ୍ତି, ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଏଠାରେ ଗ୍ରାହକଙ୍କ ପାଇଁ ଏକ ରିହାତି ଘୋଷଣା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ନୂତନ ଶୋ'ରୁମ୍‌କୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

# ଶ୍ରୀପତିପୁର ଗାଁ ରାସ୍ତା ଶୋଚନୀୟ

**ଡେଲାଙ୍ଗ,୨୭।୯(ରଶ୍ମିରଞ୍ଜନ ପ୍ରଧାନ)**

ପୁରୀ ଜିଲା ଡେଲାଙ୍ଗ ବ୍ଲକ ଅଧୀନ ଜେନାପୁର ପଞ୍ଚାୟତର ୧ନଂ ୱାର୍ଡ ଶ୍ରୀପତିପୁର ଗାଁଦାଣ୍ଡ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ଦାଣ୍ଡରେ ପାଣି ଜମିବା ସହିତ କାଦୁଅ ହେବା ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ପିଲାମାନେ ସ୍କୁଲକୁ ଯିବାବେଳେ ଚପଲ ଖୋଲିଯିବାକୁ ପଡୁଛି, ତତ୍‌ସହିତ ଖାଲଖମାରେ ପଡ଼ି ଖଣ୍ଡିଆ ଖାବରା ହେବାର ମଧ୍ୟ ନଜିର ରହିଛି।

ରାସ୍ତାର ଅବସ୍ଥା ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ସମାଧାନ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ବିଧାୟକଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କାହାରି ଦୃଷ୍ଟିଗୋଚର ହେଉ ନ ଥିବା ଗ୍ରାମବାସୀ କହିଛନ୍ତି। ଏହି ରାସ୍ତାଟି ପଢ଼ନାଇକିଆ-ଖୋର୍ଦ୍ଧା ରାସ୍ତାର ଜେନାପୁର ରେଳ ଷ୍ଟେସନ ଛକଠାରୁ ଶ୍ରୀପତିପୁର ଗାଁ ଦେଇ ଆଳିଶ କେନାଲ ବନ୍ଧ ଶଙ୍ଖଠାରେ ମିଶିଥିବା ବେଳେ ପ୍ରହରାଜପୁର, ଦାସିଆପୀଠ, ଆଳିଶ ଓ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକୁ



ସଂଯୋଗ କରୁଛି। ରେଳ ଷ୍ଟେସନ ଛକଠାରୁ ୧.୩ କି.ମି. ରାସ୍ତାଟିର ଅବସ୍ଥା କହିଲେ ନ ସରେ। ପ୍ରତିଦିନ ବହୁଯାତ୍ରୀ ଭକ୍ତ ଦାସିଆ ପୀଠକୁ ଯିବା ପାଇଁ ଜେନାପୁର ରେଳ ଷ୍ଟେସନରୁ ଓହ୍ଲାଇ ଏହି ରାସ୍ତାଟି ନିକଟତର ହୋଇଥିବାରୁ ଚାଲିଚାଲି ଯାଆନ୍ତି।

ସେହିପରି ଜେନାପୁର ରେଳ ଷ୍ଟେସନକୁ ଯିବାଆସିବା କରିବା ପାଇଁ ଆଳିଶ, ପ୍ରହରାଜପୁର, ତେଇସପୁର, ବାଲିଗାଁ, ଆବଲପୁର, ପାଞ୍ଚବାଟିଆ, ରାୟଗିରିପୁର ପ୍ରମୁଖ ଅନେକ ଗ୍ରାମର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତାଟି ୨୦ ବର୍ଷ ପୂର୍ବେ ଢଳେଇ ପଡ଼ିଥିବା ବେଳେ ରାସ୍ତାରୁ ଢଳେଇ ଛାଡ଼ି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ସେହିପରି ଗାଁ ଭିତର ରାସ୍ତା ବଡ଼ ବଡ଼ ଖାଲଖମାରେ ପରିଣତ ହୋଇଛି। ବର୍ଷା ହେଲେ ପାଣି ଜମିବା ସହ କାଦୁଅ ପଚପଚ ହେଉଛି। ଗାଁଦାଣ୍ଡ ରାସ୍ତାକଡ଼ରେ ବର୍ଷା ଜଳ ଖଲାସ ପାଇଁ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

ଅନ୍ୟପକ୍ଷରେ ଗ୍ରାମର ଶେଷ ଭାଗ କେନାଲ ବନ୍ଧ ମୋରମ ରାସ୍ତା ହୋଇଥିବା ବେଳେ ଏହି ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ଖାଲଖମା ହୋଇଛି। ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ବିଧାୟକ

**ବର୍ଷା ହେଲେ ଗାଁ ଦାଣ୍ଡରେ ଜମୁଛି ପାଣି ଓ କାଦୁଅ**

ଆଶ୍ରିତ ପଟ୍ଟନାୟକଙ୍କୁ ଭେଟି ଅବଗତ କରାଇଥିଲେ। ବିଧାୟକ ଗାଁକୁ ଆସି ରାସ୍ତାର ସ୍ଥିତି ପରଖିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ନ ଆସିବାରୁ ଜନଅସନ୍ତୋଷ ତୀବ୍ରତର ହୋଇଛି। ତେଣୁ ଗ୍ରାମ୍ୟ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ପୁନର୍ବାର ସ୍ଥାନୀୟ ପ୍ରଶାସନ ସହିତ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା କାମ ଆରମ୍ଭ ନ ହେଲେ ଲୋକେ ବିଦ୍ୟାଳୟ ତାଲା ପକାଇବା ସହିତ ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତା ଅବରୋଧ କରିବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

ଏ ନେଇ ଶ୍ରୀପତିପୁର ଗ୍ରାମର ପ୍ରଦୀପ ମହାନ୍ତି ଅଭିଯୋଗ କରି କହିଛନ୍ତି, ବିଧାୟକ ନିର୍ବାଚନ ସମୟରେ ଲୋକଙ୍କ ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିଜୟ ପରେ କୌଣସି ସମସ୍ୟାର ସମାଧାନ କରି ନାହାନ୍ତି। ଅପରପକ୍ଷେ ଏନେଇ ବିଧାୟକ ପଟ୍ଟନାୟକଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।




୨୭।୯।୨୦୨୪

| ୩,୬୬, ୨୪୩ ଟଙ୍କା | |
|---|---|
| ସୁନା | ୬.୦୪୦ ଗ୍ରାମ୍ |
| ରୁପା | ୨୩୯.୯୪୦ ଗ୍ରାମ୍ |

# ମାର୍ଚ୍ଚ ୮ ପୂର୍ବରୁ ସମସ୍ତଙ୍କୁ ସୁଭଦ୍ରା ପ୍ରଥମ କିସ୍ତି

## ସରକାରୀ ଯୋଜନାରେ ୧କୋଟି ହିତାଧିକାରୀଙ୍କୁ ଯୋଡ଼ିବା ବଡ଼ ଉପଲବ୍ଧି: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ଅଦ୍ୟାବଧି ଛପାଯାଇଥିବା ୧ କୋଟି ୮୯ ଲକ୍ଷ ୩୪ ହଜାର ୧୭୬ 'ସୁଭଦ୍ରା' ଆବେଦନ ଫର୍ମ ମଧ୍ୟରୁ ୧ କୋଟି ୫୭ ଲକ୍ଷ ୧ ହଜାର ୫୫ ଫର୍ମ ବଣ୍ଟନ କରାଯାଇଛି। ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ୯୫ ଲକ୍ଷରୁ ଅଧିକ ଆବେଦନ ପଞ୍ଜୀକୃତ ହୋଇସାରିଛି। ସେହିପରି ୨୫ ଲକ୍ଷ ୨୯ ହଜାର ୭୨୦ ସୁଭଦ୍ରା ହିତାଧିକାରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିମଧ୍ୟରୁ ୨୫ ଲକ୍ଷ ୧୭ ହଜାର ୫୪୫ ଜଣଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ଏବଂ ୧୨ ହଜାର ୧୭୫ ଜଣଙ୍କୁ ସିବିଡିସି ଜରିଆରେ ଅର୍ଥରାଶି ପଠାଯାଇଛି ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସୂଚନା ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରରେ ଆୟୋଜିତ ୨ଦିନିଆ ଜିଲାପାଳ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ପରେ ଦ୍ୱିତୀୟ ଅଧିବେଶନରେ 'ସୁଭଦ୍ରା' ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଭିନ୍ନ ସୂଚନା, ଶିକ୍ଷା ଓ ଯୋଗାଯୋଗ ପଦ୍ଧତିରେ ଓଡ଼ିଶାର ଗାଁ ଗାଁରେ ସୁଭଦ୍ରା ଯୋଜନା ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଛି। ସୋସିଆଲ ପ୍ରୋଟେକ୍ସନ ଡେଲିଭରି ପ୍ଲାଟ୍‌ଫର୍ମ(ଏସ୍‌ପିଡିପି) ମାଧ୍ୟମରେ ଜାତୀୟ ଖାଦ୍ୟସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏସ୍) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍)ର ହିତାଧିକାରୀଙ୍କୁ ଯାଞ୍ଚ କରାଯାଉଛି। ସମସ୍ତ ଅନୁମୋଦନ ଓ ଖାରଜ ଫର୍ମର ତାଲିକା ସହ କାରଣ ସମ୍ପର୍କରେ ସୁଭଦ୍ରା ୱେବ୍ ପୋର୍ଟାଲ ଓ ଏସ୍‌ଏମ୍‌ଏସ୍ ଦ୍ୱାରା ଅବଗତ କରାଯିବ। ଏଥିସହ ବ୍ୟାଙ୍କ ଆକାଉଣ୍ଟରୁ ପଇସା ନ ଉଠାଇଲେ ପଇସା ଆପେ ଫେରସ୍ତ ହେଇଯିବ ବୋଲି ଯେଉଁ ଗୁଜବ ସୃଷ୍ଟି ହୋଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ହିତାଧିକାରୀଙ୍କ ଅର୍ଥରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସୁରକ୍ଷିତ ରହିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି ୨୦୨୫ ମାର୍ଚ୍ଚ ୮ ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ମିଳିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା କୁହାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହି ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ବିଭାଗର ସମସ୍ତ ଅଧିକାରୀ ଓ ସବୁ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଜନଜାତିବହୁଳ ଅଞ୍ଚଳଗୁଡ଼ିକରେ ସୁଭଦ୍ରା କାର୍ଯ୍ୟକ୍ରମକୁ ପହଞ୍ଚାଇବା ପାଇଁ ବ୍ୟାପକ ଜନ ସଚେତନତାକୁ ପ୍ରାଥମିକତା ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଖୁବ୍‌ଶୀଘ୍ର ସୁଭଦ୍ରା ଯୋଜନାରେ ଓଡିଶାର ୧କୋଟି ମହିଳାଙ୍କ ପଞ୍ଜୀକରଣ ହୋଇଯିବ ବୋଲି ସେ ଆଶା ପ୍ରକଟ କରିଥିଲେ। ଏକ ସରକାରୀ ଯୋଜନାରେ ୧ କୋଟି ହିତାଧିକାରୀଙ୍କୁ ଯୋଡିବା ଆମ ପାଇଁ ଏକ ବଡ଼ ଉପଲବ୍ଧି ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗରେ ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରାଯାଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଜିଲାସ୍ତରରେ ସର୍ବାଧିକ ସୁଭଦ୍ରା ଫର୍ମ ପଞ୍ଜୀକୃତ କରିଥିବା 'ମୋ ସେବାକେନ୍ଦ୍ର' ଓ 'ଜନ ସେବାକେନ୍ଦ୍ର'କୁ ପୁରସ୍କୃତ କରିବା ପାଇଁ ଜିଲାପାଳମାନଙ୍କୁ ପ୍ରସ୍ତାବ ଦେଇଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଅଚ୍ୟୁତ ସାମନ୍ତଙ୍କୁ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଫାୟାର ଇଞ୍ଜିନିୟର୍ସ ପକ୍ଷରୁ ଫେଲୋଶିପ୍




ଭୁବନେଶ୍ୱର,୨୭।୯
(ଶର୍ମିଷ୍ଠା ପାଣିଗ୍ରାହୀ)

ଶିକ୍ଷାବିତ୍, ସାମାଜିକର୍ମୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ପକ୍ଷରୁ ସମ୍ମାନସୂଚକ ଫେଲୋଶିପ ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ଚାଲିଥିବା ଅନ୍ତର୍ଜାତୀୟ ସମ୍ମିଳନୀ ଓ ପ୍ରଦର୍ଶନୀ 'ଫାୟାର ଇଣ୍ଡିଆ ୨୦୨୪' ଅବସରରେ ଶୁକ୍ରବାର ଡ. ସାମନ୍ତଙ୍କୁ ୩ ଦଶନ୍ଧି ଧରି ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ଫେଲୋସିପ ଦିଆଯାଇଛି। ଗତ ମାର୍ଚ୍ଚ ମାସରେ କାର୍ଯ୍ୟକାରିଣୀ ପରିଷଦର ଜୁରି ସଦସ୍ୟଙ୍କ ଦ୍ୱାରା ତାଙ୍କ ନାମ ଚୟନ କରାଯାଇଥିଲା। ସାମନ୍ତ ଏହି ଫେଲୋଶିପ ଗ୍ରହଣ କରି କୃତଜ୍ଞତା ଜଣାଇବା ସହ ଏହାର ମହାନିର୍ଦ୍ଦେଶକ ଡ. ୟୁ. ଏସ୍. ଛିଲ୍ଲାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ହେଉଛି ସାମନ୍ତଙ୍କର ୬ଷ୍ଠ ଫେଲୋଶିପ। ଏହି ଅବସରରେ କିସ୍ ଓ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଫାୟାର୍ ଇଞ୍ଜିନିୟର୍ସ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଫଳରେ କିସ୍‌ର ଶହେ ଛାତ୍ରୀଛାତ୍ର ଫାୟାର୍ ଇଞ୍ଜିନିୟରିଂ ତାଲିମ ପାଇପାରିବେ।

## ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ପ୍ରଫେସର ଆଶିଷ ଘୋଷ



ଭୁବନେଶ୍ୱର,୨୭।୯
(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ଆଇଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ୨୦୨୪ ମସିହା ପାଇଁ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୨ପ୍ରତିଶତ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଛନ୍ତି। ପ୍ରଫେସର ଘୋଷ ତାଙ୍କର ଉଲ୍ଲେଖନୀୟ ଗବେଷଣା କାର୍ଯ୍ୟ ଏବଂ ପ୍ରକାଶନକୁ ନେଇ ଏହି ସଫଳତା ପାଇଛନ୍ତି। ତାଙ୍କର ଗବେଷଣାର ବିଷୟବର୍ଗ ହେଉଛି 'କୃତ୍ରିମ ବୁଦ୍ଧିମତ୍ତା ଓ ଇମେଜ ପ୍ରକ୍ରିୟାକରଣ। ଗତ ସପ୍ତାହରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ୨୨ଟି ବୈଜ୍ଞାନିକ କ୍ଷେତ୍ର ଓ ୧୭୪ଟି ଉପକ୍ଷେତ୍ର ନେଇ ଏହି ବିଶ୍ୱସ୍ତରୀୟ ତାଲିକା ପ୍ରସ୍ତୁତ କରିଛି। ଏ ସମ୍ପର୍କରେ ସୂଚନା ଦେଇ ପ୍ରଫେସର ଘୋଷ କହିଛନ୍ତି, ମୋ କାର୍ଯ୍ୟ ଗ୍ଲୋବାଲ ଫୋରମରେ ଅନ୍ତର୍ଭୁକ୍ତ ହୋଇଥିବାରୁ ମୁଁ ବହୁତ ଖୁସି। କୃତ୍ରିମ ବୁଦ୍ଧିମତ୍ତାର ଡୋମେନ ବିସ୍ତୃତ ଓ ଟେକ୍ନୋଲୋଜି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ କରିବାରେ ଅନେକ ସମ୍ଭାବନା ପ୍ରଦାନ କରେ।




ସଙ୍ଗୀତ ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କ ଜୟନ୍ତୀ ଅବସରରେ ଶୁଭେଚ୍ଛା ଜଣାଇ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

## ରେଳଧାରଣାରୁ ୨ ମୃତଦେହ ଜବତ

ଭୁବନେଶ୍ୱର,୨୭।୯(ସୂର୍ଯ୍ୟକାନ୍ତ ବେହେରା)

ଗୋଟିଏ ଦିନରେ ଭୁବନେଶ୍ୱରର ବାଣୀବିହାର ଷ୍ଟେଶନ ଓ ଭିଏସ୍‌ଏସ୍ ନଗର ନିକଟ ରେଳଧାରଣାରୁ ଦୁଇ ଜଣଙ୍କ ମୃତଦେହ ଜବତ ହୋଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କ ପରିଚୟ ଜଣାପଡିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ଅଞ୍ଚଳର ଆଶିଷ କୁମାର ନନ୍ଦ। ତାଙ୍କ ମୃତଦେହ ଭିଏସ୍‌ଏସ୍ ନଗର ନିକଟ ରେଳଧାରଣାରୁ ମିଳିଥିବାବେଳେ ସେ ଆତ୍ମହତ୍ୟା କରିଥିବା ଜିଆର୍‌ପି ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସେହିପରି ବାଣୀବିହାର ଷ୍ଟେଶନ ନିକଟରେ ରେଳ ଧାରଣା ପାର ହେବାବେଳେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ପୋଲିସ ମୃତଦେହ ଜବତକରି ଘଟଣାର ତଦନ୍ତ ଜାରି ରଖିଛି। ରେଳଧାରଣରେ ଖଣ୍ଡବିଖଣ୍ଡିତ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଜିଆର୍‌ପିକୁ ଖବର ଦେବା ପରେ ଘଟଣା ଜଣାପଡିଥିଲା।

## ଡିପ୍‌ଥେରିଆର ଉନ୍ନତର ଚିକିତ୍ସା ପାଇଁ କୋରାପୁଟ, ମାଲକାନଗିରି ଗସ୍ତରେ ବିଶେଷଜ୍ଞ ଦଳ

ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)

ରାଜ୍ୟ ସରକାର କୋରାପୁଟ ଓ ମାଲକାନଗିରି ଜିଲାରେ ଦେଖାଦେଇଥିବା ଡିପ୍‌ଥେରିଆ ରୋଗକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି। ରୋଗୀଙ୍କ ଉନ୍ନତର ଚିକିତ୍ସା ସହ ଏହି ରୋଗ କିପରି ଅଧିକ ନ ବ୍ୟାପିବ ସେଥିପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ରୋଗ ମୁଖ୍ୟତଃ ଶିଶୁଙ୍କଠାରେ ଦେଖାଯାଉଥିବାବେଳେ ଏକ ଟିକା ଦ୍ୱାରା ପ୍ରତିରୋଧ କରାଯାଇପାରୁଛି। ତେଣୁ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ଏକ ଇମ୍ୟୁନାଇଜେଶନ୍ ବିଶେଷଜ୍ଞ ଦଳ କୋରାପୁଟ ଗସ୍ତକରି ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍ପିଟାଲ୍‌ର ଶିଶୁରୋଗ ଏବଂ ପିଏସ୍‌ଏମ୍ ବିଶେଷଜ୍ଞ ଦଳକୁ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକସ୍ଥଳେ ସେମାନଙ୍କୁ ଟିକା ଦେବାର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଡିପ୍‌ଥେରିଆ ଦେଖାଯାଇଥିବା ଅଞ୍ଚଳରେ ସେବା ଯୋଗାଉଥିବା ଚିକିତ୍ସକ ଦଳଙ୍କୁ ସହଯୋଗ କରିବା, ରୋଗର ବିସ୍ତାରକୁ ରୋକିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମର ଯୁଗ୍ମ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ଏକ ତ୍ୱରିତ ପ୍ରତିକ୍ରିୟା ଦଳ ମାଲକାନଗିରି ଜିଲାକୁ ଗସ୍ତ କରିଛି। ଏହି ଦଳ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବ। ଏହି ରୋଗ ଲୋକଲୋଚନକୁ ଆସିବା ପରେ ଜିଲା ଓ ବ୍ଲକ୍‌ର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନେଇ ଗଠିତ ତ୍ୱରିତ ପ୍ରତିକ୍ରିୟା ଦଳ ରୋଗୀଙ୍କ ଚିକିତ୍ସା କରୁଛି। ଏନେଇ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ପ୍ରଶାସନକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ସିଟି ହସ୍ପିଟାଲରେ ସ୍କ୍ରବ୍ ଟାଇଫସ୍ ରୋଗୀ

କଟକ,୨୭।୯(ଶିଲ୍ପା ପ୍ରିୟଦର୍ଶିନୀ)

କଟକରେ ସ୍କ୍ରବ୍ ଟାଇଫସ୍ ରୋଗକୁ ନେଇ ଚିନ୍ତା ବଢିଛି। କିଛିଦିନ ତଳେ ନିଆଳି ଅଞ୍ଚଳର ଜଣେ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହାଛଡା କଟକ ସହର ସମେତ ଉପକଣ୍ଠରେ ୨ ଜଣ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ନରାଜ ଅଞ୍ଚଳର ଜଣେ ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ବା ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଆକ୍ରାନ୍ତ ଜଣଙ୍କ କଟକ ମେରିଆ ବଜାର ଅଞ୍ଚଳର ୬ ବର୍ଷୀୟ ଶିଶୁ ଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ନନ୍ଦନକାନନରୁ ୨ କୃଷ୍ଣସାର ମୃଗ ବାଲୁଖଣ୍ଡ ଗଲେ

ତ୍ରିଶୂଳିଆ,୨୭।୯(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଶୁକ୍ରବାର ୨ଟି କୃଷ୍ଣସାର ମୃଗ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟକୁ ପଠାଯାଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ କିଛିଦିନ ମଧ୍ୟରେ ଯଥାକ୍ରମେ ୧୩ଟି ଓ ୧୦ଟିକୁ ମିଶାଇ ୨୩ଟି କୃଷ୍ଣସାର ମୃଗଙ୍କୁ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟକୁ ପଠାଯାଇଥିଲା। ଶୁକ୍ରବାର ଆଉ ୨ଟି ମୃଗଙ୍କୁ ମିଶାଇ ମୋଟ ୨୫ ମୃଗ ବାଲୁଖଣ୍ଡ ପଠାଯାଇଛି।

# ୭ ଜିଲାର ସ୍ଥାୟୀ ବିକାଶ ପାଇଁ ଖସଡ଼ା ପ୍ରସ୍ତୁତ




ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ବାର୍ଷିକୋତ୍ସବରେ ଅତିଥିମାନେ ଦକ୍ଷିଣାବର୍ତ୍ତର ଏକାଦଶ ସଂକଳନ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ବାର୍ଷିକୋତ୍ସବ ତଥା ସାଧାରଣ ଅଧିବେଶନ ଶୁକ୍ରବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ୭ଜିଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କନ୍ଧମାଳ, ଗଜପତି ଓ ଗଞ୍ଜାମକୁ ନେଇ ଏହି ପରିଷଦ ଗଠିତ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମୁନା ଖାଁ ଯୋଗଦେଇ ଦକ୍ଷିଣ ଓଡିଶାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ। ପରିଷଦର ସମସ୍ତ ଦାବି ଓ ପ୍ରସ୍ତାବ ସରକାର ମାନିନେବେ ଏବଂ ସହଯୋଗ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ କହିଲେ, ବିକାଶ କ୍ଷେତ୍ରରେ କୌଣସି ପ୍ରକାର ପାତର ଅନ୍ତରକୁ ବରଦାସ୍ତ କରାଯିବ ନାହିଁ। ଏସ୍‌କେସିଜି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଘୋଷଣା ଓ କ୍ରୀଡା କମ୍ପ୍ଲେକ୍ସ ନିର୍ମାଣ ପାଇଁ ସେ ସରକାରଙ୍କ ନିକଟରେ ମତ ରଖିବେ। ପୋଲଭରମ ଓ କୁଟିଆ ଉପରେ ବିଧାନସଭାରେ ଲଢେଇ ଜାରି ରହିବ ବୋଲି ସେ କହିଛନ୍ତି। ପରିଷଦ ସଭାପତି ଭୃଗୁ ବକ୍ସିପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ, ଗୋପାଳପୁର ବନ୍ଦର ଅନ୍ତର୍ଜାତୀୟ ବୃହତ୍ ବନ୍ଦର ହେବ ଏହା ସୌଭାଗ୍ୟର କଥା, କିନ୍ତୁ ଏଠାରେ ଦକ୍ଷିଣ ଓଡିଶାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ବନ୍ଦର ପାଇଁ ଦକ୍ଷିଣ ଓଡ଼ିଶାର ପରିବେଶ ଉପରେ ଯେପରି କୁପ୍ରଭାବ ନ ପଡିବ ସେନେଇ କହିଥିଲେ। ସଙ୍ଗଠନର ସମ୍ପାଦକ ଇଂ. ବିପିନ ବିହାରୀ ପଣ୍ଡା, ଦକ୍ଷିଣାବର୍ତ୍ତର ସମ୍ପାଦକ ସ୍ୱଦେଶ ସୁନ୍ଦର ପଟ୍ଟନାୟକ ମଞ୍ଚରେ ମଞ୍ଚାସୀନ ଥିଲେ।

### ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ବାର୍ଷିକୋତ୍ସବ

ଅତିଥିଙ୍କ ଦ୍ୱାରା ଦକ୍ଷିଣାବର୍ତ୍ତର ଏକାଦଶ ସଂକଳନ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶର ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯାଇ ଏକ ସ୍ଥାୟୀ ବିକାଶର ଖସଡା ପ୍ରସ୍ତୁତ କରାଯାଇଛି। ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ପ୍ରଫେସର ତଥା ପରିବେଶ ବିତ୍ ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଦ୍ୱାରା ଆଗାମୀ ୨ବର୍ଷ ପାଇଁ ପରିଷଦର ସାଙ୍ଗଠନିକ ନିର୍ବାଚନ ହୋଇଥିଲା। ସଭାପତି ଭାବେ ଭୃଗୁ ବକ୍ସିପାତ୍ର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ବିପିନ ବିହାରୀ ପଣ୍ଡା, ସମ୍ପାଦକ ବି.ସୀତାରାମ ପାତ୍ର, କୋଷାଧ୍ୟକ୍ଷ ରାଜକିଶୋର ପାଣିଗ୍ରାହୀ ଓ ଯୁଗ୍ମ ସମ୍ପାଦକ ଭାବେ ଉମାକାନ୍ତ ପାତ୍ର ଏବଂ ୧୦ଜଣ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଉମାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଭାରାଣୀ



@ ଗୋପୀନାଥ



@ ରାକେଶ



@ ଭାଗ୍ୟଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ପୂର୍ବତଟ ରେଳପଥର ଗୁରୁତ୍ୱ

ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)

ଭାରତ ସରକାରଙ୍କ ସରକାରୀ ଭାଷା ନୀତି ଅନୁଯାୟୀ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷା ବ୍ୟବହାରକୁ ପୂର୍ବତଟ ରେଳପଥ ଗୁରୁତ୍ୱ ଦେଉଛି। ଭୁବନେଶ୍ୱରସ୍ଥିତ ଏହାର ମୁଖ୍ୟାଳୟ ରେଳ ସଦନଠାରେ ରାଜଭାଷା ପକ୍ଷ ପାଳନ ଅବସରରେ ଦୈନନ୍ଦିନ ଦପ୍ତରି କାର୍ଯ୍ୟରେ ହିନ୍ଦୀ ଭାଷା ବ୍ୟବହାର ବୃଦ୍ଧି କରାଇବା ପାଇଁ ଉଭୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି। ଆୟୋଜିତ ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କହିଲେ, ସରକାରୀ ନଥିପତ୍ରର ପ୍ରାଥମିକ ଧାରା ଭାବରେ ହିନ୍ଦୀ ବ୍ୟବହାର ଦ୍ୱାରା ଏହାର ପ୍ରଚାର ଓ ପ୍ରସାର କରାଯାଇପାରିବ। ଅଧିକାରୀ ଓ କର୍ମଚାରୀମାନେ ହିନ୍ଦୀରେ ସରକାରୀ ନୋଟ୍ ଓ ଚିଠି ଲେଖିବା ଉପରେ ପ୍ରାଧାନ୍ୟ ଦେବା ଉଚିତ। ତେବେ ସରକାରୀ କାର୍ଯ୍ୟରେ ହିନ୍ଦୀ ପ୍ରଚାରକୁ ତଦାରଖ ଓ ପ୍ରସାର କରିବା ପାଇଁ ଷ୍ଟେଶନ ଏବଂ ମଣ୍ଡଳ ସ୍ତରୀୟ ୟୁନିଟ୍‌ଗୁଡିକର ନିୟମିତ ଯାଞ୍ଚ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ରେଳପଥର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା, ବିତର୍କ, କ୍ଷୁଦ୍ରଗଳ୍ପ ଲେଖା ଏବଂ ନୋଟିଙ୍ଗ ଆଣ୍ଡ୍ ଡ୍ରାଫ୍ଟିଙ୍ଗ ପ୍ରତିଯୋଗିତାଗୁଡିକ ହିନ୍ଦୀରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଫୁଙ୍କୱାଲ ପ୍ରତିଯୋଗୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କାର ବିତରଣ କରିଥିଲେ। ବୈଠକରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ପ୍ରମୁଖ ରାଜଭାଷା ଅଧିକାରୀ ଏବଂ ପ୍ରମୁଖ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଆଲୋକ ସହାୟଙ୍କ ସମେତ ରେଳପଥର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପମୁଖ୍ୟ ରାଜଭାଷା ଅଧିକାରୀ ତଥା ଉପମୁଖ୍ୟ ଇଞ୍ଜିନିୟର ଆଶୁତୋଷ କୁମାର ଶୁକ୍ଳା ଏବଂ ରାଜଭାଷା ଅଧିକାରୀ ୟଳିନା ପଣ୍ଡା ସଂଯୋଜନା କରିଥିଲେ।



ରେଳ ସଦନଠାରେ ରାଜଭାଷା ପକ୍ଷ ପାଳନ ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟମାନେ।

# ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରିଲେ ସରପଞ୍ଚ

ବଉଣ୍ଡା ୨୭।୯ (ପରିକ୍ଷିତ ସାହୁ)

- **ପିସି ନ ଦେଲେ ହେଉନି ବିଲ୍**
- **ଭିଡିଓ ଭାଇରାଲ ପରେ ଚର୍ଚ୍ଚା**
- **ବିଲ୍ ବକେୟା ନ ଥିବା କହିଲେ ସହକାରୀ ଯନ୍ତ୍ରୀ**

ପିସି ନ ଦେଲେ ହେଉନି ବିଲ୍ ପାସ୍। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କ ବିରୋଧରେ ଏପରି ଗୁରୁତର ଅଭିଯୋଗ କରିଛନ୍ତି କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି। ଏପରି କି ଏହି ବିଲ୍ ପାସ୍ ପାଇଁ ସେ ସହକାରୀ ଯନ୍ତ୍ରୀ ଶତପଥୀଙ୍କ ଗୋଡ଼ ଧରୁଥିବାର ଏକ ଭିଡିଓ ଶୁକ୍ରବାର ଭାଇରାଲ ହୋଇଛି। ଫଳରେ ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଉକ୍ତ ପଞ୍ଚାୟତର କୌଣସି ବିଲ୍ ବକେୟା ନ ଥିବା ସହକାରୀ ଯନ୍ତ୍ରୀ ଶତପଥୀ କହିଛନ୍ତି।

ଭାଇରାଲ ଭିଡିଓରେ ସରପଞ୍ଚ କ୍ଷେତି ଅଭିଯୋଗ କରିଛନ୍ତି, ଆଠମଲ୍ଲିକ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ବିନା ପିସିରେ ବିଲ୍ କରୁ ନାହାନ୍ତି। କୁଦଗାଁ ପଞ୍ଚାୟତରେ ବହୁ ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ହୋଇନାହିଁ। ଚନ୍ଦ୍ରପୁର ଗାଁ ମୁଣ୍ଡ ଠାରୁ ପିଢ଼ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୮ ଲକ୍ଷ ୧୦ ହଜାର ଟଙ୍କା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଟକଳ କରାଯାଇଥିଲା। ପ୍ରାୟ ଦେଢ଼ ଲକ୍ଷ ଟଙ୍କାର କାର୍ଯ୍ୟ ଶ୍ରମିକମାନେ କରିଥିଲେ ମଧ୍ୟ ମାତ୍ର ୬୫ ହଜାର ଟଙ୍କା ବିଲ୍ ହୋଇଛି। ପିସି ନ ଦେବାରୁ ସେହି କାର୍ଯ୍ୟକୁ ସମାପ୍ତି କରି ଦିଆଯାଇଛି। ସେହିପରି ଲାଉପାଳ ମନ୍ଦିର ପାର୍ଶ୍ୱ ଡବ୍ଲ୍ୟୁଡିସି ରାସ୍ତା ଠାରୁ କାନପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ୫ ଲକ୍ଷ ଟଙ୍କା ଅଟକଳ ହୋଇଥିଲା। ପ୍ରାୟ ୧ ଲକ୍ଷ ୬୦ ହଜାର ଟଙ୍କାର କାର୍ଯ୍ୟ ଶ୍ରମିକମାନେ କରିଥିବା ବେଳେ ମାତ୍ର ୩୫ ହଜାର ଟଙ୍କାର ବିଲ୍ ହୋଇଛି। ତେଣ୍ଟେଇପାଲି ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରାୟ ୩ ଲକ୍ଷ ଟଙ୍କାର କାମ ହୋଇଥିବା ବେଳେ ୨ ଲକ୍ଷ ୨୦ ହଜାର ଟଙ୍କାର ବିଲ୍ ହୋଇଛି। ପର୍ଯ୍ୟାୟକ୍ରମେ ପିସି ଦେଇ ନ ଥିବାରୁ ଅବଶିଷ୍ଟ ବିଲ୍ କରାଯାଇ ନାହିଁ। ଏଥିସହ ସମସ୍ତ ପ୍ରକଳ୍ପକୁ ଅଧାରୁ ବନ୍ଦ କରାଯାଇଛି। ଏହି କାମରେ ନିୟୋଜିତ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇଁ ସରପଞ୍ଚଙ୍କ ନିକଟକୁ ଧାଉଁଥିବାରୁ ସେ ବିଲ୍ ପାସ୍ କରାଇ ଦେବାକୁ ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରିଛନ୍ତି। ସେ ଏକ ରାଜନୈତିକ ଦଳରେ କାମ କରୁଥିବା ଯୋଗୁ ବିଲ୍ କରା ନ ଯାଇ ହଇରାଣ କରାଯାଉଛି। ବାରମ୍ବାର ଆପତ୍ତି ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସରପଞ୍ଚ କ୍ଷେତି ଅଭିଯୋଗ କରିଛନ୍ତି। ତେବେ ଏପରି ଅଭିଯୋଗ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଶତପଥୀ କହିଛନ୍ତି, କୁଦଗାଁ ପଞ୍ଚାୟତର କୌଣସି ବିଲ୍ ବକେୟା ନାହିଁ। ତେବେ ବିଭିନ୍ନ ପ୍ରକଳ୍ପ କାହିଁକି ଅଧାରୁ ବନ୍ଦ କରାଗଲା ସେ ପ୍ରଶ୍ନରେ କୌଣସି ଉତ୍ତର ରଖିନାହାନ୍ତି ସହକାରୀ ଯନ୍ତ୍ରୀ।



ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରୁଛନ୍ତି ସରପଞ୍ଚ।

# ଗ୍ରାମାଞ୍ଚଳରେ ୨.୫ %, ସହରାଞ୍ଚଳରେ ୫.୧% ବେକାରି ହାର

ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ୨୦୨୩ ଜୁଲାଇରୁ ୨୦୨୪ ଜୁନ୍ ପର୍ଯ୍ୟନ୍ତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ (ପିଏଲ୍‌ଏଫ୍‌ଏସ୍)ର ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦେଶରେ ବେକାରି ସମସ୍ୟା ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହୋଇଥିବାବେଳେ କୋଭିଡ୍-୧୯ ମହାମାରୀ ସମୟରେ ଏହାର ହାର ବୃଦ୍ଧି ପାଇଥିଲା ବୋଲି ଦର୍ଶାଯାଇଛି। ତେବେ ୧୫ ବର୍ଷରୁ ଅଧିକ ବୟସର ପୁରୁଷଙ୍କ କ୍ଷେତ୍ରରେ ବେକାରି ହାର ୨୦୨୨-୨୩ରେ ୩.୩% ଥିବାବେଳେ୨୦୨୩-୨୪ରେ ୩.୨ ପ୍ରତିଶତକୁ ହ୍ରାସ ପାଇଛି। ଏହି ହାର ୨୦୧୭-୧୮ରେ ୬.୧ ଥିବାବେଳେ ୨୦୨୩-୨୪ରେ ୩.୨%କୁ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ବେକାରି ହାର ୨୦୨୨-୨୩ରେ ୧.୮% ରୁ ୨୦୨୩-୨୪ରେ ୨.୧ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ପୁରୁଷଙ୍କ ପାଇଁ ଏହା ୨.୭ ପ୍ରତିଶତରେ ରହିଛି। ସମସ୍ତ ଲୋକଙ୍କ ପାଇଁ ଗ୍ରାମାଞ୍ଚଳରେ ଏହି ହାର ସାମାନ୍ୟ ବୃଦ୍ଧି ପାଇ ୨୦୨୩-୨୪ରେ ଗତ ବର୍ଷ ୨.୪ ପ୍ରତିଶତରୁ ୨.୫ ପ୍ରତିଶତକୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ବେକାରି ହାର ୨୦୧୭-୧୮ରେ ୫.୩ ପ୍ରତିଶତ ଥିବାବେଳେ ୨୦୨୩-୨୪ ରେ ୨.୫ ପ୍ରତିଶତକୁ ହ୍ରାସ ପାଇଛି। ସହରାଞ୍ଚଳରେ ଏହା ୭.୭ ପ୍ରତିଶତରୁ ୫.୧ ପ୍ରତିଶତକୁ ହ୍ରାସ ପାଇଛି। ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ କ୍ଷେତ୍ରରେ ଡବ୍ଲୁପିଆର୍ ୫୬ ପ୍ରତିଶତରୁ ୫୮.୨ ପ୍ରତିଶତକୁ ବୃଦ୍ଧି ପାଇଛି। ପୁରୁଷଙ୍କ କ୍ଷେତ୍ରରେ ଏହା ଗତ ବର୍ଷ ୭୬% ଥିବାବେଳେ ୨୦୨୩-୨୪ ରେ ୭୬.୩ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୨୨-୨୩ ମସିହାରେ ମହିଳାମାନଙ୍କ କ୍ଷେତ୍ରରେ ଏହି ହାର ୩୫.୯%ରୁ ୪୦.୩%କୁ ବୃଦ୍ଧି ପାଇଥିବା ରିପୋର୍ଟରେ ପ୍ରକାଶ ପାଇଛି।

# ଅନ୍ୟ ଜାତିରେ ବିବାହ କରିଥିବାରୁ ଛୁଇଁଲେନି ମୃତଦେହ

ଅମରପାଲି,୨୭।୯(ପୀତାମ୍ବର ସାହୁ)

ଅନ୍ୟ ଜାତିରେ ବିବାହ ଯୋଗୁ ମୃତ୍ୟୁ ପରେ କେହି ତାଙ୍କୁ ଛୁଇଁଲେନାହିଁ। ସ୍ୱେଚ୍ଛାସେବୀମାନେ ମୃତଦେହକୁ ନେଇ ଅନ୍ତିମ ସତ୍କାର କରିଛନ୍ତି। ଏହା ଘଟିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଟିଙ୍ଗିରାନାଲି ଗ୍ରାମରେ। ଗ୍ରାମର ସୁମିତ୍ରା ପଧାନ (୮୫) ଗୁରୁବାର ସକାଳୁ ମୃତ୍ୟୁବରଣ କରିଥିଲେ। ଜାତିପ୍ରଥା ଯୋଗୁ ତାଙ୍କୁ ଜାତି ସମାଜରୁ ବାସନ୍ଦ କରାଯାଇଥିଲା। ବୃଦ୍ଧା ମାହାର ଜାତିର ହୋଇଥିବାବେଳେ ସ୍ୱାମୀ ବେଦ ପ୍ରଧାନ ତମଲା ଜାତିର। ମାର୍ଚ୍ଚ ୨୭ରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ସ୍ୱେଚ୍ଛାସେବୀ ମଧ୍ୟ ତାଙ୍କର ସତ୍କାର କରିଥିଲେ।

# ପୁଣି ମଞ୍ଜୁଲିକା ଭାବେ ଜଲୱା ଦେଖାଇବେ ବିଦ୍ୟା

**ମୁମ୍ବାଇ:** ସ୍ତ୍ରୀ ଦେଶରେ ହରର କମେଡି ଫିଲ୍ମର କ୍ରେଜ୍ ଚାଲିଛି। ଏହାରି ମଧ୍ୟରେ ଶୁକ୍ରବାର ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'ଭୁଲ୍ ଭୁଲୈୟା ୩'ର ଟିଜର ରିଲିଜ୍ ହୋଇଛି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ସୋସିଆଲ ମିଡିଆରେ ୧ ମିନିଟ ୪୬ ସେକେଣ୍ଡ ବିଶିଷ୍ଟ ଏହି ଟିଜରକୁ ଜାରି କରାଯାଇଛି। ଏକ ସିଂହାସନ ଦୃଶ୍ୟରୁ ଏହି ଟିଜର ଆରମ୍ଭ ହୋଇଛି। ଏଥିରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କର ଏକ ଭଏସ୍ ଓଭର ରହିଛି, ଯେଉଁଥିରେ ସେ କହୁଛନ୍ତି, କ'ଣ ଲାଗୁଛି କାହାଣୀ ଶେଷ ହୋଇଗଲା। କବାଟ ତ ବନ୍ଦ ହୋଇଥାଏ, ଦିନେ ନା ଦିନେ ପୁଣି ଖୋଲିବା ପାଇଁ। ଏହାପରେ ମଞ୍ଜୁଲିକା ଚରିତ୍ରରେ ବିଦ୍ୟା ବଲାନ ଏକ ଭୟଙ୍କର ଅବତାରରେ ନଜରକୁ ଆସିଛନ୍ତି। ସେ ଗୋଟିଏ ହାତରେ ଏକ ସିଂହାସନ ଉଠାଇବା ସହ କାହିଁକି ତାଙ୍କଠାରୁ ସିଂହାସନ ଛଡାଇ ଦିଆଯାଇଛି ବୋଲି କ୍ରୋଧରେ ପ୍ରଶ୍ନ କରୁଛନ୍ତି। ଏହି ହରର ଦୃଶ୍ୟକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। 'ଭୁଲ୍ ଭୁଲୈୟା' ଫିଲ୍ମ ପରେ ପୁଣିଥରେ ମଞ୍ଜୁଲିକା ଚରିତ୍ରରେ ବିଦ୍ୟାଙ୍କ ଜଲୱା ଦେଖିବାକୁ ମିଳିବ ବୋଲି ଏହି ଟିଜର ଦେଖିସାରିବା ପରେ ତାଙ୍କ ପ୍ରଶଂସକମାନେ ଆଶା ବାନ୍ଧି ବସିଛନ୍ତି। ଏହାପରେ ଉକ୍ତ ଟିଜରରେ କାର୍ତ୍ତିକ ତାଙ୍କ ରୁହ୍ ବାବା ଅବତାରରେ ନଜରକୁ ଆସିଛନ୍ତି। ସେ କହୁଛନ୍ତି, ଯେଉଁମାନେ ଭୂତମାନଙ୍କୁ ଭୟ କରନ୍ତି ସେମାନେ ମୂର୍ଖ ନୁହଁ ତ ଆଉ କ'ଣ। ଏହି ଟିଜରରେ ଅଭିନେତ୍ରୀ ତୃପ୍ତି ଡିମ୍ରି କାର୍ତ୍ତିକଙ୍କ ପ୍ରେମିକା ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ରାଜପାଲ ଯାଦବ, ସଞ୍ଜୟ ମିଶ୍ର ଏବଂ ଅଶ୍ୱିନୀ କାଲ୍‌ସେକରଙ୍କୁ ମଧ୍ୟ ଉକ୍ତ ଟିଜରରେ ଦେଖିବାକୁ ମିଳିଛି। ଟିଜରର ବ୍ୟାକ୍‌ଗ୍ରାଉଣ୍ଡରେ ଲୋକପ୍ରିୟ ଟ୍ରାକ୍ 'ଆମି ଜେ ତୋମାର' ବ୍ୟବହାର କରାଯାଇଛି, ଯାହା ଫିଲ୍ମ ପ୍ରତି ପ୍ରଶଂସକଙ୍କୁ ଆକୃଷ୍ଟ କରିଛି। ସୋସିଆଲ ମିଡିଆରେ 'ଭୁଲ ଭୁଲୈୟା ୩'ର ଟିଜରକୁ ଜବରଦସ୍ତ ପ୍ରତିକ୍ରିୟା ମିଳିଛି। ଏହି ଟିଜର ଦେଖିବା ପରେ ପ୍ରଶଂସକଙ୍କ ମଧ୍ୟରେ ଫିଲ୍ମକୁ ନେଇ କ୍ରେଜ୍ ବୃଦ୍ଧି ପାଇବାରେ ଲାଗିଛି।



ପ୍ରଥମ ପୃଷ୍ଠାରୁ...

## ଥାନାରୁ ଗେଟ୍ ଆଉଟ ...

କରିବାକୁ ଡାକି ନେଇଥିଲେ। ପରେ ଆନ୍ଦୋଳନକାରୀଙ୍କ ସହ ସେ ମଧ୍ୟ ଥାନାକୁ ଯାଇଥିଲେ। ତେବେ ସେଠାରେ ଥାନା ଅଧିକାରୀ ତାଙ୍କୁ ଦେଖି ଉତ୍କ୍ଷିପ୍ତ ହୋଇଉଠିଥିଲେ । ଦୁର୍ବ୍ୟବହାର କରିବା ସହ ଥାନାରୁ ଗେଟଆଉଟ ବୋଲି କହିଥିଲେ। ଏହାର ପ୍ରତିବାଦ କରି ଆନ୍ଦୋଳନକାରୀମାନେ ଥାନା ସମ୍ମୁଖରେ ଧାରଣାରେ ବସିବା ସହ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ସହ ଥାନାରେ ହୋଇଥିବା ବ୍ୟବହାର ସହ ଅନ୍ୟ ଏକ ସମୟରେ ରାଜ୍ୟର ମନ୍ତ୍ରୀ ଥିବା ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଜଣେ ଜିଲାପାଳ କିଭଳି ବସିବାକୁ ଚେୟାରଟିଏ ବି ଦେଇ ନ ଥିଲେ ତାହାର ଉଦାହରଣ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପଛାଇ ନାହାନ୍ତି।

## ଅନାହାରରେ ଆଖି ...

ଯୋଜନା କରିଛନ୍ତି। ଏଥିରେ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ତଥାପି ଅନେକ ଅସହାୟଙ୍କ ପାଖରେ ସେହି ସବୁ ଯୋଜନାର ସୁଫଳ ପହଞ୍ଚିପାରୁନାହିଁ। ସରକାର ଓ ଅସହାୟଙ୍କ ମଧ୍ୟରେ ସେତୁ ସାଜିଥିବା ପ୍ରଶାସନ ଯୋଜନାର ସଫଳ କାର୍ଯ୍ୟକାରିତାରେ ଆନ୍ତରିକତା ଦେଖାଉନାହିଁ। ଫଳରେ ଭୋକ ଓ ରୋଗରେ ଲୋକଙ୍କ ଜୀବନ ଚାଲିଯାଉଛି। ଭୋକ ଉପାସରେ ଆରତୀଙ୍କ ମୃତ୍ୟୁ ପରେ ତାଙ୍କ ୮ ବର୍ଷୀୟା ଝିଅ ବେସାହାରା ହୋଇଯାଇଛନ୍ତି। ମୃତଦେହ ୨୪ ଘଣ୍ଟା ହେବ ଘରେ ପଡ଼ିରହିଥିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ ନ ଆସିବାରୁ ଖବରପାଇ ମାହାଙ୍ଗା ଭାଜପା ନେତା ସୁମନ୍ତ ଘଡେଇ ଘଟଣାସ୍ଥଳରେ ପହଞ୍ଚି କଟକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଶୁକ୍ରବାର ରାତି ପ୍ରାୟ ୮ଟା ୩୦ବେଳେ ବିଡିଓ ବିରଞ୍ଚି ନାରାୟଣ ମଲ୍ଲିକ, ତହସିଲଦାର ଅନିତା ନାୟକ, ଆଇଆଇସି ଯୁଗଳକିଶୋର ଦାସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ବିଡିଓଙ୍କୁ ଘେରାବନ୍ଦୀ କରି କାହିଁକି ଆରତୀଙ୍କୁ ଠିକ୍ ସମୟରେ ପ୍ରଶାସନିକ ସହାୟତା ମିଳିଲାନି ବୋଲି ପ୍ରଶ୍ନ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯାଇଥିବାବେଳେ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ମୁକୁନ୍ଦପୁର ଗ୍ରାମରେ ଦୀର୍ଘବର୍ଷ ହେବ ଅଶୋକ ଓ ୨ ନାବାଳିକା କନ୍ୟାଙ୍କ ସହ ଆରତୀ ରହି ଆସୁଥିଲେ। ଅଶୋକ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ। ପ୍ରାୟ ୪ ବର୍ଷ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କୌଣସି ଜମିବାଡ଼ି ନ ଥିବାରୁ ପରିବାର ଲୋକେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯାଇଥିଲେ। ଏଭଳିସ୍ଥିତିରେ ତାଙ୍କର ଜଣେ ନାବାଳିକା ଅନ୍ତଃସତ୍ତ୍ୱା ହେବା ଯୋଗୁ ପ୍ରଶାସନ ତରଫରୁ ତାଙ୍କୁ ବସୁନ୍ଧରାରେ ଥଇଥାନ କରାଯାଇଥିଲା। ନିକଟରେ ସମ୍ପୃକ୍ତା ନାବାଳିକା ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ଅପରପକ୍ଷେ ଆରତୀ ଓ ସାନ ଝିଅ ଗ୍ରାମରେ ଜଣକ ଘରେ ଭଡ଼ାସୂତ୍ରରେ ରହି ଆସୁଥିଲେ। ତେବେ ଆର୍ଥିକ ଅନଟନ ଯୋଗୁ ମା'ଝିଅ ପେଟକୁ ଦାନା ଓ ଦେହକୁ ଖଣ୍ଡେ କନା ଠିକ୍ ଭାବେ ପାଇପାରୁ ନ ଥିଲେ। ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ବିଧବା ଭତ୍ତା ଓ ୩ ଜଣଙ୍କ ନିମନ୍ତେ ମାଗଣା ଚାଉଳ ଯୋଗାଇ ଦିଆଯାଇଥିଲା। ସେତିକିରେ ଗୁଜୁରାଣ ମେଣ୍ଟୁ ନ ଥିଲେ ମଧ୍ୟ ବହୁ ଦୁଃଖକଷ୍ଟରେ ଚଳୁଥିଲେ। ତେବେ ବଡ଼ ଝିଅର ବିଚ୍ଛେଦ ଚିନ୍ତାରେ ଆରତୀ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗରେ କୌଣସି ମତେ ସାନଝିଅକୁ ବଞ୍ଚାଇ ରଖିଥିଲେ। ଗତ କିଛି ଦିନ ହେବ ଆରତୀ ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ଘରେ ପଡ଼ି ରହିଥିଲେ। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିଲା। ଏପରିକି ତାଙ୍କ ଖାଦ୍ୟ ପାନୀୟ ମଧ୍ୟ ଏକପ୍ରକାର ବନ୍ଦ ହୋଇଯାଇଥିଲା। ସେ ଘରେ ଉଠିବସି ପାରୁ ନ ଥିଲେ। ଗୁରୁବାର ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ତାଙ୍କ ସାନ ଝିଅ ଏବିଷୟରେ ଜାଣି ନ ପାରି ମା'ଶୋଇଛି, ଡାକିଲେ ଉଠୁନାହିଁ ବୋଲି ଗାଁ ଲୋକଙ୍କୁ ଜଣାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଘରକୁ ଯାଇ ଦେଖିଲା ପରେ ଆରତୀଙ୍କ ମୃତ୍ୟୁ ସମ୍ପର୍କରେ ଜଣାପଡ଼ିଥିଲା। ତାଙ୍କ ଦେହରେ ପିମ୍ପୁଡି ଧାର ଲାଗିଥିବା ବେଳେ ଘରୁ ପଚାଗନ୍ଧ ମଧ୍ୟ ବାହାରୁ ଥିଲା। ଏନେଇ ସ୍ଥାନୀୟ ସରପଞ୍ଚ ଜୟଦେବ ରାଉତ, ୱାର୍ଡସଭ୍ୟ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସରପଞ୍ଚ ରାଉତ ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର, ବିଡିଓ ଏବଂ ସିଡିପିଓ ଓ ଥାନା ଆଇଆଇସିଙ୍କୁ ଅବଗତ କରାଇଥିଲେ ମଧ୍ୟ ଘଟଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସିବା ତ ଦୂରର କଥା ଏହା ଉପରେ କୌଣସି ପଦକ୍ଷେପ ମଧ୍ୟ ନେଇ ନ ଥିଲେ। ରିପୋର୍ଟ ଲେଖାହେଲାବେଳକୁ ଘରେ ମୃତଦେହ ପଡ଼ିରହିଥିଲା। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ପ୍ରଶାସନ ଅଧିକାରୀ ସେଠାରେ ପହଞ୍ଚିଛନ୍ତି। ଶନିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମୃତଦେହ ଉଠି ନ ଥିବାରୁ ସ୍ଥାନୀୟ ରାଧାକାନ୍ତ ଜୀଉଙ୍କ ନୀତିକାନ୍ତି ବନ୍ଦ ରହିଛି। ଅପରପକ୍ଷେ ବସୁନ୍ଧରାରେ ଥିବା ଆରତୀଙ୍କ ବଡ଼ ଝିଅ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ସରପଞ୍ଚ ସାନଝିଅକୁ ମଧ୍ୟ ବଡ଼ ଭଉଣୀଙ୍କ ସାଙ୍ଗରେ ସେଠାକୁ ପଠାଇବା ପାଇଁ ତହସିଲଦାରଙ୍କୁ ନିବେଦନ କରିବା ପରେ ଉଭୟ ଭଉଣୀ ବସୁନ୍ଧରାକୁ ଚାଲିଯାଇଛନ୍ତି। ସୂଚନାଯୋଗ୍ୟ, ଏ ସମ୍ପର୍କରେ ଧରିତ୍ରୀରେ ସେପ୍ଟେମ୍ବର ୧୬ରେ 'ଅନାହାରରେ ବିତୁଛି ମା' ଝିଅଙ୍କ ଜୀବନ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଚିକିତ୍ସା ଅଭାବ ଓ ଅନାହାର କାରଣରୁ ଅକାଳରେ ଆରତୀ ଆଖିବୁଜିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ତରଫରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ଖଣି ବିରୋଧୀ କର୍ମୀ କାର୍ତ୍ତିକ ନାୟକଙ୍କ ଗିରଫକୁ ନିନ୍ଦା

ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)

ଦକ୍ଷିଣ ଓଡ଼ିଶାରେ ବକ୍ସାଇଟ ଖନନକୁ ବିରୋଧ କରିଥିବା କାର୍ତ୍ତିକ ନାୟକଙ୍କ ଗିରଫକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଦୃଢ଼ ନିନ୍ଦା କରାଯାଇଛି। ଘଟଣା ଅନୁସାରେ ଗତ ୧୯ ତାରିଖରେ କାଶୀପୁର ପୋଲିସ ୩୦ ବର୍ଷୀୟ କାର୍ତ୍ତିକଙ୍କୁ ଗିରଫ କରିବା ସହ କାଶୀପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଏହା ପରେ ତାଙ୍କୁ ରାୟଗଡ଼ା ସବ୍ ଜେଲକୁ ପଠାଇ ଦିଆଯାଇଥିଲା। ଏନେଇ ତିଜିମାଲି ଅଞ୍ଚଳର ୧୦୦୦ରୁ ଅଧିକ ଗ୍ରାମବାସୀ ତାଙ୍କୁ ମୁକ୍ତ କରିବା ଦାବିରେ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ୨୦୦ ଜଣ ଗ୍ରାମବାସୀଙ୍କ ବିରୋଧରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ କାର୍ତ୍ତିକ ନାୟକଙ୍କୁ ତୁରନ୍ତ ମୁକ୍ତ କରିବା ସହ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଲୋକଙ୍କ ଦ୍ୱାରା ଆୟୋଜିତ ଗ୍ରାମସଭାର ସଂକଳ୍ପକୁ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ବକ୍ସାଇଟ୍ ଖନନକୁ ବିରୋଧ କରୁଥିବା ସମସ୍ତ ଲୋକଙ୍କ ବିରୋଧରେ ବିଚାରାଧୀନ ମାମଲା ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। କାର୍ତ୍ତିକ ନିଜର ପ୍ରତିକ୍ରିୟାରେ କହିଛନ୍ତି, ପାହାଡ଼ ଓ ଜଙ୍ଗଲକୁ ଖଣି ଖନନରୁ ରକ୍ଷା କରିବା ପାଇଁ ଜେଲର ସମ୍ମୁଖୀନ ହେବା ସହ ଜୀବନ ବଳିଦେବାକୁ ପ୍ରସ୍ତୁତ।

ସୂଚନା ଥାଉକି, ତିଜିମାଲି, କୁଟ୍ରୁମାଲି ଓ ମାଝିଙ୍ଗମାଲି ଅଞ୍ଚଳ ରାୟଗଡ଼ା ଜିଲାର କାଶୀପୁର ଓ କଳାହାଣ୍ଡି ଜିଲାର ଥୁଆମାଳ ରାମପୁର ବ୍ଲକରେ ପରିବ୍ୟାପ୍ତ। ତିଜିମାଳି ଓ କୁଟ୍ରୁମାଲିର ବକ୍ସାଇଟ ଭଣ୍ଡାର ଯଥାକ୍ରମେ ବେଦାନ୍ତ ଓ ଆଦାନୀ ଗ୍ରୁପ୍‌କୁ ଲିଜ୍ ଦିଆଯାଇଥିବା ବେଳେ ଲୋକଙ୍କ ମତାମତ ଅଥବା ସହମତି ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରାମସଭା କିମ୍ବା ପଲ୍ଲିସଭା କରାଯିବା ପରିବର୍ତ୍ତେ କମ୍ପାନୀ ସପକ୍ଷରେ ଏକ ବାତାବରଣ ସୃଷ୍ଟି କରିବା ପାଇଁ ମୈତ୍ରୀ ନାମକ ବେଦାନ୍ତର ଏକ ଠିକା ସଂସ୍ଥା ଗତବର୍ଷ ପ୍ରାରମ୍ଭରେ ତିଜିମାଲିର ଗ୍ରାମଗୁଡ଼ିକରେ ବୁଲିବା ଆରମ୍ଭ କରିଥିଲା। ତେଣୁ ସେପ୍ଟେମ୍ବର ୨୦୨୩ରେ ପରିବେଶ ମଞ୍ଜୁରୀ ପାଇଁ ହୋଇଥିବା ଦୁଇଟି ଜନଶୁଣାଣି ହୋଇଥିଲା। ଏଥିରେ ବେଦାନ୍ତର ଖଣି ଖନନ ଯୋଜନାକୁ ଅଞ୍ଚଳବାସୀ ପ୍ରତ୍ୟାଖ୍ୟାନ କରିବା ସହ ଏହା ସେମାନଙ୍କ ଆରାଧ୍ୟ ଦେବତା ତିଜିରାଜଙ୍କ ବାସସ୍ଥଳୀ ଏବଂ ସେମାନଙ୍କ ଜୀବନ, ଜୀବିକା, ଝରଣା ଓ ସମଗ୍ର ବାସସ୍ଥାନ ଉପରେ ଖଣି ଖନନ କିପରି ପ୍ରତିକୂଳ ପ୍ରଭାବ ପକାଇବ ତାହା ଦର୍ଶାଇଥିଲେ। ସେମାନଙ୍କ ସାମ୍ବିଧାନିକ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ଲୋକମାନେ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ନିକଟକୁ ଏକ ନିବେଦନ ପତ୍ର ମଧ୍ୟ ପଠାଇଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚ ଲୋକମୁକ୍ତି ସଙ୍ଗଠନ, ଝାରସୁଗୁଡ଼ା, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି, ଭାରତୀୟ ଟ୍ରେଡ୍ ୟୁନିୟନ ସେଣ୍ଟର, ହ୍ୟୁମାନ ରାଇଟ୍ସ ଡିଫେଣ୍ଡର୍ସ ଆଲର୍ଟ ଇଣ୍ଡିଆ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନ ଭଳି ୩୦ରୁ ଅଧିକ ସଙ୍ଗଠନର ନେତୃବୃନ୍ଦ ଏବଂ ମାନବାଧିକାରୀ କର୍ମୀ ଓ ସାମାଜିକ କର୍ମୀ କାର୍ତ୍ତିକଙ୍କୁ ମୁକ୍ତକରିବା ପାଇଁ ଦାବି କରିଛନ୍ତି।


## ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

**ବିଜ୍ଞାପନ**

No.RR-15:ଏତଦ୍ୱାରା ଉର୍ଦ୍ଦୁ ସାହିତ୍ୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଯେଉଁ ଛାତ୍ରଛାତ୍ରୀ ଉର୍ଦ୍ଦୁ (MIL) ରେ ୬୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି H.S.C., +2 ଓ +3, -2024 ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ +2 ଓ +3ରେ ଉର୍ଦ୍ଦୁ M.I.L. ରଖି ଓ ଉର୍ଦ୍ଦୁ ରେ M.A. ପଢିବାକୁ ନାମ ଲେଖାଇଥିବେ ସେମାନଙ୍କୁ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଛାତ୍ର ବୃତ୍ତି ୨୦୨୪-୨୫ ମସିହା ପାଇଁ ଦିଆଯିବ । ଛାତ୍ରଛାତ୍ରୀମାନେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମରେ ନିଜ ନିଜର କଲେଜର Principalଙ୍କ ଜରିଆରେ ଆବେଦନ କରିପାରିବେ । ଯେଉଁ ଛାତ୍ରଛାତ୍ରୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ଏକାଡେମୀ ଦ୍ୱାରା ଥରେ ମାତ୍ର ବୃତ୍ତି ମିଳିବ । କେବଳ ପ୍ରଥମ ବର୍ଷ ପଢୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ ।

**ଦରଖାସ୍ତ ଫର୍ମ**

**ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପ୍ରେରଣ ହୋଇଥିବ**

1. Student's Name, 2. Father's/Guardian's Name, 3. Mother's Name, 4. Date of Birth, 5. Name of the College/ University, 6. Aadhaar Card No., 7. Examination Passed, 8. Percentage in M.I.L. (Urdu), 9. Complete Postal Address with Pin Code, 10. Contact Phone No. The following self attested Xerox copies of documents to be enclosed. 1. Mark sheet of last Exam. passed, 2. College Identity Card, 3. Aadhaar Card, 4. First page of Bank Pass Book with A/c No. and IFSC Code, 5. Two Passport Size Photo, ଗୋଟିଏ ଦରଖାସ୍ତ ଫର୍ମରେ ଲଗାଇବେ ଓ ଅନ୍ୟଟି ନିଜ ଦସ୍ତଖତ ଥାଇ ସମସ୍ତ ପ୍ରମାଣପତ୍ରର ଜେରକ୍ସ କପି ସହ ତା.୩୦.୧୦.୨୦୨୪ ମଧ୍ୟରେ ଏକାଡେମୀର କାର୍ଯ୍ୟାଳୟରେ ପଇଠ କରିବେ । ଡାକ ଯୋଗେ ପଇଠ କରିବାର ଠିକଣା: Secretary, Odisha Urdu Academy, Sanskruti Bhawan, B.J.B. Nagar, Bhubaneswar- 751014ଙ୍କୁ ନିର୍ଦ୍ଧାରିତ ତାରିଖରେ ପହଞ୍ଚିବା ଆବଶ୍ୟକ । ଦରଖାସ୍ତ ଫର୍ମର ନିମ୍ନରେ Principal ଙ୍କ ଦସ୍ତଖତ ସହିତ କଲେଜ ସିଲ୍ ଓ ଅନ୍ୟପକ୍ଷରେ ଆବେଦନକାରୀଙ୍କ (ଛାତ୍ର/ଛାତ୍ରୀଙ୍କ) ପୂର୍ଣ୍ଣ ଦସ୍ତଖତ ହୋଇଥିବ । ନିର୍ଦ୍ଧାରିତ ତାରିଖ ପରେ ବା ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

ସ୍ୱା./- ସଚିବ
ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱର-୧୪
OIPR-03008/11/0001/2425



GOVERNMENT OF ODISHA No.O-328:

## OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA

e-mail:eerwsskld@gmail.com, eerwss_kld@nic.in, Phone No.06670-230784

**INVITATION OF BID THROUGH e-TENDERING**

Bid Identification No.26/SE/RWSS/2024-25/Bpt/Dated 26.09.2024

01.Name of the Work:- As per ANNEXURE-A

| Procurement Officer | Bid Identification No. | Availability of Tender Online for Bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 26/SE/RWSS/2024-25/ Bpt Dated 26.09.2024 | 07.10.2024 10.00 A.M. | 22.10.2024 05.30 PM | 23.10.2024 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The Original documents should be scanned and uploaded.

Sd./- Addl.Chief Engineer,
Kalahandi RWS&S Division, Bhawanipatna
OIPR-25005/11/0002/2425



## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar - 751012
Re-advertisement Reference No. 3586 Dated: 26.09.2024

**TRAINING OF GOVERNMENT DOCTORS**

No. E-364: In continuation of classified advertisement vide Caption No. E-143 dated 31st August & 1st September 2024, it is informed that the last date for apply for **Training of Government Doctors for the Course of 1 year Training of Post Graduate Diploma in Public Health Management (PGDPHM)**, which was published in Times of India, Prameya & Dharitri and Sambad daily on 31st August & 1st September 2024, has been extended to 15.10.2024. Those doctors who have already applied need not apply again. All other terms and condition remain unchanged.

Sd./- Director
SIH&FW (Odisha), Bhubaneswar
OIPR-10003/11/0072/2425



## B.J.B. AUTONOMOUS COLLEGE, BHUBANESWAR

No. 9800 Date: 26.09.2024

**NOTICE FOR INVITING TENDER TO KARUBAKI LADY'S HOSTEL**

No. CAD-1212: Tender in two bids i.e. Technical Bid and Financial Bid in sealed cover along with requisite documents are invited from interested and experienced registered firms/ agencies/organization/SHG/Individual proprietors having up-to-date all tax clearance to lease out the running and managing the Karubaki Lady's Hostel, BJB Autonomous College, Bhubaneswar Campus. For details and the downloading of bid documents please visit the college website: **www.bjbcollege.in**. The last date of receipt of the sealed bids in the Office of the undersigned is upto 5.00 P.M. on dated 07.10.2024 by Speed Post/Registered Post/Courier only. The authority reserves the right to accept or reject any or all the bids without assigning any reason thereof.

OIPR-11011/11/0011/2425 Sd./- Principal



GOVERNMENT OF ODISHA No. A-335

## OFFICE OF THE EXECUTIVE ENGINEER KEONJHAR IRRIGATION DIVISION, KEONJHAR

**NOTICE INVITATION OF TENDERS**

e-Procurement Notice No. 03 (NCB)/2024-25 on Dated: 25.09.2024
E-mail Id: eekjrirrdivn@gmail.com

| | | | |
|---|---|---|---|
| 1 | Nature of the Work | : | Building Works |
| 2 | No. of Works | : | 3 (Two) Nos. |
| 3 | Value of Works | : | Ranges from Rs.23.41 to 63.56 Lakhs |
| 4 | Tender Paper Cost | : | Refer to Table - 1 |
| 5 | EMD/Bid Security | : | Refer to Table - 1 |
| 6 | Period of Completion | : | Refer to Table - 1 |
| 7 | Class of Contractors | : | Refer to Table - 1 |
| 8 | Procurement Officer | : | Executive Engineer, Keonjhar Irrigation Division, Keonjhar |
| 9 | Bid Identification No. | : | KIDN-03/2024-25 to KIDN-05/2024-25 |
| 10 | Availability of Tender for Online Bidding | : | From 11.30 A.M. Dt.28.09.2024 to 5.00 P.M. Dt.21.10.2024 |
| 11 | Date and Time for Tender Opening | : | Dt.22.10.2024 @ 11.30 A.M. onwards in O/o. the Executive Engineer, Keonjhar Irrigation Division, Keonjhar |
| 12 | Date and Time for seeking clarification | : | Dt.30.09.2024 @ 11.30 A.M. to Dt.07.10.2024 @ 5 P.M. in O/o. the Executive Engineer, Keonjhar Irrigation Division, Keonjhar |

The bidders have to participate in ONLINE bidding only. Further details can be seen from the e-procurement portal: **www.tendersodisha.gov.in**. Any addendum/corrigendum/cancellation of tenders can be seen from the above portal.

Sd./- Executive Engineer
OIPR-32476/11/0004/2425 Keonjhar Irrigation Division, Keonjhar



## DIRECTORATE OF MINES & GEOLOGY STEEL AND MINES DEPARTMENT GOVT. OF ODISHA, BHUBANESWAR

Heads of Department Building, Unit-V, Pin-751001
Tel.No.:0674-2391537, Fax No.:0674-2391684
E-mail-dirminesodisha@rediffmail.co

**TENDER NOTICE**

No.MGXXXVIII(c)-07/2024, No.9435 Date:25.09.2024

**No.G-17:**The Director of Mines & Geology, Odisha, Bhubaneswar invites Sealed Tenders (under two bid system) on behalf of the Governor of Odisha, from registered manpower service providers fulfilling the terms & condition for ***"Providing the service of six (06) drivers for a period of One year from the date of agreement on contract basis to drive the Govt. vehicles under the Directorate of Mines & Geology, Odisha, Bhubaneswar"*** with maximum monthly consolidated remuneration of Rs.13,900/- for each Driver excluding EPF, ESI and other taxes and charges as fixed vide General Administration & Public Grievance Department circular No.28090/GAD dated 07.03.2024.

**IMPORTANT DATES**

| | |
|---|---|
| Date of commencement of Sale of Tender Paper | 25.09.2024 |
| Last date of sale of Tender Paper | 15.10.2024 |
| Processing Fees | Rs.1180/- including 18% GST |
| Last date of submission of Bid (only through Regd.Post/Speed Post/ Courier) | 15.10.2024/ 5.00 PM |
| Date of Opening of the Technical Bids | 17.10.2024/11.30 AM |
| Date of Opening of the Financial Bids | 18.10.2024/11.30 AM |
| Place of Opening Bids | Conference Hall of Geology Building, Directorate of Mines & Geology (DoMG) |
| Address to receipt of Bid documents | Directorate of Mines & Geology, Bhubaneswar, Odisha |

The Tender Paper will be available on the website www.odishaminerals.gov.in which may be submitted within the stipulated date & time alongwith a Non-refundable fee of Rs.1180/- (Rs.1000/- +18% GST)- in shape of crossed Bank Draft, drawn in favour of "Director of Mines & Geology, Odisha, Bhubaneswar" at any Nationalized Bank, payable at Bhubaneswar.
Bidders are asked to visit the above website for any addition, alteration or change related to this tender.

Sd./- DIRECTOR OF MINES AND GEOLOGY (O)
OIPR-30028/11/0003/2425



## OFFICE OF THE PANCHAYAT SAMITI, BIJEPUR

AT/PO/PS:-Bijepur, Dist:-Bargarh(Odisha), PIN:-768032
E_Mail ID:- ori-bijepur@nic.in
No.1679/ Dt.24.09.24

**"e"-Procurement Notice**
**Bid Identification No.BDO/Bijepur/02/2024-25**

**No.i-204:**Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. www.tendersodisha.gov.in.

| | | | |
|---|---|---|---|
| 1. | Nature of Work | : | Civil Works |
| 2. | No. of Works | : | 1 |
| 3. | Estimated Cost | : | as per NIT |
| 4. | Period of Completion | : | As per NIT |
| 5. | Date and Time of availability of the Documents in the Portal | : | From 27.09.2024, 11.00 A.M. to 06.10.2024, 5.00 PM |
| 6. | Last date/time for receipt of Bids in the Portal | : | Dt.06.10.2024 upto 5.00 PM |
| 7. | Bids received online shall be opened on | : | Dt.07.10.2024 at 11 AM |
| 8. | Name and address of the Officer Inviting Bid | : | Block Development Officer, Bijepur |

Further, the details can be seen from the procurement portal www.tendersodisha.gov.in.

Sd./- Block Development Officer, Bijepur
OIPR-19129/11/0002/2425


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲକ୍ଷେ ଟପିଲା ରୁପା ଦର

## ସର୍ବୋଚ୍ଚ ସ୍ତରରେ ସୁନା ଦର

ଭୁବନେଶ୍ୱର,୨୭।୯: (ଅଭୟ ଦାଶ)

ପାର୍ବଣ ପୂର୍ବରୁ ପାରମ୍ପରିକ ଅଳଙ୍କାରଠାରୁ ମୂଲ୍ୟବାନ୍ ଗହଣାର ଦାମ୍ ରେକର୍ଡସ୍ତରରେ ପହଞ୍ଚିଛି। ଏପରିକି ଉଭୟ ଜାତୀୟ ଓ ଘରୋଇ ବଜାରରେ ସୁନା ଦର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ ଭୁବନେଶ୍ୱରରେ ରୁପା କିଲୋ ଲକ୍ଷେ ଉପରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଆମଦାନୀ ହ୍ରାସ କାରଣରୁ ସୁନା, ରୁପା ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଗହଣାର କଞ୍ଚାମାଲ ଦର ବୃଦ୍ଧି ପାଇଥିଲାବେଳେ ଗହଣା ବଜାରରେ ମଧ୍ୟ କ୍ରମାଗତ ଭାବେ ଦର ବୃଦ୍ଧି ହୋଇଚାଲିଛି।

ସେହିଭଳି ଭୁବନେଶ୍ୱରରେ ଶୁକ୍ରବାର ରୁପା ୧ କିଲୋଗ୍ରାମର ଦାମ ୧,୦୨,୦୦୦



ଟଙ୍କାରେ କାରବାର ହେଉଥିଲାବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭,୪୫୦ ଟଙ୍କାରେ ପହଞ୍ଚିଛି। ଏପରିକି ୨୨ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୭୧,୦୦୦ ଟଙ୍କାର କାରବାର ହେଉଥିଲାବେଳେ ୧୮ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୫୮,୦୯୦ ଟଙ୍କାରେ ବ୍ରିକି ହେଉଛି ବୋଲି ଭୁବନେଶ୍ୱରର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିପରି ନୂଆଦିଲ୍ଲୀରେ ରୁପା ୧ କି.ଗ୍ରା.ର ଦାମ ୯୮,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ୨୪ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୭୭,୧୮୩ ଟଙ୍କାରେ ପହଞ୍ଚିଛି। ଏପରିକି ୨୨ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୭୦,୭୬୦ ଟଙ୍କାର କାରବାର ହେଉଥିଲା ବେଳେ ୧୮ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ପ୍ରାୟ ୫୯,୦୦୦ଟଙ୍କାରେ ବ୍ରିକି ହେଉଛି। ଅପରପକ୍ଷରେ କୋଲକାତା, ଚେନ୍ନାଇ ଏବଂ ମୁମ୍ବାଇ ଭଳି ସହରରେ ରୁପା କେଜି ପ୍ରତି ୯୮,୮୦୦ ଟଙ୍କା,୧,୦୩,୬୦୦ ଟଙ୍କା ଏବଂ ୯୭,୫୦୦ଟଙ୍କାରେ କାରବାର ହେଉଛି। ଏପରିକି ଉପରୋକ୍ତ ସହରଗୁଡିକରେ ସୁନା ଦର ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭,୦୩୫ ଟଙ୍କା, ୭୭୦୩୧ ଟଙ୍କା ଏବଂ ୭୭୦୩୭ ଟଙ୍କାରେ ପହଞ୍ଚିଛି।

## ଜନ୍ମଦିନ ଶୁଭେଚ୍ଛା



**ସଙ୍ଘମିତ୍ରା ପାତ୍ର (ମାମୁନି)**
୪୨ ମୌଜା, କଟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ- ତୋର ବାପା, ବୋଉ, ନନା ପାପା, ଡିଲି, ବାବୁନି ଭାଇ, ପାପୁନି ଭାଇ, ଛୁଆ ପାପା ଓ ଅଜା, ଆଈ।

ଧ-୧୪୮୮

## ବାଣିଜ୍ୟରେ Ph.D ଲାଭ



କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ଡିମଡ୍ ବିଶ୍ୱବିଦ୍ୟାଳୟର ୨୦୨୪ ସମାବର୍ତ୍ତନ ଉତ୍ସବରେ କୁମାରୀ ଜ୍ୟୋତିର୍ମୟୀ ସାହୁ ବାଣିଜ୍ୟରେ Ph.D. ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ "Impact of price interplay on cross border commodity future derivatives. An empirical study" କିଟ୍ ସ୍କୁଲ୍ ଅଫ୍ Economics and Commerceର ସହାୟକ ଅଧ୍ୟାପକ (II) ଡକ୍ଟର ଆର୍ଯ୍ୟ କୁମାରଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଛି। ଏହାର ମୂଲ୍ୟାୟନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଧନଞ୍ଜୟ ସାହୁ କରିଛନ୍ତି। ତାଙ୍କର ସନ୍ଦର୍ଭରେ କୁମାରୀ ସାହୁ Commodity Future Derivativesର ବିଭିନ୍ନ ଦେଶର ଦାମ୍‌ର ତୁଳନାତ୍ମକ ଗବେଷଣା କରିଛନ୍ତି। ସେ ତାଙ୍କର ଏହି ସଫଳତାର ଶ୍ରେୟ ଡକ୍ଟର ଆର୍ଯ୍ୟ କୁମାର, ପ୍ରଫେସର ଡକ୍ଟର ଜୟନ୍ତ କୁମାର ପରିଡ଼ା, କିଟ୍ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ପ୍ରଫେସର, ଗବେଷକ, ତାଙ୍କର ସହକର୍ମୀ ଓ ପରିବାରବର୍ଗଙ୍କୁ ଦେଇଛନ୍ତି। ସେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟରେ ସହାୟକ ଅଧ୍ୟାପିକା ଭାବେ ଅବସ୍ଥାପିତ।

ଧ-୧୪୭୯

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୨୭।୯

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୬୪ (୨୬୪.୨୭) ପଏଣ୍ଟ କମି ୮୫,୫୭୨ (୮୫,୫୭୧.୮୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୭ (୩୭.୧୦) ପଏଣ୍ଟ ହ୍ରାସ ଘଟି ୨୬,୧୭୯ (୨୬,୧୭୮.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।


Kalinga Institute of Health Sciences Bhubaneswar

**Exciting Opportunity Ahead!**

Program In Collaboration with Centurion University, Bhubaneswar:
- P.G Diploma in Hospital & Health Care Management (PGDHHM) - 1 year
- Master in Hospital Administration (MHA) - 2 years

We Are Filling Fast for Below Courses:
- Dialysis Technology
- EEG & EMG Technology
- X-ray & Imaging Technology
- Operation Theatre Technology
- Medical Laboratory Technology
- Trauma Care & Casuality Technology
- Certificate Course in Dietician

For Admission & Information
Kalinga Hospital Campus, Bhubaneswar-23
Call : 7064421182, E-mail: kihs@kalingahospital.com


# ଜିଓ-ବିପି ପଲ୍ସର ୫୦୦ତମ ଇଭି ଚାର୍ଜିଂ ଷ୍ଟେଶନ

ମୁମ୍ବାଇ,୨୭।୯

ରିଲାଏନ୍ସ ଇଣ୍ଡଷ୍ଟି ଲିମିଟେଡ୍ (ଆର୍ଆଇଏଲ୍) ର ପ୍ରମୁଖ ପ୍ରତିଷ୍ଠାନ ତଥା ଜିଓ-ବିପିର ନୂତନ ବୈଦ୍ୟୁତିକ ଯାନ (ଇଭି) ପଏଣ୍ଟ 'ଜିଓ-ବିପି ପଲ୍ସର ୫୦୦ତମ ଇଭି ଚାର୍ଜିଂ ଷ୍ଟେଶନ' ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି




ପରିପ୍ରେକ୍ଷୀରେ ମୁମ୍ବାଇର ବିକେସିସ୍ଥିତ ଜିଓ ୱାର୍ଲ୍ଡ ସେଣ୍ଟରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆର୍ଆଇଏଲ୍‌ର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ଏବଂ ବିପିର ସିଇଓ ମୁରେ ଅଚିନ୍‌କ୍ଲସ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଓ-ବିପି ପଲ୍ସର ୫୦୦ତମ ଇଭି ଚାର୍ଜିଂ ଷ୍ଟେଶନକୁ ଉଦ୍‌ଘାଟନ କରିଥିଲେ।

ଏ ସମ୍ପର୍କରେ ଆର୍ଆଇଏଲ୍‌ର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ କହିଥିଲେ, ଆମେ ଜିଓ-ବିପି ପଲ୍ସର ୫୦୦ତମ ଇଭି ଚାର୍ଜିଂ ଷ୍ଟେଶନକୁ ଉଦ୍‌ଘାଟନକରି ବେଶ୍ ଉତ୍ସାହିତ ଅଛୁ। ଭାରତରେ ଇଭି ଗ୍ରହଣକୁ ତ୍ୱରାନ୍ୱିତ କରିବାରେ ଜିଓ-ବିପି ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲାବେଳେ ଦ୍ରୁତ-ଚାର୍ଜିଂ ଷ୍ଟେଶନଗୁଡିକର ସବୁଠାରୁ ବୃହତ୍ ନେଟ୍‌ୱର୍କ ଅଂଶ ହୋଇପାରିଛି। ଇଭି-ଚାର୍ଜିଂ ଭିତ୍ତିଭୂମିରେ ଦ୍ରୁତ ବୃଦ୍ଧି ଏବଂ ସର୍ବାଧିକ ବିଶ୍ୱସନୀୟତା ସହ ଜିଓ-ବିପି ବହୁ ଲକ୍ଷ ଭାରତୀୟଙ୍କୁ ଡିଜିଟାଲ ଚାର୍ଜିଂ ସମାଧାନ ଯୋଗାଉଛି। ସେହିଭଳି ଏହି ଷ୍ଟେଶନକୁ ମିଶାଇ ଭାରତରେ ଜିଓ-ବିପିର ଚାର୍ଜିଂ ପଏଣ୍ଟ ସଂଖ୍ୟା ୫୦୦୦ତମ ୟୁନିଟ୍‌ରେ ପହଞ୍ଚିଛି। ଜିଓ-ବିପି କେବଳ ଗୋଟିଏ ବର୍ଷରେ ଇଭି-ଚାର୍ଜିଂ ପଏଣ୍ଟ ସଂଖ୍ୟାକୁ ୧,୩୦୦ରୁ ୫୦୦୦କୁ ବୃଦ୍ଧି କରିଛି।

# ବିଓଆଇର ନୂତନ ଯୋଜନା

ନୂଆଦିଲ୍ଲୀ,୨୭।୯

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ନୂତନ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପାର୍ବଣ ପୂର୍ବରୁ ବ୍ୟାଙ୍କ ପୂଜା ଉପହାର ସ୍ୱରୂପ ଏକ ୪୦୦ ଦିନିଆ ସ୍ଥାୟୀ ଜମା ଯୋଜନା (୩କୋଟିରୁ କମ୍ ଜମା ରାଶି) ଉପରେ ଆକର୍ଷଣୀୟ ସୁଧହାର ସୀମିତ ସମୟ ପାଇଁ ପ୍ରଦାନ କରୁଛି। ସେହିଭଳି ଏହି ସ୍ୱତନ୍ତ୍ର ୪୦୦ ଦିନିଆ ନନ୍ କଲେବୁଲ ଜମା ରାଶି (୧ କୋଟିରୁ ଅଧିକ ଜମା ରାଶି ପାଇଁ) ଅନ୍ତର୍ଗତ ବାର୍ଷିକ ୮.୧୦% ସୁଧ ହାର ଅତି ବରିଷ୍ଠ ନାଗରିକଙ୍କ ନିମନ୍ତେ ଏବଂ ୭.୯୫ % ବରିଷ୍ଠ ନାଗରିକଙ୍କ ପାଇଁ ଥିଲାବେଳେ ୭.୪୫% ଅନ୍ୟ ଗ୍ରାହକମାନଙ୍କ ନିମନ୍ତେ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ସେହିପରି କଲେବୁଲ ଡିପୋଜିଟ୍ ଅନ୍ତର୍ଗତ (ଯେଉଁଥିରେ ଅପରିପକ୍ୱ ଉଠାଣ ବିକଳ୍ପ ଉପଲବ୍ଧ ଅଛି) ବାର୍ଷିକ ୭.୯୫% ସୁଧ

Bank of India BOI

ହାର ଅତି ବରିଷ୍ଠ ନାଗରିକଙ୍କ ନିମନ୍ତେ ଏବଂ ୭.୮୦% ବରିଷ୍ଠ ନାଗରିକଙ୍କ ପାଇଁ ଥିଲାବେଳେ ଅନ୍ୟ ଗ୍ରାହକମାନଙ୍କ ନିମନ୍ତେ ୭.୩୦%ର ସୁଧ ହାର ପ୍ରଦାନ କରାଯାଉଛି। ଅପରପକ୍ଷରେ ଏହି ବିଶେଷ ସ୍ଥାୟୀ ଜମା ଯୋଜନା ଭାରତୀୟ ନାଗରିକ,ଏନ୍ଆର୍ଇ ଓ ଏନ୍ଆରଓ ଜମାକାରୀ (ଘରୋଇ ୩ କୋଟିରୁ କମ୍ ଟଙ୍କା)ଙ୍କ ପାଇଁ ମଧ୍ୟ ଉପଲବ୍ଧ ରହିଛି। ଏହି ୪୦୦ଦିନିଆ ସ୍ଥାୟୀ ଜମା ଯୋଜନା ୨୦୨୪ ସେପ୍ଟେମ୍ବର ୨୭ରୁ ବ୍ୟାଙ୍କର ସମସ୍ତ ଶାଖାରେ ଲାଗୁ କରାଯାଇଛି। ଏପରିକି ଗ୍ରାହକମାନେ ଡିଜିଟାଲ ଚ୍ୟାନେଲ (ବିଓଆଇ ଓମ୍ନି ନିଓ ଆପ୍/ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍) ମାଧ୍ୟମରେ ମଧ୍ୟ ଏହାର ଲାଭ ଉଠାଇପାରିବେ।

# ଉତ୍କଳ ଫ୍ଲୋ ବଜାର ଉଦ୍‌ଘାଟିତ



ଭୁବନେଶ୍ୱର,୨୭।୯

ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ତଥା ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଫ୍ଆଇସିସିଆଇ ବା ଫିକି) ର ଲେଡିଜ୍ ଅର୍ଗାନାଇଜେଶନ ବା ଫିକି ଫ୍ଲୋର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଏକ ୨ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଉତ୍କଳ ଫ୍ଲୋ ବଜାର' ଶୁକ୍ରବାର ହୋଟେଲ ପାଲ୍ ହାଇଟ୍ସ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ସାମାଜିକ କର୍ମୀ ରୋଜାଲିନ ପାଟଶାଣୀ,ଅଭିନେତା ଶ୍ରୀତମ ଦାସ, ନୃତ୍ୟ କଳାକାର ଶାଶ୍ୱତ ଜୋଷୀ,ଅତିରିକ୍ତ ନିର୍ଦ୍ଦେଶକ ଫିକି ବି.କେ. ନାୟକଙ୍କ ସମେତ ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ରଶ୍ମି ସାହୁ, ବରିଷ୍ଠ ଉପାଧ୍ୟକ୍ଷ ଡ. ପ୍ରଜ୍ଞାପରମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଏହି ବଜାରରେ ହାଇଦ୍ରାବାଦ, କୋଲକାତା,ରାୟପୁର ଓ ନୂଆଦିଲ୍ଲୀ ଭଳି ଦେଶର ପ୍ରମୁଖ ସହରରୁ ବ୍ୟବସାୟୀମାନେ ଅଂଶଗ୍ରହଣକରି ବହୁ ପ୍ରକାର ଉତ୍ପାଦ ପ୍ରଦର୍ଶିତ କରିଥିଲେ। ଏପରିକି ବିଭିନ୍ନ ପ୍ରକାର ଫ୍ୟାଶନେବଲ ପୋଷାକ, ଘର ସାଜସଜ୍ଜା, ହସ୍ତତନ୍ତ, ସ୍ୱତନ୍ତ୍ର ଅଳଙ୍କାର ଏବଂ ବିଭିନ୍ନ ପ୍ରକାର ଖାଦ୍ୟ ସହ ଭିନ୍ନ ଭିନ୍ନ କ୍ଷେତ୍ରର ଉତ୍ପାଦ ସାମିଲ ରହିଛି। ସେହିପରି ଏହି ପ୍ରଦର୍ଶନୀ ଜରିଆରେ ଗ୍ରାହକଙ୍କୁ ବିଭିନ୍ନ ଉତ୍ପାଦ ଏବଂ ସେବା ଉପରେ ସ୍ୱତନ୍ତ୍ର ରିହାତି ସୁବିଧାର ବ୍ୟବସ୍ଥା କରାଯାଇଥିଲା।

ଏ ସମ୍ପର୍କରେ ଫିକି ଫ୍ଲୋର ଅଧ୍ୟକ୍ଷା ରଶ୍ମି ସାହୁ କହିଥିଲେ, ୨ ଦିନିଆ ପ୍ରଦର୍ଶନୀ ଉତ୍କଳ ଫ୍ଲୋ ବଜାରକୁ ଉଦ୍‌ଘାଟନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ଏକ ଭଲ ସୁଯୋଗ ପାଲଟିଛି,ଯେଉଁଠି ଗୋଟିଏ ଛାତ ତଳେ ସମସ୍ତ ରାଜ୍ୟର ଉଦ୍ୟୋଗୀମାନେ ଏକତ୍ରିତ ହୋଇପାରିବେ।

ଉଲ୍ଲେଖଯୋଗ୍ୟ, ୨୦୨୪ ସେପ୍ଟେମ୍ବର ୨୭ ଓ ୨୮ରେ ଏହି ପ୍ରଦର୍ଶନୀ ଭୁବନେଶ୍ୱରର ହୋଟେଲ ପାଲ୍ ହାଇଟ୍ସଠାରେ ଉପଲବ୍ଧ ଥିଲାବେଳେ ଦିବା ୯ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ସବୁ ବର୍ଗର ଗ୍ରାହକଙ୍କ ପାଇଁ ଖୋଲାରହିଛି।

# ଏଲ୍ ଆଣ୍ଡ ଇଏମ୍ ସହ ଆମାଜନ୍‌ର ବୁଝାମଣା




ନୂଆଦିଲ୍ଲୀ,୨୭।୯

ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ (ଏଲ୍ ଆଣ୍ଡ ଇଏମ୍) ଏବଂ ଆମାଜନ୍ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ପ୍ଲାଟ୍‌ଫର୍ମ (ଆମାଜନ୍) ନ୍ୟାଶନାଲ କ୍ୟାରିୟର ସର୍ଭିସ୍ (ଏନ୍‌ସିଏସ୍) ପୋର୍ଟାଲକୁ ଉପଯୋଗ କରିବା ଲାଗି ଏଲ୍ ଆଣ୍ଡ ଇଏମ୍ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ କରିଛି। ଏହାଫଳରେ ଭାରତବ୍ୟାପୀ ରୋଜଗାର ସନ୍ଧାନ କରୁଥିବା ବ୍ୟକ୍ତିଙ୍କ ପାଇଁ ଆମାଜନ୍ ଓ ଏହାର ଷ୍ଟାଫିଙ୍ଗ୍ ଏଜେନ୍ସିଗୁଡିକୁ ଏନ୍‌ସିଏସ୍ ପୋର୍ଟାଲ ଜରିଆରେ ଜବ୍ ଓପ୍‌ନିଂ ପୋଷ୍ଟ କରିବା ଓ ପ୍ରାର୍ଥୀ ହାସଲ କରିବାରେ ସାହାଯ୍ୟ କରିବ।

କେନ୍ଦ୍ରମନ୍ତ୍ରୀ ଡା. ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି, ଆମେ ଏହି ମୂଲ୍ୟବାନ ସହଯୋଗୀରେ ପରିଣତ ସାଙ୍ଗକୁ ଏନ୍‌ସିଏସ୍ ପୋର୍ଟାଲ ସହ ଜଡ଼ିତ ହୋଇଥିବାରୁ ଆମାଜନ୍ ଇଣ୍ଡିଆକୁ ପ୍ରଶଂସା କରୁଛୁ। ଏପରିକି ଏହି ସହଭାଗିତା ଆମାଜନ୍‌ରେ କାର୍ଯ୍ୟ ସୁଯୋଗଗୁଡିକର ବର୍ଦ୍ଧିତ ଦୃଶ୍ୟମାନତା କ୍ଷେତ୍ରରେ ଦୀର୍ଘ ପଥ ଅତିକ୍ରମ କରିବ। ଭାରତ, ଜାପାନ ଓ ଉଦୀୟମାନ ବଜାରଗୁଡିକରେ ଆମାଜନ ଷ୍ଟୋର୍ସର ଏଚ୍ଆର୍/ପିପୁଲ୍‌ସ ଏକ୍ସପେରିଏନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗର ଉପାଧ୍ୟକ୍ଷ ଦୀପ୍ତି ବର୍ମା କହିଛନ୍ତି, ଆମେ ଏନ୍‌ସିଏସ୍‌ର ବିସ୍ତୃତ ନେଟ୍‌ୱର୍କରେ ଆମର ପ୍ରାର୍ଥୀଙ୍କର ଅନ୍ୱେଷଣକୁ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସହ ସହଭାଗିତା କରି ଉତ୍ସାହିତ ଅଛୁ। ଏପରିକି ନ୍ୟାଶନାଲ କ୍ୟାରିୟର ସର୍ଭିସ୍ ପୋର୍ଟାଲରେ ଆମାଜନ୍‌ରେ ନିଯୁକ୍ତି ସୁଯୋଗଗୁଡ଼ିକୁ ତାଲିକାଭୁକ୍ତ କରିବା ଦ୍ୱାରା ଭାରତବ୍ୟାପୀ ନିଯୁକ୍ତି ସନ୍ଧାନକାରୀମାନେ ଆମେ ପ୍ରଦାନ କରୁଥିବା ବିଭିନ୍ନ ପଦବୀ ପାଇଁ ପହଞ୍ଚ ହାସଲ କରିପାରିବେ।


# Classified Everyday
0674-2580101, 2549949



## REAL ESTATE
### SALE

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

ପୁରୀ-ଚନ୍ଦନପୁର ବାଇପାସ୍‌ରେ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ବିକ୍ରି କରାଯିବ, ଘରବାରି (65 ଡିସିମିଲ) ଜାଗା ସହିତ । ଯୋଗାଯୋଗ- 9090404090. D-1444

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1484

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

**କଟକ-ଭୁବନେଶ୍ୱର ମଧ୍ୟଭାଗରେ** Sum Hospital-2 **ନିକଟସ୍ଥ** Grand Bazar (NH-16) **ସମ୍ମୁଖରୁ ଅଳ୍ପ ଦୂରତାରେ** 30ft. **ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ-** **6371200121.** D-75994

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1485



## CONSTRUCTION

**Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856.** D-1449




Newly open Jyoti SPA positively health benefits (Expert therapist). 8458067955. D-76157

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

## LOST

Lost Transfer Certificate, Conduct Certificate, Migration Certificate of Prem Priyanshu Behera, anywhere in Dhenkanal Town. If anybody found, Contact- Nabakishore Behera, Stationbazar, Dhenkanal Town. D-75458

I, Maitreyee, D/o Ajay Kumar Singh lost my Graduation Marksheets and Provisional Certificate around Yashbhoomi Metro Station on 26th May 2024. If found please Contact: 9818201615. D-76159

I, Trupti Mishra, D/o Late Krushna Chandra Mishra and Kumudini Mishra, MPH Exam 2015, Roll No.-13MPU018 have lost my TC & Conduct Certificate issued by Ravenshaw University being eaten by White Ants. I have not utilized these documents for any other purpose. D-1487

Before the Executive Magistrate, Cuttack, I, Shantwana Mall, aged about 41Yrs. daughter of Late Sarat Ch. Mall of Plot No.-73, Shaktinagar, Cuttack-12, States that my B.Tech Certificate Branch Comp. SC & Engineering bearing Registration No.- 82528UT01029 of BPUT, Rourkela was fully damaged by White Ants for which I need a duplicate Certificate. This is for information. D-1489

## AFFIDAVIT

I, Jayakant Das Hindocha, Son of Bhanumati Das, resident of Jawaharchowk, P.O./P.S.- Dhenkanal, Dist.- Dhenkanal, Pin- 759001 Odisha, declare by this affidavit No.-2510 dtd. 18.11.23 that now onwards I shall be known as JAYAKANT DAS for all future purposes. D-75459

By virtue of an affidavit sworn before the Notary Public, Bhubaneswar vide serial No.- 1652 on dated 26th September 2024. I have changed my name from Bishnu Jadab to Mahadev Oram and my son's name from Krishna Jadab to Reuben Oram and also changed my address from Bhatatoli, Chandiposh, Silpunji, Sundargarh, Odisha to Pandripathar Tamada, PO-Tamada, PS-Chandiposh, Sundargarh, Odisha as per the birth certificate of my son respectively and all these above corrections shall be incorporated into the Aadhaar Card of my son. D-1477


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ଦଣ୍ଡପାଟି ଦମୟନ୍ତୀ**
ମାଲକାନଗିରି
ଆବିର୍ଭାବ: ୧୬।୧୦।୧୯୩୧
ତିରୋଧାନ: ୩୧।୦୮।୨୦୨୨

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।

ଆପଣଙ୍କ ଶୋକସନ୍ତପ୍ତ ପରିବାର: ଦଣ୍ଡପାଟି ଜଗନ୍ନାଥ ରାଓ, ଦଣ୍ଡପାଟି ବାଲା ରାଓ, ଦଣ୍ଡପାଟି ସରୋଜିନୀ ରାଓ, ଦଣ୍ଡପାଟି ଭାସ୍କର ରାଓ, ଦଣ୍ଡପାଟି ହିମାଂଶୁ ରାଓ।

ଧ-୧୪୮୩

### ଏକାଦଶାହ ଉପଲକ୍ଷେ



**୰ନରହରି ରାଉଳ**
ଇଛାନଗର ପାଟଣା, ଛତିଆ, ଯାଜପୁର

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ସାନଭାଇ, ପୁତ୍ର, ବନ୍ଧୁ, ପରିବାରବର୍ଗ।

ଧ-୧୪୭୮


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ। ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ସୁରଟ ଶ୍ରମିକରୁ ଆନ୍ତଃରାଜ୍ୟ ଲୁଟେରା

## ୩ ଗିରଫ: ସୁନାଚେନ, ବାଇକ୍, ମୋବାଇଲ ଜବତ



ଗିରଫ ଗ୍ୟାଙ୍ଗ୍ ମୁଖ୍ୟ ସୁବାସ ପ୍ରଧାନଙ୍କ ସମେତ ୩ ଅଭିଯୁକ୍ତ।

ଭୁବନେଶ୍ୱର,୨୭।୯
(ସୂର୍ଯ୍ୟକାନ୍ତ ବେହେରା)

କାମ ଅନ୍ୱେଷଣରେ ଗୁଜରାଟର ସୁରଟ ଯାଇ ପାଲଟିଥିଲେ ଶାଢ଼ି ଓ ହୀରା କମ୍ପାନୀ ଶ୍ରମିକ। ହେଲେ ସେଠାରେ ସ୍ଥାନୀୟ ଅପରାଧୀଙ୍କ ସହ ମିଶି ଚୋରି, ଛିନତାଇ, ଡକାୟତି ଭଳି ଅପରାଧର କୌଶଳ ଶିଖିଲେ। ଆଉ ଏବେ ଗୁଜରାଟରୁ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଛି ସେମାନଙ୍କ ଅପରାଧର ଚେର। ପୁରୀରୁ ଭୁବନେଶ୍ୱର, ମୁଖ୍ୟ ରାସ୍ତାରୁ କଲୋନୀ ପର୍ଯ୍ୟନ୍ତ ଆତଙ୍କ ସୃଷ୍ଟି କରୁଥିବା ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୪ଜଣଙ୍କୁ ଶେଷରେ ଭୁବନେଶ୍ୱର ବଡ଼ଗଡ଼ ପୋଲିସ ଧରିଛି। ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗ ମୁଖ୍ୟ ପୁରୀ ସଦର ଥାନା ଅଞ୍ଚଳର ସୁବାସ ପ୍ରଧାନ(୩୪), ଗଞ୍ଜାମ ପୋଲସରାର ଜିତୁ ବେହେରା ଓ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ମହାରାଷ୍ଟ୍ରର ଅମିତ ସଦଙ୍କେ। ସେମାନଙ୍କଠାରୁ ୮ ସୁନାଚେନ, ୫ ଇମିଟେଶନ ଚେନ୍, ଅପରାଧରେ ବ୍ୟବହୃତ ୨ ବାଇକ, ୨ ମୋବାଇଲ ଫୋନ୍ ଆଦି ଜବତ ହୋଇଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ କଟକ ଓ ଭୁବନେଶ୍ୱରର ୮ ମାମଲାରେ ସମ୍ପୃକ୍ତ ଥିବାବେଳେ ଗ୍ୟାଙ୍ଗ ମୁଖ୍ୟ ସୁବାସଙ୍କ ନାଁରେ ୯ଟି ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ବଡ଼ଗଡ଼ ପୋଲିସ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କୁ ଜେରା ପାଇଁ କମିଶନରେଟ ପୋଲିସ ପୁରୀ ଓ ସୁରଟ ପୋଲିସକୁ ଏନେଇ ଅବଗତ କରାଇଛି। ଅନ୍ୟପଟେ ଅଭିଯୁକ୍ତମାନେ ଅପରାଧ କରି ଯେଉଁ ଟଙ୍କା ରୋଜଗାର କରୁଥିଲେ ସେଥିରୁ ଦାମୀ ବାଇକ, ମଦ, ଦାମୀ ପୋଷାକ ଓ ମହିଳାଙ୍କ ପିଛା ଖର୍ଚ୍ଚ କରୁଥିଲେ। ଏଥିସହ ଛିନ୍‌ତାଇ କରୁଥିବା କିଛି ସୁନାଚେନ ଅଭିଯୁକ୍ତମାନେ ନିଜେ ବ୍ୟବହାର କରୁଥିଲେ ବୋଲି ସୂଚନା ଦେଇଛି।

### ବିପକ୍ଷ ଗ୍ୟାଙ୍ଗ ସଦସ୍ୟଙ୍କୁ ହତ୍ୟା କରିଥିଲେ

ଗ୍ୟାଙ୍ଗର ମୁଖ୍ୟ ସୁବାସ ୨୦୦୮ରେ ରୋଜଗାର ପାଇଁ ସୁରଟ ଯାଇଥିଲେ। ସେଠାରେ ଏକ ଶାଢ଼ି କମ୍ପାନୀରେ କାମ କରୁଥିଲେ। ସେହିପରି ମହାରାଷ୍ଟ୍ରର ଅମିତ ମଧ୍ୟ ୨୦୦୮ରେ ସୁରଟ ଯାଇ ଏକ ହୀରା କମ୍ପାନୀରେ କାମ କରୁଥିଲେ। ଉଭୟ ସୁରଟର କେତେଜଣ ଅପରାଧୀଙ୍କ ସହ ମିଶି ଚୋରି, ଛିନତାଇ, ଡକାୟତି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟ ତାଙ୍କ ବିପକ୍ଷ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ହତ୍ୟା କରିଥିଲେ। ଏହାପରେ ସୁବାସ ଓ ଅମିତ ସୁରଟ ପୋଲିସର ମୋଷ୍ଟ ୱାଣ୍ଟେଡ ସାଜିଥିଲେ। ତେଣୁ ଗିରଫ ଭୟରେ ସୁବାସ ସହଯୋଗୀ ଅମିତଙ୍କୁ ଧରି ୨୦୧୮ରେ ଓଡ଼ିଶା ଚାଲିଆସି ପୁରୀରେ ରହିଥିଲେ। ସେଠାରେ କେତେଜଣ ଯୁବକଙ୍କୁ ଧରି ନୂଆ ଗ୍ୟାଙ୍ଗ୍ ଗଢ଼ି ଚୋରି ଓ ଛିନତାଇ ଆରମ୍ଭ କରିଥିଲେ। ପରେ ସେମାନେ ଭୁବନେଶ୍ୱର ଆସି ଗ୍ୟାଙ୍ଗରେ ଆଉ ଦୁଇଜଣଙ୍କୁ ସାମିଲ କରାଇ ପୁରୀ ଭଳି ଭୁବନେଶ୍ୱର ଓ କଟକରେ ମଧ୍ୟ ଅପରାଧ ଆରମ୍ଭ କରିଥିଲେ।

ସ୍ପିଡ୍ ବାଇକ ବ୍ୟବହାର କରିବା ସହ ସିସିଟିଭିରୁ ବର୍ତ୍ତିବା ପାଇଁ ଫୁଲ୍ ପୋଷାକ ପିନ୍ଧି ଜାତୀୟ ରାଜପଥଠାରୁ ଆରମ୍ଭ କରି ସହରର ଗଳିକନ୍ଦିରେ ଏକୁଟିଆ ଯାଉଥିବା ମହିଳା, ଯୁବତୀ ଓ ପୁରୁଷ ଲୋକଙ୍କୁ ଭୟଭୀତ କରାଇ ସୁନା ଅଳଙ୍କାର, ମୋବାଇଲ ଆଦି ଲୁଟି ନେଉଥିଲେ। ଗତ ୪ ମାସ ଧରି ଏମାନଙ୍କ ଆତଙ୍କ କମିଶନରେଟ ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ସେପ୍ଟେମ୍ବର ୨୨ରେ ଭୁବନେଶ୍ୱର ବଡ଼ଗଡ଼ ଥାନା ଅଞ୍ଚଳରେ ସୁଶାନ୍ତ କୁମାର ଜେନା ତାଙ୍କ ପୁଅକୁ ଧରି ଛିଡ଼ା ହୋଇଥିବା ବେଳେ ୨ ଅଭିଯୁକ୍ତ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇ ପଳାଇଥିଲେ। ଏନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆରୁହା କଳାପଥର ଖାଦାନ ମାଟିତଳୁ ନରକଙ୍କାଳ ଜବତ

ଯାଜପୁର/ଧର୍ମଶାଳା (ହର୍ଷବର୍ଦ୍ଧନ ବେହେରା/ ବଟକୃଷ୍ଣ ପରିଡ଼ା),୨୭।୯

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା-ଜାବରା କଳାପଥର ଖାଦାନ ପରିସରରେ ଶୁକ୍ରବାର ମାଟିତଳୁ ଏକ ନରକଙ୍କାଳ ଜବତ ହୋଇଛି। ପୋଲିସ ଏହାକୁ ପରୀକ୍ଷା ପାଇଁ ଯାଜପୁର ଫରେନସିକ୍ ଲାବରେଟୋରିକୁ ପଠାଇଛି। ଏହାସହ ଧର୍ମଶାଳା ଥାନା ପୋଲିସ ୨୩/୨୦୨୪ ନମ୍ବରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, ୩ରୁ ୪ ଦିନ ତଳେ ଆରୁହା ପାହାଡ଼ ନାନପୁର ଗାଁମୁଣ୍ଡ ନିକଟରେ ମାଟି ତଳେ ନରକଙ୍କାଳର ସାମାନ୍ୟ ଅଂଶ ଦେଖିବାକୁ ମିଳିଥିଲା। କୁକୁର ନରକଙ୍କାଳକୁ ଟଣାଓଟରା କରୁଥିବା ନେଇ ଅଞ୍ଚଳବାସୀ ଧର୍ମଶାଳା ଥାନା ପୋଲିସକୁ ଖବର ଦେଇଥିଲେ। ଏହାପରେ ଧର୍ମଶାଳା ପୋଲିସ ପହଞ୍ଚି ତାହାକୁ ବାହାର କରିଥିଲା। ଖାଦାନରୁ କଳାପଥର ଉତ୍ତୋଳନ ସମୟରେ କେହି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ପ୍ରମାଣ ନଷ୍ଟ କରିବାକୁ ମାଟିତଳେ ପୋତି ଦିଆଯାଇଥିବା ସନ୍ଦେହ କରାଯାଇଛି। ଗତ ମେ ମାସରେ ଜଣେ ଅଣଓଡ଼ିଆ ଶ୍ରମିକ ନିଖୋଜ ଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏହାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ନ ଥିଲା ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଖାଦାନଗୁଡ଼ିକରେ ଏଭଳି ଅନେକ ଘଟଣାରେ ଲିଜ୍‌ଧାରୀ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ୨୦୨୦ ସେପ୍ଟେମ୍ବରରେ ବିଛାଖଣ୍ଡିରେ ଥିବା ଏକ ବେଆଇନ ପଥର ଖାଦାନରେ କାର୍ଯ୍ୟରତ ଗମ୍ଭାରିଆ ଗ୍ରାମର ଶ୍ରମିକ ମଦନ ବାର୍ଲାଙ୍କ ମୃତଦେହକୁ ବିଛାଖଣ୍ଡି ନିକଟ ଏକ କାଜୁ ବଗିଚାରେ ପୋଡ଼ି ଦିଆଯାଇଥିଲା। ଜେନାପୁର ଥାନା ପୋଲିସ ଏ ସଂକ୍ରାନ୍ତରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଜ ତରଫରୁ ଆଇପିସି ଦଫା ୨୮୭/ ୩୩୭/ ୩୦୪ (ଏ)/ ୨୦୧/ ୧୭୬/ ୩୭୯/ ୫୧୧/ ୩୪ ଏବଂ ଏମ୍‌ଏମ୍‌ଡିଆର ଆକ୍ଟ ୨୧ ଅନୁଯାୟୀ ଏକ ମାମଲା(ସଂଖ୍ୟା ୩୧୮/୨୬।୯।୨୦୨୦) ରୁଜୁ କରିଥିଲା। ଏହାସହ ପଥର ଖାଦାନର ମାଲିକ ଅଞ୍ଚଳ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେହିପରି ୧୬।୫।୨୦୨୪ ସକାଳେ ଡଙ୍କାରୀ ପାହାଡ଼ର ବିଏସ୍କ୍ୟୁ ନମ୍ବର ୫/୧୦ରେ ଅତଡ଼ା ଧସି ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଶ୍ରମିକ ମୃତ୍ୟୁ ଘଟଣାରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୪୭/୨୦୨୪/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ଅଭିଯୋଗରେ ଜିଲାର ଧର୍ମଶାଳା ତହସିଲ ଅଞ୍ଚଳର କଳାପଥର ଖାଦାନଗୁଡ଼ିକରେ ୨୦୧୭ରେ ୧୦ ଜଣ, ୨୦୧୮ରେ ୧୪ ଜଣ ଓ ୨୦୨୩-୨୪ରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ନରକଙ୍କାଳ ଜବତ ଘଟଣାରେ ଧର୍ମଶାଳା ଥାନା ଆଇଆଇସି କହିଛନ୍ତି, ଫରେନସିକ୍ ଯାଞ୍ଚ ପାଇଁ ପଠାଯାଇଛି। ତେବେ ନିଖୋଜ ମାମଲା ସେମିତି କିଛି ନାହିଁ ବୋଲି ସେ କହିଛନ୍ତି।





### ପ୍ରମାଣ ନଷ୍ଟ କରିବାକୁ ପୋତି ଦେଇଥିବା ସନ୍ଦେହ

ସୂଚନାଥାଉ କି ରାଜ୍ୟର ଖଣି, ଲଘୁ ଖଣି ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ ଓ ଅନ୍ୟାନ୍ୟ ଅନଧିକୃତ କାର୍ଯ୍ୟରେ ପୋଲିସ କର୍ମଚାରୀ ଜଡ଼ିତ ଥିବା ଜଣାପଡ଼ିଛି। ସମ୍ପୃକ୍ତ ପୋଲିସ କର୍ମଚାରୀ ନିଜ କର୍ତ୍ତବ୍ୟ ଛାଡ଼ି କ୍ଷମତାର ଦୁରୁପଯୋଗ କରୁଥିବାରୁ ଖଣି ଖାଦାନରେ କାର୍ଯ୍ୟରତ ପ୍ରଭାବିତ ଶ୍ରମିକ ଓ ଅଞ୍ଚଳବାସୀ ଉପଯୁକ୍ତ ନ୍ୟାୟ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ପୋଲିସ ମୁଖ୍ୟାଳୟ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି।

# ୩ ନକଲି ମାଓବାଦୀ ଗିରଫ

ମାଲକାନଗିର,୨୭।୯
(ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀ ସାଜି ଆତ୍ମସମର୍ପଣ କରିବାକୁ ଆସିଥିବା ୩ ଯୁବକଙ୍କୁ ଗିରଫ କରିଛି ଛତିଶଗଡ଼ ବାଲୋଦ ପୋଲିସ। ଶୁକ୍ରବାର ୩ ଯୁବକ ନିଜକୁ ମୋହଲା ମାନପୁର ଏରିଆ ମାଓବାଦୀ କମିଟିର ସକ୍ରିୟ ସଦସ୍ୟ ପରିଚୟ ଦେଇ ବାଲୋଦ ଜିଲା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ଆସିଥିଲେ। ପୋଲିସ ଅଧିକାରୀଙ୍କ ଏମାନଙ୍କ ଉପରେ ସନ୍ଦେହହେବାରୁ ସେମାନଙ୍କ ସମ୍ପର୍କରେ ସୂଚନା ଏକତ୍ର କରାଯାଇଥିଲା। ତେବେ ସେମାନେ ନକଲି ମାଓବାଦୀ ବୋଲି ପୋଲିସ ଜାଣିବା ପରେ ସେମାନଙ୍କୁ ଅଟକ ରଖି ତଦନ୍ତ କରିଥିଲା। ୩ ଜଣ ବିଜାପୁର ଜିଲା ବାସିନ୍ଦା ମଧୁ ମୋଡିଆ, ମାନକ ଭୋଗାନ ଏବଂ ଓମପ୍ରକାଶ ନେତମ ବୋଲି ଜଣାପଡ଼ିଛି। ସେମାନେ କୌଣସି ମାଓବାଦୀ ସଙ୍ଗଠନରେ ଜଡ଼ିତ ନ ଥିଲେ। ମାଓବାଦୀଙ୍କୁ ଆତ୍ମସମର୍ପଣ ପରେ ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯାଉଥିବା ସହ ଆର୍ଥିକ ସହାୟତାର ଲାଭ ପାଇବା ପାଇଁ ସେମାନେ ନକଲି ମାଓବାଦୀର ପରିଚୟ ଦେଇ ଏହି ଯୋଜନା ପ୍ରସ୍ତୁତ କରିଥିଲେ। ଏହା ଜାଣିବା ପରେ ପୋଲିସ ୩ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଏସ୍‌ପି ଅଶୋକ ଜୋଷୀ ସୂଚନା ଦେଇଛନ୍ତି।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏନ୍‌କାଉଣ୍ଟରରେ ୩ ମାଓବାଦୀଙ୍କ ମୃତ୍ୟୁ

ମାଲକାନଗିର,୨୭।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲାରେ ପୋଲିସ ଗୁଳିରେ ୩ ମାଓବାଦୀଙ୍କା ମୃତ୍ୟୁ ହୋଇଛି। ଦାନ୍ତେୱାଡା ଜିଲା ଅବୁଜମାଡ ଜଙ୍ଗଲରେ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ଗୁରୁବାର ରାତିରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୁରକ୍ଷା କର୍ମୀମାନେ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିଥିଲେ ମଧ୍ୟ ସେମାନେ ଏହାର ଜବାବରେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ସୁରକ୍ଷା କର୍ମୀ ମଧ୍ୟ ଗୁଳି ଚାଳନା ଆରମ୍ଭ କରିଥିଲେ। ଗୁଳି ବିନିମୟରେ ଘଟଣାସ୍ଥଳରେ ୩ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକମାନେ ହେଲେ ଡିକେଏସ୍‌ଜେଡ୍‌ସିର ରୂପେଶ, ଡିଭିସିଏମ୍ ସଦସ୍ୟ ଜଗଦୀଶ ଓ ମହିଳା ମାଓବାଦୀ ସରିତା ଓରଫ ବାସନ୍ତୀ। ଏମାନଙ୍କ ନାମରେ ଯଥାକ୍ରମେ ୨୫ ଲକ୍ଷ, ୧୬ ଲକ୍ଷ ଓ ୮ ଲକ୍ଷ ଟଙ୍କା ଘୋଷଣା ହୋଇଥିଲା। ଘଟଣାସ୍ଥଳରୁ ଏକେ ୪୭, ଇନ୍‌ସାସ୍, ଏସ୍‌ଏଲ୍‌ଆର୍, ବିଜିଏଲ୍ ଲଞ୍ଚର ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ସୂଚନା ଅନୁଯାୟୀ, ଗତ ୧ ସପ୍ତାହ ଧରି ଅବୁଜମାଡ ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ କୋମ୍ବିଂ ଅପରେଶନ ଚାଲିଛି। ଗତ ୨୩ ତାରିଖରେ ଅବୁଜମାଡର ପରାଦି ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଏହି କ୍ରମରେ ସୁରକ୍ଷା କର୍ମୀମାନେ ବିଶେଷ ସୂତ୍ରରୁ ଖବରପାଇ ମାଓବାଦୀଙ୍କ ଏକ ବଡ଼ କ୍ୟାମ୍ପକୁ ଘେରାଉ କରିଥିଲେ। ଏହି ଅପରେଶନରେ ଡିଆର୍‌ଜି, ଏସ୍‌ଟିଏଫ୍ ଓ ବିଏସ୍‌ଏଫ୍ ଦଳ ସାମିଲ ହୋଇଥିଲେ। ଏହି ଅଭିଯାନ ନାରାୟଣପୁର, କୋଣ୍ଡାଗାଁ, ଦନ୍ତେୱାଡା ଜିଲାରେ ଏକାସଙ୍ଗରେ ଆରମ୍ଭ ହୋଇଥିଲା।

# କଲେଜ ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା

## ସୁଇସାଇଡ ନୋଟ୍‌ରେ ଉଲ୍ଲେଖ ରହିଛି ପ୍ରେମ ବ୍ୟାପାର

ଗୋପାଳପୁର,୨୭।୯
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ଖୋଡାସିଙ୍ଗସ୍ଥିତ ରୋଲଣ୍ଡ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫାର୍ମାସୀ କଲେଜର ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଶିଅଲା ଗ୍ରାମର ରିତୁପୂର୍ଣ୍ଣା ଦାଶ (୧୯)। ରିତୁପୂର୍ଣ୍ଣା ଏହି କଲେଜରେ ଦ୍ୱିତୀୟ ବର୍ଷର ଛାତ୍ରୀ ଭାବେ ଅଧ୍ୟୟନ କରି ହଷ୍ଟେଲରେ ରହୁଥିଲେ। ସେ କୌଣସି କଥା ନେଇ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗୁରୁବାର ରାତି ସାଢେ ୯ଟାରେ ରିତୁପୂର୍ଣ୍ଣା ମା'ବାପାଙ୍କ ସହ ଫୋନରେ କଥା ହୋଇଥିଲେ। ବିଳମ୍ବିତ ରାତିରେ ହଷ୍ଟେଲ କୋଠରି ଫ୍ୟାନ୍‌ରେ ଟାୱେଲ ବେକରେ ବାନ୍ଧି ସେ ଝୁଲି ପଡିଥିଲେ। ତାଙ୍କ ମୃତଦେହକୁ ୱାର୍ଡେନ୍ ଦେଖି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଶୁକ୍ରବାର ଖବର ପାଇ ଗୋପାଳପୁର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହଷ୍ଟେଲ କୋଠରିରୁ ରିତୁପୂର୍ଣ୍ଣାଙ୍କ ଫୋନ ଓ ତିନି ପୃଷ୍ଠାର ଏକ ସୁଇସାଇଡ୍ ନୋଟ୍ ଜବତ କରିଥିଲା। ରିତୁପୂର୍ଣ୍ଣାଙ୍କ ବାପା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ.୧୮/୨୪ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ରିତୁପୂର୍ଣ୍ଣାଙ୍କ ମୃତଦେହ ଜବତ କରି ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୁଇସାଇଡ ନୋଟ୍‌ରେ ପ୍ରେମିକଙ୍କ ସମ୍ପର୍କରେ ଉଲ୍ଲେଖ ଥିବା ଏବଂ ସେ ପ୍ରେମ ପାଇଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ କହିଛନ୍ତି।

# ୨ ଭାଇଙ୍କୁ ଆଜୀବନ କାରାଦଣ୍ଡ

## ସୀମାଞ୍ଚଳ ସେଠୀ ହତ୍ୟା ମାମଲା

ଭଞ୍ଜନଗର,୨୭।୯
(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ସୋରଡ଼ା କ୍ୟାମ୍ପ କୋର୍ଟରେ ଶୁକ୍ରବାର ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ଏକ ହତ୍ୟା ମାମଲାର ବିଚାରକରି ଦୋଷୀ ୨ ଭାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ବଡ଼ଗଡ଼ର ଯୋଗୀ ଦାସ ଓ ତାଙ୍କ ଭାଇ କବି ଦାସ। କାରାଦଣ୍ଡ ସହ ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଛି। ଏହା ଅନାଦାୟେ ସେମାନେ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବେ। ଜରିମାନା ଆଦାୟ ହେଲେ ହତ୍ୟାର ଶିକାର ହୋଇଥିବା ସୀମାଞ୍ଚଳ ସେଠୀଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ପ୍ରଦାନ କରିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୬ ଅଗଷ୍ଟ ୧୮ ତାରିଖ ରାଖୀ ପୂର୍ଣ୍ଣିମାରେ ବଡ଼ଗଡ଼ର ସୀମାଞ୍ଚଳଙ୍କୁ ଗାଁରେ ହତ୍ୟା କରାଯାଇଥିଲା। ସୀମାଞ୍ଚଳ ବଜାରରୁ ବାଇକ୍‌ରେ ଫେରୁଥିବା ବେଳେ ସନ୍ଧ୍ୟାରେ ତାଙ୍କ ସାହି ରାସ୍ତାରେ କବାଡ଼ି ଖେଳୁଥିବା କେତେଜଣ ଯୁବକଙ୍କ ମଝିରେ ପଶି ଆସିଥିଲେ। ଏହାକୁ ନେଇ ଯୋଗୀ ଓ ତାଙ୍କ ଭାଇ କବି ଉତ୍ତ୍ୟକ୍ତ ହୋଇ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ସୀମାଞ୍ଚଳଙ୍କ ବାପା ଏହା ଜାଣିବା ପରେ ବୁଝାଶୁଝା କରିଥିଲେ। ସୀମାଞ୍ଚଳ ଘରକୁ ଆସି ଦାଣ୍ଡରେ ଠିଆ ହୋଇଥିବା ବେଳେ ଯୋଗୀ ଓ କବି ପହଞ୍ଚି ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଏ ନେଇ ଅଭିଯୋଗକ୍ରମେ ବଡଗଡ ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ଯୋଗୀଙ୍କ ଜାମିନଦାର ପରବର୍ତ୍ତୀ ସମୟରେ ଜାମିନ ନେବାକୁ ରାଜି ନ ହେବାରୁ ୨୦୨୨ରେ ଯୋଗୀ ପୁଣି କୋର୍ଟରେ ଆତ୍ମ ସମର୍ପଣ କରିଥିଲେ। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ କାଳୀ ଚରଣ ପାଢ଼ୀ ମକଦ୍ଦମା ପରିଚାଳନା କରୁଥିଲେ।

# ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିର,୨୭।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମୁଚାକି ସନ୍ତୋଷ, ରାବା ନନ୍ଦା ଓ ଦିରଦୋ ଭୀମା ଓରଫ ମହେଶ । ପୋଲିସ ସୂଚନା ମୁତାବକ, ମାଓବାଦୀ ସନ୍ତୋଷ ଡିକେଏମ୍‌ଏସ ସଙ୍ଗଠନର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସେ କୋଣ୍ଟା ଥାନାର ଦ୍ୱିତୀୟ କମାଣ୍ଡ ଅଧିକାରୀ ୨୧୭ ବାହିନୀ ସିଆର୍‌ପିଏଫ୍ ଓ ଅଭିଲାଷ ଟଣ୍ଡନଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେହିପରି ରବା ନନ୍ଦା ଡିଏକେଏମ୍‌ଏସ୍ ସଦସ୍ୟ ଟିମିଲିପେଟା ଗ୍ରାମ ନିବାସୀ ହୋଇଥିବାବେଳେ ସେ ଚିନ୍ତଲନା ଥାନା ଅଧିକାରୀ ଅଭିଲାଷ ଟଣ୍ଡନ, ପ୍ରଭାରୀ ଡିଆର୍‌ଜି ନିରୀକ୍ଷକ ମୁକେଶ ଯାଦବଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେହିପରି ଦିରଦୋ ଭୀମା ଓରଫ ମହେଶ ପାଲାଚଲମା ଆର୍‌ପିସି ମିଲିସିଆ ସଦସ୍ୟ ହୋଇଥିବାବେଳେ ସେ ମଧ୍ୟ ସୁକ୍‌ମା ଏସ୍‌ପି ଅନିଲ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ**
**ବିରାଡ଼ି କାମୁଡ଼େ ପଣତ କାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ୍ ବା ଟେର୍ ପାଇପାରି ନ ଥାନ୍ତି। ଅତି ଓଲି, ଏପରି ଓଲି ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟିନେଲା ତାହା ସେ ନ ଜାଣିପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଲେଇର ଦରକଞ୍ଚା**
**ହାଣ୍ଡିଖାଇର ଦର ଦର ଶିଝା ।**

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ସେହିପରି ଖାଦ୍ୟଲୋଭୀ ବ୍ୟକ୍ତି କେବେ ଭୋକ ସମ୍ଭାଳି ରହିପାରି ନ ଥାନ୍ତି। ଖାଦ୍ୟ ଭଲଭାବେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଯାଇଥାଏ। ଏପରି ବ୍ୟକ୍ତି ସେମାନଙ୍କ ମନ୍ଦ ପ୍ରକୃତି ତଥା ସ୍ୱଭାବ ହେତୁ ସମଦଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ୭ ବସ୍ତା କଫ ସିରପ ଜବତ: ଚାଳକ, ହେଲ୍‌ପର ଗିରଫ

ଫୁଲନଖରା,୨୭।୯
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ବମ୍ଫକୁଦଠାରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକ (ନଂ.ଓଆର୦୧ଏ-୫୭୩୩)ରୁ କଟକ ସଦର ପୋଲିସ ୭ ବସ୍ତା କଫ ସିରପ ଜବତ କରିଛି। ଏଥିସହ ଟ୍ରକ୍ ଚାଳକ ଆସ୍କା ଥାନା କରଚୁଲି ଗ୍ରାମର ବଳରାମ ନାୟକ ଓ ହେଲପର ଧୋବା ବେହେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏନେଇ ଏକ ମାମଲା(ନଂ.୫୨୬/୨୪) ରୁଜୁ ହୋଇଛି। ଟ୍ରକ୍‌ଟି କଟକରୁ ବ୍ରହ୍ମପୁର ଯାଉଥିବାବେଳେ ବମ୍ଫକୁଦଠାରେ ଏକ ସ୍କର୍ପିଓକୁ ଧକ୍କା ଦେଇଥିଲା। ସ୍କର୍ପିଓ ମାଲିକ ବିକାଶ ବେହେରା ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଉକ୍ତ ଟ୍ରକ୍‌ରେ ଥିବା ସାମଗ୍ରୀ ଯାଞ୍ଚ କରିବାରୁ ୭ ବସ୍ତା କଫ ସିରପ ଥିବା ଜଣାପଡ଼ିଥିଲା।

# ଲାଞ୍ଚ ନେବାବେଳେ ସହକାରୀ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ

କୁନ୍ଦୁରା, ୨୭।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ସହକାରୀ ଯନ୍ତ୍ରୀ ଭାନୁମତି ଟୁଡୁ ଲାଞ୍ଚ ନେବାବେଳେ ଶୁକ୍ରବାର ଜୟପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ଗୁହାଳ ଗୃହ ବିଲ୍ ପାସ୍ କରାଇବା ନେଇ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ସୁନାବେଡ଼ାସ୍ଥିତ ତାଙ୍କ ଘରେ ମଧ୍ୟ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛି।

ସୂଚନାନୁଯାୟୀ, ଗୋରୁ ଗୁହାଳ ତିଆରି କରିଥିବା ଘୁମରା ପଞ୍ଚାୟତର ହିତାଧିକାରୀ ଦୁର୍ଯ୍ୟୋଧନ ହରିଜନ ବିଲ୍ କରାଇଦେବାକୁ ସହକାରୀ ଯନ୍ତ୍ରୀ ଟୁଡୁଙ୍କୁ କହିଥିଲେ। ସେ ଏଥିପାଇଁ ୫ ହଜାର ଟଙ୍କା ମାଗିଥିଲେ। ୨୬ ତାରିଖରେ ଦୁର୍ଯ୍ୟୋଧନ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ପି ଦ୍ୱିବେଦୀ ଦୁଇଟି ୫ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନକରି ଶୁକ୍ରବାର ମଧ୍ୟାହ୍ନରେ ଏକା ସଙ୍ଗେ କୁନ୍ଦୁରା କାର୍ଯ୍ୟାଳୟ ଏବଂ ଯନ୍ତ୍ରୀଙ୍କ ସୁନାବେଡ଼ାସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ସହକାରୀ ଯନ୍ତ୍ରୀଙ୍କ ଠାରୁ ଭିଜିଲାନ୍ସ ଟିମ୍ କେମିକାଲ ରଙ୍ଗ ବୋଳା ଟଙ୍କା ଜବତ କରିଛି। ଭିଜିଲାନ୍ସ ଟିମ୍ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଭିଡିଓ ଫୁଟେଜ୍, କାର୍‌ରେ ଥିବା କାଗଜପତ୍ର ଜବତ କରିଛି। ତାଙ୍କ ବିରୋଧରେ କେସ୍ ନଂ. ୧୯/୨୪ରେ ମାମଲା ରୁଜୁ କରାଯାଇ ଜୟପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ସେଠାରେ ଅଧିକ ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ଟିମ୍ ସୂଚନା ଦେଇଛି। ଏହି ଚଢ଼ାଉରେ ଆଡିସନାଲ ଏସ୍‌ପି ଅରୁଣ କୁମାର ନାୟକ, ଡିଏସ୍‌ପି ଅଭୟ ପ୍ରଧାନ, ଆଇଆଇସି ଅନୁଭା ଦାସ, ସଞ୍ଜୟ ପ୍ରଧାନ, ବିଶ୍ୱରଞ୍ଜନ ବେହେରା, ଅଜିତ ପାଢ଼ୀ, ଦିଲୀପ ଭୂୟାଁ ଏବଂ ଗଗନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ଦିନରେ କେତେଜଣ ଠିକାଦାର ଏବଂ ହିତାଧିକାରୀଙ୍କୁ ଖରାପ ବ୍ୟବହାର କରୁଥିବା ନେଇ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଥିଲା। ସେ କୁନ୍ଦୁରା ବ୍ଲକ୍ ଅଧୀନରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ୧୭ ଫେବୃଆରୀ ୨୦୨୩ରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ।



ଜୟପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ସହକାରୀ ଯନ୍ତ୍ରୀ ଭାନୁମତି ଟୁଡୁ (ମଝି)ଙ୍କୁ ନିଆଯାଉଛି।

# ରଘୁବର ଝାଡ଼ଖଣ୍ଡ ନିର୍ବାଚନରେ ଲଢ଼ିବା ଚର୍ଚ୍ଚା

■ଆସାମ ମୁଖ୍ୟମନ୍ତ୍ରୀଙ୍କ ୨ ଘଣ୍ଟିଆ ଓଡ଼ିଶା ଗସ୍ତ ପରେ ବଢ଼ିଲା ଚର୍ଚ୍ଚା

■ ରାଜ୍ୟପାଳଙ୍କୁ ସାକ୍ଷାତର ନିର୍ବାଚନ ସହ ସମ୍ପର୍କ ନାହିଁ: ହିମନ୍ତ

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଓଡ଼ିଶା ଗସ୍ତକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ବିଶ୍ୱଶର୍ମା ଶୁକ୍ରବାର ୨ ଘଣ୍ଟିଆ ଓଡ଼ିଶା ଗସ୍ତରେ ଆସି ଝାଡ଼ଖଣ୍ଡ ଗସ୍ତରେ ଯାଇଛନ୍ତି। ସେ ସ୍ୱଳ୍ପ ସମୟର ଗସ୍ତ ଅବସରରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ତେବେ ନିକଟରେ ଝାଡ଼ଖଣ୍ଡ ନିର୍ବାଚନ ହେବାକୁ ଥିବାବେଳେ ହିମନ୍ତ ସେଠାକାର ନିର୍ବାଚନ ପ୍ରଭାରୀ ଦାୟିତ୍ୱରେ ଅଛନ୍ତି। ରଘୁବର ଦାସ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଥିବାବେଳେ ଏଥର ସେ ପୁଣି ସକ୍ରିୟ ରାଜନୀତିକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ରଘୁବର ଝାଡ଼ଖଣ୍ଡରେ ନିର୍ବାଚନ ଲଢ଼ନ୍ତି ତେବେ ସେ ରାଜ୍ୟପାଳ ପଦବୀ ଛାଡ଼ି ତାଙ୍କ ରାଜ୍ୟକୁ ଫେରିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ହିମନ୍ତଙ୍କ ୨ଘଣ୍ଟିଆ ରାଜଭବନ ଗସ୍ତ ଏଭଳି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ତେବେ ବିମାନବନ୍ଦରରେ ହିମନ୍ତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ୨ ଘଣ୍ଟା ପାଇଁ ରାଜ୍ୟ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟିବେ। ତାଙ୍କର ରାଜ୍ୟପାଳଙ୍କ ସହ କିଛି ବ୍ୟକ୍ତିଗତ ଆଲୋଚନା କରିବାର ଅଛି। ସେ ଝାଡ଼ଖଣ୍ଡର ନିର୍ବାଚନ ଦାୟିତ୍ୱରେ ଅଛନ୍ତି। ରଘୁବରଙ୍କୁ ସାକ୍ଷାତ ଏବଂ ନିର୍ବାଚନ ସହ କୌଣସି ସମ୍ପର୍କ ନ ଥିବା ହିମନ୍ତ କହିଛନ୍ତି। ହେଲେ ଏହି ଚର୍ଚ୍ଚାକୁ ହିମନ୍ତ ଖଣ୍ଡନ କରିଥିଲେ ମଧ୍ୟ ରାଜନୈତିକ ମହଲରେ ଏହାକୁ କେହି ଗ୍ରହଣ କରୁନାହାନ୍ତି। କାରଣ କିଛିଦିନ ତଳେ ରଘୁବର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଏଥର ଝାଡ଼ଖଣ୍ଡରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି ବୋଲି କହିଥିବା ଚର୍ଚ୍ଚା ହେଉଥିଲା। ଏହାର କିଛିଦିନ ପରେ ହିମନ୍ତ ବିଶ୍ୱଶର୍ମା ଆସି ଓଡ଼ିଶାରେ ରଘୁବରଙ୍କୁ ଭେଟିବା ଉକ୍ତ ଆଲୋଚନାକୁ ଅଧିକ ସତେଜ କରିଦେଇଛି। ଅନ୍ୟପଟେ ଏହି ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ରାଜଭବନରେ ସାକ୍ଷାତକରି କିଛି ସମୟ ଆଲୋଚନା କରିଛନ୍ତି। ଏହି ଅବସରରେ ମୋହନ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଟ୍ରେନ୍ ଯୋଗେ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରେଳ ଷ୍ଟେଶନଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ସେଠାରୁ ସେ ରାଜଭବନ ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଭେଟି କିଛି ସମୟ ଆଲୋଚନା କରିଛନ୍ତି। ଏକ ଘରୋଇ କଲେଜର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭେଙ୍କୟା ଓଡ଼ିଶା ଆସିଥିବା ଜଣାପଡିଛି।



ରାଜଭବନଠାରେ ଶୁକ୍ରବାର ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା।

# ଜାତି ଜନଗଣନା କଥା କହି ଭାଜପା ଚୁପ୍ : ଶ୍ରୀକାନ୍ତ



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

ଜାତି ଜନଗଣନା ପ୍ରସଙ୍ଗରେ ସର୍ବଭାରତୀୟ ସ୍ତରରେ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍ ମଧ୍ୟ ଦାବି କରିଆସୁଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଜାତି ଜନଗଣନା ନେଇ ସ୍ପଷ୍ଟ ଆଭିମୁଖ୍ୟ ନାହିଁ। ରାଜ୍ୟରେ ଜାତି ଜନଗଣନା ପାଇଁ କଂଗ୍ରେସ ଦାବି ରଖିଲା। ତେବେ ଭାଜପା ଏ କଥା କହିଥିଲେ ମଧ୍ୟ ଏବେ ଚୁପ୍ ହୋଇ ବସିଛି। ଜାତି ଜନଗଣନା ହେଲେ କାହାର କେତେ ସଂଖ୍ୟା ଜଣାପଡ଼ିବ। କେଉଁ ବର୍ଗ କେଉଁ ସ୍ଥିତିରେ ଅଛନ୍ତି ତାହା ସ୍ପଷ୍ଟହେବ। ସେମାନଙ୍କ ସାମାଜିକ ଆର୍ଥିକ ସ୍ଥିତି ଜଣାପଡ଼ିବ। କେନ୍ଦ୍ର ଓ ରାଜ୍ୟ ସରକାର ଠିକ୍ ଭାବେ ନୀତିଗତ ନିଷ୍ପତ୍ତି ନେଇପାରିବେ। ରାଜ୍ୟରେ ଏସ୍‌ସି/ଏସ୍‌ଟିଙ୍କ ସଂଖ୍ୟା ୪୦%, ଚାକିରିରେ ସଂରକ୍ଷଣ ୩୮.୭୫% ; ଓବିସି/ଏସ୍‌ଇବିସିଙ୍କ ସଂଖ୍ୟା ୫୪%, ଚାକିରିରେ ସଂରକ୍ଷଣ ମାତ୍ର ୧୧%। କିନ୍ତୁ ଶିକ୍ଷାରେ ୦%। ସାଧାରଣ ବର୍ଗର ସଂଖ୍ୟା ଓଡ଼ିଶାରେ ମାତ୍ର ୬%, କିନ୍ତୁ ସଂରକ୍ଷଣ ଉଭୟ ଚାକିରି ଓ ଶିକ୍ଷାରେ ୧୦% ରହିଛି। ଏସ୍‌ସି/ଏସ୍‌ଟି ଏବଂ ଓବିସି/ଏସ୍‌ଇବିସିଙ୍କ ସଂଖ୍ୟା ୯୪%। ହେଲେ ଭାଜପା ସେମାନଙ୍କ ପ୍ରତି କାହିଁକି ପାତରଅନ୍ତର କରୁଛି ବୋଲି କହି ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ।

କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ କହିଛନ୍ତି, ଭାଜପା ଇସ୍ତାହାରରେ ଏମାନଙ୍କୁ ନ୍ୟାୟ ଦେବାକୁ କହିଥିଲା। କିନ୍ତୁ ଏହା କିଭଳି ନ୍ୟାୟ ହେଲା। ସାରା ରାଜ୍ୟରେ ଜିଲା, ଗାଁ ଓ ପଞ୍ଚାୟତରେ ସାଧାରଣ ଲୋକଙ୍କୁ ସାମିଲ କରାଯିବ। ଷ୍ଟିୟରିଂ କମିଟି ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ନିଆଯିବ। ସଂଖ୍ୟା ଯାହାର ଯେତେ– ଭାଗ ପାଇବେ ସେମାନେ ସେତେ। ତେଣୁ ଜାତିଭିତ୍ତିକ ଜନଗଣନା ତୁରନ୍ତ କରାଯାଉ। ଓବିସି/ଏସ୍‌ଇବିସି ବର୍ଗଙ୍କ ପାଇଁ ଚାକିରି ଓ ଉଚ୍ଚଶିକ୍ଷାରେ ୨୭% ସଂରକ୍ଷଣ ଦିଆଯାଉ। ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ବୈଷୟିକ ଶିକ୍ଷାରେ ୩୮.୭୫% ସଂରକ୍ଷଣ ଲାଗୁ କରାଯାଉ। ଏସ୍‌ସି/ଏସ୍‌ଟି ଏବଂ ଓବିସି/ଏସ୍‌ଇବିସି ବର୍ଗର ୧ ଲକ୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଭୁବନେଶ୍ୱରରେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯାଉ। ପ୍ରାୟ ୨୦ ବର୍ଷ ଧରି ୨୭% ସଂରକ୍ଷଣରୁ ବଞ୍ଚିତ ଓବିସି/ଏସ୍‌ଇବିସି ଯୁବବର୍ଗଙ୍କ ପାଇଁ ୨ ଲକ୍ଷ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା ହେଉ। ବେକାରି ଭତ୍ତା ମାସିକ ୩ ହଜାର ଟଙ୍କା, ଆଉଟ୍‌ସୋର୍ସିଂ ଏବଂ କଣ୍ଟ୍ରାକ୍ଟୁଆଲ ନିଯୁକ୍ତିରେ ସଂରକ୍ଷଣ ଲାଗୁ କରାଯାଉ। ରାଜ୍ୟ ଫାଇନାନ୍ସ କର୍ପୋରେଶନରେ ୫ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ କରାଯାଉ। ରାଜ୍ୟରେ ଜାରି ରହିଥିବା ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଓ ସେମାନଙ୍କ ଦାବି ଯୁକ୍ତିଯୁକ୍ତ ତାହା ତୁରନ୍ତ ପୂରଣ କରାଯାଉ। ସଂରକ୍ଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ଅଛନ୍ତି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି।

## ଆଇନଶୃଙ୍ଖଳା ନ ସୁଧୁରିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ: କାଡାମ

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟରେ ନୂଆ ସରକାର ଆସିବା ପରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲାରୁ ମହିଳା ନିର୍ଯାତନା ଓ ଗଣବଳାତ୍କାର ଖବର ଆସୁଛି । ଆଗାମୀ ଦିନରେ ରାଜ୍ୟର ଆଇନଶୃଙ୍ଖଳା ନ ସୁଧୁରିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

## ମଦମୃତ୍ୟୁ ମାମଲା ଚାପିଦେବାକୁ ଉଦ୍ୟମ ହେଉଛି: କଂଗ୍ରେସ

ପାତ୍ରପୁର, ୨୭।୯(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଚିକିଟି ବିଷାକ୍ତ ମଦମୃତ୍ୟୁ ମାମଲାକୁ ରାଜ୍ୟ ସରକାର ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ଘଟଣାକୁ ୪୦ଦିନ ବିତିଯାଇଥିଲେ ମଧ୍ୟ ମୃତକଙ୍କୁ କ୍ଷତିପୂରଣ ମିଳିନି କିମ୍ବା ଦୋଷୀଙ୍କୁ ଦଣ୍ଡ ମିଳିନି। ସରକାର ଘଟଣାର ଆରଡିସି ତଦନ୍ତ ପାଇଁ ବିଧାନସଭାରେ ଘୋଷଣା କରିଥିଲେ। ଏବେ ଏହି ଘଟଣାର ତଦନ୍ତ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଦ୍ୱାରା କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା ହାସ୍ୟାସ୍ପଦ ବୋଲି ଶୁକ୍ରବାର ପାତ୍ରପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚିକିଟି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରବୀନ୍ଦ୍ରନାଥ ଦ୍ୟାନସାମନ୍ତରା କହିଛନ୍ତି। ଏଥିସହ ଆରଡ଼ିସି ତଦନ୍ତ ପାଇଁ ସରକାର କାହିଁକି ଭୟ କରୁଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।




ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲାରେ 'ମୟା ସମ୍ମାନ ଯାତ୍ରା'ର ଅଂଶବିଶେଷ ସ୍ୱରୂପ ଏକ କାର୍ଯ୍ୟକ୍ରମରେ ଜେଏମ୍‌ଏମ୍ ନେତ୍ରୀ କଳ୍ପନା ସୋରେନ୍ ଭାଗ ନେଇଛନ୍ତି।

# ଭାଜପା ସରକାରରେ ମହିଳା ଅସୁରକ୍ଷିତ:ନବୀନ

## ଗାନ୍ଧୀ ଜୟନ୍ତୀରୁ ବିଜେଡିର ପଦଯାତ୍ରା

ଭୁବନେଶ୍ୱର, ୨୭।୯(ଅନୀଲ ଦାସ)

ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ନାରୀ ସୁରକ୍ଷା, ପୁଞ୍ଜି ବିନିଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାରେ ଭାଜପା ସରକାର ବିଫଳ ହୋଇଛି। ସରକାରର ବିଫଳତା ଆଜି ସବୁଆଡ଼େ ନିରାଶା ସୃଷ୍ଟି କରିଛି। ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏପରି କି ସରକାରୀ କର୍ମଚାରୀମାନେ ମଧ୍ୟ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ପୁରୀ ରାଜଭବନରୁ ଆରମ୍ଭ କରି ଭରତପୁର ଥାନା ପର୍ଯ୍ୟନ୍ତ ଏ ସବୁ ଘଟଣା ସରକାରଙ୍କ ବିଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଶଙ୍ଖ ଭବନରେ ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ସଂକ୍ରାନ୍ତ ପ୍ରସ୍ତୁତି ବୈଠକରେ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି, ମିଛ କାହାଣୀ କହି ଭାଜପା ନିର୍ବାଚନରେ ଜିତିଛି। ମିଛ କହି ନିର୍ବାଚନ ଜିତା ଯାଇପାରେ, କିନ୍ତୁ ଲୋକଙ୍କ ହୃଦୟ ନୁହେଁ। ତେବେ ଜନ ସମ୍ପର୍କ ପଦଯାତ୍ରା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପ୍ରତିବର୍ଷ ପରି ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ। ଅକ୍ଟୋବର ୬ରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଶେଷ ହେବ। ପୂଜା ପରେ ଅକ୍ଟୋବର ୨୧ରୁ ୩୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଜାରି ରହିବ। ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅକ୍ଟୋବର ୯ରୁ ଡିସେମ୍ବର ୯ ତାରିଖ ୨ ମାସ ପର୍ଯ୍ୟନ୍ତ ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିବ ବୋଲି ସେ ଘୋଷଣା କରିଛନ୍ତି। ସୋସିଆଲ ମିଡିଆକୁ ଅଧିକ ସକ୍ରିୟ କରିବା ସହିତ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନର ବିପୁଳ ସଫଳତା ଦିଗରେ କାର୍ଯ୍ୟ କରିବା ପାଇଁ ନବୀନ ଦଳୀୟ ନେତୃବୃନ୍ଦ ଓ ପଦାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡି ସମନ୍ୱୟ କମିଟିର ମୁଖ୍ୟ ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରସନ୍ନ ଆଚାର୍ଯ୍ୟ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ଗଣେଶ୍ୱର ବେହେରା, ଚନ୍ଦ୍ରଶେଖର ସାହୁ, ସୁଦାମ ମାର୍ଣ୍ଡି, ବିକ୍ରମ ଆରୁଖ, ଅଶୋକ ପଣ୍ଡା, ବଦ୍ରୀ ପାତ୍ର, ଦେବୀରଞ୍ଜନ ମିଶ୍ର, ଦୀପାଳି ଦାସ ଓ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି।



ଶଙ୍ଖଭବନଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

# ବିଜେଡି ସରକାର ଅମଳରେ ପଛୁଆବର୍ଗ ଅବହେଳିତ ହୋଇଛନ୍ତି: ଭାଜପା

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

୨୪ ବର୍ଷ ଶାସନରେ ବିଜେଡି ସରକାର ୫୪ ଭାଗ ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଛନ୍ତି। ନିଜେ ନବୀନବାବୁ ଏବଂ ତାଙ୍କ ଦଳ ସମ୍ପୂର୍ଣ୍ଣ ପଛୁଆବର୍ଗ ବିରୋଧୀ। ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଏହି ବର୍ଗଙ୍କୁ ବିଜେଡି ବଞ୍ଚିତ କରିଛି। ବିଜେଡିରେ ପଛୁଆବର୍ଗ ପାଇଁ କୌଣସି ସେଲ୍ ନ ଥିବା ପଛୁଆବର୍ଗ ପ୍ରତି ତାଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ନିଜ ଦଳ ଭିତରେ ତୀବ୍ର ଗୋଷ୍ଠୀ କନ୍ଦଳ, ବିଦ୍ରୋହ ଏବଂ ଜଣକ ପରେ ଜଣେ ଦଳ ଛାଡୁଥିବା ବେଳେ ସେଥିରୁ ଦୃଷ୍ଟି ହଟାଇବାକୁ ଯାଇ ବିଜେଡିର ନେତାମାନେ ନାଟକ ଆରମ୍ଭ କରିଦେଇଛନ୍ତି। ବିଜେଡି ମୁହଁରେ ଓବିସି ପ୍ରସଙ୍ଗ ଶୋଭାପାଉନାହିଁ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ବିଜେଡି ଆତ୍ମଚିନ୍ତନ କରିବା ବଦଳରେ ଏବେ ହୀନ ରାଜନୀତି କରୁଛି। ଦୀର୍ଘ ୨୪ ବର୍ଷ ଶାସନରେ ରହିଥିବା ସତ୍ତ୍ୱେ ପଛୁଆବର୍ଗଙ୍କ ମୌଳିକ ଅଧିକାର ସମ୍ପର୍କରେ ବିଜେଡି କର୍ଣ୍ଣପାତ କରି ନ ଥିଲା। ଅନ୍ୟ ସମସ୍ତ ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ନାମଲେଖା ପାଇଁ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ମିଳୁଥିଲାବେଳେ ତତ୍କାଳୀନ ବିଜେଡି ସରକାର ସଂରକ୍ଷଣ ନ ଦେବା ଯୋଗୁ ରାଜ୍ୟର ବହୁ ଲକ୍ଷ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ବିଜେଡି ଶାସନରେ ଥିବା ସମୟରେ ଯେଉଁ ପ୍ରଶ୍ନ ଭାଜପା ପକ୍ଷରୁ ପଚରାଯାଇଥିଲା, ବର୍ତ୍ତମାନ ସେମାନେ ଓଲଟା ସେହି ପ୍ରଶ୍ନ ପଚାରୁଛନ୍ତି। ଅପରପକ୍ଷେ ଓବିସିଙ୍କୁ ସମ୍ମାନ ଦେବା ସହ ସେମାନଙ୍କୁ ସାମ୍ବିଧାନିକ ଅଧିକାର ଦେବାକୁ ଯଦି କେହି ଉଦ୍ୟମ କରିଥାନ୍ତି ସେ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ତାଙ୍କ ନିଜ ମନ୍ତ୍ରିମଣ୍ଡଳରେ ୨୭ ଜଣ ଓବିସିଙ୍କୁ ସ୍ଥାନ ଦେଇ ଏହାକୁ ପ୍ରମାଣିତ କରିଛନ୍ତି। ମୋଦି ଦେଶରେ ପ୍ରଥମକରି ଓବିସି କମିଶନକୁ ସାମ୍ବିଧାନିକ ମାନ୍ୟତା ଦେଇଛନ୍ତି। ସରକାର ଓ ଆମ ଦଳ ଓଡ଼ିଶାରେ ଓବିସି, ଏସ୍‌ଇବିସିମାନଙ୍କୁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବାକୁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି ସୁରଥ କହିଛନ୍ତି।



ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଓ ମୁଖପାତ୍ର ଅନିଲ ବିଶ୍ୱାଳ।

## ଅନାସ୍ଥାରେ ହାରିଲେ ନୀଳଗିରି ଏନ୍‌ଏସି ଅଧ୍ୟକ୍ଷା

ନୀଳଗିରି, ୨୭।୯(ପ୍ରଶାନ୍ତ ବିଶ୍ୱାଳ)

ଦୀର୍ଘ ଏକ ମାସ ଧରି ନୀଳଗିରି ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ନାଟକର ଅନ୍ତ ଘଟିଛି। ଶୁକ୍ରବାର ପ୍ରସ୍ତାବ ଉପରେ ଅନୁଷ୍ଠିତ ମତଦାନରେ ପରାଜିତ ହୋଇଛନ୍ତି ଅଧ୍ୟକ୍ଷା। ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୧ଜଣ ମତଦାନରେ ଅଂଶଗ୍ରହଣ କରିଥିଲେ। ୧୦ଜଣ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ଦୁଇ କାଉନସିଲର ବୈଠକରେ ଅନୁପସ୍ଥିତ ରହିଥିଲେ। ତେବେ ୧୦ଟି ଭୋଟ ଅନାସ୍ଥା ସପକ୍ଷରେ ଅର୍ଥାତ୍ ଅଧ୍ୟକ୍ଷାଙ୍କ ବିରୋଧରେ ଯାଇଥିଲା। ତେବେ ଏହି ଘଟଣାରେ ଅମ୍ବିକା ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଜଣେ ଭାଜପା ଏଜେଣ୍ଟଙ୍କୁ କାଉନସିଲରମାନେ ଭୋଟଦାନ ପରେ ନିଜର ଭୋଟ ପେପର ଦେଖାଇଛନ୍ତି। ଯାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ,ଏନେଇ ସେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ। ଅପରପକ୍ଷେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜ ପ୍ରତିକ୍ରିୟାରେ ଆଜିର ବିଜୟ ସତ୍ୟ ଓ ଗଣତନ୍ତ୍ରର ବିଜୟ ବୋଲି କହିଛନ୍ତି।

# ଅନାସ୍ଥା ଭୋଟ ହେଲା, ଫଳାଫଳ ଘୋଷଣା ହେଲାନି

ନୟାଗଡ଼/ଖଣ୍ଡପଡ଼ା, ୨୭।୯ (ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ଭୋଟ ଗ୍ରହଣ ହୋଇଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫଳାଫଳ ଘୋଷଣା କରାଯାଇନାହିଁ। ଖଣ୍ଡପଡ଼ା ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଅନୁଷ୍ଠିତ ଏହି ଭୋଟ ଗ୍ରହଣରେ ୧୦ ଜଣ କାଉନସିଲର ଉପସ୍ଥିତ ଥିଲେ। ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଭୋଟ ହୋଇଛି। କିନ୍ତୁ ଫଳାଫଳ ଘୋଷଣା ହୋଇନି। ପ୍ରିଜାଇଡିଂ ଅଫିସରଙ୍କ ସୂଚନା ଅନୁଯାୟୀ, କୋର୍ଟ ଅର୍ଡର ଅନୁସାରେ ଫଳାଫଳ ଘୋଷଣା ହେବ। କେବେ ଫଳାଫଳ ଘୋଷଣା ହେବ କହି ହେବ ନାହିଁ ବୋଲି ସେ କହିଛନ୍ତି।

## ଖଣ୍ଡପଡ଼ା ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ସୂଚନା ଅନୁଯାୟୀ, ଶୁକ୍ରବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅନାସ୍ଥା ଭୋଟ ଶେଷ ହୋଇଥିଲା। ବିରୋଧୀ ବିଜେଡି କାଉନସିଲରଙ୍କ ସମେତ ୧୦ ଜଣ ପୂର୍ବାହ୍ନ ୧୧ଟାରେ ଏନ୍‌ଏସି କାର୍ଯ୍ୟାଳୟରେ ପ୍ରବେଶ କରି ସମ୍ମିଳନୀ କକ୍ଷରେ ଉପସ୍ଥିତ ହୋଇଥିଲେ। ଅନାସ୍ଥା ଭୋଟ ପରିଚାଳନା ନେଇ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ତଥା ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ଉପସ୍ଥିତିରେ ଭୋଟ ଗ୍ରହଣ ଶେଷ ହୋଇଥିଲା। ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ୧୦ଜଣ କାଉନସିଲରଙ୍କ ମଧ୍ୟରୁ ୯ଜଣ କାଉନସିଲର ଭୋଟ ଦେଇଥିବା ବେଳେ ୮ନଂ. ୱାର୍ଡର କାଉନସିଲର ଦିଗମ୍ବର ମିଶ୍ର ମତଦାନ କରି ନ ଥିଲେ। ଖଣ୍ଡପଡ଼ା ଏନ୍‌ଏସିର ୧୩ଜଣ କାଉନସିଲରଙ୍କ ମଧ୍ୟରୁ ୩ଜଣ କାଉନସିଲର ଓ ଅଧ୍ୟକ୍ଷା ଅନାସ୍ଥା ଭୋଟ ଗ୍ରହଣ ବେଳେ ଅନୁପସ୍ଥିତ ଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଲାଗୁ କରାଯାଇଥିଲା।

ଏ ନେଇ ନୟାଗଡ଼ ବିଧାୟକ ଅରୁଣ ସାହୁ କୁହନ୍ତି, ପ୍ରିଜାଇଡିଂ ଅଫିସର କାହିଁକି ଫଳାଫଳ ଘୋଷଣା କଲେ ନାହିଁ ତାହା ଜଣାପଡ଼ିନାହିଁ। ନିର୍ବାଚନ ନିୟମ କହୁଛି, ଭୋଟ ହେବ, ଭୋଟ ପରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଯଦି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅଛି ତେବେ ଇଣ୍ଟରପିଟ୍ କରି ଆସିବାର କଥା। ଖଣ୍ଡପଡ଼ା କାଉନସିଲର ମିହିର ମିଶ୍ର କୁହନ୍ତି, ଅନାସ୍ଥା ଭୋଟ ହେଲା, ଭିଡିଓଗ୍ରାଫିରେ ଭୋଟ କାଉଣ୍ଟିଂ ହୋଇଛି। ସପକ୍ଷରେ କେତେ ଗଲା ବିପକ୍ଷରେ କେତେ ଗଲା ରିଜୋଲେଶନ ହେଲା। ଆମକୁ ରେଜୋଲେଶନ କପି ମିଳିନି।

# ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଲେ ସମିତିସଭ୍ୟ

■ଥୁଆମୂଳ ରାମପୁର ବ୍ଲକରେ ରାଜନୀତି ସରଗରମ

■ଜିଲାପାଳଙ୍କୁ ଦେଲେ ଲିଖିତ ଅଭିଯୋଗ

ଭବାନୀପାଟଣା/ଥୁଆମୂଳ ରାମପୁର, ୨୭।୯ (ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ରାଜନୀତି ସରଗରମ ହୋଇଉଠିଛି। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୧୪ ଜଣ ସମିତି ସଭ୍ୟାସଭ୍ୟ। ସେମାନେ ଶୁକ୍ରବାର ଅପରାହ୍ଣରେ ଭବାନୀପାଟଣାରେ ପହଞ୍ଚି ଏ ସମ୍ପର୍କରେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଏହାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି।

ସମିତିସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ଥୁଆମୂଳ ରାମପୁର ବ୍ଲକରେ ଗତ ଦେଢବର୍ଷରୁ ଊର୍ଦ୍ଧ୍ୱ ହେବ ପଞ୍ଚାୟତ ସମିତି ବୈଠକ କରାଯାଇ ନାହିଁ। କାହା ସ୍ୱାର୍ଥରେ ବୈଠକ କରାଯାଉ ନାହିଁ ତାହା ସେମାନେ ଜାଣି ପାରୁନାହାନ୍ତି। ଏହାଦ୍ୱାରା ସେମାନେ ନିଜ ଅଞ୍ଚଳର ସମସ୍ୟା ଅବଗତ କରିପାରୁନାହାନ୍ତି। ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଖସଡା ତିଆରି କରି ମନଇଚ୍ଛା କାର୍ଯ୍ୟ ଚଳାଇଥିବା ଅଭିଯୋଗ ଆଣିଛନ୍ତି। ତେଣୁ ସେମାନେ (ବିଜେଡି ସମର୍ଥିତ) ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝିଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝିଙ୍କ ନେତୃତ୍ୱରେ ସମିତିସଭ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଏହାକୁ ଗ୍ରହଣ କରିଥିଲେ। ପ୍ରକାଶ ଯେ, ଥୁଆମୂଳ ରାମପୁର ବ୍ଲକରେ ସମୁଦାୟ ୨୪ ପଞ୍ଚାୟତ ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ୧୪ ଜଣ ସମିତିସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ ମାଝିଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିବା ସହ ନିର୍ବାଚନ ଆଚରଣ ବିଧି ଯୋଗୁ ପଞ୍ଚାୟତ ସମିତି ବୈଠକ ହୋଇ ନ ଥିଲା। ତେଣୁ ଶୁକ୍ରବାର ଏହି ବୈଠକ ହୋଇଥିଲା। ତେବେ ସେମାନେ କାହା ପ୍ରରୋଚନାରେ ସେଠାକୁ ଯାଇଥିବେ ବୋଲି ଅଧ୍ୟକ୍ଷ କହିଛନ୍ତି।



ଜିଲାପାଳଙ୍କ ଅଫିସ ଆଗରେ ଅନାସ୍ଥା ଆଣିଥିବା ସମିତିସଭ୍ୟ।

# ଜଣେ ଶବ୍ଦ-ସାଧକଙ୍କର ପ୍ରସ୍ଥାନ

## (କବି ହରିହର ମିଶ୍ରଙ୍କ ସ୍ମୃତିରେ)

ଡ. ହୃଷୀକେଶ ମଲ୍ଲିକ

ହରିହର ମିଶ୍ରଙ୍କ ଜନ୍ମ ପୁରୀ ମାର୍କଣ୍ଡେଶ୍ୱର ସାହିରେ, ୧୯ ନଭେମ୍ବର ୧୯୪୦ରେ। ଓଡ଼ିଆ ଭାଷା-ସାହିତ୍ୟରେ ଅଧାପନା ଥିଲା ବୃତ୍ତି, କିନ୍ତୁ ପ୍ରବୃତ୍ତିରେ ଥିଲେ ସେ ଆଜୀବନ ଶବ୍ଦ-ସାଧକ। ନାଟକ, ଉପନ୍ୟାସ, ଗଳ୍ପ ଓ ସମାଲୋଚନା ଆଦି ସାହିତ୍ୟର ବହୁ ବିଭାଗରେ ଲେଖନୀ ଚାଳନା କରିଥିଲେ ବି ମୂଳତଃ ସେ କବି। 'ଶଙ୍ଖନାଭି', 'ଅକ୍ଷମ ଦେବତା', 'ଚନ୍ଦ୍ରବିମ୍ବ', 'ଲାଲକଢ଼ର ତପସ୍ୟା', 'ଦର୍ପଣଶିଳା', 'ଶବ୍ଦ ଏକାଏକା ଏକତ୍ର', 'ସନ୍ଧ୍ୟା ଦର୍ଶନ', 'ଅଣ ଅକ୍ଷର', 'ବ୍ରହ୍ମ କଣିକା', 'ଦିବ୍ୟ ଅସନ୍ତୋଷ' ଓ 'ଶୟନ ପ୍ରତିମା' ଭଳି ଚର୍ଚ୍ଚିତ କାବ୍ୟଗ୍ରନ୍ଥର ସେ ସ୍ରଷ୍ଟା। 'ରାତିର ଦୁଇଟି ଡେଣା', 'ହେ ନିଷାଦ ନିବୃତ୍ତ ହୁଅ', 'ନିନ୍ଦିତ ଗଜପତି' ଓ 'ହଂସଧ୍ୱନି' ହେଉଛି ତାଙ୍କର ଲୋକପ୍ରିୟ ନାଟକ ମଧ୍ୟରୁ କେଇଟି। ୧୯୭୭ରେ ଧରିତ୍ରୀ ସମ୍ମାନରେ ସମ୍ମାନିତ ଏହି କବି ସେହି ବର୍ଷ ତାଙ୍କ 'ରାତିର ଦୁଇଟି ଡେଣା' ପୁସ୍ତକ ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'ରେ ଭୂଷିତ ହୋଇଥିଲେ। ୨୦୧୧ରେ 'ଦିବ୍ୟ ଅସନ୍ତୋଷ' କାବ୍ୟଗ୍ରନ୍ଥ ପାଇଁ ତାଙ୍କୁ ମିଳେ 'ଶାରଳା ପୁରସ୍କାର'। ଓଡ଼ିଆ ସାହିତ୍ୟକୁ ସାମଗ୍ରିକ ଅବଦାନ ପାଇଁ 'ସମାଜ' ପ୍ରଦତ୍ତ 'ସତ୍ୟବାଦୀ ସାହିତ୍ୟ ପୁରସ୍କାର'ରେ ସମ୍ମାନିତ ଏହି କବିଙ୍କ ତିରୋଧାନ ଘଟେ ୨୩ ସେପ୍ଟେମ୍ବର ୨୦୨୪ରେ, ୮୪ ବର୍ଷ ବୟସରେ।



[୧୯ ନଭେମ୍ବର ୧୯୪୦ – ୨୩ ସେପ୍ଟେମ୍ବର ୨୦୨୪]

ପ୍ରଦକ୍ଷିଣ

ହରି ଭାଇନା! ଆପଣ ଚାଲିଗଲେ। ଆପଣ ଆମ ସମୟର ପ୍ରଥିତଯଶା କବି, ଗାଳ୍ପିକ, ନାଟ୍ୟକାର ଓ ସାହିତ୍ୟ-ସମାଲୋଚକ। ଆଗକୁ ଦୁର୍ଗାପୂଜା। ବାଟେବାଟେ କାଶତଣ୍ଡୀ ଫୁଲର ତୋରଣ। ଶରତ-ଶେଫାଳି ଗାଲିଚା ବିଛେଇଛି ଆପଣଙ୍କ ପ୍ରସ୍ଥାନ ପଥରେ। ଆପଣ ମୋର ଆଜିକାଲିର ଜଣାନୁହନ୍ତି। ଆମ ସମ୍ପର୍କ ଢେର୍ ଦିନର। ଆପଣଙ୍କ କବିତା ଉପରେ ମୁଁ ଲେଖିଥିବା ଏକ ଆଲୋଚନା 'ଇସ୍ତାହାର'ରୁ ପଢ଼ି ଆପଣ ଗଦଗଦ ହେଇ ଉଠିବାର ଅକପଟ ଶ୍ରଦ୍ଧା ମୁଁ ଆପଣଙ୍କଠୁ ପାଇଛି। ଯାଜପୁରରେ 'ଲେଖକ ସାମ୍ମୁଖ୍ୟ' ମହୋତ୍ସବରେ ମୋ' 'ଧର୍ମପତ୍ନୀ' କବିତା ଆବୃତ୍ତିକୁ ଶୁଣି ଯୋଉ ତାରିଫ୍ କରିଥିଲେ, ତାହା ଏଯାଏ ମୁଁ ଭୁଲିନାହିଁ। ନୟାଗଡ଼ କଲେଜ, ନହରକଣ୍ଟା କଲେଜର ସାହିତ୍ୟ ସଭା, କବିତା ପାଠ, ସମାବେଶ-ପତ୍ରିକା, ଧରିତ୍ରୀ, ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ମୋ' ହାତରୁ 'ସାରିଆ ଭିକ ସାରସ୍ୱତ ସମ୍ମାନ' ଗ୍ରହଣ, ଓଡ଼ିଶା ସାହିତ୍ୟ ଏକାଡେମୀରେ ଆପଣଙ୍କ ପରେ ସଭାପତି ଭାବେ ଯୋଗଦେବା ଦିନ ଆପଣଙ୍କ ସହ ପ୍ରଥମ ଆଳାପ, ସମାଜ ସତ୍ୟବାଦୀ ସାହିତ୍ୟ ସମ୍ମାନ ଗ୍ରହଣ ଅବକାଶରେ ଆପଣ ଆପଣଙ୍କର ଦୁଇଟି ବହି ଉପହାର ଦେବା, ପୁରୀ ଘରେ, ଭୁବନେଶ୍ୱର ଗଜପତି ନଗର ବସାଘରେ ଘଣ୍ଟା ଘଣ୍ଟା ଗପ... ଏଇମିତି କେତେ କ'ଣ– ଏସବୁ ସ୍ମୃତି ଧୀରେ ଧୀରେ ଫିକା ହେବ। ଆପଣ ଓଡ଼ିଆ ଭାଷାକୁ ଭଲପାଇ ସାହିତ୍ୟ ପାଇଁ ଜୀବନସାରା ବାୟା। ସାହିତ୍ୟ କରି, ସଂସାରକୁ ଯେତିକି ଅନେଇବା କଥା ନ ଅନେଇ କ'ଣ ପାଇଲେ, କ'ଣ ନ ପାଇଲେ ତାହା ଭିନ୍ନ କଥା। ସେ ଘା' ମୁଁ ଉଖୁରାଉ ନାହିଁ।

ଆଖି ଆଗରେ, ଆପଣଙ୍କ ଯିବା ଲଗ୍ନରେ ଆଜି ଚଳଚ୍ଚିତ୍ର ପରି ଭାସିଯାଉଛି ଆପଣଙ୍କ ଜୀବନର ଗୋଟି ଗୋଟି ସାରସ୍ୱତ ଘଟଣା। ମନେପଡୁଛି, ପୁରୀରେ କବି କୁମାର ମହାନ୍ତିଙ୍କ 'ଅନାମ ମଠ'ରେ ଆପଣ କାଟିଥିବା ଆପଣଙ୍କ ମହାର୍ଘ ଦିନର କଥା। କୁମାର ମହାନ୍ତିଙ୍କ ଶୋକଲେଖରେ ଆପଣ ହିଁ ତ ଲେଖିଥିଲେ ଯେ 'ଅନାମ' ଆନ୍ଦୋଳନ ଥିଲା ଓଡ଼ିଆ କବିତାରେ ମାର୍କ୍ସ ଓ ଇଲିୟଟ୍‌ଙ୍କ ପଥରୋଧ। ଓଡ଼ିଆ କବିତାରେ ଅନାମ ପ୍ରବର୍ତ୍ତିତ 'ପୁରୁଷୋତ୍ତମ ଚେତନା'ର ଯେଉଁମାନେ ବାନାବୈରଖ ଧରିଥିଲେ, ତାଙ୍କ ଭିତରୁ ତ ଆପଣ ଥିଲେ ଜଣେ। ଧାଡ଼ି ଭାଙ୍ଗି ତହିଁରୁ ଆପଣଙ୍କ ଓହରି ଆସିବା ଅଲଗା କଥା। 'ଅନାମ'ରେ ଥାଆନ୍ତୁ କି 'ନାମ'ରେ ଥାଆନ୍ତୁ, ଆପଣଙ୍କ ଚେତନାରେ କିନ୍ତୁ ସାରା ଜୀବନ ଲାଗି ରହିଥିଲା ଶ୍ରୀମନ୍ଦିରର ଡୋରି। ନ ହେଲେ କି 'ଶଙ୍ଖନାଭି', 'ଚାହାଣି ମଣ୍ଡପ', 'ଭିତିରି ଚନ୍ଦନ', 'ଦର୍ପଣଶିଳା', 'ସନ୍ଧ୍ୟା ଦର୍ଶନ' ଓ 'ଦିବ୍ୟ ଅସନ୍ତୋଷ' ଭଳି ଗ୍ରନ୍ଥ-ଶୀର୍ଷକ ଆପଣଙ୍କୁ ପ୍ରାପ୍ତ ହୋଇଥା'ନ୍ତେ!

ଓଡ଼ିଆ କବିତାରେ ଆପଣ ଅର୍ଦ୍ଧବୋଧ, ଅର୍ଦ୍ଧଅବୋଧ ବୋଲି ଅନେକେ ଆପଣଙ୍କୁ ଦୁର୍ନ୍ନା ଦିଅନ୍ତି। ହେଲେ, ଏକାନ୍ତରେ, ମନ ଢାଳି ଆପଣଙ୍କୁ ସତରେ କେଇଜଣ ପଢ଼ିଥା'ନ୍ତି! 'ଲାଲକଢ଼ର ତପସ୍ୟା' (୧୯୮୨)ରେ ଏକ କବିତା ('ନିଜ ସମ୍ପର୍କରେ')ରେ ଆପଣ ତ ଲେଖିଥିଲେ: "ମନେହୁଏ ଲେଖନ୍ତି ନାହିଁ ଯଦି ପ୍ରେମରେ ପଡ଼ି ନ ଥାନ୍ତି,/ ଯଦି ବନ୍ଧୁମାନେ ଭେଟନ୍ତେ ନାହିଁ ଯଦି ନ ଥାନ୍ତା ପ୍ରକୃତିର ବିସ୍ମୟ,/ ନ ଥାନ୍ତା ଯଦି ଏକ ତୃତୀୟ ଶକ୍ତିର ଅଜ୍ଞାତ ଯନ୍ତ୍ରଣା/ ନ ଥାନ୍ତା ଯଦି ଦେଶ ଓ ବିପୁଳ ଜନତା।" ଏ କ'ଣ ଅବୋଧ? ମଣିଷ ଓ ଦେଶ ପାଇଁ ଆପଣଙ୍କ ଚାପାକାନ୍ଦ କ'ଣ ଛପିନାହିଁ ଏଥିରେ? ଆରମ୍ଭରୁ ଆପଣଙ୍କ କବିତା ଉପରେ ମୁଁ ଲେଖିଥିବା ଯେଉଁ ଆଲୋଚନା ବିଷୟରେ କହିଛି, ସେଥିରେ ମୁଁ ଲେଖିଥିଲି: "ହରିହର ନିଜ କବିତାରେ ଓଡ଼ିଶୀ ଆତ୍ମୀୟତା ସୃଷ୍ଟିର ଯେଉଁ ପରମ୍ପରା 'ଶଙ୍ଖନାଭି'ରୁ ଆରମ୍ଭ କରିଥିଲେ, ତାହା 'ଭିତିରି ଚନ୍ଦନ'ରେ ପୁଷ୍ପିତ। ଏଲିୟଟୀୟ ଆଧୁନିକତାଠାରୁ ଭାରତୀୟ ଆଧୁନିକତାକୁ ଭିନ୍ନ କରିବା ପାଇଁ କବି ତାଙ୍କ କବିତାକୁ ଯେଉଁ ଆଞ୍ଚଳିକ ବୈଶିଷ୍ଟ୍ୟରେ ମଣ୍ଡିତ କରିଛନ୍ତି, ତାହାର କ୍ୱଚିତ୍ ନମୁନା ତାଙ୍କ ସମସାମୟିକ ଅନ୍ୟ କବିଙ୍କ କବିତାରୁ ମିଳେ।" ୨୦୦୦ ମସିହାରେ ଆପଣଙ୍କ କବିତା ସମ୍ପର୍କରେ ମୁଁ ଦେଇଥିବା ଏଇ ମତରେ ଏବେ ବି ଅଟଳ।

ଏହା ସତ୍ତ୍ୱେ ସ୍ୱୀକାର କରିବାକୁ ମୋର ଦ୍ୱିଧା ନାହିଁ ଯେ ଆପଣଙ୍କର ସବୁ କବିତାକୁ ଅକ୍ଷରେ ଅକ୍ଷରେ ମୁଁ କେତେ ବା ବୁଝିଛି! ମୁଁ ଜାଣେ, ପ୍ରେମିକା ଆଉ କବିତା-ଯାଙ୍କୁ ବୁଝିବାକୁ ଚେଷ୍ଟା କରିବା ହିଁ ଧୃଷ୍ଟତା। ୧୯୬୩ରେ ଆପଣ ପୁରୀରେ ଅନୁଷ୍ଠିତ ପ୍ରଥମ 'ଯୁବଲେଖକ ସମ୍ମିଳନୀ'ରେ ଯେଉଁ ଦୀର୍ଘ କବିତା 'ଶଙ୍ଖନାଭି' ପଢ଼ିଥିଲେ, ସେତେବେଳକୁ ମୋର ବୟସ ଆଠବର୍ଷ। ବହୁ ପରେ କବିତା-ମାର୍ଗକୁ ଆସିବା ପରେ ଆପଣଙ୍କର ଏ କବିତା ମୁଁ ପଢ଼ିଛି। କବିତାର ଶେଷଧାଡ଼ି ଦୁଇଟି– "ମୁଁ ଏକ ଉତ୍ତପ୍ତ ଅନ୍ଧାର/ ମୁଁ ଝରିଛି ଟୋପାଟୋପା ସ୍ତନରୁ ତାରାର" ମୋତେ ମୁଗ୍ଧ ଓ ଅବାକ୍ କରିଛି, ହେଲେ ଏହାର ଅସଲ ଅର୍ଥକୁ ମୁଁ ଏବେ ବି ଖୋଜି ହେଉଛି। ଅର୍ଥ ଖୋଜିବାର ଏହି ବାଧବାଧକତା ଆପଣଙ୍କ କବିତା ଭିତରକୁ ବନ୍‌ଶୀ କଣ୍ଟା ପରି ଯେ ପାଠକଙ୍କୁ ଟାଣେ, ଏ ବିଶ୍ୱାସ ମୋର କେବେ ବି ଊଣା ହୋଇନାହିଁ।

ଆପଣ କବିତାରେ ନିଜ ପାଇଁ କେବେ ବି ଗୋଡ଼ାଣିଆ ତିଆରି କରିନାହାନ୍ତି, ତେଣୁ ଆପଣଙ୍କ ସାଧନା ପାଇଁ ଆପଣଙ୍କୁ ଆଶାନୁରୂପ କବଚକୁଣ୍ଡଳ ମିଳିନାହିଁ। ଆପଣ ଆପଣଙ୍କର ଏକ କବିତାରେ ନିଜେ କବୁଲ୍ କରିଛନ୍ତି: "ଶତାବ୍ଦୀର ସଫଳ ବ୍ୟକ୍ତିଟିଏ ହେବାପାଇଁ ମତେ ସେ ମନ୍ତ୍ରଣା ଆଉ ଚତୁରତା ଜଣାନାହିଁ।" ('ମୁହୂର୍ତ୍ତର ଶତାବ୍ଦୀ', ଭିତିରି ଚନ୍ଦନ)। ଏଇଥିରେ ପୁଣି ଆପଣଙ୍କ ଅବସୋସ ବାଢ଼ି ଦେଇଛନ୍ତି: "ଅଥଚ ସବୁରି ସଙ୍ଗେ ମିଶି/ କେତେ କାନ୍ଧ ଲଗେଇନି/ ନିଜେ ପୁଣି ଏକାଏକା କେତେ ନିଜ ଲୁହ ମୁଁ ପିଇନି!"

ଅର୍ଥ-ସ୍ୱାଧୀନ ଅକ୍ଷର ଓ ଅକ୍ଷର-ସ୍ୱାଧୀନ ଅର୍ଥର ମହିମାଦୀପ୍ତ କବି ଆପଣ! ଆପଣ 'ସ୍ୱପ୍ନ ବିନିମୟ'ର କବି, 'ସ୍ୱପ୍ନ-ସଂଗୋପନ'ର ନୁହନ୍ତି। ପଢ଼ି ସାରିବାର ବହୁଦିନ ପରେ ଆପଣଙ୍କ କବିତା ଛାତିରେ ରୁଗୁରୁଗୁ ହୁଏ। ସମୟର ଶିଳାଲିପି ସେ ସବୁ। ଓଡ଼ିଆ କବିତାର ଉଚ୍ଚତମ ଶୃଙ୍ଗ ମଧ୍ୟରୁ ଆପଣ ଗୋଟିଏ, ଆଜି କାଳର କୁହୁଡ଼ିରେ ଅଦୃଶ୍ୟ। ହେଲେ, ଆମ ସ୍ମୃତିରୁ ଆପଣଙ୍କୁ ପୋଛିଦେବ କିଏ?

ମୋ: ୯୮୫୩୨୮୭୭୫୫






କବି ହରିହର ମିଶ୍ର ପ୍ରଖ୍ୟାତ ହିନ୍ଦୀ କବି ଅଶୋକ ବାଜପାୟୀଙ୍କଠାରୁ ଶାରଳା ପୁରସ୍କାର ଗ୍ରହଣ କରୁଛନ୍ତି।

### ନଥିବା ଲୋକର କଥା

ହରିହର ମିଶ୍ର

ବର୍ତ୍ତମାନ ପାହାଡ଼ କ'ଣ କରୁଥିବ କେଜାଣି
ଇତିହାସ ଭଳି ମଉନ ନ ଥିବ
ଇତିହାସର ଘୋଡ଼ା ଦୌଡ଼ରେ
ନିଜେ କିଛି ବାଟ ଧାଇଁଥିବା ପାହାଡ଼
ଶୋଇ ପଡ଼ିଥିବ ନଦୀଟିର ସଫେଦ ଶଯ୍ୟାରେ
ତା' ଭିତରର ଅରଣ୍ୟ ଜଳୁ ଜଳୁ
କରୁଣ ଭାବରେ ପାଲଟି ଯାଇଥିବ
ସଭ୍ୟତାର ମୁଠାଏ ପାଉଁଶ।

ଆକାଶ କ'ଣ କରୁଥିବ କେଜାଣି
ମୃତ ଗ୍ରହମାନଙ୍କୁ ଜୀବନ୍ୟାସ ଦେଉଥିବ
ଦୁର୍ଦ୍ଦଶାପନ୍ନ ପୃଥିବୀର କରୁଣ ମନ୍ତ୍ରରେ
ଏବଂ ଆଦେଶ ଦେଉଥିବ ସୂର୍ଯ୍ୟଭଳି ନକ୍ଷତ୍ରମାନଙ୍କୁ
ଚୋରି କରିନେବାକୁ ବାୟୁମଣ୍ଡଳ ଓ ଋତୁମାନଙ୍କୁ
ଅନ୍ୟତ୍ର... ଓ ସୌରଲୋକରେ ଜାଳି ଦେଉଥିବ
ଧରିତ୍ରୀ ବୁକୁରେ ଥିବା କର୍କଟ କ୍ଷତକୁ
କିମ୍ବା ଅପେକ୍ଷା କରିଥିବ ପ୍ରାର୍ଥନା ପୂର୍ଣ୍ଣ
ଭିନ୍ନ ଭିନ୍ନ ଆବେଦନ ପତ୍ରଗୁଡ଼ିକୁ।

ଏତେବେଳେ ସମୁଦ୍ର କ'ଣ କରୁଥିବ କେଜାଣି
ଶୋଇପଡ଼ିଥିବ କୁଢ଼କୁଢ଼ ବାଲିସ୍ତୂପରେ ମୁଣ୍ଡ ଦେଇ
ନିରର୍ଥକ ଗର୍ଜନରେ ମାତିବାକୁ ଦମ୍ ନେଉଥିବ
କିମ୍ବା ସୂର୍ଯ୍ୟ, ଚନ୍ଦ୍ରଙ୍କ କିରଣରେ ତାଳ ଦେଇ
ନୃତ୍ୟ ରଚିବା ପାଇଁ ଢେଉମାନଙ୍କ ପାଦରୁ
ଫେଣର ବ୍ୟାଣ୍ଡେଜ୍‌ଗୁଡ଼ିକ ଖୋଲି ଦେଉଥିବ
ଅଥବା ଆଦୌ ଉଠିବ ନାହିଁ ଶୀତ ଋତୁରେ
ପ୍ରତ୍ନତତ୍ତ୍ୱବିତ୍ ଭଳି ବୁକୁରେ ଜାବୁଡ଼ି ଧରି ଫସିଲ୍‌ମାନଙ୍କୁ।

ଯିଏ ଯାହା କରୁ ମୁଁ ଦି'ଖଣ୍ଡ ହାଡ଼
ଛୁଇଁବା ମାତ୍ରେ ତା' ଶୀର୍ଣ୍ଣ ବାହୁର
ପାହାଡ଼ ବୁହାଇ ଦବ ସ୍ୱପ୍ନର ଝରଣା
ଆକାଶ ଢାଙ୍କିଦବ ନିଦର ଓଢ଼ଣା
ଆଉ ସମୁଦ୍ର ଅଜାଡ଼ିଦବ ମୁକ୍ତାର ବିଛଣା।
ମୁଁ ତା'ର ଅନାହାର ଗର୍ଭର ଶିଶୁ
ଆଉ ତା'ର ଦରୋଟି କଥାକୁ ଅପେକ୍ଷା କରିଛି
ସେ ମୁକ୍ତ ହେଲେ ବିସର୍ଜିତ ହେବ
ଦୁଃସାହସିକ ଗାଥା ଆଉ ପୌରାଣିକ ଯୁଦ୍ଧର କାହାଣୀ।

## କବିତା

### ଏଇ ଏଇ...

ଛବିରାଣୀ ପତି

ନିଜ ଶବକୁ ନିଜ କାନ୍ଧରେ ବହିବାର ଦୁଃଖ
ତୁମେ କ'ଣ ବୁଝିବ ଅକ୍ଟୋପସ୍!

ବାଘପରି କ୍ଷିପ୍ରଗତିରେ
ଦୌଡୁଛି ଯେ ଦୌଡୁଛି
ଖାଲି ଏ ଚାଖଣ୍ଡେ ପେଟ ପାଇଁ ନୁହେଁ,
ଦେହର ବି ଯାବତ ଭୋକ ମାରିବାକୁ
ଖାଦ୍ୟ ଖାଦକ ସଂଘର୍ଷର ଲୁଚକାଳିରେ
ସାପ ଶିଡ଼ି ପରି ହାର୍‌ଜିତ୍‌ର ଛକାପଞ୍ଝାରେ
କେବେ ମାରିବାକୁ ଅନ୍ୟକୁ ତ ପୁଣି
କେବେ ନିଜେ ବଳି ପଡ଼ିବାକୁ।

ଜୀବନଟା ସବୁବେଳେ ଚ୍ୟାଲେଞ୍ଜର
ଅକସ୍ମାତ୍ ଚକ୍ରବ୍ୟୂହରେ
ଭିତରେ ହଜେଇ ବାହାରେ ଖୋଜୁଛି
ପବନରେ ଉଡ଼େଇ ପାଣିକୁ ଘାଣ୍ଟୁଛି
ଏକ ଅନିଶ୍ଚିତ ଭବିଷ୍ୟତ ନେଇ।

ସାଙ୍ଗରେ ଥାଇ ଛଳନା କରୁଥିବା
ମିଠା ଛୁରି ହୋଇ ଶତ୍ରୁତା ଦେଖାଉଥିବା
ବହୁରୂପୀ ଏଣ୍ଡୁଅମାନଙ୍କର
ସତରେ ଏଠି ଖୁବ୍ ଭିଡ଼,
ତୁମେ ବା ଅଧିକ କ'ଣ କଲ?

ମିଛ ନୁହେଁ...!
ସତ ପଥରେ ଥିବା ଲୋକର ପରୀକ୍ଷା ତ
ଏଠି ସ୍ୱୟଂ ଭଗବାନ ବି ନିଅନ୍ତି।

ଯୋଉଠି ଆୟ ସମ୍ମାନ ଦେଉଥାଇ
ବଳ କୁରାଢ଼ିର ବେଣ୍ଟ ହୋଇଥାଇ!
ସେଥିପାଇଁ ତ କୁହାଯାଏ
ବହି ଶିକ୍ଷା ବେଳେ ନିଦ ଆସେ
ଆଉ ଜୀବନ ଶିକ୍ଷା...
ସେଇ ନିଦକୁ ପୁଣି କେମିତି ହଜେଇଦିଏ
ଏଇ ତ ହେଉଛି ଅସଲ ଜୀବନର ଶିକ୍ଷା
ଯାହା ତୁମେ ବି ଦେଇଗଲ ଏଇ ଏଇ...।

ମୋ: ୯୩୩୭୯୬୦୦୬୦

### କ୍ଷତ

ସନ୍ୟାସୀ ନାୟକ

ମୁଁ ମରିଗଲେ ବଦଳିବ ନାହିଁ
ପୃଥିବୀର କିଛି ଚିତ୍ର,
କାହାଣୀର କିଛି ଅଙ୍କ ସରିଯିବ
ଚାଲିଥିବ ଚଳଚ୍ଚିତ୍ର।
ଯେବେ ମୋ' କୋକେଇ
ତା' ଘର ଦେଇ
ରାମ ନାମ କହି ଯିବ,
ଆଖି ଲୁହ ପୋଛି ପଣତ କାନିରେ
(ସିଏ) ଫୁଲଟିଏ ଫିଙ୍ଗୁଥିବ।

ଭିଜା ଆଖି ଦେଖି ପଚାରିବ ଯେବେ
ମଲା ଯିଏ ତୋର କିଏ,
ଉତ୍ତର ମିଳିବ ଭଲ ମଣିଷଟେ
ମୋର ନୁହେଁ କେହି ସିଏ।

ଗୋପନ ପୀରତି ଭଙ୍ଗା ହୃଦୟରେ
ଜୁଇରେ ଜଳିବି ମୁହିଁ,
ମେଦ ଜଳି ଯାଇ ହାଡ଼ ଫୁଟି କହେ
ଭଲରେ ରହିଥା ତୁହି।

ମୋ: ୯୪୩୭୩୫୨୫୬୦

### ଶେଷ କଥା

ଭବାନୀ ଶଙ୍କର ଦାଶ

ତୁମେ ଆସିବ ବୋଲି
ଦୀର୍ଘ ଦିନୁ ବନ୍ଦୀ କରି ରଖିଥିବା
ଆପଣାକୁ ଖୋଲିଖାଲି ଦେଲି।

ତୁମେ ଆସୁଛ ବୋଲି
ଦେବତା ହେବାଠୁ ଭଲ
ମଣିଷ ହେଲି।

ତୁମେ ଆସିଲ ବୋଲି
ମରୁମରୁ ବଞ୍ଚିଗଲି
ଶେଷ କଥା କହିଦେଲି
ବଞ୍ଚିବା ମରିବା ସବୁ ଏକ ଅର୍ଥ
ଏବେ ଜାଣିଲି।

ମୋ: ୮୯୧୭୬୨୪୩୮୬

## ପୁସ୍ତକ ପରିଚୟ

### ଆପଣା କଲା କର୍ମମାନ



**ଲେଖକ:** ରାଧାଶ୍ୟାମ ରାଉଳ
**ପ୍ରକାଶକ:** ସିଦ୍ଧେଶ୍ ପବ୍ଲିଶିଂ ହାଉସ୍, ଅଲିଶା ବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୭୦/-

ମୋଟ ୩୨ଟି ବ୍ୟଙ୍ଗ ଓ ରମ୍ୟ ରଚନା ଆଲୋଚ୍ୟ ଗ୍ରନ୍ଥରେ ସନ୍ନିହିତ। ଏହା ଲେଖକଙ୍କର ଅଷ୍ଟମ ପୁସ୍ତକ। ବ୍ୟଙ୍ଗ ଓ ରମ୍ୟ ରଚନା କ୍ରମରେ ଏହାର ସ୍ଥାନ ସପ୍ତମ। ଲେଖକ ଗ୍ରନ୍ଥାରମ୍ଭରେ ଥିବା 'କିଛି ମନଖୋଲା କଥା' ଶୀର୍ଷକ ଗଦ୍ୟଲେଖରେ କହିଛନ୍ତି: "ବଦଳୁଥିବା ଲୋକ ଚରିତ୍ରକୁ ଅନୁଧ୍ୟାନ କରି ମୁଁ ବାରମ୍ବାର ବିସ୍ମିତ ହୁଏ। ଅତୀତ ନୁହେଁ କି ଭବିଷ୍ୟତ, ବରଂ ବର୍ତ୍ତମାନ ଉପରେ ମୁଁ ଦୃଢ଼ ବିଶ୍ୱାସ ରଖେ। x x ସତ୍ୟ ହିଁ ମୋର ଅମୋଘ ଅସ୍ତ୍ର। x x ସକଳ ଅନ୍ୟାୟ, ଅତ୍ୟାଚାର ସହିବା ଭିତରେ ମୋ' ଭିତରର ମଣିଷଟା ଯେତେବେଳେ ବିଦ୍ରୋହ କରେ, ସେତେବେଳେ ମୁଁ କଲମ ଧରି ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସ୍ୱରୋତ୍ତୋଳନ କରେ।" ଆପଣା କଲା କର୍ମମାନ, ମାର୍କାମରା ପାଗଳ, ଶଙ୍ଖଚିଲ ଭାଇ ନମସ୍କାର, ସାଧୁ ସାବଧାନ, ପଦ୍ମତୋଳା, ମନ୍ତ୍ରୀ ଆସିଥିଲେ, ଦଲାଲ୍, ଭଡ଼ାଟିଆ ବକ୍ତା, ପଡ଼ୋଶୀ ନମ୍ବର ୱାନ୍, ବିଲ୍‌ଡିଂ ଇନ୍‌ସପେକ୍ଟର, ଫର୍ ଇଓର କାଇଣ୍ଡ୍ ଇନ୍‌ଫର୍‌ମେଶନ୍ ଓ ଅପରେଶନ୍ ସୁପରଫ୍ଲପ୍ ଭଳି ଲେଖାଗୁଡ଼ିକ ପଢ଼ିବା ଆଗରୁ ଏହି ଶିରୋନାମଗୁଡ଼ିକ ପାଠକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରେ। ଗଳ୍ପଗୁଡ଼ିକର ବିଷୟ ଚୟନ, ଭାଷା ବିନ୍ୟାସ ଓ ସମାଜରେ ନିତି ପ୍ରତି ଘଟୁଥିବା ଘଟଣା ପ୍ରତି ଛଞ୍ଚାଣପ୍ରତିମ ତୀକ୍ଷ୍ଣତା ଦେଇ ଦୃଷ୍ଟିପାତ ବେଶ୍ ପ୍ରଭାବଶାଳୀ ହୋଇପାରିଛି। ଉତ୍ପ୍ରୋଧହୀନ ସତ୍ୟ ସହିତ ମିଶି ରହିଛି ବିଦ୍ୱେଷହୀନ ମଧୁରତା, ଯାହା ବ୍ୟଙ୍ଗ ରଚନାର ପ୍ରମୁଖ ଧର୍ମ। ଆଶା କରିବା ଯେ ବହିଟି ପାଠକୀୟ ଆଦୃତି ଲାଭ କରିବ ଓ ବ୍ୟକ୍ତି ତଥା ପାଠାଗାର ପାଇଁ ବୌଦ୍ଧିକ ସଂଚୟ ବିବେଚିତ ହେବ।

### Seeing the World




**ଲେଖକ:** ଅଜିତ୍ କୁମାର ମହାପାତ୍ର
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ମୋଟ ୨୨ଟି ବିଜ୍ଞାନଭିତ୍ତିକ ଇଂଲିଶ୍ କବିତାର ଏହି ସଂକଳନଟି ମୌଳିକତା, ଦୃଷ୍ଟିଭଙ୍ଗୀରେ ନୂତନତା ଓ ପ୍ରକାଶ ପରିପାଟୀରେ ସରଳ-ସୂକ୍ଷ୍ମତା ପାଇଁ ପାଠିକାପାଠକଙ୍କ ସକାଶେ ଯେ ଆକର୍ଷଣ ରଖିବ, ଏ ବିଶ୍ୱାସ ରଖାଯିବ ଏଇଥିଲାଗି ଯେ ପ୍ରୌଢ଼ି ନୁହେଁ, ଅନୁଭବ ଓ ଅଭିଜ୍ଞତା କବିତାଗୁଡ଼ିକର ଆଧାର। ପ୍ରଫେସର ମନ୍ମଥ କୁଣ୍ଡୁ ବହିଟି ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି: "Through all the poems, apparently separate, runs a story line his main objective, linking all the nineteen poems into a coherent whole, a longer 'Savitri' like prosaic poem." ପ୍ରଫେସର କୁଣ୍ଡୁଙ୍କର ଏ ମନ୍ତବ୍ୟ ଗ୍ରନ୍ଥସ୍ଥ କବିତାଗୁଡ଼ିକ ପ୍ରତି ତାଙ୍କ ନିବିଡ଼ ଅନୁରାଗର ପରିଚୟ ଦିଏ। ବହିର କେତେକ କବିତାରେ କୋଭିଡ୍ ଓ ଉତ୍ତର-କୋଭିଡ୍ ପରିଦୃଶ୍ୟ, ୟୁକ୍ରେନ୍-ରୁଷ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ, ଜଳବାୟୁ ବିପର୍ଯ୍ୟୟ ଆଦି ନାନା ମାନବୀକୃତ ଓ ପ୍ରାକୃତିକ ସଂଘାତର ଯେଉଁ ଅନ୍ତରଙ୍ଗ ଚିତ୍ର ପ୍ରକଟିତ, ତାହା ଲେଖକଙ୍କ ବୃତ୍ତି ଓ ପ୍ରବୃତ୍ତିର ଏକ ପ୍ରତ୍ୟାଶିତ ସନ୍ଧି। ବହିର ଅନେକ ଉଲ୍ଲେଖ ରୂଢ଼ି ପର୍ଯ୍ୟାୟକୁ ଉନ୍ନୀତ। ଯଥା: "Unification of mankind/ Coexistence of religions" ଓ "Merger of split up mankind/ into one universal family/ is the future of humanity" ଇତ୍ୟାଦି। ଶୈଳୀ ଗଦ୍ୟଧର୍ମୀ ହେଲେ ବି କବିତାର ଅନ୍ତଃସ୍ଥଳରେ ଯେଉଁ କୋମଳ ଲାଳିତ୍ୟ, ତାହା ବହିଟିକୁ ସୁଖପାଠ୍ୟ କରିଛି।

## ଅମୃତଭଣ୍ଡା

ଲଳିତ ମୋହନ ମିଶ୍ର

ଲଘୁଗଳ୍ପ

ହଇ ହେ... ଶୁଣୁଛଟି... ଏତେଗୁଡ଼ିଏ କଞ୍ଚା ଅମୃତଭଣ୍ଡା କ'ଣ ପାଇଁ ଆଣିଲ? କିଏ ଖାଇବ? ତୁମେ ତ ଜାଣିଛ ମୋତେ ଭଣ୍ଡା ପସନ୍ଦ ନୁହେଁ। ପିଲାମାନଙ୍କୁ ଭଣ୍ଡା କଥା କହିଲେ ଡେଉଁଛନ୍ତି। ଏତେଗୁଡ଼ିଏ ଭଣ୍ଡା କ'ଣ କରିବା? ପତ୍ନୀ ସ୍ୱାମୀଙ୍କୁ ବିରକ୍ତ ହୋଇ କହୁଥାଆନ୍ତି।

ଆରେ! ଭାଗ୍ୟବତୀ... ଏହାକୁ ତରକାରି କରିଦିଅ, ଡାଲମାରେ ପକାଅ ନଚେତ୍ ଆମ୍ବିଳ କରିଦିଅ।

ମୁଁ ଜାଣିପାରୁନାହିଁ, ତୁମକୁ କେତେଥର ମନାକରିଛି। କଞ୍ଚା ଅମୃତଭଣ୍ଡାକୁ ଘରେ କିଏ ପସନ୍ଦ କରୁନାହାନ୍ତି। କାହିଁକି ଆଣି ଅଯଥାରେ ଗାଳି ଶୁଣୁଛ, ଏପଟେ ଫିଙ୍ଗା ହେଉଛି।

ସ୍ୱାମୀ କହିଲେ... ସତରେ କ'ଣ ତୁମକୁ ଅମୃତଭଣ୍ଡା ତରକାରି ଆଦୌ ପସନ୍ଦ ନୁହେଁ, ପିଲାମାନେ ସନ୍ତୁଳା, ଆମ୍ବିଳ କଲେ ଖାଇବେ ନାହିଁ।

ମୁଁ ତୁମକୁ ଗୋଟିଏ ସତ କଥା କହିବି, ରାଗିବ ନାହିଁ ତ? କ'ଣ ହୋଇଛି କି... ମୁଁ ୱାକିଂ ସାରି ଘରକୁ ଫେରୁଥିଲି, ରାସ୍ତା କଡ଼ରେ ବୁଢ଼ୀଟିଏ କଞ୍ଚା ଅମୃତଭଣ୍ଡା ବିକ୍ରି କରୁଥିଲା। ସେ ଜଣେ ମହିଳାଙ୍କୁ କହୁଥିଲା, ଭଉଣୀ! ଅମୃତଭଣ୍ଡାତକ ନେଇଯାଅ। ଦୁଇ ଦିନ ହେଲା ମୋ' ଘରେ ଚୁଲି ଜଳିନାହିଁ। ଏହାକୁ କମ୍ ଦାମ୍‌ରେ ନେଇଯାଅ। କିନ୍ତୁ ବୁଢ଼ୀ ଯାହା କହିଲେ ବି କେହିହେଲେ ତା' ଅମୃତଭଣ୍ଡା କିଣିଲେ ନାହିଁ। ମୋର ତା' ପ୍ରତି ଦୟା ଆସିଲା। ମୁଁ ବୃଦ୍ଧାଙ୍କୁ ପଚାରିଲି- ମା' ଆପଣ ଏହି ଅମୃତଭଣ୍ଡାକୁ କେତେ ଟଙ୍କାରେ ଦେବେ? ସେ କହିଲା, ପୁଅ! ତୁମେ ଯାହା ଦେଉଛ ଦିଅ। ଭଗବାନ ତୁମକୁ ଆଶୀର୍ବାଦ କରିବେ।

ମୁଁ କ'ଣ କରିପାରିବି ପୁଅ, ମୁଁ ବହୁତ ଗରିବ ଲୋକ। ଘରେ ଦୁଇ ଚାରିଟି ଅମୃତଭଣ୍ଡା ଗଛ ଅଛି। ସେଗୁଡ଼ିକ ହେଉଛନ୍ତି ମୋ' ଜୀବନଧାରଣର ସାହାରା। କିଛିଦିନ ତଳେ ପାଚିଲା ଅମୃତଭଣ୍ଡା ବିକ୍ରି କରୁଥିଲି। ସେଥିରେ ଦୁଇଓଳି ଚୁଲି ଜଳୁଥିଲା। କିନ୍ତୁ ଏବେ ପାଚିଲା ଅମୃତଭଣ୍ଡା ସରିଲା। କଞ୍ଚା ଭଣ୍ଡା ଲୋକ ନେବାକୁ ସେତେ ଆଗ୍ରହୀ ନୁହନ୍ତି। ଘରେ ମୋର ଛୋଟ ନାତୁଣୀଟିଏ। ଦୁଇ ଦିନ ହେଲା ଭୋକିଲା। ଦୁଇ ବର୍ଷ ତଳେ ପୁଅବୋହୂ କରୋନାରେ ଚାଲିଗଲେ। ସେବେଠାରୁ ମୋର ସାହାରା ହୋଇଛି ଏହି ଅମୃତଭଣ୍ଡା ଗଛ। ତାଙ୍କରି ଦ୍ୱାରା ଜୀବନ ବିତାଉଛି। ମୁଁ ଶହେ ଟଙ୍କାରେ ତାଙ୍କର ସମସ୍ତ ଅମୃତଭଣ୍ଡା କିଣିଲି।

ସ୍ୱାମୀଙ୍କ ଡର ଡର କଥାରେ ପତ୍ନୀଙ୍କ ଆଖିରୁ ଅଜାଣତରେ ଲୋତକ ଝରି କପୋଳ ଦେଇ ବୋହି ଆସିଲା। ପତ୍ନୀ ଲୋତକାପ୍ଳୁତ ଓଠରେ କହିଲେ, 'ଓହୋ! ଗରିବ ଅସହାୟ ବୁଢ଼ୀଟିକୁ ଶହେ ନୁହେଁ ବରଂ ଦୁଇଶହ ଦେଇଥାଆନ୍ତ... ସେମାନଙ୍କର ଆଶୀର୍ବାଦ ଆମକୁ କେତେ ଟଙ୍କା ଦେବ...।' ଏହା ଶୁଣି ସ୍ୱାମୀ ନିର୍ବାକ୍ ହୋଇ ପତ୍ନୀଙ୍କୁ ଚାହିଁ ରହିଥିଲେ...।

ମୋ: ୯୪୩୭୯୮୫୮୬୬

## କାଳକାଳକୁ

"ଭଲ ଲେଖା ମୋତେ ବିହ୍ୱଳ କରେ ଓ ଜୀବନକୁ ବଞ୍ଚିବା ଲାଏକ୍ କରେ।"

– ହାରୋଲ୍‌ଡ ପିଣ୍ଟର୍



**ହାରୋଲ୍‌ଡ ପିଣ୍ଟର୍‌ଙ୍କ** ଜନ୍ମ ୧୦ ଅକ୍ଟୋବର ୧୯୩୦ରେ ଓ ପରଲୋକ ୨୪ ଡିସେମ୍ବର ୨୦୦୮ରେ, ଇଂଲଣ୍ଡରେ। ଏକାଧାରରେ ନାଟ୍ୟକାର, ଚଳଚ୍ଚିତ୍ର ପଟକଥା ଲେଖକ ଓ ଅଭିନେତା ପିଣ୍ଟର୍‌ଙ୍କର ପ୍ରସିଦ୍ଧ ରଚନା ମଧ୍ୟରେ 'ଦ ବାର୍ଥଡେ ପାର୍ଟି' (୧୯୫୭), 'ଦ ହୋମ୍ କମିଂ' (୧୯୬୪) ଓ 'ବିଟ୍ରେୟାଲ୍' (୧୯୭୮) ପ୍ରମୁଖ ଅଟେ। ଆଧୁନିକ ବ୍ରିଟିଶ୍ ନାଟ୍ୟକାରଙ୍କ ମଧ୍ୟରେ ବେଶ୍ ପ୍ରଭାବଶାଳୀ ଏହି ଲେଖକ 'ଦ ଟ୍ରାୟଲ' ଭଳି ବହୁ ବିଖ୍ୟାତ ରଚନାର ନାଟ୍ୟରୂପ ପ୍ରସ୍ତୁତ କରିଛନ୍ତି। ମୁକ୍ତମଞ୍ଚ, ଆକାଶବାଣୀ ଓ ଦୂରଦର୍ଶନରେ ନାଟ୍ୟ ନିର୍ଦ୍ଦେଶନା ପାଇଁ ଅମିତ ଯଶର ଅଧିକାରୀ ଏହି ଲେଖକ ନାଟ୍ୟ ସାହିତ୍ୟକୁ ନିଜର ସ୍ମରଣୀୟ ଅବଦାନ ପାଇଁ ୨୦୦୫ରେ ପାଇଛନ୍ତି ନୋବେଲ ପୁରସ୍କାର। ସେ କହନ୍ତି: "ବାସ୍ତବ ଓ ଅବାସ୍ତବ ମଧ୍ୟରେ ବା ସତ୍ୟ ଓ ଅସତ୍ୟ ମଧ୍ୟରେ ଶକ୍ତ ପ୍ରଭେଦ ନାହିଁ।"

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୮/୨୦୨୪ Bhubaneswar, Saturday, September 28/ 2024

# ଦ୍ୱିତୀୟ ଟେଷ୍ଟ: ବାଂଲାଦେଶ ୧୦୭/୩

କାନପୁର,୨୭।୯(ପି.ଟି.)

କାନପୁରରେ ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ବାଂଲାଦେଶ ୩ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଛି। ବର୍ଷା ବାଧାପ୍ରାପ୍ତ ଦିନରେ ମାତ୍ର ୩୫ ଓଭରର ଖେଳ ସମ୍ଭବ ହୋଇଥିଲା। ମେଘୁଆ ପାଗ ରହିବା ନେଇ ପୂର୍ବାନୁମାନ ରହିଥିବା ବେଳେ ଭାରତ ୩ ପେସ୍ ବୋଲରଙ୍କ ସହ ଓହ୍ଲାଇଥିଲା। ଫଳରେ ଲୋକାଲ ବୟ କୁଲଦୀପ ଯାଦବଙ୍କୁ ବାହାରେ ବସିବାକୁ ପଡିଥିଲା। ଟସ୍ ଜିତି ଭାରତୀୟ ଅଧିନାୟକ ରୋହିତ ଶର୍ମା ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବର୍ଷା କାରଣରୁ ମ୍ୟାଚ୍ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

ବାଂଲାଦେଶ ପକ୍ଷରୁ ଦୁଇ ଓପନର ଜାକିର ହସନ(୦) ଓ ଶଦମାନ ଇସଲାମ(୨୪) ପ୍ରଥମ ଉଇକେଟରେ ୨୬ ରନ୍ ଯୋଡିଥିଲେ। ୨୪ ବଲ୍ ଖେଳି ଖାତା ଖୋଲି ପାରି ନ ଥିବା ଜାକିରଙ୍କୁ ଅଷ୍ଟମ ଓଭରରେ ଆଉଟ କରିଥିଲେ ଆକାଶଦୀପ୍। ଏହାର ୪ ଓଭର ମଧ୍ୟରେ ଅନ୍ୟତମ ଓପନର ଶଦମାନଙ୍କୁ ଆଉଟ କରି ଦ୍ୱିତୀୟ ସଫଳତା ହାସଲ କରିଥିଲେ ଆକାଶ ଦୀପ। ପରବର୍ତ୍ତୀ ୨ ବ୍ୟାଟର ନଜମୁଲ ହୋସେନ ଶନ୍ତୋ ୩୧ ଓ ମୋମିନୁଲ ହକ୍ ୪୦ ରନ୍ କରିଥିଲେ। ଉଭୟ ଖେଳାଳି ଚତୁର୍ଥ ଉଇକେଟରେ ୫୧ ରନ୍ ଯୋଡିଥିଲେ। ବାଂଲାଦେଶ ୮୧ ରନ୍ କରିଥିବା ବେଳେ ଅଧିନାୟକ ନଜମୁଲ ହୋସେନ ଶନ୍ତୋଙ୍କୁ ଲେଗ୍ ବିଫୋର କରିଥିଲେ ଅଶ୍ୱିନ। ଶନ୍ତୋ ୫୭ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟପକ୍ଷରେ ମୋମିନୁଲ ୪୦ ରନ୍ କରି ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରୁଛନ୍ତି। ଭେଟେରାନ୍ ମୁଶଫିକୁର ରହିମ ୬ ରନ୍ କରି ଅପର ପାର୍ଶ୍ୱରେ ଅପରାଜିତ ଅଛନ୍ତି। ମୋମିନୁଲ ଦୀର୍ଘ ସମୟ ଧରି ବ୍ୟାଟିଂ କରିଥିବା ବେଳେ ୮୧ ବଲ୍ ଖେଳି ୭ ଚୌକା ମାରିଛନ୍ତି। ଭାରତ ପକ୍ଷରୁ ଆକାଶ ଦୀପ୍ ୨ ଓ ଅଶ୍ୱିନ ୧ ଉଇକେଟ ନେଇଛନ୍ତି। ୩୫ ଓଭର ଖେଳ ହୋଇଥିବା ବେଳେ ଆଉଥରେ ବର୍ଷା ହେବାରୁ ଖେଳ ସମ୍ଭବ ହୋଇ ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୩୫ ଓଭରରେ ୧୦୭/୩ (ମୋମିନୁଲ ହକ୍ ୪୦, ନଜମୁଲ ହୋସେନ ଶନ୍ତୋ-୩୧, ଶଦମାନ ଇସଲାମ-୨୪, ଆକାଶ ଦୀପ୍-୨/୩୪, ରବିଚନ୍ଦ୍ରନ ଅଶ୍ୱିନ-୧/୨୨)।

## ସୁରକ୍ଷା ଯୋଗାଇବେ ଲଙ୍ଗୁର

କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ସୁରକ୍ଷା ଯୋଗାଇବା ପାଇଁ ଲଙ୍ଗୁର(ଏକ ପ୍ରଜାତିର ମାଙ୍କଡ)କୁ ବ୍ୟବହାର କରାଯିବ। ଗ୍ରୀନ୍ ପାର୍କ ଷ୍ଟାଡିୟମରେ ମାଙ୍କଡଙ୍କ ଉପଦ୍ରବ ସବୁଠାରୁ ଅଧିକ ରହିଥାଏ। ଦର୍ଶକଙ୍କ ହାତରୁ ଖାଇବା ଜିନିଷ ଓ ମୋବାଇଲ ଛଡେଇ ନେବାର ଅନେକ ନଜିର ମଧ୍ୟ ରହିଛି। ତେବେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ମାଙ୍କଡ ନିକଟରୁ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଲଙ୍ଗୁରମାନଙ୍କୁ ରଖାଯାଇଛି।



ଅସୁସ୍ଥ ବାଂଲାଦେଶୀ ସମର୍ଥକଙ୍କୁ ହସ୍ପିଟାଲ ନିଆଯାଉଛି।

## ବାଂଲାଦେଶୀ ସମର୍ଥକ ଅସୁସ୍ଥ

କାନପୁରରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ସମୟରେ ଜଣେ ବାଂଲାଦେଶୀ ସମର୍ଥକ ଦର୍ଶକ ଷ୍ଟାଣ୍ଡରେ ଅସୁସ୍ଥ ହୋଇ ପଡିଥିଲେ। ବାଂଲାଦେଶ ଦଳର ସୁପର ଫ୍ୟାନ ଭାବରେ ପରିଚିତ ରବି ସି ଷ୍ଟାଣ୍ଡରେ ଥିବାବେଳେ ଏହି ଘଟଣା ଘଟିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ମଧ୍ୟ ନିଆଯାଇଥିଲା। ବାଘ ପୋଷାକରେ ଥିବା ରବିଙ୍କୁ ନିଆଯାଉଥିବା ସମୟରେ ତାଙ୍କ ପେଟକୁ ମାଡ଼ ମରାଯାଇଥିବା ନେଇ ସେ ଅଭିଯୋଗ କରିଥିଲେ। ପରେ ହସ୍ପିଟାଲ ବେଡ୍‌ରୁ ସେ ନିଜର ବୟାନ ବଦଳାଇବା ସହ ଅସୁସ୍ଥ ଥିବା ସ୍ୱୀକାର କରିଥିଲେ। ଅସୁସ୍ଥତା କାରଣରୁ ପୋଲିସ୍ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବା ସେ କହିଛନ୍ତି। ଏପରିକି କାନପୁର ପୋଲିସ ପକ୍ଷରୁ ମଧ୍ୟ ସମାନ ଘଟଣା ସ୍ପଷ୍ଟ କରାଯାଇଛି।

# ଲିଜେଣ୍ଡ୍ସ ଲିଗ୍: ଧୋଇଗଲା ସୂର୍ଯ୍ୟସର ମ୍ୟାଚ୍

ସୁରଟ,୨୭।୯

ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଖେଳା ଯିବାକୁ ଥିବା କୋଣାର୍କ ସୂର୍ଯ୍ୟସ୍‌ର ମ୍ୟାଚ୍ ବର୍ଷାରେ ଧୋଇ ଯାଇଛି। ଯୋଧପୁରରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସକୁ ହରାଇଥିଲା କୋଣାର୍କ ସୂର୍ଯ୍ୟସ୍। ଶୁକ୍ରବାର ପ୍ରବଳ ବର୍ଷା କାରଣରୁ ପ୍ରଥମେ ଟସ୍ ବିଳମ୍ବିତ ହୋଇଥିଲା। ପରେ ବର୍ଷା କମିଥିଲେ ମଧ୍ୟ ଆଉଟଫିଲ୍ଡ ଓଦା ଥିବା କାରଣରୁ ଗୋଟିଏ ବି ବଲ୍ ପଡିବା ଆଗରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଏହି ଫଳାଫଳ ସହ ଉଭୟ ଦଳ ୧ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। କୋଣାର୍କ ସୂର୍ଯ୍ୟସ ୨ ମ୍ୟାଚ୍‌ରୁ ୧ ବିଜୟ ଓ ୧ ଡ୍ର ସହ ୩ ପଏଣ୍ଟ ଅର୍ଜନ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ମଣିପାଲ ଟାଇଗର୍ସ ଏହାର ପଏଣ୍ଟ ଖାତା ଖୋଲିଛି। ଯୋଧପୁର ସଂସ୍କରଣ ଶେଷ ହୋଇଥିବା ବେଳେ ସୁରଟରେ ଏହା ପ୍ରଥମ ମ୍ୟାଚ୍ ରହିଥିଲା। ଦଳ ଏହାର ପରବର୍ତ୍ତୀ ୨ ମ୍ୟାଚ୍ ସମାନ ଷ୍ଟାଡିୟମରେ ଖେଳିବ।




# ସାଉଦୀ ଆରବରେ ଚମକିଲେ ଓଡ଼ିଶାର ସାର୍ଥକ

ଭୁବନେଶ୍ୱର, ୨୭।୯ (ବିଜୟ ରଣା)

ସାଉଦୀ ଆରବରେ ଅନୁଷ୍ଠିତ ଡବ୍ଲ୍ୟୁଟିଟି ୟୁଥ୍ କଣ୍ଟେଣ୍ଡର ଦମାମ ଭାରତରୁ ପ୍ରତିନିଧିତ୍ୱ କରିଥିବା ମାଷ୍ଟର ସାର୍ଥକ ଆର୍ଯ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ସେ ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଏବଂ ୧୫ ବର୍ଷରୁ କମ୍ ମିକ୍ସଡ ଡବଲ୍ସରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୫ ବର୍ଷରୁ କମ୍ ମିକ୍ସଡ ଡବଲ୍ସ କାଟେଗୋରୀରେ ସେ ମହାରାଷ୍ଟ୍ରର କାବ୍ୟାଙ୍କୁ ସାଥୀ କରି ଉଜବେକିସ୍ତାନ, ସାଉଦୀ ଆରବ, ୟୁଏଇ ଓ ତାଇପେ ଟିମ୍‌କୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ ସେ ଭାରତୀୟ ଯୋଡ଼ିଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ଦେଶ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ସାର୍ଥକଙ୍କୁ କାତାର, ଇଜିପ୍ଟ ଓ ତାଇୱାନ ଖେଳାଳିଙ୍କ ସହିତ କଡ଼ା ମୁକାବିଲା କରିବାକୁ ପଡ଼ିଥିଲା। ଫାଇନାଲରେ ସେ ଚାଇନିଜ ତାଇପର ଜଣେ ଟପ୍ ଖେଳାଳିଙ୍କୁ ୩-୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଓଡ଼ିଶାର ସାର୍ଥକ ଦିଲ୍ଲୀ ପବ୍ଲିକ ସ୍କୁଲର ଜଣେ ଷ୍ଟାଣ୍ଡାର୍ଡ ୧୦ ଶ୍ରେଣୀ ଛାତ୍ର। ହିମାଚଳ ପ୍ରଦେଶ ଅନ୍ତର୍ଗତ ନାଗ୍ରୋଟାସ୍ଥିତ ରେନ୍‌ବୋ ଖେଲୋ ଇଣ୍ଡିଆ ସେଣ୍ଟରରେ କୋଚ୍ ରବି ଆଚାର୍ଯ୍ୟଙ୍କ ଅଧୀନରେ ସେ ଟ୍ରେନିଂ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର କର୍ମକର୍ତ୍ତାଗଣ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଥମ ବିଜୟ ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର, ୨୭।୯
(ସରୋଜ ଜେନା)

ଚଳିତ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ)ରେ ପ୍ରଥମ ବିଜୟ ସନ୍ଧାନରେ ରହିଛି ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି)। ଗତ ସିଜନର ସେମି ଫାଇନାଲିଷ୍ଟ ରହିଥିବା ଓଏଫ୍‌ସି ଏହାର ପ୍ରଥମ ଦୁଇ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ନିକଟରୁ ପରାଜିତ ହୋଇଥିଲା। କଳିଙ୍ଗ ଷ୍ଟାଡିୟମରେ ଚେନ୍ନାଇନ୍ ଓଡ଼ିଶାକୁ ହରାଇ ବିଜୟ ହାସଲ କରିଥିଲା। ଶନିବାର ଦଳ କଳିଙ୍ଗ ଷ୍ଟାଡିୟମରେ ଜାମସେଦପୁର ଏଫ୍‌ସିକୁ ଭେଟିବ। ଗତ ସିଜନରେ ଓଡ଼ିଶା ଏଫ୍‌ସି ସହଜରେ ୪-୧ ଗୋଲରେ ଜାମସେଦପୁରକୁ ହରାଇଥିଲା। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଜିଓ ଲୋବେରା ଓ ଫରୱାର୍ଡ ଖେଳାଳି ରୟ କ୍ରିଷ୍ଣା ଯୋଗ ଦେଇଥିଲେ। ଡିଫେଣ୍ଡର କାର୍ଲୋସ ଡେଲଗାଡୋ ଓ ସାଭିଏର ଗାମା ଆହତ ଥିବା କାରଣରୁ ଏହି ମ୍ୟାଚ୍ ଖେଳିପାରିବେ ନାହିଁ।

# ଜାତୀୟ ଉଷୁରେ ଓଡ଼ିଶାକୁ ୬ ପଦକ



କର୍ମକର୍ତ୍ତାଙ୍କ ଗହଣରେ ପଦକ ବିଜେତା ଖେଳାଳି।

ଭୁବନେଶ୍ୱର, ୨୭।୯ (ସରୋଜ ଜେନା)

ଉତ୍ତରାଖଣ୍ଡରେ ଅନୁଷ୍ଠିତ ୩୩ ତମ ଜାତୀୟ ଉଷୁ ଚାମ୍ପିୟନଶିପରେ ଓଡ଼ିଶାର ପ୍ରତିଯୋଗୀ ୬ ପଦକ ହାସଲ କରିଛନ୍ତି। ମହା ରାଣାପ୍ରତାପ ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ୨୧ରୁ ୨୬ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଖେଳାଳିମାନେ ୨ ସ୍ୱର୍ଣ୍ଣ ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୪୮ କେଜି ପୁରୁଷ ସାଣ୍ଡା ଇଭେଣ୍ଟରେ ବବୁଲ ମୁଣ୍ଡା ଓ ମହିଳା ୱିଙ୍ଗଚୁନ ଇଭେଣ୍ଟରେ ପାୟଲ ପଟ୍ଟନାୟକ, ଟାଓଲୁ ସିଙ୍ଗଲ ୱିପନ ଇଭେଣ୍ଟରେ ନୂପର ପଟ୍ଟନାୟକ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଓଲୁ ନାନ୍ ଷ୍ଟାଇଲରେ ନୂପର ପଟ୍ଟନାୟକ, ବିକାଶ ବାଗ ଓ ସାଣ୍ଡା ୪୫ କେଜି ଓଜନ ବର୍ଗରେ ମଞ୍ଜୁ ମୁଣ୍ଡା ବ୍ରୋଞ୍ଜ ପଦକ ଜିତିଥିଲେ। ଓଡ଼ିଶା ପକ୍ଷରୁ ୪୨ ଖେଳାଳି, ୪ ଅଫିସିଆଲ ଓ ୪ ଜଜ୍‌ଙ୍କୁ ମିଶାଇ ମୋଟ ୫୦ ଜଣିଆ ଦଳ ପ୍ରେରଣ କରାଯାଇଥିଲା। ପ୍ରଦ୍ୟୁମ୍ନ ବେହେରା ଏହି ଟୁର୍ନାମେଣ୍ଟର ମୁଖ୍ୟ ଜଜ୍ ରହିଥିଲେ। ପଙ୍କଜ ମହାନ୍ତ ଓ ସୁଜନ ରଥ ଦଳର କୋଚ୍ ରହିଥିବା ବେଳେ ନବୀନ ସିଂ ଓ ଅନସୂୟା ବାରିକ ମ୍ୟାନେଜର ଭାବରେ ଦଳ ସହ ରହିଥିଲେ। ସାଣ୍ଡାରେ ରାଜସ୍ଥାନ ଓ ଟାଓଲୁରେ ଅରୁଣାଚଳ ପ୍ରଦେଶ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

## ଦେବାଶିଷଙ୍କୁ ପ୍ରଥମ ଏଆଇଟିଏ ଟାଇଟଲ

ଭୁବନେଶ୍ୱର, ୨୭।୯ (ସରୋଜ ଜେନା): ଓଡ଼ିଶାର ପ୍ରତିଭାବାନ ଟେନିସ୍ ଖେଳାଳି ଦେବାଶିଷ ସାହୁ ୧୮ ବର୍ଷରୁ କମ ବାଳକ ବର୍ଗରେ ପ୍ରଥମ ଏଆଇଟିଏ ଟାଇଟଲ ହାସଲ କରିଛନ୍ତି। ଚଣ୍ଡୀଗଡର ସିଏଲ୍‌ଟିଏ କ୍ୟାମ୍ପସ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। କ୍ୱାଲିଫାୟର ରାଉଣ୍ଡ ଖେଳି ଦେବାଶିଷ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ପ୍ରଥମ ରାଉଣ୍ଡରେ ଟପ୍ ସିଡ୍ ହରିୟାଣାର ଉଦିତ କମ୍ବୋଜଙ୍କୁ ୬-୩, ୬-୪ ସେଟରେ ପରାସ୍ତ କରିଥିଲେ ଦେବାଶିଷ। ସେହିପରି ଫାଇନାଲରେ ମଣିପୁରର ଶଙ୍କର ହେସନାମଙ୍କୁ ୬-୨, ୬-୩ ସେଟରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

# ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର, ୨୭।୯
(ସରୋଜ ଜେନା)

ମାସିକ ଖବରଭିତ୍ତିକ ପତ୍ରିକା ଦୂରଦର୍ଶୀ ତରଫରୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଚତୁର୍ଦ୍ଦଶ 'ଦୂରଦର୍ଶୀ କ୍ରୀଡା ସମ୍ମାନ ୨୦୨୪' ଏବଂ 'କ୍ରୀଡା ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାର ସ୍ଥିତି' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଦୂରଦର୍ଶୀର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ଏମ୍‌ଡି ପ୍ରବୋଧ ମହାନ୍ତି, ହକି ତାରକା ଅମିତ ରୋହିଦାସ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ, ଓଡ଼ିଶା ସିପକ ଟାକ୍ରର ସମ୍ପାଦକ ପୃଥ୍ୱୀରାଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ହକି ତାରକା ଅମିତ ରୋହିଦାସ, ଓସିଏର ସିଇଓ ସୁବ୍ରତ ବେହେରା, ପାରା ଅଲିମ୍ପିଆନ ପ୍ରମୋଦ ଭଗତ, ଚେସ ତାରକା ସ୍ୱସ୍ତିକ ସ୍ୱାଇଁ, ବରିଷ୍ଠ କ୍ରୀଡା ସାମ୍ବାଦିକ ନିରଞ୍ଜନ ରେଡ୍ଡୀ, ସୁଶାନ୍ତ ସାହୁ, ଶୁଟର ଶ୍ରୀଜିତା ବରାଳ, କରାଟେରେ ନ୍ୟାସ କୁମାରୀ, ସ୍ପୋର୍ଟ ଫିଜିଓ ଡ. ସମ୍ବିତ ମହାନ୍ତି, ଗଲ୍ଫରେ ବିକାଶ ଚନ୍ଦ୍ର ପଟ୍ଟନାୟକ, ଅଭୀପ୍ସା ପଣ୍ଡା, ଜିମ୍ନାଷ୍ଟିକ୍ କୋଚ ମୀରାରାଣୀ ଦାସ, ସିପକ ଟାକ୍ରରେ ଥବିର ନାୟକ, ଟାଇକୋଣ୍ଡୋରେ ଏହାସାସ ହୋତା, କୋଚ ଲିପ୍ସା ଷଡ଼ଙ୍ଗୀ, କୋଚ ଅନୁରାଧା ଦୋରା, ଆଇକନିକ ଟ୍ରାନ୍ସଫରମେଶନ, କ୍ୟାପିଟାଲ ହାଇସ୍କୁଲ, କିଟ୍ ୟୁନିଭରସିଟି ମହିଳା ଫୁଟ୍‌ବଲ ଟିମ୍, କେ ଟି ଗ୍ଲୋବାଲ ସ୍କୁଲ, ହୁଇଲ ଚେୟାର ଆସୋସିଏଶନ, ଛତାବର କ୍ରିକେଟ କ୍ଲବ ଆଦିଙ୍କୁ ଦୂରଦର୍ଶୀ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଦଳରେ ଆଉ ୯ ଆଥ୍‌ଲେଟ ସାମିଲ

ଭୁବନେଶ୍ୱର, ୨୭।୯ (ସରୋଜ ଜେନା)

ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ବିହାରର ପାଟନାଠାରେ ୪ର୍ଥ ଇଣ୍ଡିଆନ୍ ଓପନ୍ ୨୩ ବର୍ଷରୁ କମ୍ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଗୁରୁବାର ଓଡ଼ିଶାରୁ ୧୦ ଆଥ୍‌ଲେଟଙ୍କ ନାମ ଘୋଷଣା କରାଯାଇଥିଲା। ତେବେ ଶୁକ୍ରବାର ଆଉ ୯ ଜଣ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ବିଷ୍ଣୁପ୍ରିୟା ସେଠୀ, ମେରୀମୁକ୍ତା ସୋରେଙ୍ଗ, ଧନମତୀ ଖେସ୍, ଏ. ଗ୍ରେସ୍‌ସନ୍ ଜୀଭା, ଆତିଶ କିଣ୍ଡୋ, ରୋହିତ କୁମାର, ଅବ୍ୟକ୍ତ ମିର୍ଦ୍ଧା ଓ ମନୋଜ ଓରାମଙ୍କୁ ଦଳରେ ସାମିଲ କରାଯାଇଛି।

## ଚେସ୍ ଚାମ୍ପିୟନଙ୍କୁ ସମ୍ବଲପୁରୀ ଉପହାର



ସମ୍ବଲପୁରୀ ଉପହାର ସହ ଭାରତୀୟ ଚେସ୍ ଦଳର ଖେଳାଳି ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୨୭।୯
(ସରୋଜ ଜେନା)

ହଙ୍ଗେରୀର ବୁଦାପେଷ୍ଟରେ ଡବଲ୍ ଗୋଲ୍ଡ ମେଡାଲ ଜିତି ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ପୁରୁଷ ଓ ମହିଳା ଚେସ୍ ଖେଳାଳିଙ୍କୁ ସମ୍ବଲପୁରୀ ଡ୍ରେସ୍ ଉପହାର ପ୍ରଦାନ କରିଛନ୍ତି ରଞ୍ଜନ ମହାନ୍ତି। ୨୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବା ବେଳେ ଏଆଇସିଏଫ୍ ଇଭେଣ୍ଟ କମିଟି ସଦସ୍ୟ ରଞ୍ଜନ ମହାନ୍ତି ସମସ୍ତ ଖେଳାଳିଙ୍କୁ ଉପହାର ପ୍ରଦାନ କରିଥିଲେ। ସମସ୍ତ ଖେଳାଳି ଏହି ଉପହାର ପାଇ ଖୁସି ପ୍ରକାଶ କରିଥିବା କହିଛନ୍ତି ରଞ୍ଜନ।

# ସାହାଣୀ କପ୍: ନୟାଗଡ଼, ସୁନ୍ଦରଗଡ଼ ବିଜୟୀ

ସୁନ୍ଦରଗଡ଼, ୨୭।୯
(ଜୟ ନାରାୟଣ ମେଣ୍ଡୁଲି)

ଜିଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଷ୍ଟାଡିୟମରେ ଚାଲିଥିବା ୬୩ତମ ସିନିୟର ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଗଜପତିକୁ ୨-୧ଗୋଲରେ ହରାଇ ଦେଇଛି ନୟାଗଡ଼। ବିଜୟୀ ଦଳ ପକ୍ଷରୁ ଉଦାମ ଚନ୍ଦ୍ର ପ୍ରଧାନ (୫୩ ମିନିଟ ତମ) ଓ ଦୀପକ ବେହେରା( ୭୮ତମ) ଗୋଲ ସ୍କୋର କରିଥିବା ବେଳେ ଗଜପତି ଜିଲାର ଅନିକେତ ବେହେରା (୪୫ତମ) ଗୋଟିଏ ଗୋଲ ଦେଇଥିଲେ। ନୟାଗଡ଼ ଜିଲାର ଶ୍ରବଣ କୁମାର ଦେହୁରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ୨,୦୦୦ ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ୨ୟ ମ୍ୟାଚ ସୁନ୍ଦରଗଡ ଓ ନବରଙ୍ଗପୁର ଜିଲା ମଧ୍ୟରେ ହୋଇଥିଲା। ଏଥିରେ ସୁନ୍ଦରଗଡ ଦଳ ୪-୧ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ ଦଳର ଅଶାନ୍ତ କେରକଟା (୬ମିନିଟ), ଅଭିଷେକ ମାଝି (୩୫ମିନିଟ), ଦୀପକ ଓରାମ(୪୦ମିନ), ଶକ୍ତି କିସାନ (୮୩ମିନିଟ)ରେ ଗୋଲ କରିଥିଲେ। ସେହିପରି ନବରଙ୍ଗପୁର ଦଳ ପକ୍ଷରୁ ୯୦ମିନିଟରେ ନିଉଟନ ଭେଟେରାନ ଏକ ମାତ୍ର ଗୋଲ କରିଥିଲେ। ଶୁକ୍ରବାର ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଓ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶନିବାର ପ୍ରଥମ ମ୍ୟାଚ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଓ ସୁବର୍ଣ୍ଣପୁର ତଥା ୨ୟ ମ୍ୟାଚ ଝାରସୁଗୁଡା ଓ କୋରାପୁଟ ଦଳ ମଧ୍ୟରେ ହେବ। ସୁନ୍ଦର ଗଡ଼ ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ର ଦୀପକ ଓରାମଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।



ସୁନ୍ଦରଗଡ଼ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଜିତେନ୍ଦ୍ରଙ୍କ ହ୍ୟାଟ୍ରିକ୍‌ରେ ବୌଦ୍ଧ ଜିତିଲା

ବାରିପଦା,୨୭।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ବୌଦ୍ଧ ଓ ମୟୂରଭଞ୍ଜ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ବୌଦ୍ଧ ୩-୨ ଗୋଲରେ ଭଦ୍ରକକୁ ପରାସ୍ତ କରିଥିଲା। ବିଜୟୀ ଦଳ ତରଫରୁ ୩ଟି ଯାକ ଗୋଲ ସ୍କୋର କରିଥିବା ଜିତେନ୍ଦ୍ର ଦେହୁରୀ ଶ୍ରେଷ୍ଠ ଖେଳାଳି ଭାବେ ମହେଶ ଦାଶ ସ୍ମୃତି ସମ୍ମାନରେ ପୁରସ୍କୃତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଓକିଲ ସଂଘର ସଭାପତି ବିଭୁପ୍ରସାଦ ଦାସ, ସମ୍ପାଦକ ବିପ୍ଳବ କୁମାର ବାରିକ ଓ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ରଥ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ମୟୂରଭଞ୍ଜ ଦଳ ଅନୁଗୋଳ ଟିମ୍‌କୁ ୫-୧ ଗୋଲରେ ପରାସ୍ତ କରିଥିଲା। ମୟୂରଭଞ୍ଜ ଦଳର କାହ୍ନୁ ସୋରେନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ଅସିତ ପତି, ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କୋଷାଧ୍ୟକ୍ଷ ଅମିତାଭ ଦାସ, ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ପ୍ରଥମ ମ୍ୟାଚ ବାଲେଶ୍ୱର ବନାମ ଯାଜପୁର ଏବଂ ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ବନାମ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ